# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୬/୨୦୧୯ (୧୬ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, March 6 / 2019 ★★

୧୫୪ଶ ଭାଗ ୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





## ଆଲର୍ଜି (Allergy) ନିରୂପଣ ପରୀକ୍ଷା ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ବରଗଡ଼, ରାଉରକେଲା, ସମ୍ବଲପୁର, ବୁର୍ଲା, ଦେଓଗଡ଼ଠାରେ 8, 9 ଓ 10 ମାର୍ଚ୍ଚ ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ | ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେଓଗଡ଼, ବରଗଡ଼, ରାଉରକେଲାରେ ୮, ୨ ଓ 10 ମାର୍ଚ୍ଚ ଦିନ ସକାଳ ୨ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ (complete Allergy Test - Food, Skin, Inhalant) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





### ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକ ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ପାଇଁ

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯନ୍ତ୍ରରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

EUROBlotOne



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.
CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar

### ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

| SAMBALPUR | SAMBALPUR | JHARSUGUDA | BALANGIR | BALANGIR | ROURKELA | BALANGIR |
|---|---|---|---|---|---|---|
| 98610-06911 | 70084-87942 | 94386-41115 | 98539-17241 | 78097-15417<br>82497-46824 | 7008380167 | 9437135091<br>7978389886 |
| Patho Lab, Bada Bazar Chowk Opp. Durga Mandir | DAPS Diagnostics, Pani Tanki Chowk Near H.Q Hospital Road | DAPS Diagnostic, M.B Road Opp. Andhara Bank | Sanatan Patho Clinic, Radha Rani Pada, Hospital Chowk | Hanuman Pathology, Radha Rani Pada, Near, Govt Hospital | Sai Poly Clinic, C/318, Pandab Complex Koel Nagar, Rourkela | Online Specialty's, Thikadar Pada Chhack |

| SONEPUR | SOHELA | BURLA | DEOGARH | ROURKELA | BARGHRH |
|---|---|---|---|---|---|
| 94386-06671 | 98611-97313<br>63709-00205 | 99379-64978 | 94373-45922 | 98612-26613<br>79782-60207 | 9437647100<br>9437534608 |
| Padhan Patho Lab & Prem Med. Opp. HDFC Bank | J.k Pathology, Po. Sohela, Bargah | DTS Diagnostics, Dhipapara, Dindayal Nagar, PO. Burla | New Life Dignostic Centre, Hospital Road Deogarh | Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market | Satyabhama Diagnostic & Ploy Clinic, Lengu Mishra Chowk |

HELPLINE NO. : 62831-99635, 62831-94640, 94656-08045

कौशल विकास और
उद्यमशीलता मंत्रालय
भारत सरकार



# ପ୍ରତି ବର୍ଷ ସ୍କିଲ୍ ଇଣ୍ଡିଆ ମିଶନରେ ଏକ କୋଟିରୁ ଉର୍ଦ୍ଧ୍ୱ ଯୁବପିଢ଼ି ତାଲିମ ଗ୍ରହଣ କରୁଛନ୍ତି

Skill India
कौशल भारत - कुशल भारत

PMKVY
प्रधानमंत्री कौशल विकास योजना

**56 ଲକ୍ଷରୁ ଉର୍ଦ୍ଧ୍ୱ ଯୁବପିଢ଼ିଙ୍କୁ**
ଦିଆ ଯାଇଛି ନିଶୁଳ୍କ ତାଲିମ ଓ ପ୍ରମାଣପତ୍ର

Industrial Training Institute

**ଶିଳ୍ପ ତାଲିମ୍ ସକ୍ଷମତାରେ 52% ବୃଦ୍ଧି**
ବର୍ତ୍ତମାନ ବସିବା କ୍ଷମତା: 34.42 ଲକ୍ଷ
ଶିଳ୍ପ ତାଲିମ୍ ଗଣନା: ଆଜି ପର୍ଯ୍ୟନ୍ତ 15,024 (40% ବୃଦ୍ଧି)
ଛାତ୍ରଛାତ୍ରୀ ଉପସ୍ଥାନ: 22.80 ଲକ୍ଷ (28% ବୃଦ୍ଧି)

NAPS

**5.5 ଲକ୍ଷ ଶିକ୍ଷାନବିସ୍**
21,638 କମ୍ପାନୀରେ ନିୟୋଜିତ ହୋଇଛନ୍ତି ।
ଆପ୍ରେଂଟିସ୍‌ଶିପ୍ ଆକ୍ଟ-1961ରେ ସଂସ୍କାର ଅଣା ଯାଇଛି ।
ନ୍ୟାସନାଲ୍ ଆପ୍ରେଂଟିସ୍ ପ୍ରମୋସନ୍ ସ୍କିମ (ଏନଏପିଏସ) ଆରମ୍ଭ କରା ଯାଇଛି

Pradhan Mantri Kaushal Kendra

ସାରା ଦେଶରେ
**550 ଆଦର୍ଶ ଦକ୍ଷତା କେନ୍ଦ୍ର**
ସ୍ଥାପନା କରା ଯାଇଛି

RPL
Recognition of Prior Learning

**10 ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ**
ଅଣଔପଚାରିକ ଉପାୟରୁ ମିଳିଥିବା ସେମାନଙ୍କର ଅଭିଜ୍ଞତା ଓ ଦକ୍ଷତା ଅନୁସାରେ ପ୍ରମାଣପତ୍ର ପ୍ରଦାନ କରା ଯାଇଛି

Jan Shikshan Sansthan

ଏନଏସ୍‌କ୍ୟୁଏଫ୍ ସହ ଜଡ଼ିତ କୋର୍ସକୁ ସଠିକ ଭାବେ ଫଳବତୀ କରିବା ପାଇଁ
**248 ଜେଏସ୍ଏସ୍‌କୁ ପୁଣି ଥରେ**
ନୂଆ କରି ଆରମ୍ଭ କରା ଯାଇଛି । ଅତିଶୀଘ୍ର 83 ଟି ନୂଆ ଜେଏସ୍ଏସ୍ ପ୍ରତିଷ୍ଠା ହେବାକୁ ଯାଉଛି

## ଅନ୍ୟ ମାଇଲଖୁଂଟ

**(ଏନ୍‌ସିଭିଇଟି) ନ୍ୟାସନାଲ କାଉନସିଲ ଫର ଭୋକେସନାଲ ଏଜୁକେସନ ଏଣ୍ଡ ଟ୍ରେନିଂ:** ସମସ୍ତ ସ୍କିଲ ଇକୋ ସିଷ୍ଟମର କ୍ୱାଲିଟି ଆସୁରାନ୍‌ସରେ ସୁଧାର ଆଣିବା ପାଇଁ ଗୋଟିଏ ନିୟାମକ ସଂସ୍ଥାକୁ ଅନୁମୋଦନ

**2300ରୁ ଉର୍ଦ୍ଧ୍ୱ ବଜାର ପ୍ରାସଙ୍ଗିକ ପାଠ୍ୟକ୍ରମ ଆରମ୍ଭ କରା ଯାଇଛି:** ସମସ୍ତ ଆଇଟିଆଇ କୋର୍ସକୁ ସମୀକ୍ଷା କରାଯାଇ ତର୍କସଂଗତ ଭାବେ ପୁନର୍ବିନ୍ୟାସ କରାଯିବା ସହ ଆପ୍ରେଂଟିସ୍‌ସିପ ପାଇଁ 250ରୁ ଉର୍ଦ୍ଧ୍ୱ ନୂଆ ଟ୍ରେଡ ଆରମ୍ଭ କରାଯାଇଛି

**ସ୍କୁଲ ମାନଙ୍କରେ ଦକ୍ଷତା ଶିକ୍ଷା: 9000**ରୁ ଉର୍ଦ୍ଧ୍ୱ ସ୍କୁଲକୁ ଅନ୍ତର୍ଭୁକ୍ତ କରାଯାଇଛି । 7 ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ତାଲିମ ଦିଆଯାଉଛି

**କାଉନସେଲିଂ ଓ ରୋଜଗାରର ଲିଙ୍କେଜ: 2018-19** ରେ **10** ଲକ୍ଷରୁ ଉର୍ଦ୍ଧ୍ୱ ପ୍ରାର୍ଥୀଙ୍କର କ୍ୟାରିୟର କାଉନସେଲିଂ କରା ଯାଇଛି ।

**ରୋଜଗାର ମେଳା:2018-19**ରେ **650**ରୁ ଅଧିକ ରୋଜଗାର ମେଳାର ଆୟୋଜନ କରାଯାଇ **5** ହଜାରରୁ ଉର୍ଦ୍ଧ୍ୱ କମ୍ପାନୀରେ **1.5** ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କୁ ଚାକିରି ସୁବିଧା ପ୍ରଦାନ କରାଯାଇଛି ।

**ଟେକ୍ନୋଲୋଜୀ ସମ୍ପୃକ୍ତି:** ଏକ ଅନଲାଇନ ପ୍ରକ୍ରିୟା ଫ୍ଲୋ ଆଧାରିତ କେନ୍ଦ୍ର ଆକ୍ରିଡିଟେସନ ଏବଂ ଏଫିଲିଏସନ ପ୍ଲାଟଫର୍ମ - ସ୍ମାର୍ଟ ଜରିଆରେ **50** ଲକ୍ଷ ତାଲିମ ପ୍ରଦାନ କରି ପାରୁଥିବା କ୍ଷମତା ବିଶିଷ୍ଟ **11** ହଜାରରୁ ଉର୍ଦ୍ଧ୍ୱ କେନ୍ଦ୍ରକୁ ଆକ୍ରିଡିଟେସନ ପ୍ରଦାନ କରା ଯାଇଛି

**ଭବିଷ୍ୟତ ସ୍କିଲ ପ୍ଲାଟଫର୍ମର ଶୁଭାରମ୍ଭ କରା ଯାଇଛି ।** ଏହା ଦ୍ୱାରା ଆର୍ଟିଫିସିଆଲ ଇଂଟେଲିଜେନ୍‌ସ, ଥ୍ରି ଡି ପ୍ରିଂଟିଂ, ବିଗ୍ ଡାଟା ଏବଂ ଆନାଲାଟିକ୍ସ ଏବଂ ସାଇବର ସିକ୍ୟୁରିଟି ଆଦି ନୂଆ ନୂଆ ଟେକ୍ନୋଲୋଜିରେ ସ୍କିଲ ଟ୍ରେନିଂ ପ୍ରଦାନ କରା ଯାଉଛି

**ଆନ୍ତର୍ଜାତିକ ସହଯୋଗ:** ୟୁଏଇ ଓ ଜାପାନ ଭଳି **12**ରୁ ଉର୍ଦ୍ଧ୍ୱ ଦେଶ ଆନ୍ତର୍ଜାତିକ ତାଲିମ ଓ ପ୍ଲେସ୍‌ମେଂଟ୍‌ର ସୁଯୋଗ ଦେବେ

**ଏକାଡେମିକ ସମାନତା:** କ୍ରେଡିଟ ଟ୍ରାନସଫର ଓ ଏନଆଇଓଏସର ବ୍ରିଜ କୋର୍ସ ଜରିଆରେ ଆଇଟିଆଇର ଦୁଇ ବର୍ଷିଆ ପାଠ୍ୟକ୍ରମ ଆନୁଷ୍ଠାନିକ ଶିକ୍ଷାର ଦ୍ୱାଦଶ ଶ୍ରେଣୀ ସହ ସମାନ

**ସ୍କିଲ ଇଣ୍ଡିଆ ପୋର୍ଟାଲକୁ ଆରମ୍ଭ କରା ଯାଇଛି ।** ଏହା ଦ୍ୱାରା ଗୋଟିଏ ସ୍ଥାନରେ ନାଗରିକ ଓ ଅନ୍ୟାନ୍ୟ ଅଂଶଧାରକ ମାନେ ସ୍କିଲ ସୁଯୋଗ ଓ ଅନ୍ୟାନ୍ୟ ସେବା ସମ୍ପର୍କରେ ସୂଚନା ପାଇ ପାରିବେ

## #FarkDikhRahaHai

ଏବେ ଅସମ୍ଭବ
ହୋଇଛି ସମ୍ଭବ

PMKVY | Pradhan Mantri Kaushal Kendra | DDU-GKY | Industrial Training Institute | NAPS | Jan Shikshan Sansthan | NSDC

**ଅଧିକ ସୂଚନା ପାଇଁ, କଲ କରନ୍ତୁ: 88000-55555**

www.msde.gov.in/ www.twitter.com/MSDESkillIndia www.facebook.com/SkillIndiaOfficial

davp 63101/13/0033/1819

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୬/୨୦୧୯ | Sambalpur, Wednesday, March 6 / 2019 | ପୃଷ୍ଠା-୧




**କୋହଲିଙ୍କ ଶତକ: ଭାରତ ବିଜୟୀ**

ଅଧିନାୟକ ବିରାଟ କୋହଲିଙ୍କ ଶତକ ଏବଂ ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଭାରତ ଦ୍ୱିତୀୟ ଦିନିକିଆରେ ଅଷ୍ଟ୍ରେଲିଆକୁ ୮ ରନରେ ପରାସ୍ତ କରିଛି। ୧୨

୦୨ **ଅଭିନୟ ପ୍ରଦର୍ଶନର ଯଥାର୍ଥ ମାଧ୍ୟମ ମଞ୍ଚ: ଆହାନା**

ଜଣେ ବ୍ୟକ୍ତିଙ୍କର କଳା ପ୍ରଦର୍ଶନ ପାଇଁ ମଞ୍ଚ ଯଥାର୍ଥ ମାଧ୍ୟମ ବୋଲି ଅଭିନେତ୍ରୀ ଆହାନା କୁମ୍ରା ପ୍ରକାଶ କରିଛନ୍ତି ।




**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**


# କିରୋସିନ ଉଠାଣ ବନ୍ଦ

**କଟକ ଅଫିସ, ୫।୩**

■ କମିଶନକୁ ନେଇ ଅଡିବସିଛି ହୋଲସେଲର ଫେଡେରେଶନ

■ କେନ୍ଦ୍ର ସରକାରଙ୍କ ଦରରେ କମିଶନ ଦେବାକୁ ଦାବି

■ ମନ୍ତ୍ରୀଙ୍କ ପାଖରେ ଖବର ନାହିଁ, ଚିନ୍ତାରେ ହିତାଧିକାରୀ

ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ ମାଧ୍ୟମରେ ରାଜ୍ୟର ହିତାଧିକାରୀମାନେ ଖାଦ୍ୟଶସ୍ୟ ସହ କିରୋସିନ ପାଉଛନ୍ତି। କିନ୍ତୁ ମାର୍ଚ୍ଚ ପହିଲାରୁ ହିତାଧିକାରୀମାନଙ୍କୁ କିରୋସିନ ମିଳୁନି। କିରୋସିନ ପାଇକାରୀ ବିକ୍ରେତାମାନେ ମାର୍ଚ୍ଚ ମାସଠାରୁ ତୈଳ କମ୍ପାନୀଗୁଡ଼ିକଠାରୁ କିରୋସିନ ଉଠାଇବା ବନ୍ଦ କରିଦେଇଥିବାରୁ ହିତାଧିକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିରୋସିନରୁ ପାଇକାରୀ ବିକ୍ରେତାମାନେ ପାଉଥିବା କମିଶନକୁ ନେଇ ଏଭଳି ପରିସ୍ଥିତି ଉପୁଜିଛି। ସରକାର ଯେଉଁ କମିଶନ ଦେଉଛନ୍ତି ସେଥିରେ କିରୋସିନ ପରିବହନ କରିବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଯୋଗାଣ ସଚିବଙ୍କୁ ଅବଗତ କରାଯାଇଥିବା ଅଲ୍ ଓଡ଼ିଶା କିରୋସିନ ହୋଲସେଲର ଫେଡେରେଶନର ସମ୍ପାଦକ ସନ୍ତୋଷ କୁମାର ସିଂ କହିଛନ୍ତି। ରାଜ୍ୟର ୮୬ଲକ୍ଷ ୭୭ହଜାର ୩୪୬ ପରିବାରର ମୋଟ ୩କୋଟି ୨୨ଲକ୍ଷ ୪୫ହଜାର ୪୧୦ ସଦସ୍ୟଙ୍କ ପାଇଁ ୨.୫ ଲିଟର ହିସାବରେ ମାସିକ ୨୦୭୦୦ କିଲୋଲିଟର କିରୋସିନ ଯୋଗାଣ କରାଯାଇଥାଏ। ☞ପୃଷ୍ଠା-୨

# 'ନିର୍ଭୀକ, ନିରପେକ୍ଷ ସାମ୍ବାଦିକତାକୁ ଗୁରୁତ୍ୱ ଦେବି'

**ଭୁବନେଶ୍ୱର, ୫।୩(ବ୍ୟୁରୋ)**

ତଥାଗତ ସତପଥୀ ଆସନ୍ତା ସାଧାରଣ ନିର୍ବାଚନରେ ଲଢ଼ିବେ ନାହିଁ। ରାଜନୀତିରୁ ଦୂରେଇଯାଇ ସାମ୍ବାଦିକତାରେ ଅଧିକ ମନୋନିବେଶ କରିବେ। ସେ ବିଜେଡି ଛାଡ଼ି ଅନ୍ୟ କୌଣସି ଦଳକୁ ଯିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ସମୟରେ ଦେଶ ତଥା ରାଜ୍ୟରେ ନିରପେକ୍ଷ ଏବଂ ନିର୍ଭୀକ ସାମ୍ବାଦିକତାର ଆବଶ୍ୟକତା ରହିଛି। ଏହି ଦିଗରେ



ତଥାଗତ ସତପଥୀ

## ରାଜନୀତିରୁ ଦୂରେଇଲେ ତଥାଗତ

କାର୍ଯ୍ୟ କରିବା ଆଗାମୀ ଦିନରେ ତାଙ୍କର ପ୍ରାଥମିକତା ହେବ ବୋଲି ତଥାଗତ କହିଛନ୍ତି।

ଦିନ କେଇଟା ପରେ ୨୦୧୯ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବ। ଏହା ପୂର୍ବରୁ ବରିଷ୍ଠ ବିଜେଡି ନେତା ତଥାଗତଙ୍କ ଏପରି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ପରିପ୍ରେକ୍ଷୀରେ ସେ ଆହୁରି କହିଛନ୍ତି ଯେ, ପରିବର୍ତ୍ତନ ଚାହୁଁଥିବା ଯୁବବର୍ଗ ଏବଂ ନୀତି ନିର୍ଦ୍ଧାରକଙ୍କ ପାଇଁ ବୟସ୍କମାନେ ବାଟ ଛାଡ଼ିବା ଉଚିତ। ଜଣେ ରାଜନେତା ୬୦ ବର୍ଷ ବୟସ ପରେ ପ୍ରତ୍ୟକ୍ଷ ରାଜନୀତିରୁ ଅବସର ନେବା ଉଚିତ, ଯାହା ଯୁବବର୍ଗ ପାଇଁ ବାଟ ଫିଟାଇବ। ସାମ୍ବାଦିକତାରେ ସମ୍ପୂର୍ଣ୍ଣ ମନୋନିବେଶ ପାଇଁ ରାଜନୀତିରୁ ନିଜକୁ ଦୂରଉଛି। ☞ପୃଷ୍ଠା-୨

ସାକ୍ଷାତ୍କାର: ପୃଷ୍ଠା-୩

# ଜଳପଥରେ ହୋଇପାରେ ଆତଙ୍କବାଦୀ ଆକ୍ରମଣ

**ନୂଆଦିଲ୍ଲୀ,୫।୩(ପି.ଟି.)**

■ ଆଶଙ୍କା ବ୍ୟକ୍ତ କଲେ ନୌସେନା ମୁଖ୍ୟ

■ ପୁଣି ଆକ୍ରମଣ ହେଲେ ସବୁ ବିକଳ୍ପ ଖୋଲା ରଖିବ ଭାରତ



ସୁନୀଲ ଲାନ୍‌ବା

ପାକିସ୍ତାନୀ ଆତଙ୍କବାଦୀ ସ୍ଥଳପଥ ପରେ ଏବେ ଜଳପଥରେ ଭାରତକୁ ଆକ୍ରମଣ କରିପାରନ୍ତି। ଏଥିଲାଗି ସେମାନଙ୍କୁ ପାକିସ୍ତାନରେ ତାଲିମ ଦିଆଯାଉଛି ବୋଲି ମଙ୍ଗଳବାର ନୌସେନା ମୁଖ୍ୟ ସୁନୀଲ ଲାନ୍‌ବା ଚେତାଇ ଦେଇଛନ୍ତି। ଅନ୍ୟପକ୍ଷରେ ଭାରତରେ ଆଉ ଏକ ଆକ୍ରମଣ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ସବୁ ପ୍ରକାର ବିକଳ୍ପ ଖୋଲା ରଖାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡୋ-ପାସିଫିକ୍ ରିଜିଓନାଲ ଡାଇଲଗ୍ କାର୍ଯ୍ୟକ୍ରମରେ ବିଶ୍ୱର ବିଶେଷଜ୍ଞମାନଙ୍କୁ ସମ୍ବୋଧିତ କରି ଲାନ୍‌ବା କହିଛନ୍ତି, ଆତଙ୍କବାଦୀଙ୍କ ଦ୍ୱାରା ପୁଲୱାମା ଆକ୍ରମଣର ଷଡ଼ଯନ୍ତ୍ର ରଚାଯାଇଥିଲା। ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ଚାହୁଁଥିବା ଏକ ରାଷ୍ଟ୍ର (ପାକିସ୍ତାନ) ଏଥିରେ ଆତଙ୍କବାଦୀଙ୍କୁ ସହାୟତା ଦେଇଥିଲା। ଆଗକୁ ଭାରତର ବିଭିନ୍ନ ସ୍ଥାନରେ ଆକ୍ରମଣ କରିବା ଲାଗି ଆତଙ୍କବାଦୀମାନେ ଚକ୍ରାନ୍ତ ଚଳାଇଛନ୍ତି। ସେମାନେ ଜଳପଥରେ ଅନୁପ୍ରବେଶ କରି ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

**ଜୈବିକ ଯୁଦ୍ଧ**

## ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାରଙ୍କୁ କାମର ହିସାବ ମାଗିବା ଏକ ଧାରାରେ ପରିଣତ ହୋଇଗଲାଣି ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

ଚଳିତ ବର୍ଷ ଜାନୁୟାରୀ ମାସରେ ଦେଶର ଚା ଉତ୍ପାଦନ ୧୩.୯୬ ନିୟୁତ କିଲୋକୁ ଖସି ଆସିଛି। ଏହା ଗତ ବର୍ଷ ସମାନ ସମୟରେ ୧୭.୬୮ ନିୟୁତ କିଲୋ ଥିଲା।

-ଟି ବୋର୍ଡ


**AIMS COLLEGE SAMBALPUR**

FULLY RESIDENTIAL +2 & +3 Sc. COLLEGE

For e-admission : College code - 28085110

FOUNDATION COURSE STARTING FROM 1ST APRIL 2019

Hurry Up... Limited Seats

(Jharsuguga Highway) Pardhiapali, Sambalpur

Call No- 7873006705, 7873006725, 7978326206, 7873006711,7381026700

E-mail: aims.sambalpur@gmail.com

website: www.aimscollegesambalpur.com



NECC NATIONAL EGG CO-ORDINATION COMMITTEE 05.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 79 | 131 | 141 |
| DKL | 77 | 128 | 138 |
| BDK | 81 | 133 | 143 |
| BLS | 81 | 133 | 143 |
| ANG | 77 | 128 | 138 |

*Conditions Apply

Eggs Retail Price- 51/-Dozen

Issued in the Interest of Consumers










## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ................................


ମିଟ୍
ପରିବାରବର୍ଗ


ଖୁସି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




**BRIDE WANTED**

Wanted beautiful bride for Khandayat Software Engineer, 33, working TCS Bangalore, early marriage, preferably Bhubaneswar, Dhenkanal, Angul, Cuttack: 7008070027, 9861441836. D-62081

**GROOM WANTED**

କରଣ ୪୨, Central Govt. Nurse 40,000, ଆମ ଝିଅ ପାଇଁ ଯେକୌଣସି ଜାତିର ଚାକିରିଆ କିମ୍ବା ବ୍ୟବସାୟିକ ପୁଅ ଆବଶ୍ୟକ: 8895458810. D-11497

Divorcee bride OAS 39, Teacher 40, Business 41 (caste-no-bar). 7873374269. D-65493

Now Matrimonial ads. only on Wednesday & Sunday
Book 1 Get 1 FREE

# classified




**SALE**

2016 white color Bolero Plus, 2017 Tata Ace H.T. Contact: 9937853681. D-11452

2015 December white Bolero Plus, 2015 October white Bolero Plus. Contact: 9438068973. D-11453

2016 November white Bolero Plus, 2017 July white Bolero Plus. Contact: 9438020839. D-11454

2010 Honda city IVTEC, 2008 Honda CRV. Call: 9437016540. D-65618




**SALE**

Ready to move 3BHK premium duplex at Gandamunda Square (adjacent to Main road). Contact: 9437309741. D-11181

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି: 9090963952. D-65361

**Gharabari plot with 30' road & compoundwall at Brahmanajharilo Cuttack 68,000/- sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65846

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Sthitiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

Tamando ଏବଂ ଭୁଆସୁଣୀ ମନ୍ଦିର ପାଖରେ NHକୁ ଲାଗି plot ମିଳୁଛି: 9439864322. D-65375

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ତମାଣ୍ଡରେ BDA yellowzone 30ft. road, electricity ଥାଇ demarcated ପ୍ଲଟ ମିଳୁଛି: 9668186978. D-11381

**Duplex & sthitiban plot sale at AIIMS Hospital Bhubaneswar. 8480745797.** D-65372

Gharabadi plot available at Pahal under BMC for booking. Contact: 9776759077. D-11484

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

Bhubaneswar Patia Stationରୁ 1.5km. ଘର କରିବା ପାଇଁ plot ୧ଗୁଣ୍ଠକୁ 6,96,000/-ରେ ମିଳୁଛି: 9937032327, 9583328312. D-65374

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Residential plot measuring 1600sqft near Samantarapur and Dhauli Square, BBSR For sale. Contact. 9437932367. D-65494

**PURCHASE**

Wanted 20ft. road ଥିବା ଚାଷଜମି, ଘରବାରି ପ୍ଲଟ Bhubaneswar. 6371090682. D-11496

**GENERAL**

**SALE**

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65350

**ACCOMMODATION**

7000 sqft. 15 bedrooms with garages marbel room, attached latrin bath rooms, guest house, hostel, company, office, residence, bank, Baramunda bus stand. Cont: 9937130297. D-11456

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Herbal body massage by gents therapist home service available. 9090466257. D-11365




Sahoo Enterpriers all Odisha home distriubuter available invest 5 to 20 lakh per month return 10000 to 50,000 with 5% to 10% commission and foreigntrip per year with court agreement. Mob: 9040400085, 7008370351. Add- Mancheswar, BBSR. D-11460

**AFFIDAVIT**

By an affidavit before Notary Public, Sambalpur, I Dalani Nath, W/o Sukadev Besan, R/o- Telecom Colony, Farm Road, P.O. - Modipada, Dist- Sambalpur declared that before marriage I was known as Dalani Nath. After marriage I was known as Maithili Besan. That Dalani Nath and Maithili Besan is the name of one and same person. Henceforth I shall be known as Dalani Nath for all purposes. D-37362

**ମନେ ପଡ଼ନ୍ତି**

**୧୯ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଦୁର୍ଯ୍ୟୋଧନ ବେହେରା**
ଲକ୍ଷ୍ମୀବଜାର, ଢେଙ୍କାନାଳ
ଭୂତପୂର୍ବ ଶାଖା ପରିଚାଳକ
ଏସ୍‌ବିଆଇ ବଇଣ୍ଡା ଶାଖା
ଆବିର୍ଭାବ: ୧୬।୦୪।୧୯୪୫
ତିରୋଧାନ: ୦୬।୦୩।୨୦୦୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିରପାଥେୟ ହେଉ। ଆପଣଙ୍କର ଅମରାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ଚରଣାରବିନ୍ଦରେ ପ୍ରାର୍ଥନା। ପତ୍ନୀ–ଇଲା, ପୁଅବୋହୂ–ମୁନା, ମିନ୍ଟୁ, ବୁନୁ, ରୋଜି, ଗୁଗୁଲି, ଝିଅଜ୍ୱାଇଁ–ଗୁଡିଆ, ପ୍ରଶାନ୍ତ, ଚିଣ୍ଟୁ, ସୌମ୍ୟ, ଭଣଜା–ନାରଣ, ନାତିନାତୁଣୀ–ଗୁଡ୍ଡୁ, ପ୍ରିନ୍ସସେସ୍, ସାଇ, ପରିବାର ଏବଂ ଆତ୍ମୀୟସ୍ୱଜନ। ଧ-୬୨୦୮୧

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



(ମିଟ୍)
**ମୟୁରେଶ କର**
ମାକଲପୁର, ବାଲେଶ୍ୱର
ଜନ୍ମ ତାରିଖ: ୦୫।୦୩।୨୦୧୫
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି କାମନା ତାର ଚଲାପଥ କୁସୁମିତ ହେଉ। ଶୁଭେଚ୍ଛା ସହ: ପିତା–ତପନ କୁମାର କର, ମାତା–ତପସ୍ୱିନୀ କର, କାକା–ବଳରାମ ଏବଂ ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ। ଧ-୧୧୪୯୮

**ଜନ୍ମଦିନ ଶୁଭେଚ୍ଛା**



**ଆରୁଷ ବିଶ୍ୱାଳ**
ମୋହନଗିରି, କଳାହାଣ୍ଡି
ତୋର ୧୧ତମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥ ଶୁଭାଶିଷ ଦେଇ ତୋର ଚଲାପଥ କୁସୁମିତ କରିଥାନ୍ତୁ। ତୋର ବାପା, ମା, ଜେଜେମା, ଆଦ୍ୟା, ଆୟୁଷି ଓ ତୋର ବଡବାପା, ବଡମା। ଧ-୧୧୪୯୯


# କାରିଗର ସହାୟତା ଯୋଜନା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ୧ଲକ୍ଷ ଟଙ୍କାରୁ କମ୍ ଆୟ ଥିବା କାରିଗରଙ୍କୁ ମିଳିବ ୮୦୦
- ୮୦ବର୍ଷରୁ ଊର୍ଦ୍ଧ୍ୱ ବୟସର କାରିଗରଙ୍କୁ ମିଳିବ ୧ ହଜାର
- ୧୦ବର୍ଷ କାମ କରିଥିଲେ ଚୟନ ତାଲିକାରେ ସାମିଲ ହେବେ
- ଜିଲାପାଳଙ୍କ ଅଧୀନରେ ଗଠନ ହେବ ଚୟନ କମିଟି

ଭୁବନେଶ୍ୱର,୫।୩ (ବ୍ୟୁରୋ)

କାରିଗରମାନଙ୍କ ଲାଗି ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାରିଗର ସହାୟତା ଯୋଜନା ଘୋଷଣା କରିଛନ୍ତି। ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଏହି କାର୍ଯ୍ୟକ୍ରମର ନୋଡାଲ ବିଭାଗଭାବେ କାମ କରୁଛି। ଏହି ଯୋଜନା ଅନୁଯାୟୀ ବାର୍ଷିକ ୧ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବରିଷ୍ଠ କାରିଗରମାନଙ୍କୁ ମାସିକ ୮୦୦ ଟଙ୍କା ଲେଖାଏ ସହାୟତା ମିଳିବ। ୮୦ବର୍ଷରୁ ଊର୍ଦ୍ଧ୍ୱ କାରିଗରମାନଙ୍କୁ ମାସିକ ୧୦୦୦ ଟଙ୍କା ଲେଖାଏ ସହାୟତା ମିଳିବ। ଏଥିପାଇଁ ସର୍ବନିମ୍ନ ୧୦ବର୍ଷ କରିଗରଭାବେ କାର୍ଯ୍ୟ କରିଥିବା ଆବଶ୍ୟକ। ହିତାଧିକାରୀ ଚୟନ ନିମନ୍ତେ ଜିଲାସ୍ତରରେ ଜିଲାପାଳଙ୍କ ଅଧୀନରେ ଏକ ଚୟନ କମିଟି ଗଠନ କରାଯିବ। ହିତାଧିକାରୀ ଚୟନ ପରେ ବିଡିଓଙ୍କ ଜରିଆରେ ସହାୟତା ପ୍ରଦାନ କରାଯିବ। ଓଡ଼ିଶାର ହସ୍ତଶିଳ୍ପ ସାରା ବିଶ୍ୱରେ ରାଜ୍ୟ ପାଇଁ ସୁନାମ ଆଣିଛି। ଏଥିରେ କାରିଗରମାନଙ୍କ ସୃଜନଶୀଳତା ସହିତ ଆମ ମହାନ୍ ସଂସ୍କୃତି ଓ ପରମ୍ପରାର ସୁନ୍ଦର ଉପସ୍ଥାପନା ଦେଖିବାକୁ ମିଳିଥାଏ। ସେମାନଙ୍କୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଅନେକ ସମ୍ମାନ ମଧ୍ୟ ପ୍ରଦାନ କରୁଛନ୍ତି। କଳା ପ୍ରତି ସମର୍ପିତ ଏହି କାରିଗରମାନଙ୍କ ମଧ୍ୟରେ ଅନେକେ ଆର୍ଥିକ ଅସ୍ୱଚ୍ଛଳତା ମଧ୍ୟରେ ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### କିରୋସିନ...

ଏଥିପାଇଁ ତୈଳ କମ୍ପାନୀ ଦ୍ୱାରା ଅନ୍ୟୁନ ୧୫୦ଜଣ ନିଯୁକ୍ତିପ୍ରାପ୍ତ ପାଇକାରୀ ବିକ୍ରେତା ନିଯୁକ୍ତି ପାଇଛନ୍ତି। ରାଜ୍ୟ ସରକାର ୨୦୧୬ରେ ପାଇକାରୀ କମିଶନ ବାବଦକୁ ପ୍ରତି କିଲୋ ଲିଟର(ହଜାର ଲିଟର) ପାଇଁ ୪୦୦ ଟଙ୍କା ଓ ୧ କିମିକୁ ପ୍ରତି କିଲୋଲିଟରର ପରିବହନ ଖର୍ଚ୍ଚ ୨ ଟଙ୍କା ସଂଶୋଧିତ ଭାବେ ଧାର୍ଯ୍ୟ କରିଥିଲେ। ସେ ସମୟରେ କିରୋସିନ ମୂଲ୍ୟ ବର୍ତ୍ତମାନ ମୂଲ୍ୟ ତୁଳନାରେ ପ୍ରାୟ ଅଧା ଥିଲା। ଏଭଳି ସ୍ଥିତିରେ କେନ୍ଦ୍ର ସରକାର ୨୦୧୭ ଏପ୍ରିଲଠାରୁ କିରୋସିନ ମୂଲ୍ୟ ଲିଟର ପିଛା ୨୫ ପଇସା ପ୍ରତି ୧୫ ଦିନ ଅନ୍ତରରେ ବୃଦ୍ଧି କରିଚାଲିଛନ୍ତି। ଫଳରେ ଏକ ଲିଟର କିରୋସିନ ମୂଲ୍ୟ ୧୩ ଟଙ୍କାରୁ ଏବେ ୨୭ ଟଙ୍କାରେ ପହଞ୍ଚିଲାଣି। ଅନ୍ୟପକ୍ଷରେ ୨୦୧୬ରୁ କେନ୍ଦ୍ର ସରକାର କିରୋସିନ ପାଇକାରୀ ବିକ୍ରେତାଙ୍କ କମିଶନ ୫ଥର ବଢ଼ାଇଛନ୍ତି। ୨୦୧୬ ଅକ୍ଟୋବରରେ କମିଶନ ବାବଦକୁ କିଲୋଲିଟର ପିଛା ୭୮୭.୮୨ ଟଙ୍କା, ୨୦୧୭ ସେପ୍ଟେମ୍ବରରେ ୧୦୦୮.୮୩ ଟଙ୍କା, ୨୦୧୮ ଅକ୍ଟୋବରରେ ୧୦୧୬.୩୭ ଟଙ୍କା, ୨୦୧୯ ଫେବୃୟାରୀରେ ୧୩୪୧.୮୮ ଟଙ୍କାକୁ ବୃଦ୍ଧି କରାଯାଇଛି। କିନ୍ତୁ ରାଜ୍ୟର ସମସ୍ତ ପାଇକାରୀ ବିକ୍ରେତାମାନେ ପୁରୁଣା କମିଶନ ଅର୍ଥାତ୍ ପ୍ରତି କିଲୋଲିଟର ପିଛା ୪୦୦ ଟଙ୍କାରେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏବେ ପାଇକାରୀ ବିକ୍ରେତାଙ୍କ କିରୋସିନ ପରିବହନ କରୁଥିବା ତେଲ ଟ୍ୟାଙ୍କର ମାଲିକମାନେ ମଧ ଧାର୍ଯ୍ୟ ପୁରୁଣା ଦରରେ କିରୋସିନ ପରିବହନ କରିବାକୁ ରୋକଠୋକ୍ ମନା କରିଦେଇଛନ୍ତି। ତେଣୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କମିଶନକୁ ଲାଗୁ କରିବା ପାଇଁ ବିଗତ ୨ ବର୍ଷ ଧରି କିରୋସିନ ପାଇକାରୀ ସଂଗଠନ ତରଫରୁ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ମାତ୍ର ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ସମ୍ପାଦକ ସିଂ କହିଛନ୍ତି। କମିଶନରେ ସଂଶୋଧନ କରା ନ ଗଲେ ପାଇକାରୀ ବିକ୍ରେତାମାନେ କିରୋସିନ ଉଠାଣ କରିବା ସମ୍ଭବ ନୁହେଁ। ଏ ସମ୍ପର୍କରେ ଜିଲା ସ୍ତରରେ ଜିଲାପାଳମାନଙ୍କୁ ପୂର୍ବରୁ ଅବଗତ କରାଯାଇଥିଲା। ଏବେ ରାଜ୍ୟ ସରକାରଙ୍କୁ ମଧ ଲିଖିତ ଭାବେ ସମସ୍ୟା ସମ୍ପର୍କରେ କୁହାଯାଇଥିବା ସିଂ କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ଖବର ନ ଥିବା କହିଛନ୍ତି। କ'ଣ ସମସ୍ୟା ଉପୁଜିଛି ବୁଧବାର ସେ ସମ୍ପର୍କରେ ତର୍ଜମା କରାଯିବ ବୋଲି ମନ୍ତ୍ରୀ ପାତ୍ର ସୂଚନା ଦେଇଛନ୍ତି।

### 'ନିର୍ଭୀକ, ନିରପେକ୍ଷ ...

ରାଜନୈତିକ ଜୀବନ ପାଇଁ ମୋ ନେତା ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞ। ସାଧାରଣ ଜନତାଙ୍କ ସେବା କରିବା ପାଇଁ ରାଜନୀତି ଏକମାତ୍ର ମାଧ୍ୟମ ନୁହେଁ। ପୁଅ(ଆରିଲ୍) ହିଁ ରାଜନୀତି ଛାଡ଼ିବା ପାଇଁ ବାଧ କରିଥିବା ତଥାଗତ କହିଛନ୍ତି। ରାଜନୀତି ଏବଂ ଗଣମାଧ୍ୟମ ଜଗତରେ ତଥାଗତ ସତପଥୀ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ। ୧୯୯୦ରେ ଜନତା ଦଳ ଟିକେଟ୍‌ରେ ସେ ପ୍ରଥମଥର ଢେଙ୍କାନାଳ ବିଧାନସଭା ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହା ପରେ ୧୯୯୮, ୨୦୦୪, ୨୦୦୯ ଏବଂ ୨୦୧୪ରେ ଢେଙ୍କାନାଳ ଲୋକ ସଭା ଆସନରୁ ନିର୍ବାଚିତ ହୋଇଥିଲେ। ଷୋଡ଼ଶ ଲୋକ ସଭାରେ ବିଜେଡି ସଂସଦୀୟ ଦଳର ମୁଖ୍ୟ ସଚେତକ ଭାବେ ତଥାଗତ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଦୀର୍ଘଦିନ ଧରି ଢେଙ୍କାନାଳ ଏବଂ ଅନୁଗୋଳ ଜିଲାବାସୀଙ୍କ ପ୍ରତିନିଧିତ୍ୱ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଭୟ ଜିଲାର ସାଧାରଣ ଜନତାଙ୍କ ଭଲପାଇବା, ଗୁରୁଜନଙ୍କ ଆଶୀର୍ବାଦ ଏବଂ ଅନୁଜମାନଙ୍କ ସ୍ନେହ ହିଁ ତାଙ୍କ ରାଜନୈତିକ ଜୀବନର ଶ୍ରେଷ୍ଠ ଉପଲବ୍ଧି। ନବେ ଦଶକରେ ବିଜୁବାବୁ ହିଁ ତଥାଗତଙ୍କୁ ରାଜନୀତିକୁ ଆଣିଥିଲେ, ତେଣୁ ତାଙ୍କ ଜନ୍ମ ଜୟନ୍ତୀରେ ରାଜନୀତିରୁ ନିଜକୁ ଦୂରେଇ ଥିବା ସେ କହିଛନ୍ତି। ରାଜନୀତି ଛାଡ଼ି ସାମ୍ବାଦିକତାକୁ ଗୁରୁତ୍ୱ ଦେବା ସମ୍ପର୍କରେ ସେ ଦୀର୍ଘଦିନ ଧରି ଚିନ୍ତା କରୁଥିଲେ। ଏଥିପାଇଁ ପରିବାର, ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହ କିଛିଦିନ ହେବ ଆଲୋଚନା କରିଥିଲେ। ସର୍ବୋପରି ପୁଅର ଚାପ ତାଙ୍କୁ ରାଜନୀତି ଛାଡ଼ିବାକୁ ବାଧ କରିଥିବା ତଥାଗତ କହିଛନ୍ତି। ଦଳୀୟ ରାଜନୀତି ବ୍ୟତୀତ ବିଭିନ୍ନ ପ୍ରସଙ୍ଗରେ ସେ ସ୍ୱତନ୍ତ୍ର ବକ୍ତବ୍ୟ ରଖିଥାନ୍ତି। ଟିକେଟ୍ ନ ମିଳିବା ଯୋଗୁ ଏପରି ନିଷ୍ପତ୍ତି ନେଉଥିବା ଅଭିଯୋଗକୁ ସେ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଏହି ପ୍ରସଙ୍ଗରେ ଗଣମାଧ୍ୟମକୁ ମତାମତ ଦେଇ ସେ କହିଛନ୍ତି ଯେ, କାହାକୁ ଟିକେଟ୍ ମିଳିବା ନ ମିଳିବା, ତାହା ସେହି ଦଳର ନେତାଙ୍କ ଉପରେ ନିର୍ଭର କରିଥାଏ। ଥରେ ବିଧାୟକ ଏବଂ ୪ ଥର ଏମ୍‌ପି ହେବା ପରେ ଟିକେଟ୍ କଟିବାର କୌଣସି କାରଣ ହିଁ ନାହିଁ। ସେ ନିଜ ଉପରେ ଖୁବ୍ ବିଶ୍ୱାସ କରନ୍ତି। ଏଥିସହିତ ତାଙ୍କ ପରିବାରରୁ କେହି ରାଜନୀତିକୁ ଆସିବାକୁ ଆଗ୍ରହ ପ୍ରକାଶ କରୁ ନ ଥିବା ତଥାଗତ କହିଛନ୍ତି।

### ଜଳପଥରେ ହୋଇପାରେ...

ଆକ୍ରମଣ କରିପାରନ୍ତି। ଏଥିଲାଗି ଆତଙ୍କବାଦୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଗତ କିଛିବର୍ଷ ମଧ୍ୟରେ ବିଶ୍ୱର ଏହି ଭାଗ ଅନେକ ଆକ୍ରମଣ ଦେଖିଛି। ଆଗକୁ ମଧ ଏହି ଆତଙ୍କବାଦର ପରିସର ବୃଦ୍ଧି ଘଟିପାରେ। 'ରାଷ୍ଟ୍ର ପ୍ରାୟୋଜିତ' ଆତଙ୍କବାଦର ସଂସ୍କରଣ ଆଗକୁ ଅଧିକ ବିପଜ୍ଜନକ ହୋଇପାରେ। ୩ ସପ୍ତାହ ତଳେ ଜମ୍ମୁ-କଶ୍ମୀରରେ ଆମେ ଆତଙ୍କବାଦୀଙ୍କ ଭୟଙ୍କର ଆକ୍ରମଣ ଦେଖିଛେ ବୋଲି ଲାନ୍‌ବା କହିଛନ୍ତି। ପ୍ରକାଶ ଯେ, ଫେବୃୟାରୀ ୧୪ରେ ପୁଲୱାମାରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆକ୍ରମଣରେ ୪୯ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ୨୦୦୮ ନଭେମ୍ବର ୨୬ରେ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ୧୦ ଆତଙ୍କବାଦୀ ଭାରତୀୟ ମାଛଧରା ଟ୍ରଲରକୁ ହାଇଜାକ୍ କରି ମୁମ୍ବାଇରେ ଆକ୍ରମଣ କରିଥିଲେ। ଲାନ୍‌ବାଙ୍କ ମନ୍ତବ୍ୟ ପରେ ଆଗକୁ ଏଭଳି ଆକ୍ରମଣ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଆଉଥରେ ଆକ୍ରମଣ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତ ସବୁ ପ୍ରକାର ବିକଳ୍ପ ଖୋଲା ରଖିବ। ମିଳିଥିବା ସୂଚନାନୁସାରେ ଭାରତକୁ ଜବାବ ଦେବାକୁ ଯାଇ ପାକିସ୍ତାନ ଏଫ୍-୧୬ ବିମାନ ବ୍ୟବହାର କରିଥିବା ନେଇ ଭାରତ ଆମେରିକାକୁ ତଥ୍ୟ ପ୍ରଦାନ କରିଛି। ଆମେରିକା ଏହି ପ୍ରସଙ୍ଗରେ ତଦନ୍ତ ଚଳାଇଛି। ଭାରତୀୟ ବାୟୁସେନାର ବାଲାକୋଟ ଆକ୍ରମଣ ପରେ ଆତଙ୍କବାଦ ପ୍ରସଙ୍ଗରେ ପାକିସ୍ତାନ ଉପରେ ଚାପ ପକାଇବା ପାଇଁ ଭାରତ ଉଦ୍ୟମ ଚଳାଇଛି। ଜୈଶ୍ ମୁଖ୍ୟ ମାସୁଦ୍ ଆଝାରଙ୍କୁ ଜାତିସଂଘରେ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଗଲେ ପାକିସ୍ତାନ ପାଇଁ ଅଡୁଆ ସ୍ଥିତି ସୃଷ୍ଟି ହେବ। କାରଣ ଆଝାର ପାକିସ୍ତାନରେ ବୋଲି ଇସ୍‌ଲାମାବାଦ ସ୍ୱୀକାର କରିସାରିଛି।

## ସବୁଜପତ୍ରିକାଧାରୀଙ୍କ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ନିଷ୍ପତ୍ତି

ଭୁବନେଶ୍ୱର,୫।୩ (ବ୍ୟୁରୋ)

ସବୁଜପତ୍ରିକାଧାରୀମାନେ ବିଭିନ୍ନ ସମୟରେ ସେମାନଙ୍କ ଦାବି ନେଇ ବହୁ ଦିନ ହେବ ଆନ୍ଦୋଳନ କରିଆସୁଛନ୍ତି। ନିକଟରେ ସବୁଜପତ୍ରିକାଧାରୀ ସଂଘ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନଙ୍କ ଦାବି ସମ୍ପର୍କରେ ସହୃଦୟର ସହ ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଏହି ପରିପ୍ରେକ୍ଷୀରେ ସେମାନଙ୍କ ଦାବିକୁ ଗୁରୁତ୍ୱର ସହ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗଠିତ ମନ୍ତ୍ରୀସ୍ତରୀୟ କମିଟି ସବୁଜ ପତ୍ରିକାଧାରୀଙ୍କ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି। ରାଜ୍ୟର ସବୁଜପତ୍ରିକାଧାରୀଙ୍କ ପ୍ରକୃତ ସଂଖ୍ୟା ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନ ଥିବାରୁ ସବିଶେଷ ତଥ୍ୟ ସଂଗ୍ରହ ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଅଭିନୟ ପ୍ରଦର୍ଶନର ଯଥାର୍ଥ ମାଧ୍ୟମ ମଞ୍ଚ: ଆହାନା

ମୁମ୍ବାଇ

ଜଣେ ବ୍ୟକ୍ତିଙ୍କର କଳା ପ୍ରଦର୍ଶନ ପାଇଁ ମଞ୍ଚ ଯଥାର୍ଥ ମାଧ୍ୟମ ବୋଲି ଅଭିନେତ୍ରୀ ଆହାନା କୁମ୍ରା ପ୍ରକାଶ କରିଛନ୍ତି। ଜଣେ ନାଁ କରା ଫିଲ୍ମ ଅଭିନେତ୍ରୀ ହେବାକୁ ସେ ସ୍ୱପ୍ନ ଦେଖନ୍ତି ସତ; କିନ୍ତୁ ମଞ୍ଚକୁ କଳା ପ୍ରଦର୍ଶନର ବାସ୍ତବ ମାଧ୍ୟମ ବୋଲି ବିଚାର କରନ୍ତି। ବର୍ତ୍ତମାନ ଆହାନା ଏକସଙ୍ଗରେ ଡିଜିଟାଲ୍ ମିଡିଆ ଏବଂ ହିନ୍ଦୀ ଫିଚର ଫିଲ୍ମରେ କାର୍ଯ୍ୟ କରୁଛନ୍ତି। ଅଭିନୟର କେଉଁ ମାଧ୍ୟମକୁ ସେ ପସନ୍ଦ କରନ୍ତି ପ୍ରଶ୍ନରେ ଆହାନା କହିଲେ, ଅବଶ୍ୟ ପରଦାରେ ଅନେକ ପରୀକ୍ଷାମୂଳକ ଅଭିନୟ କରିବାକୁ ସୁଯୋଗ ମିଳେ। କିନ୍ତୁ କଳା ପ୍ରଦର୍ଶନର ବାସ୍ତବ ମାଧ୍ୟମ କହିଲେ ଥିଏଟର, ଫିଲ୍ମ ନୁହେଁ। ଏ କଥା କହିବାର କାରଣ ହେଉଛି ଫିଲ୍ମ ପାଇଁ କଳା ପ୍ରଦର୍ଶନ କରିସାରିବା ପରେ ଜଣେ ଜାଣିପାରିବ ନାହିଁ ଯେ, ତାଙ୍କ ଅଭିନୟର କେତେ ଅଂଶ ପ୍ରଦର୍ଶନ କରାଯିବ। କାରଣ ଏଡିଟିଂ କାର୍ଯ୍ୟ ତାଙ୍କ ହାତରେ ନ ଥାଏ। ଅପର ପକ୍ଷରେ ମଞ୍ଚ କଥା ବିଚାରକୁ ନେଲେ ଥରେ କଳାକାର ଷ୍ଟେଜ୍ ଉପରକୁ ଚାଲିଗଲେ ସେ ପରବର୍ତ୍ତୀ ୪୫ ମିନିଟ୍ ବା ଘଣ୍ଟାଏ ପାଇଁ କାହାଣୀକୁ ଆଗକୁ ବଢ଼ାଇ ନେବ। ମଞ୍ଚ ଉପରେ ସେ ତା'ର ଅଭିନୟ, ଷ୍ଟେଜ୍ ମୁଭ୍‌ମେଣ୍ଟ ଏବଂ କଥା କହିବାର ଭଙ୍ଗୀକୁ ନିୟନ୍ତ୍ରଣ କରିପାରିବ। କାରଣ ସେ ଦର୍ଶକଙ୍କଠାରୁ ତତ୍କାଳ ପ୍ରତିକ୍ରିୟା ପାଇପାରିବ। ସେଥିପାଇଁ ସେ ଷ୍ଟେଜ୍ ଅଭିନୟକୁ ପସନ୍ଦ କରନ୍ତି ବୋଲି ପ୍ରକାଶ କରିଛନ୍ତି। ମେଗାଷ୍ଟାର ଅମିତାଭ୍ ବଚ୍ଚନ୍‌ଙ୍କ ଅଭିନୀତ ଟିଭି ଶୋ 'ଯୁଦ୍ଧ' ହେଉ କି ୱେବ୍ ସିରିଜ୍ 'ଇନ୍‌ସାଇଡ୍ ଏଜ୍', 'ରଙ୍ଗ୍‌ବାଜ୍' ଅଥବା ନିକଟରେ ରିଲିଜ୍ ହୋଇଥିବା 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ହେଉ ସବୁଥିରେ ନିଜକୁ ମ୍ୟାନେଜ୍ କରିବାକୁ ପଡେ ବୋଲି ଆହାନା ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜିରବି ଓ ଚନ୍ଦ୍ରଙ୍କ ଏକରାଶିସ୍ଥିତି ସଂଘଟିତ ଅମାବାସ୍ୟା ସୁଝୁମ୍ଣା ମାଧ୍ୟମରେ ପ୍ରତ୍ୟେକ କାମକୁ ସମ୍ଭାଳିନେବେ। କିନ୍ତୁ ପାରିବାରିକ କ୍ଷେତ୍ର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିନପାରେ। ଅବଶ୍ୟ ଅର୍ଥ ଲାଭ, ଶାରୀରିକ ସୁସ୍ଥତା ଯୋଗୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ, ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ଚନ୍ଦ୍ର ସହ ମଙ୍ଗଳଙ୍କ ତୃତୀୟ ଏକାଦଶାବସ୍ଥାନ ଭ୍ରାତୃ ବିବାଦଜନିତ ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ଆଶା କରୁଥିବା ଦିଗରୁ ଅର୍ଥ ଓ ସୁଖବର ପାଇ ଖୁସି ହେବେ। ଚେଷ୍ଟା କରୁଥିବା କାମରେ ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**ମିଥୁନ** – ମଙ୍ଗଳଙ୍କ ପୃଷ୍ଠଭାଗରେ ଦୁର୍ବଳ ବୁଧ ପ୍ରଭାବରୁ ପରିବାରର ଅନୁରୋଧକ୍ରମେ କୌଣସି କାମରେ ତତ୍ପରତା ପ୍ରକାଶ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ପୂର୍ବରାଗକୁ ଶୁଝାଇବାକୁ ଯାଇ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** – ଶନିଙ୍କ କ୍ଷେତ୍ରରେ ଅଷ୍ଟମଚନ୍ଦ୍ର ମାନସିକ ଉଦାସୀନତା ସୃଷ୍ଟିକରି କାମରେ ନିରୁତ୍ସାହତା ସୃଷ୍ଟିକରିବ। ଅବଶ୍ୟ ରବିଙ୍କ ଧନଭାବକୁ ଦୃଷ୍ଟି ହେତୁ ଆର୍ଥିକ ସ୍ଥିତି ବହୁତ ଭଲ ରହିବ। କର୍ମକ୍ଷେତ୍ରରେ ଏମିତି କେତେକ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁ ଜରିଆରେ ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ।

**ସିଂହ** – ଚନ୍ଦ୍ରଙ୍କ ସମ୍ମୁଖଭାଗରେ ରବି ଅବସ୍ଥାନ କରି ନିଜ ରାଶିକୁ ଅବଲୋକନ କରୁଥିବାରୁ ସ୍ୱାସ୍ଥ୍ୟ, ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରେ କାର୍ଯ୍ୟସାଧନ କରିପାରିବେ। କିନ୍ତୁ ଚନ୍ଦ୍ରଙ୍କ ସ୍ଥିତି ଜନିତ ମନ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟ ସମ୍ପନ୍ନ କରିବାରେ କେତେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। କୌଣସି ବିବାଦୀୟ ପରିସ୍ଥିତି ଯୋଗୁ ଚିନ୍ତା ପ୍ରକଟ କରି ପାରନ୍ତି।

**କନ୍ୟା** – ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ପ୍ରଫୁଲ୍ଲତା ଆଜିର ଦିନଚର୍ଯ୍ୟାକୁ ସନ୍ତୋଷ ପ୍ରଦାନ କରିବ। ଚେଷ୍ଟା କରୁଥିବା କାମରେ ସଫଳତା ପାଇବାରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସହଯୋଗ ସ୍ମରଣୀୟ ରହିପାରେ। ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ବ୍ୟୟାଧିକ୍ୟ ଜନିତ ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା** – ଆଶା କରୁଥିବା ଦିଗରୁ ଅର୍ଥପ୍ରାପ୍ତି, ଜମିଜମା ସମ୍ବନ୍ଧୀୟ କାର୍ଯ୍ୟ ଅଥବା ଆଗାମୀ ଶୁଭକାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି। ଆବଶ୍ୟକୀୟ ସହଯୋଗ ଲାଭକରି ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ଉପରିସ୍ଥ କର୍ମଚାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯାଇ ମନସ୍ତାପ କରିପାରନ୍ତି।

**ବିଛା** – ସ୍ୱାସ୍ଥ୍ୟ ପ୍ରାୟତଃ ଠିକ୍ ରହିବା ସାଙ୍ଗକୁ କୌଣସି ଆଗାମୀ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଏହା ସାଙ୍ଗକୁ ପରିବାରର ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିପାରେ। ବଳହୀନ ବୁଧ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିବା ସହ ବୃହସ୍ପତିଙ୍କ ପ୍ରଭାବରେ ପରିସ୍ଥିତି ସହ ନିଜକୁ ଆଡଜଷ୍ଟ କରାଇନେବାରେ ସାହାଯ୍ୟ କରିବ।

**ଧନୁ** – ମୁଖଭାବରେ ଶୁକ୍ର ଓ ଚନ୍ଦ୍ର ଆପଣଙ୍କ ମାନସିକ ସ୍ତରରେ ଖୁସୀ ରଖିବା ସହ କୌଣସି ନୂତନ କର୍ମାରମ୍ଭ ପାଇଁ ନିୟୋଜିତ କରାଇପାରନ୍ତି। ଆଜିର କର୍ମକ୍ଷେତ୍ରରେ ଅଥବା ପ୍ରଶାସନିକ ଅଥବା ରାଜନୈତିକ କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ଯାନବାହନ, ନିର୍ମାଣ, ନୂତନ ସ୍ଥାନ ପରିଦର୍ଶନରୁ ସୁଫଳ ମିଳିବ।

**ମକର** – ନିଜରାଶିରେ ଚନ୍ଦ୍ରଙ୍କ ପ୍ରଭାବରେ ଆପଣଙ୍କ ଭାବପ୍ରବଣତା ବୃଦ୍ଧି ପାଇବ। ଅବଶ୍ୟ ନୂତନ କାର୍ଯ୍ୟାରମ୍ଭ, ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରିପାରନ୍ତି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ଅଥବା ଆନୁଷ୍ଠାନିକ କାମ, କଳା, କାରିଗରିରେ ସଫଳତା ହାସଲ କରିପାରନ୍ତି। ବିଳାସବ୍ୟସନ, ଯାନ୍ତ୍ରିକ ଜିନିଷଲାଭରୁ ମନ ଏକପ୍ରକାର ଖୁସି ରହିବ।

**କୁମ୍ଭ** – ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ନିଜର କୌଣସି ସମ୍ପର୍କୀୟା ମହିଳା ଆପଣଙ୍କ ପାଇଁ ବିରୋଧୀ ଭୂମିକା ଗ୍ରହଣ କରିପାରନ୍ତି। ଅବଶ୍ୟ ଶତ୍ରୁତା ଓ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ ତାହା ଆପଣଙ୍କ କାର୍ଯ୍ୟ ହାସଲ ସକାଶେ ଅନ୍ତରାୟ ନ ହୋଇପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** – ବନ୍ଧୁଙ୍କ ସହ ଆଲୋଚନା ଉପରାନ୍ତେ ପୂର୍ବ ସ୍ଥିରୀକୃତ ଯୋଜନାରେ ପରିବର୍ତ୍ତନ ଅଥବା ଗସ୍ତ କାର୍ଯ୍ୟକ୍ରମ ବାତିଲ୍ ହୋଇଯାଇପାରେ। ପୂର୍ବଶତ୍ରୁତା କାରଣରୁ ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ପାରନ୍ତି। ଏପରି କି ଭଲ ସମ୍ପର୍କ ରହିଥିବା ମଧ ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିପାରନ୍ତି।

ଆଜି ଫାଲ୍‌ଗୁନ ଅମାବାସ୍ୟା ବୁଧବାର, ମାର୍ଚ୍ଚ ୬ ତାରିଖ, ଶତଭିଷା/କୁମ୍ଭ,ରାଶି ନକ୍ଷତ୍ର–ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅମାବାସ୍ୟାର ନିଶାପାଳନ, ଦିବା ଘ୭।୩୪ମି. ଗତେ ଘ୯।୦୧ମି. ମଧ୍ୟେ, ଘ୨।୫୭ମି. ଗତେ ଘ୪।୨୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୩୪ମି. ମଧ୍ୟେ ଘ୧୦।୨୮ମି. ଗତେ, ଘ୧୧।୫୫ମି. ମଧ୍ୟେ ଘ୪।୨୪ମି. ଗତେ, ଘ୫।୫୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧।୫୮ମି. ଗତେ ଘ୧୧।୨୬ମି. ମଧ୍ୟେ ରାହୁକାଳ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

■ ସୀମା ଟପିଲାଣି ପୋଲିସ ଦାଦାଗିରି

# ମଦ ବିରୋଧୀଙ୍କୁ ଏସିପିଙ୍କ ଶକ୍ତ ଚାପୁଡ଼ା

** କଟକ ଅଫିସ,୫।୩**

■ **ଭାଇରାଲ ହେଲା ଭିଡ଼ିଓ, ସ୍ୱୀକାର କଲେ ଅଧିକାରୀ**

■ **ଆନ୍ଦୋଳନକୁ ଓହ୍ଲାଇବ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ**

ସୁନ୍ଦରଗଡ଼ ଜିଲାର ଏକ ଥାନା ଭିତରେ କାର୍ଯ୍ୟରତ ଏସ୍‌ଆଇ ଜଣେ ମହିଳାଙ୍କୁ ମାଡ଼ ମାରୁଥିବା ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହାକୁ ନେଇ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏବେ କମିଶନରେଟ ପୋଲିସରେ ପୋଲିସ ଅଧିକାରୀଙ୍କ ଦାଦାଗିରି ଚର୍ଚ୍ଚାକୁ ଆସିଛି। ମଙ୍ଗଳବାର ଏହାର ଭିଡିଓ ଭାଇରାଲ ହୋଇଛି। କଟକ ଜୋନ-୨ର ଏସିପି ସେକ୍ ସର୍ଫୁଦ୍ଦିନ ଜଣେ ଯୁବକଙ୍କୁ ଶକ୍ତ ଚାପୁଡ଼ା ମାରୁଥିବା ଭିଡିଓରୁ ଦେଖିବାକୁ ମିଳୁଛି। କଟକ ବାଦାମବାଡି ଅଞ୍ଚଳରେ ମଦ ବିରୋଧୀ ଶୋଭାଯାତ୍ରାବେଳେ ଏହି ଘଟଣା ଘଟିଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ, ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ଗତ ଫେବୃୟାରୀ ୨୩ରୁ ମଦ ବିରୋଧୀ ସଚେତନତା ଶୋଭାଯାତ୍ରା ଓଡ଼ିଶା ପରିକ୍ରମାର ଆରମ୍ଭ କରାଯାଇଥିଲା। ୧୧ଦିନ ମଧ୍ୟରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଆଦି ୧୦ ଜିଲାରେ ସଚେତନତା ପରେ ମଙ୍ଗଳବାର ଶୋଭାଯାତ୍ରା କଟକରେ ପହଞ୍ଚିଥିଲା। ଅଭିଯାନରେ ଶତାଧିକ ମହିଳାଙ୍କ ସମେତ ବହୁ ଯୁବକ ସାମିଲ ଥିଲେ। ସକାଳୁ କଟକ ସହର ପରିକ୍ରମା କରି ଫେରୁଥିବାବେଳେ ବାଦାମବାଡିରେ ପୋଲିସ ସେମାନଙ୍କୁ ଅଟକାଇ ଏପରି ଆକ୍ରମଣ କରିଥିଲା। ଅଭିଯାନ ସଦସ୍ୟ ସୌମ୍ୟରଞ୍ଜନ ମହାନ୍ତି କହିନ୍ତି, ଶୋଭାଯାତ୍ରା ପ୍ରାୟ ଶେଷ ହୋଇଯାଇଥିଲା। ବାଦାମବାଡିରେ ଖାଇବା ବ୍ୟବସ୍ଥା ହୋଇଥିବାବେଳେ ସେଠାକୁ ଯାଉଥିଲୁ। ହେଲେ ପୋଲିସ ବଳପୂର୍ବକ ଆମକୁ ରୋକିବାକୁ ଚେଷ୍ଟା କରିଥିଲା। ଆମେ ପ୍ରତିବାଦ କରିବାରୁ ଆମକୁ ଏସିପି ମାଡ଼ ମାରିଥିଲେ। ପୋଲିସର ଏପରି ଗୁଣ୍ଡାଗର୍ଦ୍ଦିକୁ ନେଇ ବୁଧବାର ଡିସିପିଙ୍କ ନିକଟରେ ଅଭିଯୋଗ କରାଯିବ। ଏଥିସହ ଆଗାମୀ ଦିନରେ ଅଭିଯାନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ଘଟଣାକୁ ନେଇ ଏସିପି ସର୍ଫୁଦ୍ଦିନଙ୍କୁ ପଚରାରିବାରୁ ସେ କହିଲେ, ବାଦାମବାଡିରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସେମାନଙ୍କୁ ଅଟକାଇଥିଲେ ମଧ୍ୟ ଅଭିଯାନର କର୍ମୀମାନେ କିଛି କଥା ନ ଶୁଣି ଆଗକୁ ଚାଲିଥିଲେ। ଆଗକୁ ମାଡ଼ି ଚାଲିଥିବା ଜଣେ ଯୁବକଙ୍କୁ ଅଟକାଇବାକୁ ଯାଇ ମାଡ଼ ମାରିଥିଲେ ବୋଲି ସେ କହିଛନ୍ତି।

# ଯୁବବର୍ଗ ପାଇଁ ବାଟ ଛାଡ଼: ତଥାଗତ

*ତଥାଗତ ସତପଥୀ ରାଜନୀତି ଏବଂ ଗଣମାଧ୍ୟମ ଜଗତରେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ୧୯୯୦ରେ ଢେଙ୍କାନାଳ ବିଧାନସଭା ଆସନରୁ ଏବଂ ପରବର୍ତ୍ତୀ ସମୟରେ ଢେଙ୍କାନାଳ-ଅନୁଗୋଳ ଲୋକ ସଭା କ୍ଷେତ୍ରରୁ ୧୯୯୮, ୨୦୦୪, ୨୦୦୯, ୨୦୧୪ରେ ନିର୍ବାଚିତ ହୋଇଛନ୍ତି। ରାଜନୈତିକ ଜୀବନରେ ଅନେକ ସଫଳତା ପାଇଥିଲେ ମଧ୍ୟ ସେଥିରୁ ଦୂରେଇ ଯିବା ଲାଗି ଘୋଷଣା କରିବା ପରେ ସେ ଏବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦନା କ୍ଷେତ୍ରରେ ଅଧିକ ସକ୍ରିୟ ରହିବେ ବୋଲି କହିଛନ୍ତି। ଏହି ଅବସରରେ ତାଙ୍କ ସହ ହୋଇଥିବା ଆଳାପର କିଛି ଅଂଶ...*

**ସାମ୍ବାଦିକତା ପାଇଁ ରାଜନୀତି ଛାଡ଼ିବା ଏକ ବୃହତ୍ ନିଷ୍ପତ୍ତି। ଏହା ପଛର କାରଣ କ'ଣ?**

-ମୋ ପୁଅ ଆରିଲ୍‌ର ଚାପ ଏବଂ ସାମ୍ବାଦିକତାକୁ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଁ ଏପରି ନିଷ୍ପତ୍ତି ନେଇଛି। ବର୍ତ୍ତମାନ ସମୟରେ ଗଣମାଧ୍ୟମରେ ଅଧିକ ନିର୍ଭୀକ ସ୍ୱରର ଆବଶ୍ୟକତା ରହିଛି। ନିରପେକ୍ଷ ସାମ୍ବାଦିକତା ଉପରେ ଗୁରୁତ୍ୱ ଦେବି। ରାଜନୈତିକ ଜୀବନରେ ସହଯୋଗ କରିଥିବାରୁ ମୋ ନେତା ନବୀନ ପଟ୍ଟନାୟକଙ୍କ ପାଖରେ ମୁଁ କୃତଜ୍ଞ। ସାଧାରଣ ଜନତାଙ୍କ ସେବା କରିବା ପାଇଁ ରାଜନୀତି ଏକମାତ୍ର ମାଧ୍ୟମ ନୁହେଁ।

**ସମାଜରେ ଚର୍ଚ୍ଚାରେ ରହିବା ଲାଗି ରାଜନୀତିଠାରୁ ଅନ୍ୟ ବଳିଷ୍ଠ କ୍ଷେତ୍ର କ'ଣ ହୋଇପାରେ?**

-ସାମ୍ବାଦିକତା ।

**ଆଜିର ଗଣମାଧ୍ୟମ ପ୍ରାବଲ୍ୟ ଯୁଗରେ ଅଧିକାଂଶ ସଂସ୍ଥା ଖବର ଯୋଗାଣକାରୀ ନ ହୋଇ ମତ ସୃଷ୍ଟିକାରୀ ମାଧ୍ୟମ ପାଲଟି ଗଲେଣି। ଏ ନେଇ କ'ଣ କହିବେ?**

-କେବଳ ମତ ସୃଷ୍ଟିକାରୀ ନୁହେଁ, ପ୍ରାୟ ସବୁ ଗଣମାଧ୍ୟମ ଏବେ ମାଲିକାନାର ଲୁକ୍କାୟିତ ଉଦ୍ଦେଶ୍ୟକୁ ସାର୍ବଜନିକ ମତ ଭାବେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରୁଛନ୍ତି। ତାହା ଦେଶ ଓ ଭାରତୀୟ ସମାଜ ପାଇଁ ଅତ୍ୟନ୍ତ କ୍ଷତିକାରକ। ମୋର ରାଜନୈତିକ ବିଶେଷକରି ସଂସଦୀୟ ଅଭିଜ୍ଞତାକୁ ବ୍ୟବହାର କରି ଏକ ପିମ୍ପୁଡ଼ି ଭାବେ ଏହି ସ୍ରୋତରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିବି।

**ଆପଣ ରାଜନୈତିକ ପରିବାରରୁ ଆସିଛନ୍ତି। ପରିବାରର କାହାକୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଏ ନିଷ୍ପତ୍ତି ସୁଯୋଗ ଦେବ କି ?**

-ବର୍ତ୍ତମାନ ମୋ ପରିବାରରୁ କେହି ବି ରାଜନୀତିକୁ ଆସିବେ ନାହିଁ। ଏପରି ଚର୍ଚ୍ଚାର କୌଣସି ଯଥାର୍ଥତା ନାହିଁ।

**ହଠାତ୍ ଏପରି ପଦକ୍ଷେପ ଟିକେଟ୍ କଟିଯିବାର ଆଶଙ୍କାରେ କି?**

-ଥରେ ବିଧାୟକ ଏବଂ ୪ ଥର ଏମ୍‌ପି ହେବା ପରେ ଟିକେଟ୍ ମୋ ପାଇଁ ସମସ୍ୟା ନ ଥିଲା। ବହୁ ଭାବିଚିନ୍ତି ଏ ନିଷ୍ପତ୍ତି ନେଇଛି। କିଏ କେଉଁ ଦଳରୁ ଟିକେଟ୍ ପାଇବେ, ସେ କଥା ସେହି ଦଳର ନେତା ହିଁ ନିଷ୍ପତ୍ତି ନିଅନ୍ତି। ବର୍ତ୍ତମାନ ସମୟରେ ନବୀନ ପଟ୍ଟନାୟକଙ୍କୁ ଛାଡ଼ିଦେଲେ, କିଏ କେଉଁଠାରୁ ବିଜେଡି ଟିକେଟ୍ ପାଇବେ, ସେ କଥା କେହି ଜାଣିନାହାନ୍ତି।

**କ୍ଷମତା ରାଜନୀତିରୁ ଦୂରେଇ ଯିବା ପରେ କ'ଣ ଆହ୍ୱାନ ଦେବେ?**

-ଆମେ ସମସ୍ତେ ସବୁବେଳେ ଯୁବବର୍ଗଙ୍କୁ ପ୍ରାଧାନ୍ୟ ଦିଆଯାଉ ବୋଲି କହିଥାଉ। ହେଲେ ତାହାକୁ କାର୍ଯ୍ୟରେ ପରିଣତ କରି ନ ଥାଉ। ରାଜନୀତି ହେଉ ବା ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ଚିନ୍ତାଧାରା ଏବଂ ନୀତି ନିର୍ଦ୍ଧାରକଙ୍କ ଆସିବାର ଆବଶ୍ୟକତା ରହିଛି। ବୟସ୍କମାନେ ବାଟ ଛାଡ଼ିଲେ ହିଁ ଯୁବତୀଯୁବକଙ୍କୁ ସୁଯୋଗ ମିଳିବ। ଆଶା କରୁଛି ଅନ୍ୟମାନେ ଏଭଳି ଚିନ୍ତାକୁ ବଳ ଦେବେ। ଦେଶରେ ସାମାଜିକ ନେତୃତ୍ୱର ଅଭାବ ରହିଛି।

**କିଭଳି ସାମାଜିକ ନେତୃତ୍ୱ ନେଲେ ପରିବର୍ତ୍ତନ ଆସିପାରିବ ବୋଲି ଭାବୁଛନ୍ତି?**

-ଦେଶବାସୀ ସବୁ ସମସ୍ୟାର ସମାଧାନ ପାଇଁ ରାଜନେତାଙ୍କୁ ଅନାନ୍ତି। ଏହା ଭାରତରେ ଏକ ବିରାଟବଡ଼ ରୋଗ। ଯେଉଁ ଗଣତନ୍ତ୍ରରେ ସାମାଜିକ ନେତୃତ୍ୱ ଦାୟିତ୍ୱବହନ କରେ ନାହିଁ, ସେଠାରେ ଗଣତାନ୍ତ୍ରିକ ଭିତ୍ତିଭୂମି ଭୁଶୁଡ଼ି ପଡ଼େ।

**– ସାକ୍ଷାତ୍କାର: ଜିତେନ୍ଦ୍ର କୁମାର ନାୟକ**




■ କନ୍ଧମାଳ ଦଙ୍ଗା

# କ୍ଷତିଗ୍ରସ୍ତଙ୍କ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

୨୦୦୭ରେ ହୋଇଥିବା କନ୍ଧମାଳ ଦଙ୍ଗାରେ କ୍ଷତିଗ୍ରସ୍ତଙ୍କ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ଜଷ୍ଟିସ ୟୁ.ୟୁ ଲଳିତ ଏବଂ ଜଷ୍ଟିସ ଇନ୍ଦୁ ମାଲହୋତ୍ରାଙ୍କୁ ନେଇ ଗଠିତ ଦୁଇଜଣିଆ ଖଣ୍ଡପୀଠ ଉକ୍ତ ଦଙ୍ଗାରେ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କର ତଦନ୍ତ ହୋଇଛି କି ନାହିଁ ଜାଣିବାକୁ ଚାହିଁଛନ୍ତି। ଯଦି ହୋଇଛି ତେବେ ଆସନ୍ତା ୩ ସପ୍ତାହ ମଧ୍ୟରେ ଏହାର ଜବାବ ରଖିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୦୭ରେ ହୋଇଥିବା ଦଙ୍ଗାରେ କ୍ଷତିଗ୍ରସ୍ତଙ୍କୁ ଅତିରିକ୍ତ କ୍ଷତିପୂରଣ ଦେବାକୁ ଆର୍କ ବିଶପ ଜନ୍ ବରୁଆ ସୁପ୍ରିମ୍‌କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି କରି ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅତିରିକ୍ତ କ୍ଷତିପୂରଣ ବଣ୍ଟନ ହୋଇଥିବା ନେଇ ସୁପ୍ରିମ୍‌କୋର୍ଟରେ ରାଜ୍ୟ ସରକାର ସତ୍ୟପାଠରେ ଦର୍ଶାଇଥିଲେ। ୩୫୩ ଜଣ ଆହୁରି ଅତିରିକ୍ତ କ୍ଷତିପୂରଣ ପାଇବାକୁ ବାକି ରହିଛି। ୨୦୧୬ ଅଗଷ୍ଟ ୨ ତାରିଖରେ ରାଜ୍ୟ ସରକାର ସତ୍ୟପାଠାରେ ଦର୍ଶାଇ ଥିଲେ ଯେ କନ୍ଧମାଳ ଦଙ୍ଗା ୨୦୦୮ରେ ହୋଇଥିଲା। ୨୦୦୭ ଦଙ୍ଗା ସହ ଏହାର କୌଣସି ସମ୍ପର୍କ ନାହିଁ ।




# ନିର୍ଦ୍ଦିଷ୍ଟ ଆସନରେ ସିପିଏମ୍ ସହ ବୁଝାମଣା କରିବ କଂଗ୍ରେସ

**ଭୁବନେଶ୍ୱର,୫।୩ (ବ୍ୟୁରୋ)**

କଂଗ୍ରେସ ସହ ରାଜ୍ୟର ସବୁ ଆସନରେ ସିପିଏମ୍ ବୁଝାମଣା କରିବ ନାହିଁ। କେତୋଟି ନିର୍ଦ୍ଦିଷ୍ଟ ଆସନରେ କଂଗ୍ରେସକୁ ରାଜ୍ୟରେ ସିପିଏମ୍ ସହାୟ୍ୟ କରିବ ବୋଲି ସିପିଏମ୍ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। ସିପିଏମ୍ ରାଜ୍ୟରେ ହେବାକୁ ଥିବା ଆସନ୍ତା ଲୋକ ସଭା ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କୁ ହରାଇବା ପାଇଁ କଂଗ୍ରେସକୁ ସହଯୋଗ କରିବ। ସେହିପରି ବିଧାନସଭା ଆସନରେ ବିଜେଡିକୁ ହରାଇବା ସକାଶେ କଂଗ୍ରେସ ସହ କିଛି ଆସନରେ ବୁଝାମଣା କରାଯିବ।

ୟେଚୁରୀ କହିଛନ୍ତି ଯେ, ସୁନ୍ଦରଗଡ ଲୋକ ସଭା ଆସନ ପାଇଁ କଂଗ୍ରେସକୁ ଆମେ ସମର୍ଥନ କରିବୁ। ସେହିପରି ବଣାଇ ବିଧାନସଭା ଆସନ ପାଇଁ ସେମାନେ ଆମକୁ ସାହାଯ୍ୟ କରିବେ। କଂଗ୍ରେସ ସହ କୌଣସି ମେଣ୍ଟ ହେବାର ନାହିଁ।



ସୀତାରାମ ୟେଚୁରୀ

କୌଣସି ଦଳ ସହ ମେଣ୍ଟ କରିବାର ନାହିଁ। ଅନ୍ୟପଟେ ଭୁବନେଶ୍ୱର ଲୋକ ସଭା ଆସନ ପାଇଁ କଂଗ୍ରେସ ଆମକୁ ସାହାଯ୍ୟ କରିବ, ତା' ବଦଳରେ ବ୍ରହ୍ମପୁର ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଆମେ ସହଯୋଗ କରିବୁ ବୋଲି ସେ କହିଛନ୍ତି। ଅନ୍ୟପଟେ ୟେଚୁରୀ ଆହୁରି କହିଛନ୍ତି, ବିଜେଡି ସହ ମେଣ୍ଟ କରିବା ଲାଗି ୮ମାସ ତଳେ ଯୋଗାଯୋଗ କରାଯାଇଥିଲା। ମାତ୍ର ଶାସକ ଦଳ ଏନେଇ କୌଣସି ଆଗ୍ରହ ଦେଖାଇ ନ ଥିଲା ବୋଲି ସେ କହିଛନ୍ତି।

# ଆଜି ପିଇସି ବୈଠକ

**ଭୁବନେଶ୍ୱର,୫।୩ (ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ଗୁରୁତ୍ୱପୂର୍ଣ୍ଣ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକ ବୁଧବାର ଅନୁଷ୍ଠିତ ହେବ। ପୂର୍ବାହ୍ନ ୧ଟାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ୨୧ ଲୋକସଭା ଓ ୧୪୭ ବିଧାନସଭା ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। ନିକଟରେ ଦୁଇଟି ପର୍ଯ୍ୟାୟରେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଆସି ରାଜ୍ୟର ୨୧ ଲୋକ ସଭା ଓ ଏହାର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ସାମ୍ଭାବ୍ୟ ଆଶାୟୀ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଥିଲେ। ପ୍ରତି ନିର୍ବାଚନମଣ୍ଡଳୀରୁ ପ୍ରାୟ ୩ରୁ ଅଧିକ ଆଶାୟୀ ରହିଛନ୍ତି। ସମସ୍ତ ଆଶାୟୀମାନେ ସ୍କ୍ରିନିଂ କମିଟି ସଦସ୍ୟଙ୍କୁ ଭେଟି ନିଜ ନିଜର ବାୟୋଡାଟା ପ୍ରଦାନ କରିଥିଲେ। ତେବେ ସ୍କ୍ରିନିଂ ଏକ ଆଶାୟୀ ତାଲିକା ପ୍ରସ୍ତୁତ କରି ଦିଲ୍ଲୀ ଫେରିଥିବା ବେଳେ ବୁଧବାର ପିଇସିରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ। ପ୍ରତି ଆସନ ପାଇଁ ପ୍ରାୟ ଦୁଇଜଣ ଲେଖା ପ୍ରାର୍ଥୀଙ୍କ ନାମ ପିଇସି ସ୍ଥିର କରି ସିଇସି ନିକଟକୁ ପଠାଇ ଦିଆଯିବ।






ଜ୍ଞାନ ଅର୍ଜନ କରିବା ନିଶ୍ଚୟ ଭଲ କଥା। କିନ୍ତୁ ଜ୍ଞାନକୁ ନେଇ ବଞ୍ଚିବା ତା'ଠାରୁ ଭଲ। ଏବଂ ନିଜେ ଜ୍ଞାନର ସ୍ୱରୂପ ହୋଇଉଠିବା ସବୁଠାରୁ ଭଲ। -ଶ୍ରୀମା



# ଜୈବିକ ଯୁଦ୍ଧ

ପରିବେଶ ପ୍ରଦୂଷଣ ଏବେ ଆତଙ୍କବାଦ ଓ ମାଓବାଦଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି। ଭାରତରେ ଏହା ଲୋକଙ୍କ ସ୍ୱାସ୍ଥ୍ୟ ବିଗାଡ଼ିବାରେ ଲାଗିଛି। ନିକଟରେ ଇଣ୍ଟରନ୍ୟାଶନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ଆଇଏଫ୍‌ପିଆର୍‌ଆଇ) ପକ୍ଷରୁ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଉତ୍ତର ଭାରତର ୩ ରାଜ୍ୟ ପଞ୍ଜାବ, ହରିୟାଣା ଓ ଦିଲ୍ଲୀରେ ଶ୍ୱାସଜନିତ ରୋଗ ଦ୍ୱାରା ଅସଂଖ୍ୟ ଲୋକ ପ୍ରଭାବିତ ହେଉଛନ୍ତି। କ୍ଷେତରେ ଥିବା ଶସ୍ୟର ଅବଶେଷକୁ ଚାଷୀ ସେହିଠାରେ ପୋଡ଼ି ଦେଉଥିବାରୁ ସେଥିରୁ ନିର୍ଗତ ଧୂଆଁ ଦେଶର ରାଜଧାନୀ ଦିଲ୍ଲୀ ସମେତ ପଡ଼ୋଶୀ ରାଜ୍ୟରେ ଶ୍ୱାସପ୍ରଶ୍ୱାସ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। କେବଳ ସ୍ୱାସ୍ଥ୍ୟଜନିତ ସମସ୍ୟା ନୁହେଁ, ଏଥିଯୋଗୁ ଉପରଲିଖିତ ୩ ରାଜ୍ୟରେ ୨ ଲକ୍ଷ କୋଟି ଟଙ୍କା ବାର୍ଷିକ କ୍ଷତି ଘଟୁଛି ବୋଲି ଆଇଏଫ୍‌ପିଆର୍‌ଆଇ ଆକଳନ କରିଛି। ଶସ୍ୟ କ୍ଷେତରେ ଅବଶିଷ୍ଟାଂଶ ପୋଡ଼ାରୁ ବାହାରୁ ଥିବା ଧୂଆଁ ସହିତ ଆତସବାଜି, କଳକାରଖାନା ଓ ଗାଡ଼ିମୋଟରରୁ ନିର୍ଗତ ଧୂଆଁ ମିଶିଯିବା ପରେ ଏହା ସମଗ୍ର ବାୟୁମଣ୍ଡଳକୁ ବିଷାକ୍ତ କରିଦେଉଛି।

ଆଜି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଣିଷକୁ ସ୍ମାର୍ଟ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ହେଲେ ତାହାର ଦୁରୁପଯୋଗ ହେଉଥିବାରୁ ମଣିଷ ପାଇଁ ବିପଦ ସୃଷ୍ଟି କଲାଣି। ଅତ୍ୟଧିକ ଖାଦ୍ୟଶସ୍ୟ ଉତ୍ପାଦନ ଦିଗରେ ବହୁ ପରିମାଣରେ ରାସାୟନିକ ସାର ବ୍ୟବହାର ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରୁଛି। ସେଥିପାଇଁ ବୈଜ୍ଞାନିକ ଓ ଗବେଷକମାନେ ଜୈବିକ ଖତ ବ୍ୟବହାର ଉପରେ ଗୁରୁତ୍ୱ ଦେଲେଣି। ଜୈବିକ ଉପାୟରେ ଚାଷ କରିବା ବ୍ୟୟସାପେକ୍ଷ ହେଉଥିବାରୁ ତାହାକୁ ଅନେକେ ଗ୍ରହଣ କରିପାରୁ ନାହାନ୍ତି। ପୁରୁଣାକାଳିଆ କହି ଏହାଠାରୁ ଦୂରେଇ ଯାଉଛନ୍ତି। ଫଳରେ ଦିନକୁ ଦିନ ଅସାଧ୍ୟ ରୋଗ ଆମକୁ କାବୁ କରିବାରେ ଲାଗିଛି। ଓଡ଼ିଶା ସମେତ ପୂର୍ବ ଭାରତରେ ଶସ୍ୟ କ୍ଷେତରୁ ଧାନ ଅମଳ ସମୟରେ ନଡ଼ାକୁ ମଧ୍ୟ ଖଳାକୁ ନିଆଯାଇଥାଏ। ନଡ଼ାରୁ ଧାନକୁ ଅଲଗା କରାଯିବା ପରେ ଛଣକୁ ଗଦା କରି ରଖାଯାଏ ଓ ପରବର୍ତ୍ତୀ ସମୟରେ ତାହାକୁ ବିକ୍ରି କରାଯାଏ। ଚାଳଛପର ଘର ପାଇଁ ନଡ଼ାର ଯଥେଷ୍ଟ ଆବଶ୍ୟକତା ରହିଛି। ଏତଦ୍‌ବ୍ୟତୀତ ଗୋରୁଙ୍କୁ ଏହା ଖାଇବାକୁ ଦିଆଯିବା ସହିତ ଜୈବିକ ଖତ ପ୍ରସ୍ତୁତିରେ ଲାଗି ଥାଏ। କ୍ଷେତରେ ରହିଯାଉଥିବା ମୂଳି ଅଂଶକୁ ହଳ ମାଧ୍ୟମରେ ଉପାଡ଼ି ଦିଆଯାଉଥିବାରୁ ତାହା ସେହିଠାରେ ପଚି ଜମିକୁ ଉର୍ବର କରିଥାଏ। ହେଲେ ଉତ୍ତର ଭାରତରେ ଧାନ ଅମଳ ପରେ କୃଷକ ନଡ଼ାକୁ କାଟି ନ ନେଇ ତାହାକୁ ସେହିଠାରେ ପୋଡ଼ି ଦେଇଥାଆନ୍ତି। ଖଳାକୁ ବୋହିବାରେ ଅଧିକ ଶ୍ରମ ଲାଗୁଥିବା ଦର୍ଶାଇ ଏହା କରିଥାଆନ୍ତି। ଧାରଣା ରହିଛି ଯେ, କ୍ଷେତରେ ସେଗୁଡ଼ିକ ପୋଡ଼ି ରହିଗଲେ ଜମିକୁ ଉର୍ବର କରିବ। କିନ୍ତୁ ଦେଖାଯାଉଛି, ପାଉଁଶ ପବନରେ ଉଡ଼ିବା ସହ ଏହାର ଧୂଆଁ ପରିବେଶକୁ ପ୍ରଦୂଷଣ କରିଦେଉଛି। ସୁପ୍ରିମକୋର୍ଟ ନଡ଼ା ନ ପୋଡ଼ିବା ଉପରେ ବାରମ୍ବାର କହୁଥିଲେ ମଧ୍ୟ ତାହା ଉପରେ ସେଭଳି ଗୁରୁତ୍ୱ ଦିଆଯାଉ ନାହିଁ। ବାୟୁ ପ୍ରଦୂଷଣ ଯୋଗୁ ଶ୍ୱାସଜନିତ ସମସ୍ୟା ଲୋକଙ୍କ ଆର୍ଥିକ ଦିଗକୁ ଦୁର୍ବଳ କରିଦେଉଛି। ଏହି ବାର୍ତ୍ତା କୃଷକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିପାରିଲେ ସ୍ଥିତିରେ ପରିବର୍ତ୍ତନ ଆସିପାରିବ।

ଆଜିର ସମୟରେ ପ୍ରତ୍ୟେକ ରାଜନୈତିକ ଦଳ ଓ ବ୍ୟକ୍ତି କୃଷକଙ୍କ ଉନ୍ନତି ଲାଗି ଚିନ୍ତିତ ବୋଲି ଦର୍ଶାଉଛନ୍ତି। ସେମାନଙ୍କ ଆର୍ଥିକ ବିକାଶ କିଭଳି ହୋଇପାରିବ, ସେଥିଲାଗି ପ୍ରୋତ୍ସାହନ ଘୋଷଣା କରୁଛନ୍ତି। ଦେଶକୁ ଖାଦ୍ୟ ଯୋଗାଉଥିବା ବର୍ଗ ପ୍ରତି ସରକାର ସମ୍ବେଦନଶୀଳ ରହିବା ଠିକ୍ କଥା। ଏଥିସହିତ ପରିବେଶ ପ୍ରଦୂଷଣ ରୋକିବା ଦିଗରେ କୃଷକମାନଙ୍କୁ ପରିବର୍ତ୍ତନକାରୀ କରାଯାଇପାରିଲେ ସମସ୍ତଙ୍କ ମଙ୍ଗଳ ହୋଇପାରିବ।

କୌତୂହଳର ବିଷୟ ଯେ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ସମସ୍ୟା ଏତେବଡ଼ ଆକାରରେ ଏକ ସମସ୍ୟା ଭାବେ ସୃଷ୍ଟି ହେଉଥିବା ବେଳେ ଭାରତର ଜନସାଧାରଣ ଏ ଦିଗରେ ଆଦୌ ଚିନ୍ତିତ ନୁହନ୍ତି। ବୁଢ଼ୀମା କାହାଣୀ ଭଳି ଆମକୁ ଅନେକ ଗପ ମାଧ୍ୟମରେ ଏଣେତେଣେ ଲକ୍ଷ୍ୟଭ୍ରଷ୍ଟ କରାଯାଉଛି। କୃଷିର ଆଧୁନିକ ପ୍ରଣାଳୀରେ ଅଧିକ ଉତ୍ପାଦନ ସହିତ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କିତ ଗବେଷଣା ଅନ୍ୟ ସବୁ ଦେଶରେ କରାଯାଉଥିବା ବେଳେ ଭାରତରେ କୃଷକ ଅବହେଳିତ। ଆମକୁ ଭୁଆଁ ବୁଲାଇବା ପାଇଁ ଉଡ଼ାଜାହାଜରେ 'ଜୟହିନ୍ଦ୍' କୁହାଯିବ କି ନାହିଁ, ପାକିସ୍ତାନୀଙ୍କ ଘରେ ପଶି ମାରିବା କି ନାହିଁ ଭଳି କଥା କହି ଦେଶର ବାସ୍ତବ ସମସ୍ୟାଠାରୁ ଦୃଷ୍ଟି ହଟାଇ ଦିଆଯାଉଛି। ଏଥିପ୍ରତି ଆମ ସମସ୍ତଙ୍କୁ ସଜାଗ ରହିବାକୁ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୬ ମାର୍ଚ୍ଚ ୧୯୯୪

- ପଣ୍ଡିତ ବିଶ୍ୱମୋହନ ବାତ ଓ ରି କୁଡରଙ୍କ ଦ୍ୱାରା ପ୍ରସ୍ତୁତ ଆଲବମ୍ 'ଏ ମିଟିଂ ବାଏ ଦି ରିଭର'କୁ ଗ୍ରାମୀ ପୁରସ୍କାର।
- ଇନ୍ଦିରା ଗାନ୍ଧୀ ସ୍ୱର୍ଣ୍ଣ କପ ହକି ପ୍ରତିଯୋଗିତାରେ ଭାରତ ଦକ୍ଷିଣକୋରିଆକୁ ହରାଇ ଚାମ୍ପିୟନ ଟାଇଟଲ ଲାଭ କରିଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | | 6 | | B | | D | | | 9 | | |
| | | | C | B | | 3 | | 4 | | | A | 5 | | |
| | | | | | D | | 9 | | 8 | | 7 | | 2 | |
| | | | 1 | 8 | 7 | | | | | | | | | |
| 2 | | | 5 | E | 9 | | 0 | A | | | 3 | | C | |
| 4 | | D | 3 | | | 1 | E | B | | | | | | |
| 3 | | | | | | | 8 | 9 | | B | | 1 | | |
| | 6 | C | | | | | | | 0 | | | | | |
| | 5 | | | 9 | C | | | 6 | | 1 | | 2 | B | 4 |
| | | | 8 | | | | A | C | | 5 | | 3 | 7 | 9 |
| | | 4 | 9 | | | | 1 | | A | | D | | | |
| A | | | B | | | | | D | 6 | | 9 | 0 | | 5 |
| | | | | 5 | | | 7 | 3 | 2 | | | E | | |
| | | | | A | E | | | 0 | B | | | | | 3 |
| | | 7 | | | | | 5 | | | 8 | 0 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 8 | 4 | D | A | E | 0 | 1 | B | 2 | 9 | 6 | 3 | 7 | 5 |
| 0 | 1 | 2 | 9 | 5 | B | C | 3 | 6 | 4 | 7 | A | 8 | D | E |
| D | B | A | 6 | 4 | 3 | 7 | E | 9 | 5 | 1 | 8 | C | 0 | 2 |
| 6 | 9 | 7 | 2 | C | 8 | 4 | 5 | D | 0 | 3 | E | 1 | A | B |
| E | 3 | 5 | 1 | 7 | 0 | A | 8 | 2 | C | B | D | 6 | 9 | 4 |
| 3 | C | 8 | 0 | 9 | 6 | 5 | 4 | 7 | A | D | 2 | B | E | 1 |
| 2 | 4 | 0 | 7 | D | 5 | 1 | B | 8 | 9 | E | C | A | 6 | 3 |
| 9 | 5 | E | B | 3 | 2 | D | C | A | 1 | 6 | 0 | 7 | 4 | 8 |
| 7 | A | 1 | C | E | 4 | 6 | 9 | 0 | B | 8 | 3 | 2 | 5 | D |
| B | 6 | D | A | 8 | 1 | E | 2 | 3 | 7 | 4 | 5 | 9 | C | 0 |
| 8 | D | 6 | 5 | 1 | A | 2 | 0 | 4 | 3 | C | 9 | E | B | 7 |
| 5 | 0 | B | E | 2 | 9 | 3 | D | 1 | 6 | A | 7 | 4 | 8 | C |
| 1 | 2 | 9 | 8 | 0 | 7 | B | 6 | C | E | 5 | 4 | D | 3 | A |
| 4 | 7 | C | 3 | B | D | 9 | A | E | 8 | 0 | 1 | 5 | 2 | 6 |
| A | E | 3 | 4 | 6 | C | 8 | 7 | 5 | D | 2 | B | 0 | 1 | 9 |

ଗତକାଲିର ଉତ୍ତର

# ବେଳାଭୂମିର କାଳବେଳା

ଡ. ଅନ୍ତର୍ଯ୍ୟାମୀ ମିଶ୍ର

ଓଡ଼ିଶାର ଦୁର୍ଲଭ ପ୍ରାକୃତିକ ସମ୍ପଦ ହେଉଛି ଏହାର ସୁଦୀର୍ଘ ବେଳାଭୂମି। ପ୍ରାଚୀନ ଓ ମଧ୍ୟଯୁଗରେ ଏହି ବେଳାଭୂମିରେ ଗଢ଼ିଉଠିଥିଲା ଅନେକ ବନ୍ଦର। ଏହି ପ୍ରାକୃତିକ ବନ୍ଦରଗୁଡ଼ିକ ନଦୀ ମୁହାଣମାନଙ୍କରେ ଅବସ୍ଥିତ ଥିଲା। ନଦୀପଥରେ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରୁ ପଣ୍ୟଦ୍ରବ୍ୟ ଅନାୟାସରେ ବନ୍ଦରଗୁଡ଼ିକରେ ପହଞ୍ଚି ପାରୁଥିଲା। ଓଡ଼ିଆ ସାଧବମାନେ ବୋଇତରେ ସେହିସବୁ ପଣ୍ୟଦ୍ରବ୍ୟ ଦରିଆପାରି ଦେଶଗୁଡ଼ିକୁ ନେଇ ଅସରନ୍ତି ଧନଦୌଲତ ବୋହିଆଣି ଓଡ଼ିଶାକୁ ସମୃଦ୍ଧ କରିଥିଲେ। ବର୍ତ୍ତମାନ ଯାହାକୁ ବଙ୍ଗୋପସାଗର କୁହାଯାଉଛି, ପ୍ରାଚୀନ ଶାସ୍ତ୍ରରେ ସେହି ସାଗରକୁ ମହୋଦଧି ଓ ଓଡ଼ିଶାର ରାଜାଙ୍କୁ ମହୋଦଧିପତି ବୋଲି ଉଲ୍ଲେଖ କରାଯାଇଛି। ନୌବାଣିଜ୍ୟ-ସମୃଦ୍ଧ ଓଡ଼ିଶାର ଏହି ସୁଦୀର୍ଘ ବେଳାଭୂମି ଲୁଣା ଜଙ୍ଗଲ ଦ୍ୱାରା ସୁରକ୍ଷିତ ଥିଲା। ଏହାଦ୍ୱାରା ମୃତ୍ତିକାକ୍ଷୟ ଓ ସାମୁଦ୍ରିକ ବାତ୍ୟାର ଭୟ ନ ଥିଲା। ଖ୍ରୀଷ୍ଟପୂର୍ବ କାଳରୁ ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଶାର ନୌବାଣିଜ୍ୟ ଅନ୍ତର୍ଜାତୀୟ ପ୍ରସିଦ୍ଧି ଲାଭ କରିଥିଲେ ହେଁ ୟୁରୋପୀୟମାନେ ଏଥିରେ ପ୍ରତିବନ୍ଧକ ସୃଷ୍ଟିକଲେ। ଓଡ଼ିଆଙ୍କ ପାଲଟଣା ଜାହାଜ ପରିବର୍ତ୍ତେ ସେମାନେ ଯନ୍ତ୍ରଚାଳିତ ଜାହାଜ ବ୍ୟବହାର କଲେ ତଥା ଏକଚାଟିଆ ନୌବାଣିଜ୍ୟ କରିବା ନିମିତ୍ତ ନାନାଦି କଟକଣା ଜାରି କଲେ। ଫଳରେ ଅଷ୍ଟାଦଶ ଶତାବ୍ଦୀରୁ ଓଡ଼ିଶାର ନୌବାଣିଜ୍ୟ ବନ୍ଦ ହୋଇଗଲା। ନଦୀ ମୁହାଣରେ ବାଲିଚଡ଼ା ସୃଷ୍ଟିହୋଇ ବନ୍ଦରଗୁଡ଼ିକ ଅସୁରକ୍ଷିତ ହୋଇପଡ଼ିଲା। ବିଦେଶୀମାନେ ମଧ୍ୟ ଓଡ଼ିଶାର ବେଳାଭୂମି ଉପରେ ଲୋଲୁପ ଦୃଷ୍ଟି ପକାଇଲେ। ସେହିଦିନଠାରୁ ଓଡ଼ିଶାର ସୁଦୀର୍ଘ ବେଳାଭୂମିର କାଳବେଳା ଆରମ୍ଭ ହେଲା।

ସ୍ୱାଧୀନତା ପରେ ବେଳାଭୂମିକୁ ଆହୁରି ବିପଦ ମାଡ଼ିଆସିଲା। ହଜାର ହଜାର ବାଂଲାଦେଶୀ ବେଳାଭୂମି ଜବରଦଖଲ କରିବାରେ ଲାଗିଲେ। ସେମାନେ ମନଇଚ୍ଛା ବେଳାଭୂମିର ଲୁଣା ଜଙ୍ଗଲ କାଟି ବାସଗୃହ ଓ ଚାଷଜମି ପ୍ରସ୍ତୁତ କଲେ। ସରକାରୀ ସ୍ତରରେ ଏହାର ପ୍ରତିବାଦ ମଧ୍ୟ କରାଗଲା ନାହିଁ। ଅଧିକନ୍ତୁ କେତେକ ରାଜନୈତିକ ବ୍ୟକ୍ତି ଭୋଟ ଆଶାରେ ସେମାନଙ୍କ ନାଁ ଭୋଟର ତାଲିକାରେ ଦରଜ କରାଇ ସେମାନଙ୍କୁ ଭାରତର ନାଗରିକ କରିଦେଲେ। ଭୋଟର ତାଲିକାରେ ଏହି ବିଦେଶୀ ନାଗରିକଙ୍କ ନାମ ଦରଜ କରିବା ପୂର୍ବରୁ ଦାୟିତ୍ୱରେ ଥିବା ପଦାଧିକାରୀବୃନ୍ଦ ସେମାନଙ୍କ ପରିଚୟ ଜିଜ୍ଞାସା କଲେ ନାହିଁ ଅଥବା ବିଦେଶରୁ ଆସି ଓଡ଼ିଶା ବେଳାଭୂମି ଜବରଦଖଲ କରିଥିଲେ ହେଁ ସେମାନଙ୍କୁ ଉଚ୍ଛେଦ କରାଗଲା ନାହିଁ। ସମ୍ପୃକ୍ତ ଅଧିକାରୀମାନେ ସେମାନଙ୍କର ପାସ୍‌ପୋର୍ଟ ଓ ଭିଜା ଅଛି କି ନାହିଁ ବୁଝିଲେ ନାହିଁ। କେବଳ ରାଜନୈତିକ ଚାପରେ ପଦାଧିକାରୀମାନେ ଏହି ଅନୁପ୍ରବେଶକାରୀଙ୍କୁ ଭାରତର ନାଗରିକ କରିଦେଲେ। କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅଧିକରୁ ଅଧିକ ଅନୁପ୍ରବେଶକାରୀ ଆସି ବେଳାଭୂମିରେ ବାସ କଲେ ଏବଂ ବେଳାଭୂମି ଜବରଦଖଲ କରି ଧାନଚାଷ, ପାନଚାଷ ଓ ମୀନଚାଷ ମାଧ୍ୟମରେ ସେମାନଙ୍କର ଆର୍ଥିକ ଭିତ୍ତିଭୂମିକୁ ସୁଦୃଢ଼ କଲେ। କେତେକ ଅନୁପ୍ରବେଶକାରୀ ମଧ୍ୟ ସରକାରୀ ଚାକିରି କଲେ। କେତେକେ ଅର୍ଥ ବଳରେ ନିର୍ବାଚନରେ ଅଂଶଗ୍ରହଣ କରି ଜୟଯୁକ୍ତ ହେଲେ ତଥା ଲୋକ ପ୍ରତିନିଧି ବୋଲାଇଲେ। ସେମାନେ ମଧ୍ୟ ସଂଘ ଗଠନ କରି ସରକାରଙ୍କୁ ଅଥୟ କରିଦେଲେ। ଅନୁପ୍ରବେଶକାରୀଙ୍କ ଦ୍ୱାରା ଦିନକୁ ଦିନ ଅଧିକ ବେଳାଭୂମି ଜବରଦଖଲ ହେବାରେ ଲାଗିଲା। ଏହି ବିଦେଶୀମାନେ ଓଡ଼ିଶା ବେଳାଭୂମିର ପ୍ରାୟ ୭୫% ଲୁଣା ଜଙ୍ଗଲ ନଷ୍ଟ କରିଦେଲେ। ପରିଣାମସ୍ୱରୂପ ସମୁଦ୍ର ଜୁଆର ମାଡ଼ିଆସି ଅନେକ ସାମୁଦ୍ରିକ ଜଙ୍ଗଲ ଓ ବେଳାଭୂମି ନଷ୍ଟ ହୋଇଗଲା। ଏଥିପ୍ରତି କାହାର ନିଘା ରହିଲା ନାହିଁ। ଏହି ବେଆଇନ ଜବରଦଖଲକାରୀମାନେ କ୍ରମେ ସେମାନଙ୍କ ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବଙ୍କୁ ତାଙ୍କ ଦେଶରୁ ଆଣି ବେଳାଭୂମି ଜବରଦଖଲ ପୂର୍ବକ ସ୍ଥାୟୀ ବସବାସର ସୁଯୋଗ ଦେଲେ। ଦିନକୁ ଦିନ ବେଳାଭୂମିରେ ନୂଆ ନୂଆ ଜବରଦଖଲ ବସ୍ତି ସୃଷ୍ଟି ହୋଇ ଓଡ଼ିଶାର ସୁଦୀର୍ଘ ବେଳାଭୂମି ବିପର୍ଯ୍ୟସ୍ତ ହୋଇପଡ଼ିଲା।

ଉପକୂଳ ଅଞ୍ଚଳରେ ଚିଙ୍ଗୁଡ଼ି ଚାଷ ବେଳାଭୂମି ବିପର୍ଯ୍ୟସ୍ତର ଅନ୍ୟ ଏକ କାରଣ। ଓଡ଼ିଶାରେ ବ୍ୟାପକ ଭାବରେ ଚିଙ୍ଗୁଡ଼ି ଚାଷ ଆରମ୍ଭ ହେଲା। ଚିଙ୍ଗୁଡ଼ିଚାଷୀମାନେ ସ୍ୱଳ୍ପ ଜମି କ୍ରୟ କରିବା ସହିତ ତତ୍‌ସଂଲଗ୍ନ ବେଳାଭୂମି ଜବରଦଖଲ କରି ଚିଙ୍ଗୁଡ଼ି ଚାଷ କଲେ। ବିଭିନ୍ନ ବ୍ୟାଙ୍କ ଓ ଅର୍ଥଲଗାଣକାରୀ ସଂସ୍ଥା ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାରୁ ଉପକୂଳ ଅଞ୍ଚଳରେ ବ୍ୟାପକ ଚିଙ୍ଗୁଡ଼ି ଚାଷ ହେଲା ତଥା ବହୁ ପରିମାଣରେ ବେଳାଭୂମି ଜବରଦଖଲ ହେଲା। ଏପରିକି ଚିଙ୍ଗୁଡ଼ିଚାଷୀମାନେ ଉପକୂଳ ଅଞ୍ଚଳର ସୁବିସ୍ତୃତ ଲୁଣା ଜଙ୍ଗଲ ସଫା କରି ଚିଙ୍ଗୁଡ଼ିଚାଷ କଲେ। ପ୍ରଶାସନର ସେମାନଙ୍କ ଉପରେ ଅଙ୍କୁଶ ରହିଲା ନାହିଁ। ସେମାନଙ୍କୁ ପ୍ରତିରୋଧ କରିବାକୁ ସ୍ଥାନୀୟ ଲୋକେ ମଧ୍ୟ ଭୟ କଲେ। ଏହି କାରଣରୁ ବ୍ୟାପକ ଭାବରେ ବେଳାଭୂମି ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାକୁ ଚାଲିଗଲା।

ଧର୍ମ ନାଁରେ ମଧ୍ୟ ବେଳାଭୂମି ଜବରଦଖଲ ହେଲା। ଅନେକ ବାବା, ମାତା ଓ ସାଧୁସନ୍ଥ ବେଳାଭୂମିରେ ଆଶ୍ରମ ନିର୍ମାଣ କରିବାକୁ ଲାଗିଲେ। ପ୍ରାଥମିକ ପର୍ଯ୍ୟାୟରେ ଛୋଟିଆ ଆଶ୍ରମ ନିର୍ମାଣ ହୋଇ କ୍ରମେ ବଗିଚା, ଯଜ୍ଞମଣ୍ଡପ, ଧର୍ମସଭା ପ୍ରଭୃତି ନାଁରେ ବୃହତ୍ ଅଞ୍ଚଳ ଦଖଲ କରାଗଲା। ଯେଉଁମାନେ ଆଇନତଃ ବେଳାଭୂମିରେ ଜମି ପାଇଲେ ସେମାନେ ତ ଆଶ୍ରମ ନିର୍ମାଣ କଲେ, ଯେଉଁମାନେ ଜାଗା ନ ପାଇଲେ ସେମାନେ ମଧ୍ୟ ଜବରଦଖଲ କରି ଆଶ୍ରମ ନିର୍ମାଣ କଲେ। ବେଳାଭୂମିରେ ଦିନକୁ ଦିନ ଆଶ୍ରମ ସଂଖ୍ୟା ବୃଦ୍ଧି ହେବାରେ ଲାଗିଥିଲେ ହେଁ କେହି ଧର୍ମକାର୍ଯ୍ୟ ବୋଲି ପ୍ରତିବାଦ କରୁନାହାନ୍ତି। ଟିକିଏ ନିରିଖେଇ ଦେଖିଲେ ସେଠାରେ ଧର୍ମ ନାଁରେ କ'ଣ ଚାଲିଛି ସଭିଏଁ ହୃଦୟଙ୍ଗମ କରିପାରିବେ। ଆଜିକାଲି ମଠ, ମନ୍ଦିର ନାଁରେ ସରକାରୀ ଜମି ଦଖଲ ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଅନେକ ସାଧୁସନ୍ଥ ଭାବୁଛନ୍ତି ବେଳାଭୂମିରେ ଆଶ୍ରମଟିଏ ନିର୍ମାଣ କରିଦେଲେ ବହୁ ବିଦେଶୀ ଶିଷ୍ୟ ଶିଷ୍ୟା ଆକର୍ଷିତ ହେବେ। କେବଳ ବିଦେଶୀ ନୁହନ୍ତି ଅନେକ ଦେଶୀ ଶିଷ୍ୟ ମଧ୍ୟ ବେଶ୍ କିଛିଦିନ ବେଳାଭୂମିସ୍ଥିତ ଆଶ୍ରମରେ ରହିପାରିବେ। ତେଣୁ ବେଳାଭୂମିରେ ଆଶ୍ରମ ନିର୍ମାଣ କରିବା ଉଭୟ ଗୁରୁ ଓ ଶିଷ୍ୟମାନଙ୍କ ନିମିତ୍ତ ହିତକର ବୋଲି ସେମାନେ ବିବେଚନା କରୁଛନ୍ତି ତଥା ବେଳାଭୂମିରେ ଆଶ୍ରମ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି।

ବଣଭୋଜି ନାଁରେ ବେଳାଭୂମିକୁ ପ୍ରଦୂଷିତ କରାଯାଉଛି। ଚନ୍ଦ୍ରଭାଗାଠାରୁ ପୁରୀ ପର୍ଯ୍ୟନ୍ତ ସୁଦୀର୍ଘ ବେଳାଭୂମିରେ ପ୍ରତ୍ୟହ ଶହ ଶହ ବ୍ୟକ୍ତି ବଣଭୋଜି କରୁଛନ୍ତି ଏବଂ ଖଲିପତ୍ର, ପ୍ଲାଷ୍ଟିକ, ମାଛମାଂସ କଣ୍ଟା, ବଳକା ଖାଦ୍ୟ ଇତସ୍ତତଃ ପଡ଼ିରହି ବେଳାଭୂମି ପ୍ରଦୂଷିତ ହେଉଛି। ବଣଭୋଜି ସ୍ଥାନରେ ଖାଲି ମଦବୋତଲର ସଂଖ୍ୟା ମଧ୍ୟ କମ୍ ନୁହେଁ। ସେସବୁ ପରିଷ୍କାର କରାଯିବାର କୌଣସି ବ୍ୟବସ୍ଥା ନାହିଁ। କେବଳ ଚନ୍ଦ୍ରଭାଗାଠାରୁ ପୁରୀ ନୁହେଁ, ଗୋପାଳପୁର, ପୋତାଗଡ଼, ବାଲୁଗାଁ, ସାତପଡ଼ା, ବାଲିହରଚଣ୍ଡୀ, କୁରୁମ, ଅସ୍ତରଙ୍ଗ, ହୁକିଟୋଲା, ଚାନ୍ଦବାଲି, ଚାନ୍ଦିପୁର ସର୍ବତ୍ର ସେହି ଏକା ଅବସ୍ଥା। ସ୍ଥଳବିଶେଷରେ ବେଳାଭୂମିର ଝାଉଁବଣ, ହେନ୍ତାଳବଣ ପ୍ରଭୃତି ବଣଭୋଜିବାଲାଙ୍କ ଅସାବଧାନତା ଯୋଗୁ ଅଗ୍ନିଦ୍ୱାରା ଧ୍ୱଂସ ହେଉଛି।

ମୋଟ ଉପରେ କହିବାକୁ ଗଲେ, ପୃଥିବୀର ଅନ୍ୟାନ୍ୟ ଦେଶ ବେଳାଭୂମିକୁ ଜାତୀୟ ସମ୍ପତ୍ତି ବିବେଚନା କରୁଥିବା ବେଳେ ଆମେ ବେଳାଭୂମିକୁ ବେୱାରିସ ସମ୍ପତ୍ତି ବିଚାର କରୁଛେ। ଏହି ବେଳାଭୂମି ଦିନେ ଓଡ଼ିଆ ଜାତିକୁ ବିଶ୍ୱ ଦରବାରରେ ସାମୁଦ୍ରିକ ବାଣିଜ୍ୟ-ସମୃଦ୍ଧ ସାହସୀ ଜାତି ଭାବରେ ପରିଚିତ କରାଇଥିଲା। ବର୍ତ୍ତମାନ ସେହି ବେଳାଭୂମିର କାଳବେଳା ଉପଗତ। ସଭିଙ୍କ ଲୋଲୁପ ଦୃଷ୍ଟି ବେଳାଭୂମି ଉପରେ। ଏହାର ସୁରକ୍ଷା ନିମିତ୍ତ ସେପରି କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିନାହିଁ। ପରିସ୍ଥିତି ଓ ପରିବେଶ ବେଳାଭୂମିକୁ ଆକ୍ରାନ୍ତ କରିଥିବା ସମୟରେ ଏହାର ସୁରକ୍ଷା ନିମିତ୍ତ ଦୃଢ଼ ଜାତୀୟ ନୀତି ନିର୍ଦ୍ଧାରଣ ହେବା ସମୀଚୀନ ମନେହୁଏ।

ଆନନ୍ଦନଗର, କାଠଗଡ଼ା, ଢେଙ୍କାନାଳ,
ମୋ-୮୮୯୫୨୩୦୭୨୨

# ନେତାଙ୍କ ଖେଳ ଦେଶକୁ କାଳ

ଉପେନ୍ଦ୍ର ବିଶ୍ୱାଳ

ଗୋଲାମର କିଛି ଇଚ୍ଛା ବା ଅନିଚ୍ଛା ନ ଥାଏ। ମୁନିବର ଇଚ୍ଛା ହିଁ ତା' ଇଚ୍ଛା। ସାଧାରଣ ଜନତାଙ୍କ ଅର୍ଥରେ ପ୍ରତିପାଳିତ ଆମେ ସରକାରୀ କର୍ମଚାରୀମାନେ କ'ଣ ସେହିପରି ଜଣେ ଜଣେ ଗୋଲାମ କି? ଆମେ ଶାସକଙ୍କର ସେବକ ନା ସାଧାରଣ ଜନତାଙ୍କର? କାହା ପ୍ରତି ଆମେ ଉତ୍ତରଦାୟୀ? ପ୍ରସଙ୍ଗଟିକୁ ଆରମ୍ଭ କରୁଛୁ ଏହିପରି ଏକ ପ୍ରତିକ୍ରିୟାରୁ। ଆମେ କହୁଛୁ ଏଠି ଜଣେ ଉଚ୍ଚପଦସ୍ଥ ପୋଲିସ ଅଫିସରଙ୍କ କଥା। ଗତ ଫେବୃୟାରୀ ପ୍ରଥମ ସପ୍ତାହରେ ଅଭିନୀତ କୋଲକାତା ନାଟକର ରହସ୍ୟଭରା କାହାଣୀର କଥା। ଅଶୀତିପର ଜଣେ ଅବସରପ୍ରାପ୍ତ ଶିକ୍ଷକ ନିରୋଧ ପରିଡ଼ା, ରହନ୍ତି ବାଙ୍ଗାଲୋରରେ ପିଲାଙ୍କ ପାଖରେ। ଅତି ଅଥୟ ହୋଇ କ୍ଷୋଭଭରା କଣ୍ଠରେ ନିଜର ପ୍ରତିକ୍ରିୟା ପ୍ରକାଶ କଲେ ସେଦିନ। ଦିଦିଙ୍କ ସୁଆଙ୍ଗ ଓ ପୋଲିସ ଅଫିସରଙ୍କ ଢଙ୍ଗ-ବାଗ ଦେଖି ଖୁବ୍ ବ୍ୟଥିତ ହେଲେ। ମର୍ମାହତ ଶିକ୍ଷକ ଜଣକ ପରାମର୍ଶ ଦେଲେ ଏ ସମ୍ବନ୍ଧରେ କିଛି ଲେଖିବାକୁ।

ଦୁଃଖ ଓ ଲଜ୍ଜାରେ ଆଜି ମୁଣ୍ଡ ନଇଁଯାଏ ସାମ୍ପ୍ରତିକ ସ୍ଥିତିକୁ ଦେଖି। ତଥାକଥିତ ମୁଣ୍ଡିଆଳମାନଙ୍କର ହୀନ ରାଜନୈତିକ ଅଭିସନ୍ଧି ଯୋଗୁ ଜନତନ୍ତ୍ର ଯନ୍ତ୍ରଣାଜର୍ଜରିତ। ଦେଶ ଆଜି ଦୁର୍ଦ୍ଦଶାଗ୍ରସ୍ତ। ଅସଂଖ୍ୟ ବଳିଦାନୀମାନଙ୍କ ରକ୍ତଭିଜା ଭୂମି ଆଜି ବିପନ୍ନ। ଗଣତନ୍ତ୍ରକୁ ଗରୀୟାନ୍ କରିବା ପରିବର୍ତ୍ତେ ସଂଘୀୟ ବ୍ୟବସ୍ଥାର ସତ୍ୟାନାଶ କରିବାକୁ ସ୍ୱେଚ୍ଛାଚାରିତାର ନଗ୍ନ ନମୁନାଟିଏ ଦୁନିଆ ଦେଖିଲା ସେଦିନ। ନାନା ଚିଟାକଟା ଠକେଇ ମଧ୍ୟରୁ ଶାରଦା ଚିଟ୍‌ଫଣ୍ଡ ଠକେଇ ସର୍ବବୃହତ୍ ଓ ସର୍ବାଧିକ ଚର୍ଚ୍ଚିତ। ବଙ୍ଗଭୂମିରୁ ଏହାର ଗଜା ବାହାରି ଓଡ଼ିଶା, ଝାଡ଼ଖଣ୍ଡ, ଆସାମ, ତ୍ରିପୁରା ସମେତ ବିଦେଶକୁ ମଧ୍ୟ ବ୍ୟାପିଥିବାର ଜଣାଯାଏ। ଶାରଦା ଗ୍ରୁପ୍ ସହିତ ଶାସକ, ପ୍ରଶାସକଙ୍କ ମଧୁଚନ୍ଦ୍ରିକା ଯୋଗୁ ଲକ୍ଷ ଲକ୍ଷ ଲୋକ ଦାରୁଣ ଦୁର୍ଦ୍ଦଶା ଭୋଗ କରୁଛନ୍ତି। କେବଳ ପଶ୍ଚିମବଙ୍ଗରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ନିରୀହ ଲୋକ ଏହାର ଶିକାର ହୋଇଛନ୍ତି। ଶହ ଶହ ଲୋକଙ୍କ ଜୀବନହାନି ଏହାର ଭୟାବହତାକୁ ସୂଚାଇ ଦିଏ। ଜୀବନ ହାରିଥିବା ଲୋକଙ୍କ ମଧ୍ୟରୁ କେବଳ ପଶ୍ଚିମବଙ୍ଗର ୨୧୦ରୁ ଅଧିକ।

ଶାସକ, ପ୍ରଶାସକଙ୍କ ପୃଷ୍ଠପୋଷକତା ପାଇ ଶାରଦା ଗ୍ରୁପ୍ ତା'ର ବିଶାଳ ସାମ୍ରାଜ୍ୟ ବିସ୍ତାର କରିଚାଲିଥିଲା। ଏପିରି କି ମାସିକ ୧୦-୨୦ ଲକ୍ଷ ଟଙ୍କା ଦରମା ଦେଇ ସେମାନଙ୍କୁ ନିଯୁକ୍ତି ଦେଇଥିଲା। ଦିଦିଙ୍କ ଅନୁକମ୍ପା ହାସଲ କରିବାକୁ ଯାଇ ତାଙ୍କର ୨୦ଟି ପେଣ୍ଟିଂକୁ ମଧ୍ୟ କୋଟି କୋଟି ଟଙ୍କାରେ କିଣିବାକୁ ପଛାଇ ନ ଥିଲା। ଦିଦିଙ୍କ ଗୋଟିଏ ପେଣ୍ଟିଂକୁ କୁଆଡେ ୧.୮କୋଟି ଟଙ୍କାରେ କିଣାଯାଇଥିଲା। ୨୦୧୪ର ସାଧାରଣ ନିର୍ବାଚନ ପ୍ରଚାର ସମୟରେ ମଧ୍ୟ ଏହି ଠକେଇ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା ପଶ୍ଚିମବଙ୍ଗରେ। ବିରୋଧୀ ଯେତେବେଳେ ଏହି ପ୍ରସଙ୍ଗ ନେଇ ଦିଦିଙ୍କୁ ଘେରିଲେ ସେ ସେତେବେଳେ ଏଥିପାଇଁ କଂଗ୍ରେସ ଓ ସିପିଏମ୍‌କୁ ଦୋଷ ଦେଲେ। ରାଜ୍ୟର ସିପିଏମ୍ ଓ କେନ୍ଦ୍ରର କଂଗ୍ରେସ ସରକାର ସମୟରେ ଏହି ଗ୍ରୁପ୍‌ର ପ୍ରତିଷ୍ଠା ଓ ପ୍ରସାର ହୋଇଥିବାରୁ ଏହି ଦୁଇ ଦଳର ସମ୍ପୃକ୍ତିକୁ ନେଇ ସେ ପାଲଟା ଅଭିଯୋଗ କରିଥିଲେ। ବିଶେଷକରି ଚିଦାମ୍ବରମ୍‌ଙ୍କ ବିରୋଧରେ ଅଧିକ ଅଭିଯୋଗ ବାଢ଼ିଥିଲେ। ପରସ୍ପର ପ୍ରତି କାଦୁଅ ପିଙ୍ଗା ଚାଲିଥିଲା ବେଳେ ସିପିଏମ୍ ଓ କଂଗ୍ରେସର ଦୁଇଜଣ ନେତା ସିବିଆଇ ଅନୁସନ୍ଧାନ ପାଇଁ ନ୍ୟାୟାଳୟରେ ପ୍ରାର୍ଥନା କରିଥିଲେ। ଏ ସଂକ୍ରାନ୍ତୀୟ ସମସ୍ତ ଯାଚିକାକୁ ଏକାଠି କରି ସର୍ବୋଚ୍ଚ ନ୍ୟାୟାଳୟ ମେ' ୨୦୧୪ରେ ଏହାର ନିରପେକ୍ଷ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଲେ।

ଏହାଠୁ ବଳି ସାଂଘାତିକ ଘଟଣା ହେଉଛି ଉଗ୍ରବାଦୀ ସଂଗଠନଗୁଡ଼ିକର ଏଥିରେ ସମ୍ପୃକ୍ତି। ଚାଞ୍ଚଲ୍ୟକର ଏହି ଖବରକୁ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥିଲା ଆନନ୍ଦବଜାର ପତ୍ରିକା ସେପ୍ଟେମ୍ବର ୨୦୧୪ରେ। ଅଭିଯୋଗ ଅନୁଯାୟୀ ତୃଣମୂଳ କଂଗ୍ରେସର ରାଜ୍ୟସଭା ସଦସ୍ୟ ଥିବା ଅହମଦ ହୁସେନ ଇମ୍ରାନ ଯିଏକି ନିଷିଦ୍ଧ ଉଗ୍ରବାଦୀ ସଂଗଠନ ସିମିର ଜଣେ ପ୍ରତିଷ୍ଠାତା ସଦସ୍ୟ, ପ୍ରଚଣ୍ଡ ଭାରତ ବିରୋଧୀ ଭାବେ ଜଣା ମୌଳବାଦୀ ସଂଗଠନ ଜମାତ-ଇ-ଇସଲାମକୁ ଶାରଦା ଗ୍ରୁପ୍ ସହିତ ସାମିଲ କରିଥିଲେ। ବାଂଲାଦେଶରେ ଖୁବ୍ ସକ୍ରିୟ ଥିବା ଏହି ସଂଗଠନ ଶାରଦା ଗ୍ରୁପ୍‌ରେ ସାମିଲ ହୋଇ ସେଠାରେ ଅଧିକ ଶକ୍ତିଶାଳୀ ହେଲା। ଅଲକାଏଦା ସହ ମିଶି ଆୱାମୀ ଲିଗ୍ ସରକାରକୁ ପ୍ରଥମେ ଗାଦିଚ୍ୟୁତ କରିବାକୁ ପ୍ରୟାସ କଲା, କାରଣ ଶେଖ୍ ହାସିନା ସରକାର ପାକିସ୍ତାନ ପରି ଆତଙ୍କବାଦୀ ସଂଗଠନଗୁଡ଼ିକର ସଖୀ କଣ୍ଢେଇ ନୁହନ୍ତି। ଦେଶ ବିଦେଶର ଗୋଇନ୍ଦା ସଂସ୍ଥାରୁ ହାସିନା ଯେତେବେଳେ ଏହା ଜାଣିବାକୁ ପାଇଲେ ତୀବ୍ର ପ୍ରତିବାଦ ଜଣାଇଲେ ମମତା ବାନାର୍ଜୀଙ୍କ ନିକଟରେ। କାରଣ ଶାରଦା ଗ୍ରୁପ୍‌ର ଚେର ହିଁ ପଶ୍ଚିମବଙ୍ଗରେ ଥିଲା। ପୁଣି ଏହି ଗ୍ରୁପ୍ ସହିତ ଜମାତ-ଇ-ଇସଲାମ ସମ୍ବନ୍ଧ ବାନ୍ଧିବାର ଅସଲ ବିନ୍ଧାଣୀ ହେଉଛନ୍ତି ଦିଦିଙ୍କ ଦ୍ୱାରା ମନୋନୀତ ସାଂସଦ। ହାସିନାଙ୍କ ପ୍ରତିକ୍ରିୟାରେ ଦିଦି ଓଲଟି ତାତି ଉଠିଲେ। କ୍ରୋଧିତ ହୋଇ କୋଲକାତାରେ ଅବସ୍ଥାପିତ ବାଂଲାଦେଶର ହାଇକମିଶନରଙ୍କୁ ସମନ ଜାରି କଲେ। ଉଗ୍ରବାଦୀ ସଂଗଠନଗୁଡ଼ିକୁ ପ୍ରୋତ୍ସାହନ ପୂର୍ବକ ବାଂଲାଦେଶରେ ଅସ୍ଥିରତା ସୃଷ୍ଟି କରିବା ଅଭିଯୋଗ ନେଇ ବାଂଲାଦେଶର ମାନବିକ ଅଧିକାର କମିଶନ ମଧ୍ୟ ଘୋର ଆପତ୍ତି ଉଠାଇଥିଲେ। ତାଙ୍କ ବିଦେଶ ମନ୍ତ୍ରୀ ଅବଦୁଲ ହାସାନ ମହମ୍ମଦ ଅଲ୍ଲୀ ମଧ୍ୟ ଭାରତର ଅଜିତ ଡୋଭାଲଙ୍କୁ ଚିଠି ଲେଖି ପ୍ରତିବାଦ ଜଣାଇଥିଲେ। ସିବିଆଇ ଅନୁସନ୍ଧାନ ଆଧାରରେ ଏ ସବୁ ଘଟଣା ଯଦି ସର୍ବସମ୍ମୁଖକୁ ଆସେ ତେବେ ନିଜର ସର୍ବନାଶ ହେବା ଭୟରେ ଦିଦି ସିବିଆଇର ପ୍ରଚଣ୍ଡ ବିରୋଧୀ ହେବାକୁ ଲାଗିଲେ। ଆଉ ସେବେଠୁ ରକ୍ତ ଚାଉଳ ଚୋବାଉଛନ୍ତି ଅଜିତ ଡୋଭାଲ ଓ କେନ୍ଦ୍ର ସରକାରଙ୍କ ଉପରେ। ପଶ୍ଚିମବଙ୍ଗରେ ସିବିଆଇକୁ ପୂରାଇ ନ ଦେବା ଓ ଅଭିଯୁକ୍ତ ଅଫିସରଙ୍କୁ ଘଣ୍ଟ ଘୋଡ଼ାଇବା ମୂଳରେ ଅଛି ଏହି ରହସ୍ୟ। ଏହା ହେଉଛି ଆମ ନେତାମାନଙ୍କର ଖେଳ, ଯାହାକି ଦେଶ ପାଇଁ କାଳ।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର, ମୋ-୯୪୩୭୪୩୬୦୭୩, unbiswal05@gmail.com

## ଏଇ ଭାରତରେ

ରଙ୍ଗର ପର୍ବ ହୋଲି ଖେଳିବା ପାଇଁ କିଏ କେତେ ଉତ୍କଣ୍ଠାର ସହ ଚାହିଁ ବସିଥାଆନ୍ତି। କିନ୍ତୁ ଏପରି ଏକ ଗାଁ ଅଛି ଯେଉଁଠି କେବଳ ମହିଳାମାନେ ହୋଲି ଖେଳିଥାଆନ୍ତି। ଉତ୍ତରପ୍ରଦେଶର ବୁନ୍ଦେଲଖଣ୍ଡ ସ୍ଥିତ ହମିରପୁର ଅନ୍ତର୍ଗତ କୁଣ୍ଡରା ଗାଁରେ ୪୦ବର୍ଷ ଧରି ପାଳିତ ହେଉଛି ଏଭଳି ଏକ ପରମ୍ପରା। ଏଠାରେ କେବଳ ମହିଳାମାନେ ହୋଲି ଖେଳୁଥିବା ବେଳେ କୌଣସି ପୁରୁଷ କିମ୍ବା ଛୋଟପିଲାଙ୍କୁ ଏହା ଖେଳିବାକୁ ସୁଯୋଗ ଦିଆଯାଏ ନାହିଁ। ଏହା ପଛରେ ଏକ ଲୋକକଥା ରହିଛି। ଅନେକ ବର୍ଷ ତଳେ ଏଠାରେ ମେମ୍ବର ସିଂ ନାମକ ଜଣେ ଡକାୟତ ହୋଲି ଖେଳିବାକୁ ଗାଁକୁ ଆସିଥିଲେ। ଲୋକଙ୍କୁ ଧମକଚମକ ଦେଖାଇବା ସହିତ ରାମପାଳ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିଲେ। ସେହିଦିନଠାରୁ ଏହି ଗାଁରେ ଆଉ ହୋଲି ପାଳନ କରାଯାଉ ନାହିଁ। ପୁରୁଷମାନେ ଏଥିପାଇଁ ଅନିଚ୍ଛା ପ୍ରକାଶ କରିଥିଲେ ମଧ୍ୟ ମହିଳାମାନେ କିଛିବର୍ଷ ତଳେ ହୋଲି ଖେଳିବା ପୁଣି ଆରମ୍ଭ କରିଥିଲେ। ସେହିଦିନଠାରୁ ଏଭଳି ଏକ ପରମ୍ପରା ରହିଆସିଛି।

## ଚିରନ୍ତନୀ

ବିଚିତ୍ରିତ ଏ ଭୁବନ, ଲୁପ୍ତ ଝରଣାର ବ୍ୟଥା ବହି
ଝରିପଡ଼େ ଯେ କୋରକ କୋଟି ବିୟୋଗର ପ୍ରାସ ସହି
ସୃଜନର ଅଶ୍ରୁ ରାଶି ଝରି ପଡ଼େ ସଦା,
ଏ ଧରଣୀ ହୁଏ ତହିଁ ଓଦା।
ଆଶ୍ୱିନର ଉଷା ଘାସେ ମୁକୁତା ତୁଷାର ପଡ଼େ ଝରି
ସବୁଜ ବେଦନା ପରେ ଲୋତକ ଉଠଇ କିବା ଭରି।
ଆଷାଢ଼ ମାଟିର ବ୍ୟଥା ହୁଅଇ ପ୍ରକାଶ
କମ୍ପନରେ ଜାଗଇ ଆକାଶ।
ରୁଦ୍ଧ ହୃଦୟ ଆବେଗ ନୟନ ଜଳରେ ଦିଏ ଢାଳି,
ପରାହତ କବି ଯଥା ଲୋତକରେ ଦିଅଇ ପଖାଳି
ଅପ୍ରକାଶ ଅନାଗତ ବେଦନାର ଛନ୍ଦ,
ଫାଟି ପଡ଼େ ହୃଦୟର ବନ୍ଧ।

(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବାରଘଣ୍ଟିଆ ଡ୍ୟୁଟି

ମହାଶୟ,

ବାରଘଣ୍ଟିଆ ଡ୍ୟୁଟି ମାନେ ଗୋଟିଏ ଦିନର ଅଧାରୁ ଅଧିକ ସମୟ କର୍ମସଂସ୍ଥାରେ ବିତେଇବାକୁ ପଡ଼ିବ। ଏଥିରୁ ଜଣାପଡିଯାଉଛି ଯେ, ଏହି ବ୍ୟକ୍ତିମାନେ ନିଜ ତଥା ପରିବାର ପାଇଁ କେତେ ସମୟ ବାହାର କରିପାରୁଥିବେ। ଏହା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ନିୟମାନୁଯାୟୀ, ଜଣେ ବ୍ୟକ୍ତି ସପ୍ତାହକୁ ୪୮ ଘଣ୍ଟାରୁ ଅଧିକ ଅର୍ଥାତ୍ ଦିନକୁ ୮ ଘଣ୍ଟାରୁ ଅଧିକ କାମ କରିବା ଅନୁଚିତ। କିନ୍ତୁ ବର୍ତ୍ତମାନ ଦେଖିବାକୁ ଗଲେ ଆମ ରାଜ୍ୟର କିଛି ଛୋଟବଡ଼ ଶିଳ୍ପସଂସ୍ଥାରେ ବାରଘଣ୍ଟିଆ ଡ୍ୟୁଟି ଚାଲୁଛି। କେବଳ ଆମ ରାଜ୍ୟ ନୁହେଁ, ସାରା ଭାରତର ଅନେକ କମ୍ପାନୀରେ ଏହା ଚାଲୁଛି। ଏହା ଏକ ପ୍ରକାର ଶୋଷଣବାଦକୁ ପ୍ରୋତ୍ସାହିତ କରୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ।

ସନ୍ନ୍ୟାସୀ ମହାରଣା, ଆଦିମାତା କଲୋନୀ, ଭୁବନେଶ୍ୱର

### ଅଭାବେ ସ୍ୱଭାବ ନଷ୍ଟ

ରାଷ୍ଟ୍ରୀୟ ଅପରାଧ ଗବେଷଣା ବ୍ୟୁରୋର ରିପୋର୍ଟ ଅନୁସାରେ, ମୁଣ୍ଡପିଛା ଆୟ କମ୍ ଥିବା ରାଜ୍ୟରେ ଅପରାଧ ମାତ୍ରା ଅଧିକ। ସ୍ୱଳ୍ପ ରୋଜଗାର ଓ ବେରୋଜଗାର ଯୋଗୁ ଦେଶରେ ଆର୍ଥିକ ଅପରାଧ ବଢ଼ି ବଢ଼ି ଚାଲିଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗରେ ଲୋକଙ୍କ ମୁଣ୍ଡ ପିଛା ଆୟ ଯଥେଷ୍ଟ କମ୍। ଦେଶରେ ହେଉଥିବା ମୋଟ ଅର୍ଥନୈତିକ ଅପରାଧର ୪୦ ପ୍ରତିଶତ ଏହି ୪ଟି ରାଜ୍ୟରେ ହୋଇଥାଏ। ଭାରତରେ ପ୍ରତି ଲକ୍ଷେ ଲୋକରେ ଆର୍ଥିକ ଅପରାଧ ହାର ୧୧.୩ ପ୍ରତିଶତ ଥିବା ବେଳେ ରାଜସ୍ଥାନରେ ଏହି ହାର ୧୬ ପ୍ରତିଶତ। କଥାରେ ଅଛି- ବୁଭୁକ୍ଷିତଃ କିଂ ନ କରୋତି ପାପମ୍? ଦାରିଦ୍ର୍ୟ ଓ କ୍ଷୁଧା ପ୍ରପୀଡ଼ିତ ବ୍ୟକ୍ତି ଯେକୌଣସି ଅପରାଧ କରିପାରେ। ଏଣୁ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ଜିଡିପି ଅଭିବୃଦ୍ଧି ଉପରେ ଗୁରୁତ୍ୱ ନ ଦେଇ ଲୋକଙ୍କ ମୁଣ୍ଡପିଛା ଆୟ ବୃଦ୍ଧି ଉପରେ ପ୍ରାଥମିକତା ଦେବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ବୁଧବାର, ୬ ମାର୍ଚ୍ଚ, ୨୦୧୯



# ଏ ମାସର କୃଷି ସୂଚନା

**ଡାଲୁଆ ଧାନ :** ଧାନଜମିରେ କାଣ୍ଡବିନ୍ଧାପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ କି ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ ଟି ପୋକ ଲାଗିଲେ ୧ ଲିଟର ପାଣିରେ ଫେନୋବୁକାର୍ବ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ମି.ଲି. ହିସାବରେ ୧ ଲିଟର ପାଣିରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ଲାଗି ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଗହମ :** ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳ କରି ୩/୪ ଦିନ ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ :** ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ। ଜଳସେଚନ ପୂର୍ବରୁ ଟାରଗା ସୁପର ୨ ମି.ଲି.କୁ ଏକ ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସଂପୂର୍ଣ୍ଣ ରକ୍ଷା ମିଳିଥାଏ।

**ତୈଳବୀଜ ଜାତୀୟ ଫସଲ**

**ଚିନାବାଦାମ –** ଚିନାବାଦାମ ଅମଳ ଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ, ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପି ପଡ଼ିଆସିଲେ ଚିନାବାଦାମ ଅମଳ କରନ୍ତୁ। ଅମଳ ଚିନାବାଦାମକୁ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ରାଶି –** ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନ କରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛି ଦିଅନ୍ତୁ।

**ସୂର୍ଯ୍ୟମୁଖୀ –** ଏହି ଫସଲରେ ଧଳାମାଛି ବା ପତ୍ର ଉକୁଣୀ ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍‌ଜାମ୍ ଔଷଧକୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**ଆଖୁ :** ଆଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ। ପୂର୍ବରୁ ଲଗାଯାଇଥିବା ଆଖୁ ଫସଲର ସଅଳ କିସମରେ ୩୦ ଓ ୬୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୩୦, ୬୦ ଓ ୯୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ି ଦିଅନ୍ତୁ। ଆକ୍ରାନ୍ତ କିଆରିରେ ପ୍ରୋପିକୋନାଜୋଲ୍ ୧.୫ ମି.ଲି., ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆଳୁ :** ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନବାନ୍ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକିବାରେ ସକ୍ଷମ ହୋଇପାରିବେ।

ଆଳୁ ଅମଳ କରିବାର ୮-୧୦ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ।

-ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରି କି ଆଳୁ କଟି ନ ଯାଏ। ଯଦି କାଁ ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବାରେ ବ୍ୟବହାର କରି ଦିଅନ୍ତୁ।

-ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ।

**ଫଳଚାଷ :** ଅଧିକ ଅମଳ ପାଇବା ଲାଗି ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ। ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୨ ମି.ଲି. ରୋଗରକୁ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ନିମନ୍ତେ ବଉଳ ହେବାର ୧୫ ଦିନପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୫% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ଲାଗି ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ।

**ଫୁଲଚାଷ :** ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚାର ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଇପାରିବେ। ଏଥିସହିତ ବିହନ ମଞ୍ଜି, କୋଳା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇ ପାରିବ।

**ପ୍ରାଣୀପାଳନ :** ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ଶକ୍ତି ବୃଦ୍ଧିପାଇଁ ପ୍ରତ୍ୟେକ ଦିନ ୫ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ ।

– ଗାଈଙ୍କୁ ଚରିବାକୁ ଛାଡ଼ୁଥିଲେ, ସକାଳୁ ଓ ଉପରଓଳି ଚରାନ୍ତୁ। ଜର୍ସୀ, ହୋଲଷ୍ଟିନ୍ ବା ଶଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ।

**ଛେଳି ଓ ମେଣ୍ଢା ପାଳନ :** ଏହି ମାସ ଶେଷ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ। ତେଣୁ ଛେଳି ଓ ମେଣ୍ଢାଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ। ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି। କୌଣସି ସମସ୍ୟା ଦେଖାଦେଲେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ।

**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ପୋଖରୀ ଲାଗି ଦୈନିକ ୭.୫ କି.ଗ୍ରା. କାଣ୍ଡିଆ କୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତ କରି ମାଛଙ୍କୁ ଖାଇବାକୁ ଦିଅନ୍ତୁ।

**ଛତୁଚାଷ :** ଛତୁଚାଷ କରୁଥିଲେ ଛତୁଘର ବିଶୋଧନ କରି ପାଳଛତୁ ଚାଷ ଆରମ୍ଭ କରିଦିଅନ୍ତୁ।

*–କୃଷି ଓ ବୈଷୟିକ ସୂଚନା କେନ୍ଦ୍ର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଓୟୁଏଟି, ଭୁବନେଶ୍ୱର – ୩*



## ଖରାଦିନିଆ ପନିପରିବା

**ଖ**ରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କଲରା, କାକୁଡ଼ି, ବାଇଗଣ ଲଗାନ୍ତୁ। ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ। ଅଦିନିଆ ପନିପରିବା ଯଥା- କୋବି, ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ (ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ) ଚାଷ କରନ୍ତୁ। ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୭୫୦ ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚଗୁଣ୍ଡ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ।





## ନଳିତା ଚାଷ

**ଯେ**ଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି ସେଠାରେ ଚଳିତ ମାସ ୧୫ରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇ ପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୪୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ। ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୁସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ଲାଗି ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ଏକ କି.ଗ୍ରା. ବିହନ ବିଶୋଧନ ଲାଗି ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳି।



## ଚାଷ ଦେଇଛି ପରିଚୟ




**ସ୍ନା**ତକ ଡିଗ୍ରୀ ହାସଲ ପରେ ତାଙ୍କର ଚାକିରି ପ୍ରତି ମନ ବଳିଲାନି। ସ୍ୱାବଲମ୍ବୀ ହେବାକୁ ଆଗ୍ରହ ବଢ଼ିଲା। ତେବେ ଚାଷ କାର୍ଯ୍ୟ ମାଧ୍ୟମରେ ସ୍ୱରୋଜଗାରକ୍ଷମ ହେବାକୁ ସେ ନେଲେ ନିଷ୍ପତ୍ତି। ଆରମ୍ଭ ହେଲା ଉଦ୍ୟମ। ଲକ୍ଷ୍ୟ ହାସଲ ଦିଗରେ ନିଜକୁ ଏକାକାର କରିଦେଲେ। ମାତ୍ର ବର୍ଷ କେଇଟାରେ ସେ ସ୍ଥାନୀୟ ଅଞ୍ଚଳରେ ଜଣେ ସଫଳ ଯୁବଚାଷୀ ଭାବେ ନିଜକୁ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇଛନ୍ତି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ସାଉଡୁ ପଞ୍ଚାୟତ ବାଜଣା ଗ୍ରାମର ଇନ୍ଦ୍ରମଣି ବିଶ୍ୱାଳଙ୍କ ପୁତ୍ର ପ୍ରଶାନ୍ତ।

୨୦୦୫ ମସିହାରେ ବିଏ ପାଶ କରିବା ପରେ ଚାକିରି ନ କରି ଚାଷ ପ୍ରତି ମନ ବଳାଇଥିଲେ। ପ୍ରଥମେ ବାଡ଼ିରେ ଗଛ ଲଗେଇ ପାଣିଦେବା କାର୍ଯ୍ୟକଲେ। ତା'ପରେ ଧାନଚାଷ କଲେ। ପ୍ରାଥମିକ ସଫଳତା ତାଙ୍କ ମନୋବଳକୁ ବଢ଼ାଇଦେଲା। ନିଜ ଉଦ୍ୟମରେ ପ୍ରାରମ୍ଭିକ ସ୍ତରରେ ୧୫ଏକର ଜମିରେ ଚାଷ କରିଥିଲେ। ପରେ ଅନ୍ୟମାନଙ୍କଠାରୁ ଭାଗକୁ ଜମି ଆଣି ୩୦ଏକର ଚାଷ କଲେ। ଉଭୟ ଖରିଫ୍ ଓ ରବି ଚାଷରେ ମନଦେଲେ। ଧାନ ସହିତ ସୋରିଷ, ବାଇଗଣ, ପିଆଜ, ବିଲାତି ଚାଷ କରିଆସୁଛନ୍ତି। ପୁଣି ଜୈବିକ ସାର ପ୍ରଣାଳୀରେ ଚାଷ କରୁଛନ୍ତି ପ୍ରଶାନ୍ତ। ଚାଷକାର୍ଯ୍ୟରେ ନିଜେ ପରିଶ୍ରମ କରିବା ସହିତ ଦଶଜଣଙ୍କୁ ଏଥିରେ ନିୟୋଜିତ କରିପାରିଛନ୍ତି। ଦୁଇଟି ରୁଆ ମେଶିନ୍, ଗୋଟିଏ ବୁଣା ମେଶିନ୍, ତିନୋଟି ପାୱାର ସ୍ପ୍ରେ, ଦୁଇଟି ଟ୍ରାକ୍ଟର, ଧାନ କଟା ଆଦି ମେଶିନ୍ ସାହାଯ୍ୟରେ ଚାଷ କାର୍ଯ୍ୟ କରୁଥିବା ସେ କୁହନ୍ତି। ସେ ମେଶିନ୍ ସାହାଯ୍ୟରେ ଅରୁଆ ଚାଉଳ ପ୍ରସ୍ତୁତ କରିଥାନ୍ତି। ସେ କୌଣସି ସରକାରୀ ପ୍ରୋତ୍ସାହନ ନ ପାଇ ନିଜେ ସ୍ୱାବଲମ୍ବୀ ହେବା ସହ ଆଉ କେତେ ଜଣଙ୍କୁ ରୋଜଗାର ଯୋଗାଇ ପାରିଥିବା ତାଙ୍କୁ ଆନନ୍ଦ ଦିଏ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରନ୍ତି ପ୍ରଶାନ୍ତ।

– ଜନ୍ମେଜୟ ମିଶ୍ର



## କୁକୁଡ଼ା ପାଳନ

**ରା**ଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ ଦିନରୁ ୭ ଦିନର କୁକୁଡ଼ା ଛିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ।

- ୩୦ ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ।
- ୫୬ ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ଟିକା ଦିଅନ୍ତୁ ।
- ୧୧୨ଦିନର କୁକୁଡ଼ାଙ୍କୁ ଆର୍.ଟୁ.ବି. ବୁଷ୍ଟର ଟିକା ଦିଅନ୍ତୁ।
- ବର୍ତ୍ତମାନ କୁକୁଡ଼ା ଗୃହର ଭିତର ଉତ୍ତାପ ଦିନରେ ପାଖାପାଖି ୩୫୦ ରୁ ୪୦୦ ସେଲ୍‌ସିୟସ୍ ରହୁଥିଲେ କୁକୁଡ଼ା ଛିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ, ଏଥିସହ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ। ଟିଣ, ଆଜବେଷ୍ଟସ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ।
- ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍.ଟୁ.ବି. ଟିକା ଦିଅନ୍ତୁ ଯାହା ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ।


**ODISHA JOINT ENTRANCE EXAMINATION-2019 (OJEE - 2019)**

No: OJEE-19/082 Date: 06.03.2019

**ATTENTION**

CANDIDATES WHO WISH TO TAKE ADMISSION TO B.PHARM/ M.Tech/ M.Tech(Part Time)/ M.Arch/ M.Pharm/M Plan/ MCA/ MBA /Int. MBA and LATERAL ENTRY TO B.Tech/ B.Pharm/ MCA COURSES IN UNIVERSITIES, GOVERNMENT AND PRIVATE COLLEGES OF ODISHA HAVE TO APPEAR

**OJEE - 2019**

FOR WHICH ONLINE APPLICATION FILLING IS GOING ON AS PER SCHEDULE GIVEN BELOW

Entrance Examination for B.PHARM, INT. MBA, LATEL ENTRY TO B.TECH/ B.PHARM Courses will be pen-and-paper mode as per previous practice. However there will be Computer Based Test (CBT) for all PG courses such as MBA, MCA, LATERAL ENTRY TO MCA, M.PHARM, M.ARCH, M.PLAN AND All M.TECH courses.

| | |
|---|---|
| Date of Examination for Pen-and-paper mode | : 12th May, 2019 (Sunday) |
| Tentative Dates for CBT | : 12th to 20th May, 2019 |
| Fill-up of Online Application through OJEE website Started since | : 30th January, 2019 |
| Last date to fill-up Online Application form | : 20th March, 2019 |
| Last date of online application fee payment | : 25th March, 2019 |
| Downloading of admit card onwards | : 20th April,2019 |

For other details, please visit our website: www.ojee.nic.in/www.odishajee.com.

Sd/-
CHAIRMAN, OJEE



**ଗୁରୁତ୍ୱପୂର୍ଣ୍ଣ ସୂଚନା**

**ନିମ୍ନ ଅନୁଯାୟୀ ଛଅ ମାସର ଅବଧି ନିମନ୍ତେ ପରୀକ୍ଷାମୂଳକ ଭାବରେ ନିମ୍ନ ଟ୍ରେନ୍‌ଗୁଡ଼ିକୁ ବିଭିନ୍ନ ଷ୍ଟେସନ୍ ଠାରେ ରହଣି ପ୍ରଦାନ କରାଯିବ ।**

| ଟ୍ରେନ୍ ନଂ. | ଟ୍ରେନ୍ ନାମ | ରହଣି | ଆଗମନ | ପ୍ରସ୍ଥାନ | ତାରିଖ ଠାରୁ |
|---|---|---|---|---|---|
| 20817 | ଭୁବନେଶ୍ୱର - ନୂଆ ଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଭାୟା ଅନୁଗୋଳ ଏବଂ ସମ୍ବଲପୁର ସିଟି | ଢେଙ୍କାନାଳ | 0835 | 0837 | ତା.09.03.2019ରିଖ ଭୁବନେଶ୍ୱର ଠାରୁ |
| 20818 | ନୂଆ ଦିଲ୍ଲୀ - ଭୁବନେଶ୍ୱର ରାଜଧାନୀ ଏକ୍ସପ୍ରେସ୍ ଭାୟା ଅନୁଗୋଳ ଏବଂ ସମ୍ବଲପୁର ସିଟି | ଢେଙ୍କାନାଳ | 1812 | 1814 | ତା.10.03.2019ରିଖ ନୂଆ ଦିଲ୍ଲୀ ଠାରୁ |
| 12875 | ପୁରୀ - ଆନନ୍ଦ ବିହାର ନୀଳାଚଳ ଏକ୍ସପ୍ରେସ୍ | ଧାନମଣ୍ଡଳ | 1325 | 1326 | ତା.05.03.2019ରିଖ ପୁରୀ ଠାରୁ |
| 12876 | ଆନନ୍ଦ ବିହାର - ପୁରୀ ନୀଳାଚଳ ଏକ୍ସପ୍ରେସ୍ | ଧାନମଣ୍ଡଳ | 1359 | 1400 | ତା.05.03.2019ରିଖ ଆନନ୍ଦ ବିହାର ଠାରୁ |
| 58425 | କେନ୍ଦୁଝରଗଡ଼ - ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ୍ | ଧାନମଣ୍ଡଳ | 0946 | 0947 | ତା.05.03.2019ରିଖ କେନ୍ଦୁଝରଗଡ଼ ଠାରୁ |
| 58426 | ଭୁବନେଶ୍ୱର - କେନ୍ଦୁଝରଗଡ଼ ସୁପରଫାଷ୍ଟ ଏକ୍ସପ୍ରେସ୍ | ଧାନମଣ୍ଡଳ | 1733 | 1734 | ତା.05.03.2019ରିଖ ଭୁବନେଶ୍ୱର ଠାରୁ |
| 18416 | ପୁରୀ - ବଡ଼ବିଲ ଏକ୍ସପ୍ରେସ୍ | କଣାସ ରୋଡ଼ | 0638 | 0639 | ତା.05.03.2019ରିଖ ପୁରୀ ଠାରୁ |
| 18415 | ବଡ଼ବିଲ - ପୁରୀ ଏକ୍ସପ୍ରେସ୍ | କଣାସ ରୋଡ଼ | 1933 | 1934 | ତା.05.03.2019ରିଖ ବଡ଼ବିଲ ଠାରୁ |
| 18414 | ପୁରୀ - ପାରାଦୀପ ଏକ୍ସପ୍ରେସ୍ | କଣାସ ରୋଡ଼ | 0638 | 0639 | ତା.05.03.2019ରିଖ ପୁରୀ ଠାରୁ |
| 18413 | ପାରାଦୀପ - ପୁରୀ ଏକ୍ସପ୍ରେସ୍ | କଣାସ ରୋଡ଼ | 2135 | 2136 | ତା.05.03.2019ରିଖ ପାରାଦୀପ ଠାରୁ |
| 12822 | ପୁରୀ - ହାଓଡ଼ା ଧଉଳି ଏକ୍ସପ୍ରେସ୍ | ମାର୍କୋଣା | 1544 | 1545 | ତା.06.03.2019ରିଖ ପୁରୀ ଠାରୁ |
| 12821 | ହାଓଡ଼ା - ପୁରୀ ଧଉଳି ଏକ୍ସପ୍ରେସ୍ | ମାର୍କୋଣା | 1015 | 1016 | ତା.06.03.2019ରିଖ ହାଓଡ଼ା ଠାରୁ |
| 12665 | ହାଓଡ଼ା - କନ୍ୟାକୁମାରୀ ଏକ୍ସପ୍ରେସ୍ | ଭଦ୍ରକ | 2023 | 2025 | ତା.11.03.2019ରିଖ ହାଓଡ଼ା ଠାରୁ |
| 12666 | କନ୍ୟାକୁମାରୀ - ହାଓଡ଼ା ଏକ୍ସପ୍ରେସ୍ | ଭଦ୍ରକ | 2200 | 2202 | ତା.09.03.2019ରିଖ କନ୍ୟାକୁମାରୀ ଠାରୁ |
| 22831 | ହାଓଡ଼ା - ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ ଏକ୍ସପ୍ରେସ୍ | ବାଲେଶ୍ୱର | 1848 | 1850 | ତା.06.03.2019ରିଖ ହାଓଡ଼ା ଠାରୁ |
| 22832 | ଶ୍ରୀ ସତ୍ୟ ସାଇ ପ୍ରଶାନ୍ତି ନିଲୟମ୍ - ହାଓଡ଼ା ଏକ୍ସପ୍ରେସ୍ | ବାଲେଶ୍ୱର | 1048 | 1050 | ତା.08.03.2019ରିଖ ଏସଏସପିଏନ ଠାରୁ |
| 22614 | ହଳଦିଆ - ଚେନ୍ନାଇ ସେଣ୍ଟ୍ରାଲ ଏକ୍ସପ୍ରେସ୍ | ବାଲେଶ୍ୱର | 1538 | 1540 | ତା.09.03.2019ରିଖ ହଳଦିଆ ଠାରୁ |
| 22613 | ଚେନ୍ନାଇ ସେଣ୍ଟ୍ରାଲ - ହଳଦିଆ ଏକ୍ସପ୍ରେସ୍ | ବାଲେଶ୍ୱର | 1430 | 1432 | ତା.07.03.2019ରିଖ ଚେନ୍ନାଇ ଠାରୁ |
| 22605 | ପୁରୁଲିଆ - ଭିଲ୍ଲୁପୁରମ୍ ଏକ୍ସପ୍ରେସ୍ | ଜଳେଶ୍ୱର | 1500 | 1502 | ତା.11.03.2019ରିଖ ପୁରୁଲିଆ ଠାରୁ |
| 22606 | ଭିଲ୍ଲୁପୁରମ୍ - ପୁରୁଲିଆ ଏକ୍ସପ୍ରେସ୍ | ଜଳେଶ୍ୱର | 1805 | 1807 | ତା.09.03.2019ରିଖ ଭିଲ୍ଲୁପୁରମ୍ ଠାରୁ |



**ପୂର୍ବ ତଟ ରେଳପଥ**

PR-513/J/18-19

Follow us on : www.facebook/@EASTCOASTRailway1 | www.twitter/@eastcoastrail


ଭୀମଭୋଇଙ୍କ ଶ୍ରାଦ୍ଧୋତ୍ସବରେ ଅତିଥିଙ୍କ ମତ

# ସତ୍ ସାହିତ୍ୟର ସ୍ରଷ୍ଟା ଥିଲେ ସନ୍ଥକବି

ସୋନପୁର,୫।୩(ନି.ପ୍ର.)

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ମଗ୍ରହଣ କରିଥିବା ଆଦିବାସୀ ପ୍ରତିଭା ସନ୍ଥକବି ଭୀମ ଭୋଇ ଥିଲେ ସାରା ବିଶ୍ୱରେ ବିସ୍ମୟ। ତାଙ୍କ କବିତାକୁ ସେ ଶବ୍ଦର ବିଳାସରେ ପରିପୂର୍ଣ୍ଣ କରି ନ ଥିଲେ, ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଭାରତୀୟ ସାହିତ୍ୟରେ ଓଡିଆ କବି ସନ୍ଥକବି ଭୀମ ଭୋଇ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ। ପ୍ରଚଣ୍ଡ ମାନବବାଦୀ ଏହି ଅନ୍ଧ କବି ଥିଲେ ସତ୍ ସାହିତ୍ୟର ସ୍ରଷ୍ଟା। ଜଗତର ଉଦ୍ଧାର ପାଇଁ ନିଜକୁ ନର୍କରେ ନିକ୍ଷେପ କରିବାକୁ ପ୍ରସ୍ତୁତ ଥିଲେ। ତାଙ୍କ ଅମୂଲ୍ୟ ରଚନାରେ ଓଡିଆ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ମଙ୍ଗଳବାର ସୋନପୁରଠାରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ସମାରୋହ ଅବସରରେ ଅନୁଷ୍ଠିତ ସରସ୍ୱତ ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ସାଧାରଣ ପରିଷଦ ସଦସ୍ୟ ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ସ୍ଥାନୀୟ ଡିଆରଡିଏ ସଭାଗୃହରେ ଅନୁଷ୍ଠିତ ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଭୀମଭୋଇ ଏକାଧାରରେ କବି, ଯୋଗୀ, ଧର୍ମପ୍ରଚାରକ ଓ ସମାଜ-ସଂସ୍କାରକ ଥିଲେ ବୋଲି କହିଥିଲେ। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ। ତାଙ୍କ କୃତୀ ସମ୍ପର୍କରେ ଜିଜ୍ଞାସୁ ଓ ଗବେଷକ ଠିକ୍‌ଭାବେ ଆକଳନ କରିପାରିବେ ବୋଲି ଜିଲାପାଳ କହିଥିଲେ। ମୁଖ୍ୟବକ୍ତା ଭାବେ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ରାୟଗଡାର ସହକାରୀ ପ୍ରଫେସର ତଥା ସୁସାହିତ୍ୟିକ ଡ. ଶ୍ୟାମ ଭୋଇ ଯୋଗଦାନ କରି ସନ୍ଥକବିଙ୍କର ଦଳିତ, ନିଷ୍ପେଷିତଙ୍କ ପ୍ରତି ଗଭୀର ବେଦନାବୋଧ ଓ ସମ୍ବେଦନଶୀଳତା ଓଡିଆ ସାହିତ୍ୟରେ ବିରଳ ବୋଲି ମତପ୍ରକାଶ କରିଥିଲେ । କବିଙ୍କ ଅନନ୍ୟ କାବ୍ୟ ସୃଷ୍ଟି ସମ୍ପର୍କରେ ମତ ରଖିବା ସହିତ ଭୀମଭୋଇ ମହନୀୟ ବ୍ୟକ୍ତିତ୍ୱର ଅଧିକାରୀ, ସେ ସନ୍ଥତ୍ୱ ଓ କବିତ୍ୱର ଯୋଗସୂତ୍ର ଥିଲେ ବୋଲି କହିଥିଲେ। ମହାନଦୀ ସାହିତ୍ୟ ସଂସଦର ସମ୍ପାଦକ ଅଧ୍ୟାପକ ସଞ୍ଜିବ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀର ସହକାରୀ ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ଛୁଆଳ ସିଂ ଧନ୍ୟବାଦ ପ୍ରଦାନ କରିଥିଲେ। ଓଡିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦ ସୁବର୍ଣ୍ଣପୁରର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ହରପ୍ରସାଦ ରଥ, ଡ. ଜ୍ୟୋତିରଞ୍ଜନ ବହିଦାର, ଶ୍ୟାମା ଓଁ ପ୍ରସାଦ ମିଶ୍ର, ଗତିକୃଷ୍ଣ ମିଶ୍ର, ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ପ୍ରଭୁଦତ୍ତ ରଥ ଓ ଅମ୍ବୁଜ ବିହାରୀ ଶତପଥୀଙ୍କ ସମେତ କବି, ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ ।




ସାରସ୍ୱତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ

## ସଂକ୍ଷେପରେ

### ରେଳ ଧାରଣାରୁ ଉଦ୍ଧାର ମୃତଦେହ ଚିହ୍ନଟ ହେଲା

ବାମରା, ୫।୩ (ସ୍ୱ.ପ୍ର.) ସମ୍ବଲପୁର ଜିଲା ବାମରାସ୍ଥିତ ହରିପଡା ରେଳ ଫାଟକରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଥିବା ଏକ ମୃତଦେହକୁ ଚିହ୍ନଟ କରାଯାଇଛି। ଏହା ସୁନ୍ଦରଗଡ ଜିଲା ବଡଗାଁ ଥାନା କୁସ୍ତନା ବାଗବୁଡ ଗ୍ରାମର କାର୍ତ୍ତିକ ସାଙ୍କ ଝିଅ ଅଞ୍ଜନା ସା (୧୭)ଙ୍କ ମୃତଦେହ ବୋଲି ଜଣାପଡିଛି । ଅଞ୍ଜନା ଘରୁ ଶିବରାତ୍ରି ଦେଖିବା ପାଇଁ ଏକୁଟିଆ ବାହାରି ଥିଲେ। ମାତ୍ର କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ଘଟିଛି ସେ ନେଇ ପୋଲିସ ତଦନ୍ତ କରୁଛି । ସେ ବଡଗାଁ କଜେରେ ପ୍ରଥମ ବର୍ଷ କଳାର ଛାତ୍ରୀ ଥିଲେ। ମୁଣ୍ଡାଡିପା ପାଖରୁ ତାଙ୍କ ଚପଲ ଓ ହ୍ୟାଣ୍ଡ ବ୍ୟାଗ ପୋଲିସ ଜବତ କରିଥିବା ବେଳେ ପ୍ରାୟ ୧କି.ମି. ଦୂର ହରିପଡା ଫାଟକ ପାଖରୁ ମୃତଦେହ ଜବତ କରିଥିଲା। ଝାରସୁଗୁଡା ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ବାମରା ରେଳବାଇ ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର ସୂଚନା ଦେଇଛନ୍ତି।

### ମହିଳାଙ୍କୁ ହତ୍ୟା ଧମକ, ଦୁର୍ବ୍ୟବହାର ଅଭିଯୋଗ

ସମ୍ବଲପୁର,୫।୩ (ବ୍ୟୁରୋ) ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଗୋପାଳପାଲି ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗ କ୍ରମେ ସେହି ଗ୍ରାମର ଏକ ପରିବାରର ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟମାନେ ସମ୍ପୃକ୍ତ ମହିଳାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ । ଯୁବକ ଜଣକ ଭୁଜାଲି ଧରି ମହିଳା ଜଣଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। । ପୂର୍ବରୁ ମଧ ଅନେକ ଥର ସେହି ପରିବାରର ଲୋକେ ମହିଳାଙ୍କୁ ଧମକ ଦେଇଛନ୍ତି। ପୋଲିସ ମହିଳାଙ୍କ ଅଭିଯୋଗ ପରେ ଗ୍ରାମରେ ପହଞ୍ଚି ପଚରା ଉଚୁରା କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ଉପରେ ତଦନ୍ତ କରାଯାଉଛି ବୋଲି କହିଥିଲେ।

### କୁଚିଣ୍ଡାରେ ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

କୁଚିଣ୍ଡା, ୫।୩ (ଡି.ଏନ.ଏ) କୁଚିଣ୍ଡାରେ ଦୁଇଟି ସ୍ଥାନରେ ବିଜେଡିର କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । କୁଚିଣ୍ଡା ଜିଲା ପରିଷଦ ଜୋନ-୨ର ୮ଟି ଗ୍ରାମ ପଞ୍ଚାୟତକୁ ନେଇ କୁନ୍ତରା ଆଠଗାଁ ଛକଠାରେ ଏବଂ ଜିଲା ପରିଷଦ-୧ର ୯ଟି ଗ୍ରାମ ପଞ୍ଚାୟତକୁ ନେଇ କୁଚିଣ୍ଡା ନ୍ୟୁ କଲ୍ୟାଣ ମଣ୍ଡପଠାରେ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଉଭୟ ସ୍ଥାନରେ ଅତିଥି ରୂପ ଝାରସୁଗୁଡାର ପୂର୍ବତନ ବିଧାୟକ ନବ ଦାସ, ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ରବି ପାଣି, ବରିଷ୍ଠ ନେତା ତଥା ଏସଡିଏ ଅଧକ୍ଷ ବିଜୟ ମହାନ୍ତି, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ଉପସ୍ଥିତ ଥିଲେ।

# ଦ୍ୱିତୀୟ ପର୍ଯ୍ୟାୟରେ ହେବ ସଚେତନ କାର୍ଯ୍ୟକ୍ରମ

ସମ୍ବଲପୁର, ୫।୩ (ବ୍ୟୁରୋ)



ସମ୍ବଲପୁର ଜିଲାପାଳ ପ୍ରକୋଷ୍ଠରେ ଜିଲାପାଳ ଶୁଭମ୍ ସକ୍‌ସେନାଙ୍କ ଅଧକ୍ଷତାରେ ବୈଠକ ଚାଲିଛି ।

ସମ୍ବଲପୁର ଜିଲାପାଳଙ୍କ ପ୍ରକୋଷ୍ଠରେ ଜିଲାପାଳ ଶୁଭମ ସକସେନାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ବିଭିନ୍ନ ବ୍ଲକ ଗୁଡିକରେ ଦ୍ୱିତୀୟ ପର୍ଯ୍ୟାୟରେ ଇଭିଏମ ଓ ଭିଭିପାଟ ମେଶିନ ବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଥିଲା । ଆସନ୍ତା ୬ ତାରିଖରୁ ଏହା ଆରମ୍ଭ କରାଯିବ । ଏଥିପାଇଁ ୨୪ଟି ଟିମ୍ ଗଠନ କରାଯାଇଛି । ପ୍ରତ୍ୟେକ ସେଣ୍ଟରକୁ ଯାଇ ଟିମ୍ ସଦସ୍ୟମାନେ ଭୋଟରମାନଙ୍କୁ ସଚେତନ କରାଇବେ । ଆଗାମୀ ନିର୍ବାଚନରେ ଭିଭିପାଟ ପ୍ରଥମ କରି ବ୍ୟବହାର ହେଉଥିବାରୁ ଭୋଟରଙ୍କୁ ସମସ୍ୟା ହୋଇପାରେ। ତେଣୁ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ସଚେତନ କରାଇବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ଜିଲାରେ ୨୫୨୩ ଭିଭିପାଟ ନିର୍ବାଚନରେ ବ୍ୟବହାର କରାଯିବ ବୋଲି ସୂଚନା ଦିଆଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଡିଏମ ଅଜୟ କୁମାର ଜେନା, ଉପଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଉପସ୍ଥିତ ଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକିଲେ ଦୂବ କରେ ଦାରୁ**
**ଟାଣପଣକୁ ଭାଙ୍ଗେ ମେରୁ ।**

ଈଶ୍ୱର ସର୍ବଶକ୍ତିମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟଚନ୍ଦ୍ର ଆତଯାତ। ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ ଦାରୁବୃକ୍ଷରେ ପରିଣତ ହୋଇଯାଏ। ଈଶ୍ୱର ସବୁ ସହିଯାନ୍ତି କିନ୍ତୁ କାହାରି ଗର୍ବ ଅହଂକାରକୁ ସହ୍ୟକରି ପାରି ନ ଥାନ୍ତି। ମଣିଷର ଦୃଢ଼ପଣ ଆଗରେ ସେ ମେରୁ ଭଳି ପ୍ରତୀୟମାନ ହୋଇଥାନ୍ତି। ମଣିଷର ସବୁ ଟାଣପଣ ତାଙ୍କ ଆଗେ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟାଣ କରିଥାଏ ମାଇପ ଆଗେ**
**ଗୋଡ଼ ନ ପଡ଼ଇ ପାଇକ ଆଗେ**
**ଲାଲ ପାଗ ଦେଖି ଘରକୁ ଭାଗେ ।**

କିଛି ବ୍ୟକ୍ତି ନିଜ ପତ୍ନୀ ଉପରେ ଅଯଥା ଟାଣପଣ ଦେଖେଇ ହୁଅନ୍ତି, ବାହାଦୁରୀ ଦେଖାଇ ବଡ଼ ବଡ଼ କଥା କହନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଏମ୍‌ଏମ୍‌ସିସି ସମ୍ବଲପୁର ଚାମ୍ପିୟନ

ଦେବଗଡ,୫।୩(ସ୍ୱ.ପ୍ର)

ଜିଲାର ବାରକୋଟ ବ୍ଲକ ଅଧୀନ କାଳିଆପାଳ ସ୍କୁଲ ଖେଳପଡିଆ ଠାରେ ମୋଟ ୧୬ଟି ଦଳକୁ ନେଇ ୬ ଦିନଧରି ଚାଲିଥିବା ରାଜ୍ୟସ୍ତରୀୟ ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କୁଚିଣ୍ଡା ଓ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ହୋଇଥିଲା। ଏଥିରେ କୁଚିଣ୍ଡା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୮ ଉଇକେଟ ହରାଇ ୮୯ ରନ କରିଥିଲା। ଦଳ ପକ୍ଷରୁ ଶ୍ରୀକାନ୍ତ ସୁନାନି ୩୭ ରନ କରିଥିଲେ। ଏହାର ଜବାବରେ ସମ୍ବଲପୁର ୮.୨ ଓଭରରେ ୨ ଉଇକେଟ ହରାଇ ୯୦ ରନ କରି କୁଚିଣ୍ଡା ଦଳକୁ ହରାଇ ଚାମ୍ପିୟନ ଆଖ୍ୟା ପାଇଥିଲା। ଦଳ ପକ୍ଷରୁ ପପୁ ସାହୁ ୫୨ରନ କରିଥିଲେ। ଅମ୍ପିୟାର ଭାବେ ପ୍ରଶାନ୍ତ କୁମାର ସାହୁ, ଲୁଲୁ ସାହୁ ଖେଳ ପରିଚାଳନା କରିଥିଲେ। ନୟନ କୁମାର ନାଗ ସ୍କୋରର ଏବଂ ହେମନ୍ତ ହସ୍ତି ଓ ସୋମନାଥ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ଆୟୋଜିତ ଏହି ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୁବ ନେତା ସୁଧୀର କୁମାର ବ୍ରହ୍ମା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ସମ୍ବଲପୁରକୁ ନଗଦ ୨୦ ହଜାର ଏବଂ ରନର୍ସଅପ କୁଚିଣ୍ଡା ଦଳକୁ ୧୫ହଜାର ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ସମ୍ବଲପୁର ଟିମର ପପୁ ସାହୁ ମ୍ୟାନ ଅଫ ଦି ମ୍ୟାଚ ଏବଂ ଶ୍ରୀକାନ୍ତ ସୁନାନିଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ଦିଆଯାଇଥିଲା । ଟୁର୍ନାମେଣ୍ଟ ଆୟୋଜନରେ କ୍ଲବର ସଭାପତି ବେଣୁଧର ଉଦାବର, ସମ୍ପାଦକ ଘନଶ୍ୟାମ ସୋଓ, ସୁଦାମ ପ୍ରଧାନ, ସୁଶାନ୍ତ ଶବର, ପିଙ୍କୁ ସମଦ, ଗଣେଶ୍ୱର ମୁଣ୍ଡା, ଚିନ୍ମୟ ନାଏକ, ଅଜିତ ଶବର, ସଂଜିତ ମୁଣ୍ଡା, ଦେବରାଜ ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ।




ଚାମ୍ପିୟନ ଏମ୍‌ଏମ୍‌ସିସି ସମ୍ବଲପୁର ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

### ଜମନକିରା କଳାକାର ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

ଜମନକିରା, ୫।୩ (ଡି.ଏନ.ଏ.)

ଜମନକିରାର ବ୍ଲକ୍ ମୁକ୍ତେଶ୍ୱର ଶୈବ ପୀଠରେ କଳାକାର ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗୋକୁଳାନନ୍ଦ ଦାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ଜମନକିରା ଥାନା ଅଧିକାରୀ ବାଳକୃଷ୍ଣ କଅଁର ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ମକ୍ତେଶ୍ୱର ପରିଚାଳନା କମିଟିର ସଭାପତି ପି.କେ. କାନ୍ନାପାନ, ଏସ୍‌ଆଇ ରଶ୍ମୀବାଳା ସେଠୀ, ଏଏସ୍‌ଆଇ ସୁଧୀର କୁମାର ମହାକୁଳ, ସର୍ଡ଼ା ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାରଦାପ୍ରସନ୍ନ ଦାଶ, ସତ୍ୟପ୍ରିୟସେବା ସଂସ୍ଥା ଅଧ୍ୟକ୍ଷ ରମେଶଚନ୍ଦ୍ର ସାହୁ, ସମ୍ପାଦକ ମୁରଲୀଧର ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅସୀମା ଅର୍କ ଓ ଡଲି କୁମୁରା ସଙ୍ଗୀତ ପରିବେଷଣ କରିଥିଲେ। ହିମାଦ୍ରୀ ସାହୁ, ଅଲେଖ ମହାପାତ୍ର, ସନ୍ତୋଷ ମାଝି, ବନମାଳୀ ଦାଶ, ସମ୍ବାରୁ ଖର୍ସେଲ, ଉଦୟନାଥ ପଟ୍ଟନାୟକ ସହଯୋଗ, ଉମାକାନ୍ତ ଅର୍କ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ମୋବାଇଲ ଫୋନ ବାଣ୍ଟିଲେ ବିଧାୟକ



ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ଫୋନ୍ ପ୍ରଦାନ କରାଯାଉଛି।

ରେଢାଖୋଲ,୫।୩(ଡି.ଏନ.ଏ.)

ରେଢାଖୋଲ ଏନଏସିର ବିଜୁ ଯୁବ ବାହିନୀର ସଦସ୍ୟମାନଙ୍କୁ ମଙ୍ଗଳବାର ମୋବାଇଲ ବଣ୍ଟନ କରାଯାଇଛି। ଭୀମ ଭୋଇ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସଭାରେ ବିଧାୟକ ରୋହିତ ପୂଝାରୀ ଯୋଗଦେଇ ୧୩୫ ଜଣ ବିଜୁ ଯୁବ ବାହିନୀର ସଦସ୍ୟଙ୍କୁ ମୋବାଇଲ ଫୋନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟ ନାରାୟଣ ପ୍ରଦାନ, ଗୋପବନ୍ଧୁ ବାହୁକ, ନିର୍ମଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଜୁ ଯୁବ ବାହିନୀର ଏନଏସି ସଂଯୋଜକ ଭାଗୀରଥି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍-ଧନ ପେନ୍‌ସନ ଯୋଜନର ଶୁଭାରମ୍ଭ

ଦେବଗଡ,୫।୩(ସ୍ୱ.ପ୍ର)



ହିତାଧିକାରୀଙ୍କୁ ଅତିଥିଙ୍କ ଦ୍ୱାରା ଶ୍ରମଯୋଗୀ କାର୍ଡ ବଣ୍ଟନ କରାଯାଉଛି।

ଦେଶର ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ବୃଦ୍ଧାବସ୍ଥାରେ ମାସିକ ୩ହଜାର ଟଙ୍କା ପେନସନ୍ ଯୋଗଇଦେବା ଲକ୍ଷ୍ୟ ନେଇ ମଙ୍ଗଳବାରଠାରୁ ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶ୍ରମଯୋଗୀ ମାନ-ଧନ ପେନସନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷିରେ ସ୍ଥାନୀୟ ଟାଉନ ହଲରେ ବିଧାୟକ ନିତେଶ ଗଙ୍ଗଦେବ ଓ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ-ଧନ ଯୋଜନାର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭବିଷ୍ୟନିଧି ସଙ୍ଗଠନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ଓ ରାଜ୍ୟ ବୀମା ନିଗମର ସାମାଜିକ ଅଧିକାରୀ ଅଭିଜିତ କୁମାର ଏହି ଯୋଜନାର ନୋଡାଲ ଅଫିସର ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଅତିଥିଙ୍କ ଦ୍ୱାରା ଶ୍ରମଯୋଗୀ କାର୍ଡ ବଣ୍ଟନ କରିଥିଲେ ।

### ବସୁନ୍ଧରା କ୍ଷେତ୍ରରେ ଚିକିତ୍ସାଳୟ ଉଦ୍‌ଘାଟିତ

ସମ୍ବଲପୁର, ୫।୩ (ବ୍ୟୁରୋ) ଏମସିଏଲ ବସୁନ୍ଧରା ଗର୍ଜନବାହାଲ କ୍ଷେତ୍ର ନିକଟରେ ଚିକିତ୍ସାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୫୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟକୁ କେନ୍ଦ୍ରୀୟ ଜନଜାତି ଓ ବ୍ୟାପରମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏମସିଏଲ ବିତ୍ତ ନିର୍ଦ୍ଦେଶକ କେ.ଆର. ବାସୁଦେବନ, ବସୁନ୍ଧରା କ୍ଷେତ୍ର ମହାପ୍ରବନ୍ଧକ ନିରଜ କୁମାର କଲୋ ଉପସ୍ଥିତ ଥିଲେ ।

# ଟ୍ରେନରୁ ଡେଇଁ ଛାତ୍ର ଗୁରୁତର

ରେଢାଖୋଲ,୫।୩(ଡି.ଏନ.ଏ.)

ରେଢାଖୋଲ ଷ୍ଟେଶନରେ ଷ୍ଟପେଜ ନ ଥିବା ଭୁବନେଶ୍ୱର-କୁର୍ଲା ଏକ୍ସପ୍ରେସ ଟ୍ରେନରୁ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଜଣେ ଛାତ୍ର ଡେଇଁ ପଡିବାରୁ ଗୁରୁତର ହୋଇଛନ୍ତି। ସେ ହେଲେ ରେଢାଖୋଲ ସହର ଚାରୁଶିସ୍ଥିତ ଆବାସିକ ଶିଶୁ ମନ୍ଦିରର ଯୁକ୍ତ ୨ ବିଜ୍ଞାନ ଛାତ୍ର ସିଦ୍ଧାର୍ଥ ନାୟକ (୧୭) । ସେ ଅନୁଗୋଳ ଆମ୍ବପାଳର ବୋଲି ଜଣାପଡିଛି। ମଙ୍ଗଳବାର ସେ ଅନୁଗୋଳରୁ ଉକ୍ତ ଏକ୍ସପ୍ରେସରେ ରେଢାଖୋଲ ଅସୁଥିଲେ। ହେଲେ ସେ ଜାଣି ନ ଥିଲେ ଯେ ଏହି ଟ୍ରେନର ଷ୍ଟପେଜ ରେଢାଖୋଲରେ ନାହିଁ ବୋଲି। ଟ୍ରେନଟି ରେଢାଖୋଲ ଷ୍ଟେଶନରେ ପହଞ୍ଚିବା ପରେ ନ ଅଟକିବାରୁ ସେ ହଡବଡାଇ ଯାଇ ଟ୍ରେନରୁ ଡେଇଁ ପଡିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କ ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଛି। ରେଳ ସୁରକ୍ଷାବଳ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ପ୍ରଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

### ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

ଦେବଗଡ,୫।୩ (ସ୍ୱ.ପ୍ର.)- ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ଜିଲା ବିଜେଡି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ସକାଳେ ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ଉଦ୍ଦେଶ୍ୟରେ ଫଳବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକ ସ୍ଥିତ ଏକ ଘରୋଇ ହୋଟେଲରେ ଜୟନ୍ତୀ ସଭା ଆୟୋଜନ କରାଯାଇଥିଲା । ଏଥିରେ ବିଜେଡି ଜିଲା ସଭାପତି ସୁଧୀର କପରଦାରଙ୍କ ସଭାପତିତ୍ୱ କରିଥିଲେ।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଶିବିର

ନାକଟିଦେଉଳ,୫।୩(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମଙ୍ଗଳବାର ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟ କ୍ରୀଡ଼ା ଛାତ୍ରାବାସରେ ଯୋଗଦାନ ନିମନ୍ତେ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୪ଟି ସ୍କୁଲରୁ ସମୁଦାୟ ୭୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଚୟନ ଶିବିରରୁ ୫ଜଣ ପ୍ରତିଯୋଗୀଙ୍କୁ ଆଗାମୀ ୯ ତାରିଖରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମଠାରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଚୟନ ଶିବିରରେ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି । ଏହି ଶିବିରରେ ଫୁଟବଲ, କବାଡ଼ି, ସନ୍ତରଣ, ଭଲିବଲ, ହକି ଏବଂ ଦୌଡ଼କୁଦ ଆଦି ୬ଟି ବିଭାଗରେ ଖେଳ ହୋଇଥିଲା । କ୍ରୀଡ଼ା ପ୍ରତିଭା ଚୟନ ଶିବିରକୁ କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁ, ବାସୁଦେବ ସାହୁ, ହୃଦାନନ୍ଦ ସାହୁ, ଲିଟୁ ପ୍ରଧାନ ଏବଂ ବିଭୂତି ଭୂଷଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



କ୍ରୀଡ଼ା ପ୍ରତିଭା ଚୟନ ଶିବିରରେ ଭାଗନେଇଥିବା ଛାତ୍ରୀଛାତ୍ର।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଦୁଇ ବାଇକ୍ ମୁହାଁମୁହିଁରେ ଜଣେ ଗୁରୁତର

ଜମନକିରା, ୫।୩ (ଡି.ଏନ୍.ଏ.) ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ୫୩ ନଂ. ରାସ୍ତାର ଷଣ୍ଢପଥର ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କଟଙ୍ଗପାଣି ପଞ୍ଚାୟତ ଜାମଖୁଲିଆ ଗାଁର ଦେବେନ୍ଦ୍ର ପଟେଲ (୫୮)ଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ପ୍ରଥମେ ଜମନକିରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି। ପୋଲିସ ସୂତ୍ରରୁ ସୂଚନା ଅନୁଯାଇ, ବଡ଼ରମା ଗାଁର ୩ ଜଣ ଯୁବକ ଏକ ବାଇକ୍‌ରେ ଜମନକିରାକୁ ଆସୁଥିବା ବେଳେ ଅପରପଟୁ ଆସୁଥିବା ଜାମଖୁଲିଆ ଗାଁର ଦେବେନ୍ଦ୍ରଙ୍କ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦେବେନ୍ଦ୍ରଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ଅନ୍ୟ ତିନି ଜଣଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରା ଉଚୁରା କରୁଛି।

## ରାସ୍ତା, ପାର୍କିଂ ସ୍ଥଳର ଶିଳାନ୍ୟାସ

ରେଙ୍ଗାଲି, ୫।୩ (ଡି.ଏନ.ଏ.)-ସମ୍ବଲପୁର ଜିଲା ରେଙ୍ଗାଲିଠାରେ ନିର୍ମାଣାଧୀନ ଶିଶୁ ଉଦ୍ୟାନକୁ ସଂଯୁକ୍ତ ରାସ୍ତା ଓ ଯାନବାହାନ ରହଣୀ ସ୍ଥାନ ପାଇଁ ଶିଳାନ୍ୟାସ କରାଯାଇଛି । ମଙ୍ଗଳବାର ରେଙ୍ଗାଲି ବିଧାୟକ ରମେଶ ପଟୁଆ ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଅଧକ୍ଷ ବିଜୟ ମହାନ୍ତିଙ୍କ କରକମଳରେ ଏହି ଶିଳାନ୍ୟାସ ହୋଇଥିଲା । ଏହି ଉତ୍ସବରେ ଅନ୍ୟମାନଙ୍କ ମଧରେ ଏସଡିଏ ଇଞ୍ଜିନିୟର ପି.କେ. ପାଣିଗ୍ରାହୀ, ଅତିରିକ୍ତ ଇଂ. ସାଗରିକା ସାହୁ, ରେଙ୍ଗାଲି ବିଜେଡି ବ୍ଲକ ସଭାପତି ଅଶୋକ ଗୁରୁ, ବିଧାୟକ ପ୍ରତିନିଧି ନାରାୟଣ ଶର୍ମା, ଡ. ସେନ୍ତାଷ ସିଂ, ଇଂ. ଗାନ୍ଧୀ ବେହେରା, ପ୍ରଦୀପ ସାହୁ, ଜୟରଥ ବିଶ୍ୱାଳ, ପ୍ରକାଶ ପୋଦ୍ଦାର, ବିରଞ୍ଚି ବିଶ୍ୱାଳ, ଫିରୋଜ ବାଗ, ପତି ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ମୋଟ ୨୨ ଲକ୍ଷ ୧୨ ହଜାର ଟଙ୍କା ଅଟକଳରେ ଏହି ଦୁଇ ପ୍ରକଳ୍ପ ନିର୍ମାଣ ହେବ।

## ରେଢାଖୋଲ କପ୍ କ୍ରିକେଟ: ରାଇଜିଂ,ଏଏଫସିସି ବିଜୟୀ

ରେଢାଖୋଲ, ୫।୩(ଡି.ଏନ.ଏ.): ରେଢାଖୋଲ ଭୀମ ଭୋଇ ମିନି ଷ୍ଟାଡିୟମରେ ମଙ୍ଗଳବାର ଦ୍ୱିତୀୟ ରେଢାଖୋଲ କପ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ବ୍ଲକ ଅଧକ୍ଷା କବିତା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମୁଦାୟ ୮ଟି ଦଳ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ବିକଲପୁର ଦଳ ଓ ରାଇଜିଂ ଷ୍ଟାର ସମ୍ବଲପୁର ମଧର ଅନୁଷ୍ଠିତ ହୋଇଥିଲା। ବିକଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୧୩ ରନ ସଂଗ୍ରହ କରିଥିଲା। ଜବାବରେ ରାଇଜିଂ କ୍ଲବ ୧୨ ଓଭରରେ ୬ ଉଇକେଟ ହରାଇ ୧୧୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ଚେତନା କ୍ଲବ ସମ୍ବଲପୁର ଓ ଏଏଫସିସି ବଲାଙ୍ଗୀର ମଧରେ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୩ ରନ ସଂଗ୍ରହ କରିଥିଲା। ଜବାବରେ ଚେତନା କ୍ଲବ ସମସ୍ତ ଉଇକେଟ ହରାଇ ମାତ୍ର ୧୦୬ ରନ କରି ପରାଜିତ ହୋଇଥିଲା। ଯୋଗଜନ୍ମା ମାଝି, ପ୍ରସନ୍ନ ମୁଣ୍ଡା, ଅବିନାଶ ଷଡଙ୍ଗୀ, ସୁନିଲ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ପତିତପାବନ ସେଠି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଦଳର ଦେବାଶିଷ ନେପାକ, ବୁବୁନ ନନ୍ଦ ସହଯୋଗ କରିଥିଲେ।

## ଡକାୟତି ଘଟଣାରେ ୪ ଅଭିଯୁକ୍ତ ଗିରଫ



ସମ୍ବଲପୁର,୫।୩(ବ୍ୟୁରୋ) ସମ୍ବଲପୁର ଜିଲା ଅଇଁଠାପାଲି ଥାନା ପୋଲିସ ଡକାୟତି ଘଟଣାରେ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ଫାଟକର ଆଦେଶ ପାଣିଗ୍ରାହୀ, ଗୋପାଳମାଳର ହାପି ପାଣ୍ଡେ, ମିହିର ଜାଳ, ଦାନିପାଲିର ସମୀର ସାଗର । ଏ ନେଇ ଥାନରେ ୮୧/୧୯ରେ ଏକ ମାମଲା ରୁଜୁ ହୋଇଛି । ଅଭିଯୁକ୍ତଙ୍କ ନିକଟରୁ ୩୬୫୦ ଟଙ୍କା ଓ ୩ଟି ବାଇକ ଜବତ ହୋଇଛି । ସୂଚନାଯୋଗ୍ୟ, ଗତ ୪ ତାରିଖ ଠେଲକୋଲି ଥାନା ଘିଚାମୁରା ଗ୍ରାମର ପିତବାସ ପଟେଲ ସମ୍ବଲପୁର ଆସ ବସରେ ଘରକୁ ଫେରୁଥିଲେ । ତାଙ୍କୁ ଏମାନେ ମାଡପିଟି କରି ଟଙ୍କା ଲୁଟଖି କରି ନେଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା।

# ପଞ୍ଚାୟତିରାଜ ବ୍ୟବସ୍ଥା ସୁଦୃଢ଼ ପାଇଁ ଲୋକଙ୍କ ଭୂମିକା ଆବଶ୍ୟକ



ମଙ୍ଗଳବାର ପଞ୍ଚାୟତିରାଜ ଦିବସ ଅବସରରେ ନାକଟିଦେଉଳଠାରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ।



ବାମରା ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ସଭାରେ ମଞ୍ଚାସୀନ ଅତିଥି ।



ବୁର୍ଲାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଯୁବଗୋଷ୍ଠୀ ମାଲ୍ୟାର୍ପଣ ଅବସରରେ ।



ରେଢାଖୋଲରେ ଅନୁଷ୍ଠିତ ପଞ୍ଚାୟତି ରାଜ ଦିବସ ସଭାରେ ଉପସ୍ଥିତ ଅତିଥି ।



ସମ୍ବଲପୁର ରେମେଡ ଛକ ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।




ମଙ୍ଗଳବାର ସମ୍ବଲପୁର ନାରୀ ଜାଗରଣ କେନ୍ଦ୍ରଠାରେ ଆୟୋଜିତ ବିଜୁ ବାବୁଙ୍କ ସ୍ମୃତି ସଭାରେ ଯୋଗ ଦେଇଥିବା ବ୍ୟକ୍ତି ବିଶେଷ ।



ଗୌଡ଼ପଡାରେ ବିଜୁ ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରମୋଦ ରଥ ଉଦ୍‌ବୋଧନ ଦେଉଛନ୍ତି ।

ସମ୍ବଲପୁର,୫।୩ (ବ୍ୟୁରୋ)- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ସୋମବାର ସମ୍ବଲପୁର ସହରରେ ପାଳିତ ହୋଇଯାଇଛି। ସମ୍ବଲପୁର ବିଧାନସଭା କ୍ଷେତ୍ରର ବିଜେଡି କର୍ମକର୍ତ୍ତାମାନେ ପୂର୍ବାହ୍ନ ୯ଟାରେ ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଜୁ ବାବୁ ଅମର ରହେ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ବାମଦେବ ଷଡଙ୍ଗୀ, ଗୋକୁଳ ମେହେର, ବିହାରୀଲାଲ ପଂସାରି, ଜିଲା ମହିଳା ସଭାନେତ୍ରୀ ରାଜଲକ୍ଷ୍ମୀ ପ୍ରଧାନ, ଟାଉନ ସଭାପତି ପ୍ରଫୁଲ୍ଲ ଦାସ, ବୁର୍ଲା ଟାଉନ ସଭାପତି ଦେବାଶିଷ ନନ୍ଦ, ଆରଏ ଶିବ କୁମାର, ପ୍ରଦୀପ ରାଉତରାୟ, ସୁବ୍ରତ ଚାନ୍ଦ, ସୁରେନ୍ଦ୍ର ବିଶ୍ୱାଳ, ଭବାନୀ ମହାପାତ୍ର, ଚନ୍ଦୁ ରାୟ, ରାଙ୍ଗେୟ ଷଡଙ୍ଗୀ, ଅଫସାନ ବେଗମ, ସୌରି ନାରାୟଣ ପାଣିଗ୍ରାହୀ, ସୁମନ୍ତ୍ର ପଣ୍ଡା, ନନ୍ଦ ହରିପାଲ, ରବିନ୍ଦ୍ର ସିଂ, କୁନୁ ମେହେର, ସଞ୍ଜିବ ଷଡଙ୍ଗୀ, ହରିହର ପାଣି, ସ୍ମିତା ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ । ଏହାପରେ ମୁଖ୍ୟ ଡାକ୍ତରଖାନାଠାରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା । ଅପରପକ୍ଷେ ଜିଲା ଜୀବନ ବିନ୍ଦୁ ସଂଯୋଜିକା କବିତା ପୁରୋହିତ, ସଞ୍ଜୟ ବାବୁ, ସୁବୋଧ ପାଣିଗ୍ରାହୀଙ୍କ ସମେତ ବୁର୍ଲା, ହୀରାକୁଦ, ସମ୍ବଲପୁର ଅଞ୍ଚଳର ବିଜେଡି ନେତା ଓ କର୍ମୀ ସାମିଲ ଥିଲେ । ନାରୀ ଜାଗରଣ କେନ୍ଦ୍ରଠାରେ ସ୍ମୃତିସଭା ହୋଇଥିଲା । ପୂର୍ବତନ ବିଜେଡି ଜିଲା ସଭାପତି ଆର୍ତ୍ତତ୍ରାଣ ମିଶ୍ର, ଅଶୋକ ସେନାପତି, ଶ୍ରମିକ ନେତା ଗୋକୁଳ ମେହେର, ରାଧାକାନ୍ତ ବହିଦାର ଯୋଗଦେଇ ବିଜୁ ବାବୁଙ୍କ ସାହାସିକତା ଉପରେ ଆଲୋକପାତ କରିଥିଲେ। ଧନକଉଡା ବ୍ଲକ ପରିସରରେ ଅବ୍ୟବସ୍ଥା ଓ ବିଭିନ୍ନ ବ୍ୟତିକ୍ରମରେ ଜିଲାସ୍ତରୀୟ ପଞ୍ଚାୟତି ରାଜ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭ ହେବାରେ ବିଳମ୍ବ ହେବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳ ଶୁଭମ ସକସେନା, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ପିଡି ସୁକାନ୍ତ ତ୍ରିପାଠୀ, ଉପ ଜିଲାପାଳ ପ୍ରଦୀପ କୁମାର ସାହୁ, ସିଡିଏମଓ କଲ୍ୟାଣ କୁମାର ଗୁପ୍ତା ଉପସ୍ଥିତ ଥିଲେ । ସୀମାନ୍ତିକା ଦାସ ସଂଯୋଜନା କରିଥିଲେ। କବିତା କଛପ, ମେଘା ମୁଣ୍ଡା, ୱାଇ ଅଙ୍କିତା, ଶିବାନୀ ବେହେରା, ମାହେଶ୍ୱତା ଚାନ୍ଦ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ ।



ମଙ୍ଗଳବାର ସମ୍ବଲପୁର ଧନକଉଡା ପଡିଆଠାରେ ଆୟୋଜିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସରେ ଅତିଥିମାନେ ।

ଓଡ଼ିଶାର ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟଙ୍କ ଜୟନ୍ତୀ ମଙ୍ଗଳବାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। କର୍ମୀ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ବିଜୁଙ୍କ ସ୍ମୃତିଚାରଣ କରିଛନ୍ତି। ବିଜୁ ବାବୁଙ୍କ ସାହାସିକତା, ସ୍ୱାଧୀନତା ସଂଗ୍ରାମରେ ଭୂମିକା, ଆଦର୍ଶ ବିଷୟରେ ବକ୍ତାମାନେ ବକ୍ତବ୍ୟ ଦେଇଥିଲେ। ଅନ୍ୟପକ୍ଷେ ବିଜୁଙ୍କ ଜୟନ୍ତୀକୁ ରାଜ୍ୟ ସରକାର ପଞ୍ଚାୟତି ରାଜ ଦିବସ ଭାବେ ମଧ ଘୋଷଣା କରିଛନ୍ତି। ଏଣୁ ବିଭିନ୍ନ ସ୍ଥାନରେ ସରକାରୀ ଭାବେ ପଞ୍ଚାୟତିରାଜ ଦିବସ ମଧ ପାଳିତ ହୋଇଛି। ପଞ୍ଚାୟତିରାଜ ଦିବସର ଉଦ୍ଦେଶ୍ୟ ଉପରେ ସରକାରୀ ଅଧିକାରୀ ତଥା ଅତିଥିମାନେ ଆଲୋକପାତ କରିଥିଲେ । ରାଜ୍ୟ ସରକାର ପଞ୍ଚାୟତ ରାଜ ବ୍ୟବସ୍ଥାରେ ଜନପ୍ରତିନିଧି ଏବଂ ସାଧାରଣ ଲୋକଙ୍କ ପାଇଁ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ କରିବା ଦିଗରେ ଜନସାଧାରଣଙ୍କ ବିଶେଷ ଭୂମିକା ରହିଛି ବୋଲି ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ କାଳିଆ ଯୋଜନା, ବିଜୁ ସ୍ୱାସ୍ଥ୍ୟ ଯୋଜନା, ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନ, ବିଜୁ ପକ୍କା ଘର ଯୋଜନା, ମହିଳା ଏସଏଚଜି ଗ୍ରୁପର ସଦସ୍ୟାମାନଙ୍କୁ ସହାୟତା ପ୍ରଦାନ ଆଦି ଯୋଜନା ଉପରେ ଆଲୋକପାତ କରି ଏହାର ଲାଭ ଉଠାଇବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

ଶ୍ରୀକାନ୍ତ ସା ଗୀତ ପରିବେଷଣ କରିଥିବା ବେଳେ ଆଲୋକ କୁମାର ପଣ୍ଡା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ। ଧମେନ୍ଦ୍ର ମହାକୁଡ, ଲକ୍ଷ୍ମୀକାନ୍ତ ପୋଢ, ସନତ ରାଜହଂସ ଓ ବିଶାଳ ବେହେରା ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

ରେଙ୍ଗାଲି, ୫।୩ (ଡି.ଏନ.ଏ.) ରେଙ୍ଗାଲି ବ୍ଲକ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ ପାଳନ କରାଯାଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ରେଙ୍ଗାଲି ନିର୍ବାଚନ ମଣ୍ଡଳୀରୁ ବିଜେଡିକୁ ବିଜୟୀ କରାଇବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ରେଙ୍ଗାଲି ପୁରୁଣାବସ୍ତିସ୍ଥିତ ବିଜେଡି କାର୍ଯ୍ୟାଳୟଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଙ୍ଗାଲି ବିଜେଡି ବ୍ଲକ ସଭାପତି ଅଶୋକ ଗୁରୁ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ରମେଶ ପଟୁଆ, ବ୍ଲକ ଉପାଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ଉପାଧକ୍ଷ କିରଣ ବେହେରା, ଆଇନଜୀବୀ ବୃନ୍ଦାବନ ସାହୁ, ଶଶିଭୂଷଣ ସାହୁ, ବିଶ୍ୱକେଶନ ବିଶ୍ୱାଳ, ଜୟରଥ ବିଶ୍ୱାଳ, କବିରାଜ ବଢ଼େଇ, ସୁବାଷ ସିଂ, ହରିଶଙ୍କର ବେହେରା, ଦିଲୀପ ଦୂରିଆ, ମହେନ୍ଦ୍ର ଓରାମ, ନାରାୟଣ ଶର୍ମା, ଦୟାନିଧି ଭଇଁସାଲ, ନିର୍ମଳ ବେହେରା, ପ୍ରଦୀପ ସାହୁ, ଶେଷଦେବ ପଧାନ, ରାଜେନ୍ଦ୍ର ପଟ୍ଟନାୟକଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

ନାକଟିଦେଉଳ,(ଡ଼ି.ଏନ.ଏ.)-ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ପଞ୍ଚାୟତ ରାଜ ଦିବସରେ ବ୍ଲକ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ପ୍ରଜ୍ଞା ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ, ସିଡ଼ିପିଓ କ୍ଷିରାବ୍ଧି ପାଣ୍ଡିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ରୀ ମେହେର, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି ଏବଂ କୃଷି ଅଧିଦର୍ଶକ ଦୟାନିଧି ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଦଣ୍ଡନୃତ୍ୟ ମାଧମରେ ସଚେତନ କରାଯାଇଥିଲା।

ଜମନକିରା,(ଡି.ଏନ୍.ଏ.)-ଜମନକିରା ବ୍ଲକ୍ କାର୍ଯ୍ୟାଳୟ ଆୟୋଜିତ ପଞ୍ଚାୟତିରାଜ ଦିବସରେ ବିଡ଼ିଓ ଅଜୟ ତିୱାରୀ ଅଧକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ, ଆଦିପ୍ରସାଦ ମହାକୁଳ, କଟଙ୍ଗପାଣି ସରପଞ୍ଚ ଚନ୍ଦ୍ରକାନ୍ତ ପଧାନ, ଜମନକିରା ସରପଞ୍ଚ ଭାସ୍କରଚନ୍ଦ୍ର ଭୋଇ ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ।

ବାମରା,(ସ୍ୱ.ପ୍ର.)-ବାମରାଠାରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଏଥିରେ ବ୍ଲକ ଅଧକ୍ଷ ସଦାନନ୍ଦ କୁଜୁର, ବିଡିଓ ସୁଶୀଲ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ଜିପିଇଓ ଲକ୍ଷ୍ମୀନାରାୟଣ ମହାପାତ୍ର, ସହକାରୀ ଯନ୍ତ୍ରୀ ସୁରେଶ ବେହେରା, ଗଡପୋଷ ସମିତି ସଭ୍ୟା ଇତୱାରୀ ଲୁଗୁନ, ସଗରା ସମିତି ସଭ୍ୟା ବୀଣାପାଣି ନାଏକ, ସହକାରୀ ମତ୍ସ୍ୟ ଅଧିକାରୀ ବିଷ୍ଣୁଚରଣ କିସାନ, ଉଦ୍ୟାନ ଅଧିକାରୀ ଭିକଟୋରିୟା ପ୍ରଧାନ, ଦେବାଶିଷ ମହାନ୍ତି ଓ ତିଲୋଚନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜେଇ ସଞ୍ଜୟ ହେମ୍ବ୍ରମ, ଚିତ୍ତରଞ୍ଜନ ମହାନନ୍ଦିଆ ପ୍ରମୁଖ ବ୍ଲକର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜୟନ୍ତୀରେ ବିଜୁ ବାବୁଙ୍କ ସ୍ମୃତିଚାରଣ

ଟିପିଲିମା,(ଡି.ଏନ.ଏ)- ବୁର୍ଲା ବିଜୁ ଜନତା ଦଳ ତରଫରୁ ରେମେଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପୋଷ୍ଟ ଅଫିସ ସମ୍ମୁଖରେ ବିଜୁ ଜନତା ଦଳର କାର୍ଯ୍ୟାଳୟଠାରେ ଏକ ସଭା ହୋଇଥିଲା। ଜ୍ୟୋତି ବିହାର ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମଧ ମାଲ୍ୟାର୍ପଣ କରାଯାଇଥିଲା । ଦେବାଶିଷ ନନ୍ଦ, ଶାନ୍ତିଲତା ସ୍ୱାଇଁ, ଶୁଭଲକ୍ଷ୍ମୀ ସାମଲ, ଆରଏ ଶିବ କୁମାର, ତରଣୀ ସେନ ଚାନ୍ଦ, ରାଜେନ୍ଦ୍ର ପରିଡା, ଗୋକୁଳି ରାଉତ, ବିଭିଶନ ଭିସର, ବାପି ପଣ୍ଡା, ତ୍ରିଲୋଚନ ପ୍ରଧାନ, ଅଶୋକ ସାମଲ, ରାମ ସାହୁ, ଲଳିତ କୁମାର, ଉମାଶଙ୍କର ଅଗ୍ରୱାଲ, ସୁଧୀର ବାରିକ, ଜାହାଙ୍ଗିର, ଜିତୁ ଲାମା, ତ୍ରିଲୋଚନ ସିଂହ, ଜଗଜିତ ସିଂ, ନିରଞ୍ଜନ ମହାପାତ୍ର, ଆଶିଷ, ଡବୁ, ଅମିତ କୁମାର ଦାସ, ବିଭୁତି ବେହେରା, ସୁରେନ୍ଦ୍ର ଶର୍ମା, ନରେନ୍ଦ୍ର ଭୁକ୍ତା, ଜୀବର୍ଦ୍ଧନ କୁମାର ଉପସ୍ଥିତ ଥିଲେ।

କୁଚିଣ୍ଡା,(ଡି.ଏନ.ଏ.)- କୁଚିଣ୍ଡା ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା। ବ୍ଲକ ଅଧକ୍ଷା ତିଲୋତ୍ତମା ନାୟକ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ବିଧାୟକ ରବି ନାୟକ, ଜିପିଇଓ ଜିତେନ୍ଦ୍ରୀୟ ମୁଣ୍ଡା, ବିଡିଓ ନିଶିପୁନମ ମିଞ୍ଜ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

ରେଢାଖୋଲ,(ଡି.ଏନ.ଏ.)-ରେଢାଖୋଲର ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ବିଜୁ ଜନତା ଦଳ ପକ୍ଷରୁ ଦଳୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଜୟନ୍ତୀ ସଭାରେ ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ବିଧାୟକ ରୋହିତ ପୂଜାରୀ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧକ୍ଷ ସୁନିଲ କୁମାର ପ୍ରଧାନ, ନାକ୍ଟିଦେଉଳ ବ୍ଲକ ସଭାପତି ମୁଳିଆ ରାଉଳ, ରେଢାଖୋଲ ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଶ୍ରମିକ ନେତା ଅନାଦି ସାହୁ, ଚିନ୍ମୟ ପଣ୍ଡା ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ। କାଉନସିଲର ଆଦିତ୍ୟ ନାରାୟଣ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ଲକ୍ଷଣ ପ୍ରଧାନ, କ୍ଷିରୋଦ ଖିଲାରି, ଉମାକାନ୍ତ ପ୍ରଧାନ, ପୁରୁଷୋତ୍ତମ ଅଗ୍ରୱାଲ, ବାସୁଦେବ ପୃଷେଠ, ରାଜୀବ ଲୋଚନ ପ୍ରଧାନ, ସଞ୍ଜୟ ଗୌଡ ପ୍ରମୁଖ ଯୋଗ ଦେଇଥିଲେ। କୁରୁମକିରାସ୍ଥିତ ଶ୍ରମିକ ଭବନଠାରେ ମଧ ବିଜୁ ବାବୁଙ୍କ ଜୟନ୍ତୀ ପାଳନ କରାଯାଇଛି। ସେହିପରି ବ୍ଲକ ପ୍ରଶାସନ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା। ବ୍ଲକ ଅଧକ୍ଷା କବିତା ପ୍ରଧାନ, ବିଡିଓ ପରିକ୍ଷିତ ସାହୁ, ଏବିଡିଓ ସହଦେବ ନନ୍ଦ, ଜିପିଇଓ ପଞ୍ଚାନନ ବେହେରା, ସହକାରୀ ଯନ୍ତ୍ରୀ ଶ୍ୟାମ ସୁନ୍ଦର ମାଝି, କାଉନସିଲର ଲକ୍ଷ୍ମଣ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

ମାନେଶ୍ୱର,(ଡି.ଏନ.ଏ.)-ଯୁଯୁମୁରା ଓ ମାନେଶ୍ୱର ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଛି । ମାନେଶ୍ୱରରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ, ବିଡିଓ ଶୁଭଶ୍ରୀ ତ୍ରିପାଠୀ, ବ୍ଲକ ଅଧକ୍ଷା ସୁରେଶିନୀ ଓରାମଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ସେହପରି ଯୁଯୁମୁରାରେ ମଧ ବିଡିଓ ସରୋଜ ବିଶ୍ୱାଳଙ୍କ ଅଧକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଥିଲା। ସେହିଭଳି ମାନେଶ୍ୱର ଆରଏମସି ପରିସରରେ ବିଜେଡି କର୍ମୀମାନେ ପବାଦ ପୁରୁଷ ବିଜୁବାବୁଙ୍କ ଜୟନ୍ତୀ ପାଳିତ କରିଛନ୍ତି। ଆର୍ତ୍ତତ୍ରାଣ ବାଗ, ମାନଭଞ୍ଜନ ପସାୟତ, ମଣ୍ଟୁ ମୁଣ୍ଡା, ସୁଶୀଲ ମିଶ୍ର, ଅଶୋକ କୁମାର ନାଏକ, ନିରୋଜ ଦୀକ୍ଷିତ, ଚିତ୍ତରଞ୍ଜନ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ନାକଟିଦେଉଳ ବ୍ଲକ ଚରମପାଣି ଗୌଡପଡାରେ ମଧ ବିଜୁ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଯୁବକ ସଂଘ ଉପଦେଷ୍ଟା ଚନ୍ଦ୍ରମଣି ବେହେରାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲା ବିଜେଡି ସଭାପତି ପ୍ରମୋଦ କୁମାର ରଥ ଯୋଗ ଦେଇଥିଲେ । ପ୍ରଦୀପ କୁମାର ବିଶ୍ୱାଳ, ପୂର୍ବତନ ବ୍ଲକ ଅଧକ୍ଷ ସୁଦର୍ଶନ ସାହୁ, ଗୋପିନାଥ ପ୍ରଧାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ।



" ପାକିସ୍ତାନରେ କୌଣସି ଆତଙ୍କବାଦୀ ସଙ୍ଗଠନର ସଙ୍ଗଠିତ ଉପସ୍ଥିତି ନାହିଁ। ପୁଲଓ୍ୱାମା ଆକ୍ରମଣ ପରେ ଭାରତ ନିଜେ ବିଚାରକ ଭୂମିକା ନେଇ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପସନ୍ଦ କରିଛି। ବାଲାକୋଟରେ ୩୦୦ ଆତଙ୍କବାଦୀଙ୍କୁ ନିପାତ କରିଛି ବୋଲି ଭାରତ ଦାବି କରିବା ହାସ୍ୟାସ୍ପଦ।

- ଅସାଦ ମଜିଦ୍ ଖାନ୍, ଆମେରିକାରେ ପାକିସ୍ତାନ ରାଷ୍ଟ୍ରଦୂତ

## ସଂକ୍ଷେପରେ

### ପୁଲଓ୍ୱାମାରେ ୨ ହିଜ୍‌ବୁଲ ଆତଙ୍କବାଦୀ ନିହତ

**ଶ୍ରୀନଗର,୫।୩(ପି.ଟି.):** ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଜିଲାରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ହିଜ୍‌ବୁଲ ମୁଜାହିଦ୍ଦିନର ୨ ସ୍ଥାନୀୟ ଆତଙ୍କବାଦୀ ନିହତ ହୋଇଛନ୍ତି। ପୁଲଓ୍ୱାମାର ତ୍ରାଲ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୋଇନ୍ଦା ସୂଚନା ମିଳିବା ପରେ ସୋମବାର ରାତିରେ ସୁରକ୍ଷା ବଳ ତଲାସି ଅଭିଯାନ ଆରମ୍ଭ କରିଥିଲା। ରାତି ସାରା ଉଭୟ ପଟୁ ଗୁଳି ବିନିମୟ ଚାଲିଥିଲା। ପ୍ରାୟ ୧୨ ଘଣ୍ଟା ଧରି ଚାଲିଥିବା ଏହି ଏନ୍‌କାଉଣ୍ଟରରେ ହିଜ୍‌ବୁଲର ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଲେ ତ୍ରାଲ୍‌ର ଗୁଲଶନପୋରା ନିବାସୀ ଅଦ୍‌ଫର ଫୟାଜ୍ ପରାୟେ ଓ ଶରିଫାବାଦର ଇର୍‌ଫାନ୍ ଅହମ୍ମଦ ରାଠେର। ଆତଙ୍କବାଦୀଙ୍କ ମୃତଦେହ ନିକଟରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଅନ୍ୟପକ୍ଷରେ ଗୁଳି ବିନିମୟ ବେଳେ ଫାରୁକ୍ ଅହମ୍ମଦ ମଲିକ ନାମକ ଜଣେ ସାଧାରଣ ଲୋକ ଆହତ ହୋଇଥିବା ଜଣାପଡ଼ିଛି।

### ପାକିସ୍ତାନର ଦାବି ଭାରତୀୟ ବୁଡ଼ାଜାହାଜକୁ ଘଉଡାଇଛୁ

**କରାଚୀ,୫।୩(ପି.ଟି.):** ଭାରତ ପଟୁ ଏକ ବୁଡ଼ାଜାହାଜ ପାକିସ୍ତାନ ପଟକୁ ପ୍ରବେଶ କରୁଥିବାବେଳେ ଏହାକୁ ପ୍ରତିହତ କରିଥିବା ପଡ଼ୋଶୀ ଦେଶ ମଙ୍ଗଳବାର ଦାବି କରିଛି। ଜୈଶ୍‌ର ପୁଲଓ୍ୱାମା ଆକ୍ରମଣ ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ଉତ୍ତେଜନା ବୃଦ୍ଧିପାଇଥିବାବେଳେ ପାକିସ୍ତାନୀ ନୌସେନା ପକ୍ଷରୁ ଏଭଳି ମନ୍ତବ୍ୟ ଆସିଛି। ପାକିସ୍ତାନୀ ନୌସେନା ମାର୍ଚ୍ଚ ୪ ରାତି ୮ଟା ୩୫ ମିନିଟର କେତେକ 'ଅସଲ' ଫୁଟେଜ୍ ସେଠାକାର ଗଣମାଧ୍ୟମକୁ ଦେଇଛି। ପାକିସ୍ତାନୀ ଜଳସୀମାରେ ଭାରତର ଏକ ବୁଡ଼ାଜାହାଜ ପ୍ରବେଶ କରୁଥିବାବେଳେ ଏହାକୁ ସେଠାକାର ନୌସେନା ଘଉଡ଼ାଇ ଦେଇଥିବା ଏଥିରେ କୁହାଯାଇଛି। ଶାନ୍ତି ପ୍ରତିଷ୍ଠା ପାଇଁ ଭାରତୀୟ ବୁଡ଼ାଜାହାଜକୁ ଟାର୍ଗେଟ କରାଯାଇ ନାହିଁ। ଭାରତ ଏଭଳି ଘଟଣାରୁ ଶିକ୍ଷାଲାଭ କରିବା ଉଚିତ ବୋଲି ପାକିସ୍ତାନୀ ନୌସେନାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

### ରାଜୌରିରେ ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ,୫।୩(ପି.ଟି.):** ଜମ୍ମୁ-କଶ୍ମୀରର ରାଜୌରି ଜିଲା ସଂଲଗ୍ନ ନିୟନ୍ତ୍ରଣରେଖାରେ ମଙ୍ଗଳବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ନୌଶେରା ସେକ୍ଟରରେ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରାଯାଇଛି।



ଭାରତ ବନ୍ଦ ବେଳେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀମାନେ ରେଳଧାରଣା ଅବରୋଧ କରି ଗଙ୍ଗା-ଗୋମତୀ ଏକ୍ସପ୍ରେସ୍‌କୁ ଅଟକାଇଛନ୍ତି।



ଜମାତ୍-ଇ-ଇସ୍‌ଲାମୀ ଉପରେ କେନ୍ଦ୍ର ସରକାର ନିଷେଧାଦେଶ ଜାରି କରିଛନ୍ତି। ଏହାର ପ୍ରତିବାଦରେ ଶ୍ରୀନଗରରେ ବ୍ୟବସାୟୀମାନେ ବନ୍ଦ ପାଳନ ଡାକରା ଦେଇଥିବାବେଳେ ଏକ ରାସ୍ତାରେ ମୁତୟନ ସୁରକ୍ଷା ବଳ।

■ ଚାପରେ ପାକିସ୍ତାନର ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ

# ଆଝାରଙ୍କ ଭାଇ, ପୁଅ ଗିରଫ

ଇସ୍‌ଲାମାବାଦ,୫।୩(ପି.ଟି.)



**ଅନ୍ୟ ୪୩ ଜୈଶ୍ ଆତଙ୍କବାଦୀଙ୍କୁ ବି ଧରାଯାଇଛି**

ପୁଲଓ୍ୱାମା ଆକ୍ରମଣର ଷଡ଼ଯନ୍ତ୍ରକାରୀ ତଥା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ମୁଖ୍ୟ ମାସୁଦ୍ ଆଝାରଙ୍କ ଅଡୁଆ ବଢ଼ିଲା। ଭାରତ ସମେତ ବିଶ୍ୱ ସମୁଦାୟର ଚାପ ଆଗରେ ମୁଣ୍ଡ ନୁଆଁଇ ପାକିସ୍ତାନ ଆଝାରଙ୍କ ଭାଇ ମୁଫ୍‌ତି ଅବ୍‌ଦୁର ରୌଫ୍ ଓ ପୁଅ ହମ୍ମାଦ୍ ଆଝାରଙ୍କୁ ଗିରଫ କରିଛି। ତାଙ୍କ ସହ ଜୈଶ୍‌ର ୪୩ ଆତଙ୍କବାଦୀଙ୍କୁ ଧରାଯାଇଥିବା ମଙ୍ଗଳବାର ପାକିସ୍ତାନ କହିଛି।

ପାକିସ୍ତାନର ସ୍ୱରାଷ୍ଟ୍ରମନ୍ତ୍ରୀ ଶେରୟାର ଖାନ୍ ଆଫ୍ରିଦି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆଝାରଙ୍କ ଭାଇ ରୌଫ୍ ଓ ପୁଅ ହମ୍ମାଦଙ୍କ ସମେତ ୪୪ ଜଣଙ୍କୁ ଗିରଫ କରାଯାଇଛି। ପୁଲଓ୍ୱାମା ଆକ୍ରମଣ ପରେ ଗତ ସପ୍ତାହରେ ଭାରତ ପକ୍ଷରୁ ପାକିସ୍ତାନକୁ ଦିଆଯାଇଥିବା ଡୋଜିୟରରେ ନିଷିଦ୍ଧ ଘୋଷିତ ଜେଇଏମ୍‌ର ଏହି ଦୁଇଜଣଙ୍କ ନାମ ଉଲ୍ଲେଖ କରାଯାଇଥିଲା। ତେବେ କୌଣସି ଚାପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ପାକିସ୍ତାନର ଜାତୀୟ କାର୍ଯ୍ୟସୂଚୀ ଅଧୀନରେ ସମସ୍ତ ବେଆଇନ ଘୋଷିତ ସଙ୍ଗଠନ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯିବ। ପ୍ରମାଣ ଆଧାରରେ ଦୁଇ ସପ୍ତାହ ଧରି କାର୍ଯ୍ୟାନୁଷ୍ଠାନ ଜାରି ରହିବ। ପାକିସ୍ତାନ ସରକାରଙ୍କ ନୀତି ହେଉଛି ଦେଶର ମାଟିକୁ ଆତଙ୍କବାଦ ପାଇଁ ଆଉ ବ୍ୟବହାର ହେବାକୁ ଦିଆଯିବ ନାହିଁ ବୋଲି ଆଫ୍ରିଦି ସ୍ପଷ୍ଟ କରିଛନ୍ତି। ଆତଙ୍କବାଦୀ ଓ କେତେକ ସଙ୍ଗଠନ ବିରୋଧରେ ଜାତିସଂଘର କଟକଣାକୁ କାର୍ଯ୍ୟକାରୀ କରିବା ପାଇଁ ପାକିସ୍ତାନ ସୋମବାର ଏକ ନୂଆ ଆଇନ ପ୍ରଣୟନ କରିଛି। ଏହାର ଦିନକ ପରେ ରୌଫ୍ ଓ ହମ୍ମାଦଙ୍କୁ ଗିରଫ କରାଯାଇଛି। ତେବେ ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଗିରଫଦାରିକୁ ପ୍ରତିକାରମୂଳକ ହାଜତ ବୋଲି କୁହାଯାଇଛି। ନିଷେଧାଦେଶ ଜାରି ହୋଇଥିବା ସମସ୍ତ ସଙ୍ଗଠନର ସମ୍ପତ୍ତିର ନିୟନ୍ତ୍ରଣ ସରକାର ହାତକୁ ନେଇଥିବା ସେଠାକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ସୂଚନା ଦେଇଛନ୍ତି।



" ପୁଲଓ୍ୱାମା ଆକ୍ରମଣର କଡ଼ା ଜବାବ ବାଲା କୋଟରେ ଦିଆଯାଇଛି। ବିରୋଧୀ ଦଳର ନେତାମାନେ ବାୟୁସେନା କାର୍ଯ୍ୟାନୁଷ୍ଠାନର ପ୍ରମାଣ ମାଗି ସଶସ୍ତ୍ର ବଳର ମନୋବଳ ଦୁର୍ବଳ କରୁଛନ୍ତି। ପାକିସ୍ତାନରେ ଏୟାର୍ ଷ୍ଟ୍ରାଇକ୍ ହୋଇଛି, କିନ୍ତୁ ଭାରତର କେତେଜଣ ଲୋକ ଏହାକୁ ନେଇ ସ୍ତବ୍ଧ ହୋଇଯାଇଛନ୍ତି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଶସ୍ତ୍ର ବଳକୁ ନେଇ ରାଜନୀତି କରିବା ସହ ଜାତୀୟ ନିରାପତ୍ତା ସହ ଖେଳୁଛନ୍ତି। ବାୟୁସେନା କାର୍ଯ୍ୟାନୁଷ୍ଠାନରେ ୨୫୦ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ହିସାବ ଦେବା ପାଇଁ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଉପଯୁକ୍ତ ବ୍ୟକ୍ତି ନୁହନ୍ତି।

- ଏ.କେ. ଆଣ୍ଟୋନି, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ



" ବାଲା କୋଟର ଆ।ତଙ୍କବାଦୀ ତାଲିମ ଶିବିର ଉପରେ ବାୟୁ ସେନା ପକ୍ଷରୁ କରାଯାଇଥିବା ବୋମାମାଡ଼ର ପ୍ରମାଣ ମାଗୁଥିବା ଲୋକେ ପାକିସ୍ତାନ ଚାଲିଯାଇ ସେଠାରେ ମୃତାହତଙ୍କ ସଂଖ୍ୟା ଗଣନ୍ତୁ।

-ଟି. ରାଜା, ତେଲେଙ୍ଗାନାର, ଭାଜପା ବିଧାୟକ

■ କର୍ଣ୍ଣାଟକ କଂଗ୍ରେସ ନେତାଙ୍କ ବିବାଦୀୟ ନିର୍ଦ୍ଦେଶ

# ମୋଦିଙ୍କୁ ଗୁଳିକର

ବେଙ୍ଗାଲୁରୁ,୫।୩(ପି.ଟି.)



ବେଲୁର ଗୋପାଳକ୍ରିଷ୍ଣ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁଳି କରିବାକୁ ନିର୍ଦ୍ଦେଶ ଦେଇ କର୍ଣ୍ଣାଟକ କଂଗ୍ରେସର ଜଣେ ନେତା ବିବାଦୀୟ ହୋଇଛନ୍ତି। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାଜପା ଦାବି କରିଛି। ହିନ୍ଦୁ ମହାସଭା ନେତା ପୂଜା ଶକୁନ ପାଣ୍ଡେ ଜାନୁୟାରୀ ୩୦ରେ ଶୌର୍ଯ୍ୟ ଦିବସ ପାଳନ ଅବସରରେ ମହାତ୍ମା ଗାନ୍ଧୀଙ୍କୁ ଗୁଳିକରି ତାଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କୁ ମହିମାମଣ୍ଡନ କରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାର ପ୍ରତିବାଦରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ବେଲୁର ଗୋପାଳକ୍ରିଷ୍ଣ କହିଛନ୍ତି, ଦକ୍ଷିଣପନ୍ଥୀ ସଙ୍ଗଠନଗୁଡ଼ିକର ସଦସ୍ୟମାନଙ୍କ ସତ୍‌ସାହସ ଥିଲେ ସେମାନେ ମୋଦିଙ୍କୁ ଗୁଳି କରନ୍ତୁ। ଗଡ୍‌ସେଙ୍କୁ ପ୍ରଶଂସା କରୁଥିବା ଲୋକଙ୍କ ଭାରତରେ ରହିବା ଅଧିକାର ନାହିଁ। ସେମାନେ ଦେଶର ଗଣତନ୍ତ୍ରକୁ ହତ୍ୟା କରିବାକୁ ଚାହୁଁଛନ୍ତି। କଠୋରପନ୍ଥୀ ହିନ୍ଦୁବାଦୀମାନଙ୍କ ସତ୍‌ସାହସ ଥିଲେ ସେମାନେ ମୋଦିଙ୍କୁ ଗୁଳିକରି ହତ୍ୟା କରନ୍ତୁ। ଅନ୍ୟ କାହାକୁ ହତ୍ୟା କରନ୍ତୁ ନାହିଁ ବୋଲି ଗୋପାଳକ୍ରିଷ୍ଣ କହୁଥିବାବେଳର ଭିଡିଓ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଭାଜପା ଏହାକୁ ଟୁଇଟର୍‌ରେ ଶେୟାର କରି ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

## ଏଏପି ସହ ମେଣ୍ଟ କରିବନି କଂଗ୍ରେସ

ନୂଆଦିଲ୍ଲୀ,୫।୩ (ପି.ଟି.)



**ଭାଜପା-କଂଗ୍ରେସର ଭିତିରି ବୁଝାମଣା: କେଜ୍‌ରିଓ୍ୱାଲ**

ଦିଲ୍ଲୀରେ ଏଏପି-କଂଗ୍ରେସ ମେଣ୍ଟ ସମ୍ଭାବନା ନେଇ ଚାଲିଥିବା କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ଏଏପି ସହ ନିର୍ବାଚନୀ ମେଣ୍ଟ ହେବନାହିଁ ବୋଲି ଦିଲ୍ଲୀ କଂଗ୍ରେସ ମୁଖ୍ୟ ଶିଳା ଦୀକ୍ଷିତ୍ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ନେତାଙ୍କ ସହ ହୋଇଥିବା ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଥିବା ସେ ଗଣମାଧ୍ୟମକୁ ଜଣାଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଧ୍ୟ ଏଥିରେ ସହମତ ଥିବା ଦୀକ୍ଷିତ କହିଛନ୍ତି। ତେଣୁ ଦିଲ୍ଲୀରେ କଂଗ୍ରେସ ଏକୁଟିଆ ଲୋକ ସଭା ନିର୍ବାଚନ ଲଢ଼ିବ ବୋଲି ସେ ନିଶ୍ଚିତ କରିଛନ୍ତି। ଏଏପିର ମେଣ୍ଟ ପ୍ରସ୍ତାବରୁ କଂଗ୍ରେସ ଓହରିବା ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ କଂଗ୍ରେସ ନେତୃବୃନ୍ଦଙ୍କ ଉପରେ ବର୍ଷିଛନ୍ତି। ଭାଜପା ସହ କଂଗ୍ରେସ ଭିତିରି ବୁଝାମଣା କରିଥିବା ସେ ଅଭିଯୋଗ କରିଛନ୍ତି। ହୀନ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ଉଭୟ ଦଳ ମଧ୍ୟରେ ଗୁପ୍ତ ମନ୍ତ୍ରଣା ହୋଇଛି। ତେଣୁ ଏଏପି ସହ ମେଣ୍ଟ କରିବାକୁ କଂଗ୍ରେସ ପଛଘୁଞ୍ଚା ଦେଉଛି ବୋଲି କେଜ୍‌ରିଓ୍ୱାଲ ପ୍ରତିକ୍ରିୟା ରଖିଛନ୍ତି। ସେ ଟୁଇଟ୍ କରି ଲେଖିଛନ୍ତି ଯେ, ସାରା ଦେଶରେ ମୋଦି-ଶାହଙ୍କ ରାଜନୈତିକ ପତିଆରାକୁ ହ୍ରାସ କରିବା ପାଇଁ ସ୍ୱର ଗୁଞ୍ଜରିତ ହୋଇଥିବାବେଳେ କଂଗ୍ରେସ ଭାଜପା-ବିରୋଧୀ ଭୋଟ ବ୍ୟାଙ୍କ୍‌କୁ ଭାଗ କରି ଗୈରିକ ଦଳକୁ ଫାଇଦା ଦେବାକୁ ପ୍ରୟାସ ଚଳାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କଂଗ୍ରେସ ମେଣ୍ଟ ପ୍ରସ୍ତାବକୁ ଖାରଜ କରି ଭାଜପାର ଶକ୍ତି ବୃଦ୍ଧିକରିବାକୁ ସୁଯୋଗ ସୃଷ୍ଟି କରିଛି ବୋଲି କେଜ୍‌ରିଓ୍ୱାଲ ସମାଲୋଚନା କରିଛନ୍ତି।



ଋଷିକେଶରେ ପରମାର୍ଥ ନିକେତନ ପକ୍ଷରୁ ମଙ୍ଗଳବାର ଆୟୋଜିତ ଅନ୍ତର୍ଜାତୀୟ ଯୋଗ ମହୋତ୍ସବରେ ଅଭିନେତ୍ରୀ ଶିଳ୍ପା ସେଟ୍ଟି ଆସନ ଅଭ୍ୟାସ କରୁଛନ୍ତି।

## ଭାଜପା ଓ୍ୱେବ୍‌ସାଇଟ୍ ହ୍ୟାକ୍

ନୂଆଦିଲ୍ଲୀ,୫।୩

ଭାଜପାର ଅଫିସିଆଲ୍ ଓ୍ୱେବ୍‌ସାଇଟ୍ ଏଚ୍‌ଟିଟିପି.//ଡବ୍ଲ୍ୟୁ.ଡବ୍ଲ୍ୟୁ.ଡବ୍ଲ୍ୟୁ. ବିଜେପି.ଓଆରଜି ହ୍ୟାକ୍ କରାଯାଇଛି। ମଙ୍ଗଳବାର ହ୍ୟାକର୍ସମାନେ ଏହି ସାଇଟ୍‌କୁ ଅନ୍‌ଲାଇନ୍‌ରେ ଅଚଳ କରିବା ପରେ ଅଫ୍‌ଲାଇନ୍ କରିଥିବା ଜଣାପଡ଼ିଛି। ଏହା ପଛରେ କେଉଁ ଗୋଷ୍ଠୀର ହାତ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ଓ୍ୱେବ୍‌ସାଇଟ୍‌ର ହୋମ୍‌ପେଜ୍‌କୁ ବିକୃତ କରାଯାଇଥିବା ଦେଖାଯାଇଛି। ମେସେଜ ବକ୍ସକୁ ପୂରଣ କରାଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ନାମ ଓ ବିଚାରଧାରାକୁ ଉଲ୍ଲେଖ କରାଯାଇଛି। ଏହାକୁ ସଚଳ କରିବା ପାଇଁ ଭାଜପା ମିଡିଆ ସେଲ୍ ପକ୍ଷରୁ ଉଦ୍ୟମ ଜାରି ରହିଛି।

**ଫୁର୍‌ସତ**

## ପ୍ରଦର୍ଶିତ ହେବ ୫୦ ଅନ୍ତର୍ଜାତୀୟ ସିନେମା

ନୂଆଦିଲ୍ଲୀ

**ଏସୀୟ ମହିଳା ଫିଲ୍ମ ଫେଷ୍ଟିଭାଲ**




ଆଇଏଡବ୍ଲ୍ୟୁଆର୍‌ଟି(ଇଣ୍ଟରନ୍ୟାଶନାଲ ଆସୋସିଏଶନ୍ ଅଫ୍ ଓ୍ୱମେନ୍ ଇନ୍ ରେଡିଓ ଆଣ୍ଡ ଟେଲିଭିଜନ୍) ଦ୍ୱାରା ଆୟୋଜିତ ହେଉଥିବା ଏସିଆନ୍ ଓ୍ୱମେନ୍‌ସ ଫିଲ୍ମ ଫେଷ୍ଟିଭାଲ୍‌ରେ ୫୦ଟି ଅନ୍ତର୍ଜାତୀୟ ସିନେମା ପ୍ରଦର୍ଶିତ ହେବ। ଏଠାରେ ଉକ୍ତ ଆସୋସିଏଶନ୍‌ର ୧୫ତମ ସଂସ୍କରଣ ଆୟୋଜିତ ହେଉଛି। ୩ଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବ ମଙ୍ଗଳବାର ଆରମ୍ଭ ହୋଇଛି। ଆର୍ମେନିଆ, ବାଂଲାଦେଶ, ଏଷ୍ଟୋନିଆ, ଭାରତ, ଇରାନ୍, ଶ୍ରୀଲଙ୍କା, ସିରିଆ ଏବଂ ତୁର୍କୀ ସମେତ ୨୦ଟି ଦେଶର ଫିଲ୍ମ ଏଠାରେ ପ୍ରଦର୍ଶିତ ହେବା କାର୍ଯ୍ୟକ୍ରମ ରହିଛି। ବୀଣା ପଲ୍, ସାମିନା ମିଶ୍ର, ଇଫାତ୍ ଫାତିମା, ଜେରୋ ମୁଲ୍ଲା, ଆନନ୍ଦନା କପୁର, ସୁପ୍ରିୟା ସୁରିଙ୍କ ଦ୍ୱାରା ନିର୍ମିତ ଓ ନିର୍ଦ୍ଦେଶିତ ଫିଲ୍ମ ଏଠାରେ ପ୍ରଦର୍ଶିତ ହେଉଥିବା ଆଇଏଡବ୍ଲ୍ୟୁଆରଟି ଭାରତ ଶାଖାର ମ୍ୟାନେଜିଂ ଟ୍ରଷ୍ଟି ନୂପୁର ବସୁ ପ୍ରକାଶ କରିଛନ୍ତି।

**ଇତିହାସର ଆଇନାରେ**

### ମାର୍ଚ୍ଚ ୬ର ପ୍ରମୁଖ ଘଟଣା

୧୯୫୭ ମାର୍ଚ୍ଚ ୬ରେ ବ୍ରିଟିଶଠାରୁ ସ୍ୱାଧୀନତା ପାଇବାରେ ଘାନା ପ୍ରଥମ ଉପସାହାରା ଦେଶ ଥିଲା। ଘାନାକୁ ସରକାରୀ ଭାବେ ରିପବ୍ଲିକ୍ ଅଫ୍ ଘାନା କୁହାଯାଏ। ଏହା ଆଟଲାଣ୍ଟିକ୍ ମହାସାଗର ଏବଂ ଗିନି ଉପସାଗର ପାର୍ଶ୍ୱରେ ଅବସ୍ଥିତ। ଏହାର ପଶ୍ଚିମରେ ଆଇଭରି କୋଷ୍ଟ ଏବଂ ଉତ୍ତରରେ ବୁର୍କିନା ଫାସୋ ରହିଛି।

୨୦୦୮ ମାର୍ଚ୍ଚ ୬ରେ ବାଗ୍‌ଦାଦ୍‌ରେ ଆତ୍ମଘାତୀ ଆକ୍ରମଣରେ ୬୮ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୧୬ ରିପୋର୍ଟ ଅନୁଯାୟୀ ଇରାକ୍‌ର ରାଜଧାନୀ ବାଗଦାଦ୍‌ର ଲୋକସଂଖ୍ୟା ପାଖାପାଖି ୮୭,୬୫,୦୦୦। ଏହା ଇରାକ୍‌ର ବୃହତ୍ତମ ନଗରୀ ଏବଂ ଆରବ ଜଗତର ଦ୍ୱିତୀୟ ସର୍ବବୃହତ୍ ସହର। ଟାଇଗ୍ରୀସ୍ ନଦୀକୂଳରେ ଥିବା ଏହି ନଗରୀ ଅଷ୍ଟମ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୮ | ୨୨.୪ |
| ଚାନ୍ଦବାଲି | ୩୩.୨ | ୨୪.୯ |
| କଟକ | ୩୨.୮ | ୨୩.୨ |
| ପାରାଦ୍ୱୀପ | ୨୯.୯ | ୨୫.୫ |
| ଭୁବନେଶ୍ୱର | ୩୩.୮ | ୨୪.୦ |
| ଗୋପାଳପୁର | ୩୦.୩ | ୨୫.୨ |
| ପୁରୀ | ୩୧.୪ | ୨୫.୮ |
| ଅନୁଗୋଳ | ୩୫.୧ | ୧୯.୬ |
| ବାରିପଦା | ୨୭.୫ | ୨୨.୦ |
| ଝାରସୁଗୁଡ଼ା | ୩୨.୮ | ୨୧.୦ |
| କେନ୍ଦୁଝର | ୨୭.୪ | ୨୦.୨ |
| ସମ୍ବଲପୁର | ୩୩.୬ | ୨୧.୩ |
| ସୁନ୍ଦରଗଡ଼ | ୩୨.୦ | ୧୩.୫ |
| ହୀରାକୁଦ | ୩୩.୧ | ୨୧.୮ |
| ତାଳଚେର | ୩୩.୩ | ୨୦.୫ |
| ଭବାନୀପାଟଣା | ୩୬.୨ | ୨୩.୬ |
| ବଲାଙ୍ଗୀର | ୩୫.୦ | ୨୨.୦ |
| କୋରାପୁଟ | ୩୧.୨ | ୧୭.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୬.୨ | ୧୮.୫ |
| ମାଲକାନଗିରି | ୩୬.୫ | ୧୯.୦ |
| ସୋନପୁର | ୩୩.୬ | ୧୯.୮ |
| ଦାରିଙ୍ଗିବାଡ଼ି | ୩୦.୦ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

## ବିଶ୍ୱର ୨୦ ପ୍ରଦୂଷିତ ସହରରୁ ଭାରତରେ ୧୫

**ନୂଆଦିଲ୍ଲୀ/ଓ୍ୱାଶିଂଟନ:** ପୃଥିବୀର ପ୍ରଦୂଷିତ ରାଜଧାନୀ ମଧ୍ୟରେ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି। ସେହିପରି ପ୍ରଦୂଷିତ ସହର ମଧ୍ୟରେ ଗୁଡଗାଓଁ ପ୍ରଥମସ୍ଥାନ ହାସଲ କରିଛି। ଗ୍ରୀନ୍‌ପିସ୍ ସାଉଥ୍‌ଇଷ୍ଟ ଏସିଆ ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟରେ ଏହା ସୂଚିତ ହୋଇଛି। ପ୍ରଦୂଷିତ ରାଜଧାନୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ବାଂଲାଦେଶର ରାଜଧାନୀ ଢାକା ଥିବାବେଳେ ତୃତୀୟ ସ୍ଥାନରେ ରହିଛି ଆଫଗାନିସ୍ତାନ ରାଜଧାନୀ କାବୁଲ। ସେହିପରି ପୃଥିବୀର ୨୦ ପ୍ରଦୂଷିତ ସହର ମଧ୍ୟରୁ ୧୮ଟି ଭାରତ, ପାକିସ୍ତାନ ଓ ବାଂଲାଦେଶରେ ରହିଛି। କେବଳ ଭାରତରେ ୧୫ଟି ସହର ଅଧିକ ପ୍ରଦୂଷିତ ଥିବା ଏହି ରିପୋର୍ଟରୁ ଜଣାପଡିଛି। ପ୍ରଥମ ୬ଟି ସହର ମଧ୍ୟରେ ଭାରତର ୫ଟି ଏବଂ ପାକିସ୍ତାନର ଗୋଟିଏ ସହର ରହିଛି। ପ୍ରଦୂଷିତ ସହର ମଧ୍ୟରେ ପ୍ରଥମ ସ୍ଥାନରେ ଗୁଡ଼ଗାଓଁ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଗାଜିଆବାଦ୍, ତୃତୀୟ ସ୍ଥାନରେ ପାକିସ୍ତାନର ଫୈସଲାବାଦ୍, ଚତୁର୍ଥରେ ଫରିଦାବାଦ୍, ପଞ୍ଚମରେ ରାଜସ୍ଥାନର ଭିଓ୍ୱାଡି ଏବଂ ଷଷ୍ଠରେ ନୋଏଡା ରହିଛି। ଚାଇନାର ରାଜଧାନୀ ବେଜିଂ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ୧୨୨ତମ ର୍ୟାଙ୍କରେ ରହିଛି। ପାର୍ଟିକୁଲେଟ୍ ମ୍ୟାଟର୨.୫ (ପିଏମ୍୨.୫) ତଥ୍ୟକୁ ଭିତ୍ତିକରି ଏହି ତାଲିକା ପ୍ରସ୍ତୁତ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ଷିକ ନିରାପତ୍ତା ସୀମା ଠାରୁ ଏହି ସହର ୫ଗୁଣ ଅଧିକ ପ୍ରଦୂଷିତ ବୋଲି ଜଣାପଡ଼ିଛି। ବିଶ୍ୱର ୩,୦୦୦ ସହରାଞ୍ଚଳରେ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ସଂକଟ ଅତି ଉଦ୍‌ବେଗଜନକ ବୋଲି ଏଥିରେ କୁହାଯାଇଛି।







# ଦୁର୍ଗ ଦଖଲ ଆଶାରେ ବିଜେଡି

ପ୍ରେମାନନ୍ଦ ଖମାରୀ
ବରଗଡ଼ ଅଫିସ, ୫।୩




**ମୋଟ ଭୋଟର ସଂଖ୍ୟା** ୨,୧୬,୩୫୮
**ପୁରୁଷ ଭୋଟର** ୧,୧୧,୯୪୫
**ମହିଳା ଭୋଟର** ୧,୦୪,୩୯୬
**ଅନ୍ୟାନ୍ୟ ଭୋଟର** ୧୭

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ଦେବେଶ ଆଚାର୍ଯ୍ୟ | ୫୯,୩୫୦ |
| କଂଗ୍ରେସ | ସାଧୁ ନେପାକ | ୪୬,୧୪୬ |
| ଭାଜପା | ଅଶ୍ୱିନୀ ଷଡ଼ଙ୍ଗୀ | ୨୨,୭୦୭ |

ବରଗଡ଼ ବ୍ଲକର ୨୭ ପଞ୍ଚାୟତ, ବରଗଡ଼ ମ୍ୟୁନିସିପାଲିଟିର ୧୯ ୱାର୍ଡ଼ ଏବଂ ବରପାଲି ବ୍ଲକର କଟାପାଲି, ମହୁଲପାଲି, କୁସନପୁରୀ, ଲେଣ୍ଡା, ବାଗବାଡ଼ି, ବରମକେଲା ଓ କନବାର ପଞ୍ଚାୟତକୁ ନେଇ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଗଠିତ। ଏହି ନିର୍ବାଚନମଣ୍ଡଳୀ ବିଜେଡିର ଦୁର୍ଗ ଭାବେ ପରିଚିତ। ୨୦୦୯ ସାଧାରଣ ନିର୍ବାଚନକୁ ବାଦ୍ ଦେଲେ ୧୯୯୦ ନିର୍ବାଚନରୁ ଏଯାଏ ଏହି ଆସନରୁ ପଦ୍ମଶ୍ରୀ ସ୍ୱର୍ଗତ କୃତାର୍ଥ ଆଚାର୍ଯ୍ୟଙ୍କ ଉତ୍ତରାଧିକାରୀମାନେ ଜନତା ଦଳ ଓ ବିଜୁ ଜନତା ଦଳ ଟିକେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଛନ୍ତି। ୧୯୯୦ ଓ ୧୯୯୫ ନିର୍ବାଚନରେ ପ୍ରସନ୍ନ ଆଚାର୍ଯ୍ୟ ଏବଂ ୨୦୦୦ ଓ ୨୦୦୪ରେ ଆନନ୍ଦ ଆଚାର୍ଯ୍ୟ ଜିତିଥିଲେ। ୨୦୦୯ ନିର୍ବାଚନରେ ଏହି ବିଜୟଧାରାରେ ଅଙ୍କୁଶ ଲାଗିଥିଲା। ମାତ୍ର ୧୯୬୯ ଭୋଟ୍ ବ୍ୟବଧାନରେ କଂଗ୍ରେସର ସାଧୁ ନେପାକ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ନେପାକଙ୍କୁ ୧୩,୨୦୪ ଭୋଟ୍‌ରେ ହରାଇ ବିଜେଡି ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟ ବିଜୟୀ ହୋଇଥିଲେ। ତେବେ ଏହି ନିର୍ବାଚନମଣ୍ଡଳୀରେ ଭାଜପା ଏପର୍ଯ୍ୟନ୍ତ ଖାତା ଖୋଲିପାରିନାହିଁ। ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସ, ବିଜେଡି ଓ ଭାଜପାର ଆଶାୟୀମାନେ କସରତ ଆରମ୍ଭ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ସବୁ ଜିଲା ପରିଷଦ ଆସନକୁ ପୋଛି ନେଇଥିବା ଭାଜପା ଏହି ନିର୍ବାଚନମଣ୍ଡଳୀକୁ ଅକ୍ତିଆର କରିବ ବୋଲି ଆଶା ବାନ୍ଧିଥିବାବେଳେ କଂଗ୍ରେସ ମଧ୍ୟ ଜିତିବ ବୋଲି ଆଶା ରଖିଛି। ସେହିପରି ରାଜ୍ୟ ସରକାରଙ୍କ ବହୁମୁଖୀ ବିକାଶମୂଳକ ଯୋଜନାକୁ ପାଥେୟ କରି ବିଜେଡି ଏହି ଦୁର୍ଗଦଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛି।

ଭାଜପାରୁ ଏକାଧିକ ଆଶାୟୀ ଅଛନ୍ତି। ୨୦୧୪ ନିର୍ବାଚନରେ ୧୫.୫୬ ପ୍ରତିଶତ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିବା ଭାଜପା ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀଙ୍କ ନାମ ଅଧିକ ଚର୍ଚ୍ଚା ହେଉଛି। ୨୦୦୯ ନିର୍ବାଚନରେ କଂଗ୍ରେସ ଛାଡ଼ି ଭାଜପା ଟିକେଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ସୁରେଶ୍ୱର ଶତପଥୀ ମଧ୍ୟ ଆଶାୟୀ ତାଲିକାରେ ଅଛନ୍ତି। ଓଡ଼ିଶା ଜନମୋର୍ଚ୍ଚାରୁ ଭାଜପାକୁ ଆସିଥିବା ଇଂ. ଦେବବ୍ରତ ମିଶ୍ର, ରାଜ୍ୟ ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଲିପସିତ୍ ମିଶ୍ର ମଧ୍ୟ ଆଶାୟୀ ତାଲିକାରେ ଅନ୍ତର୍ଭୁକ୍ତ। ଦଳର ଜିଲା ସଭାପତି ଡା. ଅରୁପାନନ୍ଦ ସାହୁଙ୍କୁ ପଚାରିବାରୁ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ଦାବିଦାର ଅଛନ୍ତି। ଦଳ ଯାହାକୁ ଟିକେଟ୍ ଦେବ ସେ ନିର୍ବାଚନ ଲଢ଼ିବେ ବୋଲି କହିଛନ୍ତି। ଏ ନେଇ ଅଶ୍ୱିନୀ ଷଡ଼ଙ୍ଗୀଙ୍କୁ ପଚାରିବାରୁ କହିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନରେ ଦଳ ପକ୍ଷରୁ ଲଢ଼ି ହାରିଥିଲି। ହେଲେ ଗତ ୫ବର୍ଷ ମଧ୍ୟରେ ଇଥାନଲ ପ୍ରକଳ୍ପ, ଲୋକକବି ହଲଧର ନାଗଙ୍କୁ ପଦ୍ମଶ୍ରୀ ସମ୍ମାନ ଆଦିରେ ମୋର ଭୂମିକା କଣ ରହିଥିଲା, ଲୋକେ ତାକୁ ବେଶ ଭଲଭାବେ ଜାଣିଛନ୍ତି। ତେବେ ଦଳ ମୋତେ ଟିକେଟ୍ ଦେବା ନା ନାହିଁ, ସେହି ନିଷ୍ପତ୍ତି ହାଇକମାଣ୍ଡଙ୍କ ଉପରେ ଛାଡ଼ି ଦେଇଛି ବୋଲି କହିଛନ୍ତି।

କଂଗ୍ରେସର ଆଶାୟୀ ତାଲିକା ମଧ୍ୟ ଲମ୍ବା। ଦଳର ୧୫ଜଣ ଟିକେଟ୍ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ସାଧୁ ନେପାକଙ୍କ ସମେତ ଯୁଗଳ ପ୍ରସାଦ ସିଂ, ନିପନ ଦାଶ, ଆନନ୍ଦ ପ୍ରଧାନ, ହରଦୀପ ସିଂ, ବିମଳ ଦାଶ, ପାଣ୍ଡବ କର୍ଣ୍ଣ, କରୁଣାକର ସାହୁ, ଶୈଳେନ୍ଦ୍ର କୁମାର ବିଶ୍ୱାଳ, ବ୍ରହ୍ମା ମହାକୁଡ଼, ରବିନ କୁମାର ଦାଶ, ଯତିରଞ୍ଜନ ପୂଜାରୀ, ସୁଶାନ୍ତ ସାହୁ, ପ୍ରତାପ ନାଏକ ଏବଂ ଦିଲୀପ ନନ୍ଦ ପ୍ରମୁଖ ଅଛନ୍ତି। ଏହା କଂଗ୍ରେସ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ କହିଛନ୍ତି, ଦଳର ସ୍କ୍ରିନିଂ କମିଟି ନିର୍ବାଚନ ମଣ୍ଡଳୀ ଗସ୍ତ କରି ମତାମତ ସଂଗ୍ରହ କରିଛନ୍ତି। ଦଳୀୟ ପ୍ରାର୍ଥୀ କିଏ ହେବେ, ଦଳର ହାଇକମାଣ୍ଡ ନିଷ୍ପତ୍ତି ନେବେ। ପୂର୍ବତନ ବିଧାୟକ ସାଧୁ ନେପାକ କହିଛନ୍ତି ଯେ, ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିଲେ ମଧ ଲୋକଙ୍କ ପ୍ରତି ରହିଥିବା ମୋର ସମ୍ପର୍କ, ବିଶ୍ୱାସ ଓ ଭରସାକୁ ଆୟୁଧ କରି ଏଥର ଦଳ ଏଠାରେ ମୋତେ ପ୍ରାର୍ଥୀ କରିବ ବୋଲି ଆଶାବାଦୀ ଅଛି।

ବିଜେଡିରେ ମଧ୍ୟ ଏକାଧିକ ଆଶାୟୀ ରହିଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନାମ ଆଗରେ ରହିଛି। ଗତ ପଞ୍ଚାୟତ ନିର୍ବାଚନ ବେଳେ ଜିଲା ପରିଷଦ ଆସନ ହାତେଇବାରେ ସେ ବିଫଳ ହୋଇଥିଲେ। ହେଲେ ପଞ୍ଚାୟତ ସମିତି ଗଠନରେ ତାଙ୍କ ଉଦ୍ୟମ ସଫଳ ହୋଇଥିଲା। ସେହିପରି ବିଜେପୁର ଉପନିର୍ବାଚନବେଳେ ନିଜ ଦାୟିତ୍ୱରେ ଥିବା ବରପାଲି ଏନ୍ଏସି ଓ ବ୍ଲକର ବିଭିନ୍ନ ୱାର୍ଡ଼ରେ ଦଳର ଆଶାତୀତ ସଫଳତା ପରେ ଦଳ ସଭାପତି ତାଙ୍କୁ ଜିଲା ଯୋଜନା ବୋର୍ଡ଼ କମିଟି ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରିଥିଲେ। ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ସୌଭାଗ୍ୟ ନାଏକ ମଧ୍ୟ ଏହି ଆସନ ପାଇଁ ଆଶାୟୀ ଥିବା କହିଛନ୍ତି। ଦେବେଶଙ୍କ ବଡ଼ଭାଇ ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମିତ ଆଚାର୍ଯ୍ୟ ମଧ୍ୟ ଦଳରେ ସକ୍ରିୟ ଥିବାରୁ ତାଙ୍କ ନାମ ଚର୍ଚ୍ଚାକୁ ଆସିଛି। ରାଜ୍ୟ ସଭା ସଦସ୍ୟ ତଥା ଦଳର ରାଜ୍ୟ ଉପସଭାପତି ପ୍ରସନ୍ନ ଆଚାର୍ଯ୍ୟ ୨୦୧୪ ସାଧାରଣ ନିର୍ବାଚନରେ ଅଳ୍ପ ବ୍ୟବଧାନରେ ପରାଜିତ ହେବା ପରେ ଏବେ ବରଗଡ଼ କିମ୍ବା ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ମୁହାଁ ହୋଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ବିଧାୟକ ଦେବେଶ ଆଚାର୍ଯ୍ୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ବହୁମୁଖୀ ବିକାଶ ହୋଇଛି। ଦଳ ତାଙ୍କୁ ପୁଣି ଟିକେଟ୍ ଦେବ ବୋଲି ସେ ଆଶାବାଦୀ। ମାତ୍ର ସେ ନେଇ ଦଳର ସଭାପତି ଯାହା ନିଷ୍ପତ୍ତି ନେବେ ତାକୁ, ଗ୍ରହଣ କରିବି ବୋଲି ସେ କହିଛନ୍ତି।


ଦେବେଶ ଆଚାର୍ଯ୍ୟ


ଅଶ୍ୱିନୀ ଷଡ଼ଙ୍ଗୀ


ସାଧୁ ନେପାକ

# ନୂଆ ପ୍ରାର୍ଥୀଙ୍କୁ ମିଳିପାରେ ସୁଯୋଗ

ସୁକାନ୍ତ କିଶୋର ଡାକୁଆ
ରଣପୁର, ୫।୩

**ମୋଟ ଭୋଟର ସଂଖ୍ୟା** ୨,୦୬,୨୪୫
**ପୁରୁଷ ଭୋଟର** ୧,୦୮,୨୯୦
**ମହିଳା ଭୋଟର** ୯୭,୯୩୪
**ଅନ୍ୟାନ୍ୟ ଭୋଟର** ୨୧




**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରବିନାରାୟଣ ମହାପାତ୍ର | ୬୦,୭୦୫ |
| ଭାଜପା | ସୁରମା ପାଢୀ | ୪୪,୨୭୯ |
| କଂଗ୍ରେସ | ସତ୍ୟଜିତ୍ ପଟ୍ଟନାୟକ | ୧୭,୧୧୦ |
| ଆମ ଓଡ଼ିଶା ପାର୍ଟି | ଶୁଭଶ୍ରୀ ପଣ୍ଡା | ୫୦୯୧ |

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ବଢ଼ିବାରେ ଲାଗିଛି। ଆଶାୟୀ ପ୍ରାର୍ଥୀମାନେ ଭୋଟରଙ୍କ ନିକଟତର ହେବାକୁ ବିଭିନ୍ନ ରଣକୌଶଳ ଆପଣାଇ ସଙ୍ଗଠନ ମଜଭୁତ କରିବାରେ ଲାଗିଛନ୍ତି। ନୟାଗଡ଼ ଜିଲାର ରଣପୁର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳର ପୁରୁଣା ନେତାଙ୍କୁ ବାଦ୍ ଦିଆଯାଇ ନୂଆ ମୁହଁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏହି ନିର୍ବାଚନମଣ୍ଡଳୀ ଗତ ଦୁଇଥର ଧରି ବିଜେଡି ଦଖଲରେ ରହିଛି। ମାତ୍ର ସାମ୍ପ୍ରତିକ ଅବସ୍ଥା ଭିନ୍ନ। ଚଳିତଥର ଏଠାରେ ପ୍ରାର୍ଥୀ ଚୟନ ଠିକ୍ ନ ହେଲେ ବିଜେଡିକୁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ଆଲୋଚନା ହେଉଛି। ରଣପୁର ବ୍ଲକର ୩୭ ପଞ୍ଚାୟତ ସହିତ ଏନ୍ଏସିର ୧୫ ୱାର୍ଡ, ଓଡଗାଁ ବ୍ଲକର ୧୮ ପଞ୍ଚାୟତକୁ ନେଇ ରଣପୁର ନିର୍ବାଚନମଣ୍ଡଳୀ ଗଠିତ। ୨୦୧୪ ନିର୍ବାଚନରେ ୧୧ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲାବେଳେ ୩ଟି ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ସାଧାରଣ ବର୍ଗ ପାଇଁ ଉଦ୍ଦିଷ୍ଟ ଏହି ନିର୍ବାଚନ ମଣ୍ଡଳୀର ୬ଟି ଜୋନ୍‌ର ଜିଲାପରିଷଦ ସଭ୍ୟ ମଧ୍ୟରୁ ୪ଟି ଭାଜପା ଓ ୨ଟି ବିଜେଡି ଦଖଲରେ ରହିଛି। ବିଜେଡି ହାତରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ ବ୍ଲକର ଅଧ୍ୟକ୍ଷ ଓ ରଣପୁର ଏନ୍ଏସିର ଅଧ୍ୟକ୍ଷା ପଦ ରହିଛି। ବିଧାୟକ ରବିନାରାୟଣ ମହାପାତ୍ର ନିଜର ଲୋକଙ୍କୁ ଧରି ଦଳୀୟ କାର୍ଯ୍ୟକ୍ରମ କରୁଥିବାରୁ ଦଳର କେତେଜଣ କର୍ମୀ ଓ ନେତା ତାଙ୍କୁ ବିରୋଧ କରିଆସୁଛନ୍ତି। ଏପରି ଅଭିଯୋଗକୁ ବିଧାୟକ ମହାପାତ୍ର ଖଣ୍ଡନ କରିବା ସହିତ ଦଳର ସଙ୍ଗଠନ ମଜଭୁତ୍ ରହିଛି ବୋଲି କହିଛନ୍ତି। ଚଳିତ ନିର୍ବାଚନରେ ରଣପୁର ନିର୍ବାଚନ ମଣ୍ଡଳୀ ପାଇଁ ସେ ପୁଣି ଟିକେଟ ଲବିରେ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ବିଜେଡି ବିଧାୟକ ସତ୍ୟନାରାୟଣ ପ୍ରଧାନ ଟିକେଟ ପାଇଁ ଆଶାବାନ୍ଧି ରହିଛନ୍ତି। ତାଙ୍କ ସହ ଦେବାଶିଷ ସାମନ୍ତରାୟ, ସିଦ୍ଧାର୍ଥ ପଣ୍ଡା, ସ୍ୱର୍ଣ୍ଣପ୍ରକାଶ ରାଉତରାୟ, ସ୍ମିତା ସିଂ, ଲିଙ୍କନ ସୁବୁଦ୍ଧିଙ୍କ ଭଳି ସ୍ଥାନୀୟ ନେତା ଓ ନେତ୍ରୀ ଏହି ଲବିରେ ସାମିଲ ହୋଇଛନ୍ତି। ସୁନାଖଳା ଅଞ୍ଚଳର ଆଲୋକ ପଟ୍ଟନାୟକ ମଧ ଟିକେଟ ଆଶାୟୀ ଭାବେ ଦୌଡ଼ରେ ଅଛନ୍ତି।

ସେହିପରି ଭାଜପାର ଏକମାତ୍ର ଦାବିଦାର ପୁରୁଣା ମୁହଁ ସୁରମା ପାଢୀ ବିଗତ ଦିନରେ ଏହି ନିର୍ବାଚନ ମଣ୍ଡଳୀରୁ ବିଧାୟିକା ହୋଇ ମନ୍ତ୍ରୀ ହୋଇଥିଲେ। ସେ ମଧ ତାଙ୍କ ସଙ୍ଗଠନକୁ ମଜଭୁତ୍ କରିବାରେ ଲାଗିଛନ୍ତି। ତେବେ ୨୦୦୯ ନିର୍ବାଚନରେ ତାଙ୍କର ପରାଜୟ ପରେ ବହୁ ଭାଜପା ସମର୍ଥକ ବିଜେଡି ଆଡକୁ ଚାଲିଯାଇଥିଲେ। ଫଳରେ ଦଳୀୟ ସଙ୍ଗଠନ ଏଠାରେ ଦୁର୍ବଳ ହୋଇପଡ଼ିଥିଲା। ପୁଣି ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ଆଶା ରଖିଛନ୍ତି। ସେ କୁହନ୍ତି, ଏଠାରେ ବହୁ ଦୁର୍ନୀତି ହେବା ସହିତ ପିସି କାରବାର ବଢ଼ି ଯାଇଛି। ନିର୍ବାଚନ ମଣ୍ଡଳୀରେ ଆଖିଦୃଶିଆ ଉନ୍ନତି ହୋଇନି। ବିଭିନ୍ନ କାର୍ଯ୍ୟ ବର୍ଷ ବର୍ଷ ଧରି ଅଧାପନ୍ତରିଆ ହୋଇପଡ଼ିଛି। ଶାସକଦଳ ପ୍ରଶାସନକୁ ହାତବାରିଶି କରି ଶିଶୁମାନଙ୍କୁ ନିମ୍ନମାନର ଛତୁଆ ଯୋଗାଣ କରି ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ କରୁଛନ୍ତି। ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ଏପର୍ଯ୍ୟନ୍ତ ବିକାଶ ହୋଇପାରିଲା ନାହିଁ। ଏହିସବୁ ପ୍ରସଙ୍ଗକୁ ନେଇ ଭାଜପା ନିର୍ବାଚନକୁ ଓହ୍ଲାଇବ ବୋଲି ସୁରମା କହନ୍ତି।

ଲଗାତର ୩ଥର ପରାଜୟ ବରଣ କରିଥିବା କଂଗ୍ରେସର ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ୨୦୧୪ରେ ଏଠାରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ସତ୍ୟଜିତ ପଟ୍ଟନାୟକ ଭାଜପାରେ ସାମିଲ ହୋଇଥିବାରୁ ଚଳିତ ନିର୍ବାଚନରେ ଏଠାରେ ନୂଆ ମୁହଁକୁ ଦେଖିବାକୁ ମିଳିବ। ସେଥି ମଧ୍ୟରୁ ରାଜ୍ୟ କଂଗ୍ରେସ ସମ୍ପାଦକ ସତ୍ୟବ୍ରତ ନାୟକଙ୍କ ନାମ ଆଗରେ ରହିଛି। ସେ ୨୦୦୦ମସିହାରୁ ରଣପୁରରେ କଂଗ୍ରେସ ପାଇଁ କାର୍ଯ୍ୟ କରିଆସୁଛନ୍ତି। ବିଭିନ୍ନ ସମୟରେ ସାଧାରଣ ଲୋକଙ୍କ ପାଖକୁ ଯାଉଛନ୍ତି। କର୍ମୀମାନେ ତାଙ୍କୁ ପ୍ରାର୍ଥୀ କରିବାକୁ ଚାହୁଁଥିଲା ବେଳେ ଦଳୀୟ ଟିକେଟ ପାଇଁ କଂଗ୍ରେସର ଲମ୍ବା ଲାଇନ୍ ଲାଗିଛି। ସେ କୁହନ୍ତି, ତିନୋଟି ରାଜ୍ୟରେ କଂଗ୍ରେସର ବିଜୟ ଏଠାରେ କର୍ମୀ ଓ ନେତାମାନଙ୍କୁ ଉତ୍ସାହିତ କରିଛି। ଏଠାରେ ଶାସକ ଦଳର ନେତାମାନେ ବିଭିନ୍ନ କାର୍ଯ୍ୟ ନ କରି ରଣପୁର ନିର୍ବାଚନ ମଣ୍ଡଳୀକୁ ବହୁବର୍ଷ ପଛକୁ ଠେଲିଦେଇଛନ୍ତି। ଲୋକଙ୍କୁ ପାନୀୟଜଳ ମିଳୁନି। ରଣପୁର ବିକାଶ ନାମରେ ବିଜେଡି ସର୍ବନାଶ କରିଛି। ଏହି ଦୁର୍ନୀତି ପ୍ରସଙ୍ଗ ନେଇ ଦଳୀୟ ଟିକେଟ ମିଳିଲେ ସେ ନିର୍ବାଚନକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଆମ ଓଡିଶା ପାର୍ଟିରୁ ଯାଇ କଂଗ୍ରେସରେ ମିଶିଥିବା ମହିଳା ନେତ୍ରୀ ଶୁଭଶ୍ରୀ ପଣ୍ଡା, ଚାନ୍ଦପୁରର ଯୁବନେତା ବିପିନ ବିହାରୀ ନାୟକ, ଡ. ସନ୍ତୋଷ ଲେଙ୍କା ଶରଣକୁଳ ଅଞ୍ଚଳର ନାରାୟଣ ମହାପାତ୍ର ପ୍ରମୁଖ କଂଗ୍ରେସ ଟିକେଟ ପାଇଁ ଆଶାୟୀ ଅଛନ୍ତି। ସିପିଏମ୍ ତରଫରୁ ନରସିଂହପୁରର ନିତ୍ୟାନନ୍ଦ ପରିଡା ଦଳୀୟ ଟିକେଟ ପାଇବା ପାଇଁ ଆଶାବାନ୍ଧି ରହିଛନ୍ତି।


ରବିନାରାୟଣ ମହାପାତ୍ର


ସୁରମା ପାଢୀ


ସତ୍ୟବ୍ରତ ନାୟକ


ସତ୍ୟନାରାୟଣ ପ୍ରଧାନ




# ବଦଳିପାରେ ରାଜନୈତିକ ସମୀକରଣ

ଲୋକନାଥ ମିଶ୍ର
ଖୋର୍ଦ୍ଧା ଅଫିସ, ୫।୩

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ରାଜେନ୍ଦ୍ର କୁମାର ସାହୁ | ୭୨,୨୯୯ |
| ଭାଜପା | ଜ୍ୟୋତିରୀନ୍ଦ୍ର ନାଥ ମିତ୍ର | ୬୫,୭୦୨ |
| କଂଗ୍ରେସ | ଦିଲୀପ ଶ୍ରୀଚନ୍ଦନ | ୧୨,୨୦୨ |

**ଟାଙ୍ଗୀ ବ୍ଲକ, ଖୋର୍ଦ୍ଧା ମ୍ୟୁନିସିପାଲିଟି, ଖୋର୍ଦ୍ଧା ବ୍ଲକର ୧୪ ପଞ୍ଚାୟତକୁ ନେଇ ଖୋର୍ଦ୍ଧା ବିଧାନସଭା କ୍ଷେତ୍ର ଗଠିତ।**

**ଜନସଂଖ୍ୟା** ୩,୩୨,୭୧୭
**ଭୋଟର** ୨,୩୫,୫୧୪

ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହେଉଥିବା ପ୍ରାର୍ଥୀ ବିଦ୍ରୋହୀ ଭାବେ ଠିଆ ହୋଇ ଦଳ ପାଇଁ ଚିନ୍ତା ବଢ଼ାଉଥିବା ଗତ କେତୋଟି ନିର୍ବାଚନରେ ଦେଖିବାକୁ ମିଳିଛି। ହେଲେ ଏଥର ବି ରାଜନୈତିକ ସମୀକରଣ ବଦଳିବା ଅନୁମାନ କରାଯାଉଛି। ତେଣୁ କେଉଁ ଦଳରୁ କିଏ ଟିକେଟ ପାଇବ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଆଶାୟୀଙ୍କ ମଧ୍ୟରେ ଜୋର୍‌ଦାର ଲବି ହେବା ସହ ଟଣାଓଟରା ଚାଲିଛି। ଗାଁଠାରୁ ସହର ଯାଏ ସବୁଠି ଗୋଟିଏ ଚର୍ଚ୍ଚା ବିଜେଡି, ଭାଜପା ଓ କଂଗ୍ରେସରୁ କିଏ ପାଇବ ଟିକେଟ।

ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଭାଜପା ଟିକେଟ ଲବିରେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, କାଳୁ ଖଣ୍ଡାୟତରାୟ, ଆଇନଜୀବୀ ଶକ୍ତି ଶଙ୍କର ମିଶ୍ର ଅଛନ୍ତି। କାଳୁ ଖଣ୍ଡାୟତରାୟ କୁହନ୍ତି, 'ଦଳ ପାଇଁ କାମ କରି ଚାଲିଛି। ଟିକେଟ ପାଇବା ପାଇଁ ହକ୍‌ଦାର। ଦଳ ଯଦି ଟିକେଟ୍ ନ ଦେବ, ତେବେ କର୍ମୀ ଯାହା ନିଷ୍ପତ୍ତି ନେବେ ତାହା କରିବି।' ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କ କହିବାନୁଯାୟୀ, ସବୁ ଦଳରେ ତାଙ୍କ ପ୍ରତି ଶ୍ରଦ୍ଧା ରହିଛି। ୧୯୯୫ରେ କଂଗ୍ରେସ, ୨୦୦୦ରେ ସ୍ୱାଧନ ଓ ୨୦୦୪ରେ ବିଜେଡି ପ୍ରାର୍ଥୀ ହୋଇ ସେ ବିଜୟୀ ହୋଇଥିଲେ। ୨୦୦୯ରେ ସ୍ୱାଧୀନ, ୨୦୧୪ରେ ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ ହେଁ ତାଙ୍କର ଭୋଟ ହାର ବଢ଼ିଥିବା ଏବଂ ଗତ ପଞ୍ଚାୟତ ନିର୍ବାଚନ ଫଳାଫଳ ତାଙ୍କ ସପକ୍ଷରେ ଯାଇଥିବା ସେ କହିଛନ୍ତି। ଏଣୁ ଭାଜପାରୁ ସେ ହିଁ ଟିକେଟ ପାଇବେ ବୋଲି ଆଶାବାଦୀ ଥିବା କହିଛନ୍ତି। ଅନ୍ୟପକ୍ଷରେ ସେ କୁଆଡେ ବିଜେଡି ଟିକେଟ୍‌ରୁ ଲଢ଼ିବା ପାଇଁ ଯୋଜନା ଚାଲିଥିବା ଚର୍ଚ୍ଚା ହେଉଛି। ଏନେଇ ପଚରାଯିବାରୁ ଭାଜପାରୁ ଟିକେଟ ନ ପାଇଲେ ସ୍ୱାଧୀନ ପ୍ରାର୍ଥୀ ହେବେନାହିଁ ବୋଲି କହି ଜ୍ୟୋତିରିନ୍ଦ୍ର ପ୍ରଶ୍ନକୁ ଏଡାଇ ଯାଇଛନ୍ତି। ସେହିପରି ଶକ୍ତି ଶଙ୍କର ମିଶ୍ର ମଧ ଭାଜପାରୁ ଟିକେଟ୍ ପାଇବାକୁ ଆଶାବାଦୀ ଥିବା କହିଛନ୍ତି।

ମିତ୍ରଙ୍କ ନାମ ବ୍ୟତୀତ ବିଜେଡିରୁ ବିଧାୟକ ରାଜେନ୍ଦ୍ର ସାହୁ, ବିଧାୟକଙ୍କ ସ୍ତ୍ରୀ ସଞ୍ଜୁକ୍ତା ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳେଇ, ପୂର୍ବତନ ଜିଲା ପରିଷଦ ଚେୟାରମ୍ୟାନ ବାସନ୍ତୀ ମହାପାତ୍ର ଟିକେଟ୍ ଲବିରେ ଥିବା ଚର୍ଚ୍ଚା ହେଉଛି। ଟିକେଟ ପାଇବା କ୍ଷେତ୍ରରେ ଯଦି କିଛି ସମସ୍ୟା ଦେଖାଦିଏ ସ୍ତ୍ରୀଙ୍କ ନାମରେ ଟିକେଟ ଆଣିବା ପାଇଁ ରାଜେନ୍ଦ୍ର ଗୋଟିଚାଳନା କରୁଥିବା ଚର୍ଚ୍ଚା ହେଉଛି। ବିଜେଡିର ପୂର୍ବତନ ନଗର ସଭାପତି ଜିତେନ୍ଦ୍ର ପ୍ରଧାନ ଟିକେଟ ଲବିରେ ଥିଲେ ମଧ ସଂକଳ୍ପ ସମାବେଶ କରି ସ୍ୱାଧୀନ ପ୍ରାର୍ଥୀ ହେବାକୁ ଘୋଷଣା କରିଛନ୍ତି। ବିଜେଡିର ପ୍ରଫୁଲ୍ଲ ଦଳେଇ କୁହନ୍ତି, ଟିକେଟ ନ ପାଇଲେ ଦଳ ପାଇଁ କାର୍ଯ୍ୟ କରିବେ। ବିଧାୟକ ରାଜେନ୍ଦ୍ର ସାହୁ କୁହନ୍ତି, ମୁଖ୍ୟମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାହାକୁ ମାନି ନେଇ ଦଳ ପାଇଁ କାର୍ଯ୍ୟ କରିବେ। ବାସନ୍ତୀ ମହାପାତ୍ର କୁହନ୍ତି, ୨୦୦୯ ନିର୍ବାଚନରେ ଟିକେଟ ପାଇବାର ଥିଲା। ଶେଷ ମୁହୂର୍ତ୍ତରେ କଟିଗଲା। ଏଥର ପାଇବାର ରହିଛି। ଯଦି କିଛି ଅସୁବିଧା ହୁଏ, ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ସେ କହିଛନ୍ତି। ସୂଚନାଥାଉ କି ୨୦୦୯ ବିଧାନସଭା ନିର୍ବାଚନରେ ବିଜେଡି ଏହି ଆସନରେ ପ୍ରାର୍ଥୀ ନ ଦେଇ ସିପିଆଇ(ଏମ୍)କୁ ଛାଡ଼ି ଦେଇଥିଲା। କିନ୍ତୁ ରାଜେନ୍ଦ୍ର ସାହୁ ଏବଂ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ସ୍ୱାଧୀନ ଭାବେ ଲଢ଼ି ବିଜେଡିରୁ ନିଲମ୍ବିତ ହୋଇଥିଲେ। ରାଜେନ୍ଦ୍ର ବିଜୟୀ ହେବାପରେ ବିଜେଡି ସାଙ୍ଗରେ ରହିଥିଲେ। ହେଲେ ୨୦୧୨ ମେ ୨୯ ପ୍ୟାରୀଙ୍କ ଷଡ଼ଯନ୍ତ୍ର ଘଟଣାରେ ରାଜେନ୍ଦ୍ର ବିବାଦୀୟ ହୋଇପଡିଲେ। ଫଳରେ ନବୀନ ନିବାସର ନିକଟତର ହେବା ପାଇଁ ଜ୍ୟୋତିରିନ୍ଦ୍ରଙ୍କ ଗୋଷ୍ଠୀକୁ ଏକ ବଡ଼ ସୁଯୋଗ ମିଳିଥିଲା। ଏହା ସତ୍ତ୍ୱେ ୨୦୧୪ ପୌର ନିର୍ବାଚନରେ ରାଜେନ୍ଦ୍ର ବିଜେଡିର ମଙ୍ଗ ଧରି ସଫଳ ହେବା ସହ ସ୍ତ୍ରୀଙ୍କୁ ଖୋର୍ଦ୍ଧା ପୌର ଅଧ୍ୟକ୍ଷା ଆସନରେ ବସାଇବାକୁ ସକ୍ଷମ ହୋଇଥିଲେ। ସେହିପରି ୨୦୧୪ରେ ରାଜେନ୍ଦ୍ର ବିଜେଡି ଟିକେଟ୍ ପାଇ ବିଜୟୀ ହୋଇଥିଲେ। ଜ୍ୟୋତିରିନ୍ଦ୍ର ଭାଜପାରୁ ପ୍ରାର୍ଥୀ ହୋଇ ତାଙ୍କୁ ଟକ୍କର ଦେଇଥିଲେ।

ଦୀର୍ଘଦିନ ଧରି କଂଗ୍ରେସ ଏହି ନିର୍ବାଚନ ମଣ୍ଡଳୀକୁ ଦଖଲ କରିପାରିନାହିଁ। ଗୋଷ୍ଠୀ କନ୍ଦଳ ଓ ଟିକେଟ ବଣ୍ଟନରେ ପ୍ରିୟାପ୍ରୀତି ଯୋଗୁ କଂଗ୍ରେସ ଏଠାରେ ଜିତିପାରୁ ନ ଥିବା କୁହାଯାଉଛି। ୨୦୦୯ ନିର୍ବାଚନରେ ବିଜୟ ସମ୍ଭାବନା ଥିବା ପୂର୍ବତନ ବିଧାୟକ(୧୯୯୮) ଦିଲୀପ ଶ୍ରୀଚନ୍ଦନଙ୍କୁ ଟିକେଟ ଦିଆଗଲା ନାହିଁ। ଫଳରେ ସେ ଭାଜପାରୁ ପ୍ରାର୍ଥୀ ହୋଇ ୨୭,୧୯୭ ଭୋଟ ପାଇଥିଲେ। କିନ୍ତୁ ପରାଜୟ ପରେ ଦିଲୀପ ଭାଜପା ଛାଡ଼ି ପୁଣି କଂଗ୍ରେସରେ ଯୋଗଦେଇଥିଲେ। ୨୦୧୪ରେ କଂଗ୍ରେସରୁ ଦିଲୀପ ପ୍ରାର୍ଥୀ ହୋଇଥିଲେ ମଧ ତୃତୀୟ ସ୍ଥାନରେ ରହିଥିଲେ। ଆସନ୍ତା ନିର୍ବାଚନ ପାଇଁ କଂଗ୍ରେସରୁ ଦିଲୀପଙ୍କ ସମେତ ସ୍ୱାଗତିକା ପଟ୍ଟନାୟକ, ରାମଚନ୍ଦ୍ର ମହାପାତ୍ର ଓ ଯୋଗୀନାଥ ବାହୁବଳେନ୍ଦ୍ର ଲବିରେ ଅଛନ୍ତି। ଏମାନଙ୍କ ମଧ୍ୟରୁ ଦଳର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ମହାପାତ୍ର ଓ ଯୋଗୀନାଥ ବାହୁବଳେନ୍ଦ୍ର କୁହନ୍ତି ଟିକେଟ୍ ନ ପାଇଲେ ଦଳ ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଦିଲୀପଙ୍କ କହିବାନୁଯାୟୀ ଏମ୍‌ପି ପାଇଁ ସେ ଲବିରେ ଥିଲେ। ଏବେ ବିଧାୟକ ପାଇଁ ଆଶାୟୀ ଅଛନ୍ତି। ଟିକେଟ୍ ନ ପାଇଲେ ଦଳ ପାଇଁ ସେ କାମ କରିବେ। ଦଳର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଭାପତି ସ୍ୱାଗତିକା ପଟ୍ଟନାୟକ କୁହନ୍ତି, କଂଗ୍ରେସରୁ ଟିକେଟ୍ ନିଶ୍ଚିତ ମିଳିବ। ନେଗେଟିଭ୍ ଚିନ୍ତା ସେ କରି ନାହାନ୍ତି।


ଜ୍ୟୋତିରୀନ୍ଦ୍ର ନାଥ ମିତ୍ର


କାଳୁ ଖଣ୍ଡାୟତରାୟ


ରାଜେନ୍ଦ୍ର ସାହୁ


ସ୍ୱାଗତିକା ପଟ୍ଟନାୟକ

## ଉପକାରାଗାରରୁ କଏଦୀ ଚମ୍ପଟ୍

**ମାଲକାନଗିରି, ୫।୩(ସ୍ୱ.ପ୍ର.)**

ମାଲକାନଗିରି ଜିଲା ଉପକାରାଗାରରୁ ମଙ୍ଗଳବାର ଜଣେ କଏଦୀ ଚମ୍ପଟ ମାରିଛନ୍ତି। ତାଙ୍କ ନାମ ଅଜିତ ଡାକୁଆ। ଅନେକ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନ ମିଳିବାରୁ ଏନେଇ ମାଲକାନଗିରି ଥାନାରେ ଜେଲ କର୍ତ୍ତୃପକ୍ଷ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ଏକ ମାମଲା (୪୭/୧୯) ରୁଜୁ ହୋଇଛି। ଏତେ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଅଜିତ୍ କିପରି ଫେରାର ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ବିଚାରାଧୀନ ବନ୍ଦୀ ଭାବେ ଏଠାରେ ରହିଥିଲେ। ଜେଲ ପରିସରରେ ଏବେ ଡ୍ରେନ କାମ ଚାଲିଛି। ଡ୍ରେନ ପାଣି ଯିବାକୁ ଏକ ଗଳା ରହିଛି। ସେହି ବାଟ ଦେଇ ଅଜିତ୍ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି।

■ ବିଜେଡିର ନିର୍ବାଚନ ଇସ୍ତାହାର ପ୍ରସ୍ତୁତି ପାଇଁ ପଦକ୍ଷେପ

# ଜଟଣୀରୁ ମତାମତ ସଂଗ୍ରହ ଅଭିଯାନର ଶୁଭାରମ୍ଭ

**ଜଟଣୀ,୫।୩(ଡି.ଏନ.ଏ)**

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଇସ୍ତାହାର ପ୍ରସ୍ତୁତି ପାଇଁ ବିଜେଡି ରାଜ୍ୟବାସୀଙ୍କଠାରୁ ମତାମତ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଏହି କ୍ରମରେ ମଙ୍ଗଳବାର ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀରୁ ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ପ୍ରଧାନସାହି ପଞ୍ଚାୟତ କଣ୍ଟିଲୋ ଗ୍ରାମରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଦଳର କର୍ମକର୍ତ୍ତାଙ୍କ ସହ ମହିଳାମାନେ ମିଶି ରାଜ୍ୟର ସମସ୍ତ ପରିବାର ନିକଟରେ ପହଞ୍ଚିବେ। ସବୁ ଘରର ମହିଳାଙ୍କଠାରୁ ଲୋକଙ୍କ ବାସ୍ତବ ସମସ୍ୟା ସମ୍ପର୍କରେ "ଘରେ ଘରେ ଶଙ୍ଖ: ମତାମତ ଦିଅନ୍ତି ଆପଣ, ପାଳନ କରନ୍ତି ନବୀନ" ଲେଖାଥିବା ସ୍ୱତନ୍ତ୍ର ଫର୍ମରେ ନିଜର ମତାମତ ପୂରଣ କରିବେ। ଆଜିର କାର୍ଯ୍ୟକ୍ରମରେ ମହିଳାମାନେ ସେହି ଫର୍ମରେ ମତାମତ ଲେଖିବା ପରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବାକ୍ସରେ ପକାଇଥିଲେ। ଏଥିରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ତଥା ଜଟଣୀର ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଏମ୍‌ପି ପ୍ରସନ୍ନ ପାଟସାଣୀ, ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ଯୁବବାହିନୀର ଅଧ୍ୟକ୍ଷ ଅରୂପ ପଟ୍ଟନାୟକ, ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀଙ୍କ ସମେତ ଦଳର ଅନେକ ନେତା ଓ କର୍ମୀ ଉପସ୍ଥିତ ରହିଥିଲେ।

ମତାମତ ସଂଗ୍ରହ ପାଇଁ ହୋଇଥିବା ସ୍ୱତନ୍ତ୍ର ଫର୍ମର ପ୍ରଥମ ଭାଗରେ କାଳିଆ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ, ବିଭିନ୍ନ ପେନ୍‌ସନ ଯୋଜନା, ମିଶନ ଶକ୍ତି ଆର୍ଥିକ ସହାୟତା ଭଳି ୧୧ଟି ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ କାମ ଚାଲିଛି। ଏଥିମଧ୍ୟରୁ କେଉଁ ଯୋଜନା ହିତକର ଓ ଚାଲୁ ରହିବା ଉଚିତ ବୋଲି ମତାମତ ସଂଗ୍ରହ କରାଯାଇଛି। ଦ୍ୱିତୀୟରେ ବିଶୁଦ୍ଧ ପାନୀୟ ଜଳଯୋଗାଣ, ଚାଷଜମିକୁ ଜଳସେଚନ, ରାସ୍ତାଘାଟ ନିର୍ମାଣ ଏହିପରି ଦିଆଯାଇଥିବା ୧୦ଟିରୁ କେଉଁ କାର୍ଯ୍ୟକ୍ରମଗୁଡିକ ଲାଗି ନବୀନ ପଟ୍ଟନାୟକ ଅଧିକ ଥର କାର୍ଯ୍ୟ କରନ୍ତୁ ବୋଲି ଆପଣ ଚାହୁଁଛନ୍ତି ବୋଲି ପଚରାଯାଇଛି। ଉପରୋକ୍ତ ଦୁଇଟି ଭାଗରେ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ଉଲ୍ଲେଖ ରହିଥିବା ବେଳେ ତୃତୀୟ ଭାଗରେ ମଗାଯାଇଥିବା ୯ଟି ମତାମତରେ କେନ୍ଦ୍ର ସରକାରଙ୍କ ଅବହେଳାକୁ ପରୋକ୍ଷରେ ଟାର୍ଗେଟ୍ କରାଯାଇଛି। ଏଥିରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ମାନ୍ୟତା, ପ୍ରତିବର୍ଷ ଦେଶରେ ୨ କୋଟି ନିଯୁକ୍ତି ଅନୁପାତରେ ରାଜ୍ୟର ୭ ଲକ୍ଷ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ କରିବା, ପ୍ରତି ପରିବାରର ବ୍ୟାଙ୍କ ଖାତାରେ ୧୫ ଲକ୍ଷ ଟଙ୍କା ଜମା ଦେବା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବା, ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ନିର୍ମାଣ କରୁଥିବା ସମସ୍ତ ବ୍ୟାରେଜ ଓ ବନ୍ଧ କାମ ବନ୍ଦ କରିବା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ବୃତ୍ତି ଅଂଶଧନ ବୃଦ୍ଧି କରିବା, ପିଏମ୍ କିଷାନ ଯୋଜନାରେ କାଳିଆ ଯୋଜନା ଭଳି ସମସ୍ତ ଚାଷୀଙ୍କୁ ଓ କୃଷି କାର୍ଯ୍ୟ ପାଇଁ ଅସମର୍ଥ କୃଷି ପରିବାରଙ୍କୁ ଅନ୍ତର୍ଭୁକ୍ତ କରାଇବା ସହ ସହାୟତା ରାଶିକୁ ୬ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଏହିସବୁ ସମସ୍ୟା ମଧ୍ୟରୁ ନବୀନ କେନ୍ଦ୍ର ସରକାରଙ୍କ ନିକଟରେ କେଉଁ କେଉଁ ଦାବିକୁ ଉପସ୍ଥାପନ ଦୃଢତାର ସହ କରିବା ସହ ସଂଗ୍ରାମ ଜାରି ରଖିବା ଉଚିତ ବୋଲି ମତାମତ ମଗାଯାଇଛି।



ମୁଖ୍ୟମନ୍ତ୍ରୀ ଜଣେ ମହିଳାଙ୍କୁ ମତାମତ ସଂଗ୍ରହ ଫର୍ମ ପ୍ରଦାନ କରୁଛନ୍ତି।

# ଧରିତ୍ରୀ CAREER APPOINTMENT
every Wednesday & Saturday

An upcoming saloon requires the following personnel's at **Bhubaneswar**

1. **MARKETING MANAGER:** Graduate or MBA (Marketing) having 2 to 4 years experience of any product and concept marketing either from FMCG or, IT sector can also apply.
2. **BUSINESS DEVELOPMENT MANAGER:** Graduate or MBA (Marketing, Finance) having 2 to 3 years experience in any insurance sales or, loan dimensions.
3. **CENTRE MANAGER:** Graduate or MBA having 2 to 3 years of centre handling experience from any beauty segment or, has been working as a manager heading any company.
4. **COUNSELLOR:** 1-2yrs.experience of customer counseling from any industry or, from customer care background.
5. **BEAUTICIAN:** 1-3yrs. experience in any beauty parlor or, has under gone beauty course.
6. **DIETICIAN:** 2-3yrs. experience in diet counseling or, a nutritionist or, from home science background fresher's can apply.
7. **HAIR DRESSER:** 2-3yrs. experience in any beauty parlor.
8. **THERAPIST:** 2-3yrs. experience in any wellness centre.
9. **GYM INSTRUCTOR:** 2-3yrs.experience in any gym fitness trainer or, personal trainer in any wellness centre.
10. **COOK:** 1-2yrs. Experience in similar field.
11. **ACCOUNTANT:** Well versed in GST, Taxation, TDS & all other statutory norms, having 3-5years experience in any segment.

Salary is best in industry. Interested candidates may email their updated CV with latest PP size photograph.

Contact No.: 9040093804/0674-6668822, Email id: siddharth9909@gmail.com, chitra89@gmail.com, info@newleaf.org.in

---

**URGENTLY REQUIRED**
Physics, Chemistry & Math teachers for an English medium School in Nagaland.
Qualification: B.Sc (Hons) /M.Sc.
Salary : Negotiable
*:Send resume to :*
**zeerahaellis@gmail.com**
Whatsapp : 08755653641

---

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ। **ଦରମା:** 27,000/, **ଶିକ୍ଷାଗତ ଯୋଗ୍ୟତା:** 8th to 10th & above.
Contact: 8339922964

---

We need a SALES GIRL (1 No.), Unmarried, preferably a Locallite for our Shop GINNI JEWELLERS, main Road, Khurda.
Contact No
9337220630
06755-220630

---

**Life Punjabi TV/ Vats Media REQUIRES URGENTLY**
- Receptionist*(F)
- Business and Marketing Manager*(M/F)
- Business Executive* (M/F)
- Event Manager* (F)
- Anchors* (M/F)

*Fresher can apply*
Whatsapp ur updated CV to
**8837740007**

---

**WANTED**
Oriya daily ଧରିତ୍ରୀ DHARITRI is looking for
**Visual Editors (WEB CHANNEL)**
- Candidate should be able to edit videos, create attrative news packages.
- Candidate should have working knowledge of uploading videos & creating Live Stream feeds.
- Experience in online video editing work will be given preference.

Apply immediately to : recruitment@dharitri.com
Attractive salary commensurate with experience

---

**WANTED**
For a photo lamination & framing business core house at Bhubaneswar. **(1).** For photo framing work-Male/ Female candidate under matric/ matric require for photo framing work (preferable for female candidate) **(2).** Computer operator-Male/Female candidate having knowledge in photoshop and coral draw (salary negotiable)
**Contact No-9337170743 9337170744**

---

**URGENT REQUIRED**
1. Auto Cadd - 05 nos.
2. Site Er - Diploma Civil / Matric to Graduate - 50 nos.

Cont: 7873563668/ 7077415089

---

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ୍ ଟାଇମ ଚାକିରି ଉପଲବ୍ଧ)
**Rs. 24000/-** ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
**Call: 01139585136, 7978604069**
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
**(For Bhubaneswar & Cuttack)**

---

**SECURITY JOB**
Giss ଆବଶ୍ୟକ କରୁଛି କଟକ, ଜଗତପୁର, ଟାଙ୍ଗି ଏବଂ ଭୁବନେଶ୍ୱର ପାଇଁ ୩୦ ଜଣ ସିକ୍ୟୁରିଟି ଗାର୍ଡ, ୫ ଜଣ ସୁପରଭାଇଜର ଏବଂ ୨ ଜଣ ୟୁନିଟ୍ ମ୍ୟାନେଜର।
**GISS SECURITY SERVICES PVT. LTD., Gopalpur, Cuttack-II**
**Contact : 8118061091, 9861744455**

---

**WALK IN INTERVIEW**
**BLOSSOMS SCHOOL**
Address: Plot No.5 (GA), Bharatpur, Bhubaneswar
Affiliated to CBSE, New Delhi
Wanted TGT teachers with English medium background for the following subjects:
1. **English**
2. **Social Science**

**Date of Interview: 11.03.2019 (Monday), Time: 9.30 AM to 1.00 PM**
**Contact No. 9937478699**
**Email: jobsblossoms@gmail.com**

---

MARUTI SUZUKI
**MARUTI SUZUKI is hiring For its Dealer Partners in Odisha**
GET READY TO WORK WITH LARGEST AUTOMOTIVE BRAND IN INDIA

**SERVICE ADVISOR (10 nos.)**
(Salary Band-10K to 15K) + Incentive.
Candidates with minimum experience of 2 years in Automobiles Service with minimum qualification Diploma in Automobiles or Mechanical. Bright candidate from two-wheeler industry with similar experience is also welcome. **Eligible women candidates are also encouraged to appear the interview.**

**WALK IN INTERVIEW**
9th Mar.,19 (Saturday), Time - 10am to 3pm
Interested candidates may walk in for interview with their updated CV in the below mentioned address.

**MARUTI SUZUKI INDIA LTD.**
6th Floor, Utkal Signature, Near Pahal, Bhubaneswar Cuttack Road-752101, **Ph. 0674-2973229**
You can send your CV to servicecare.bhubaneshwar@maruti.co.in

---

**ଆବଶ୍ୟକ**
ଭୁବନେଶ୍ୱରରେ ରହି ଘରକାମ କରିବା ପାଇଁ ଝିଅ ଆବଶ୍ୟକ। ରହିବା ଓ ଖାଇବା ମାଗଣା। ଯୋଗାଯୋଗ:-
**9776669970**

---

**OFFICIALLY JOB**
ଯୋଗ୍ୟତା:- ଦଶମ ପାସ୍/ଫେଲ୍, ବୟସ:- (18-40) Yrs. ମାସିକ ଦରମା upto Rs.25,000/-
**Contact Immediately**
**Mob-8763257042**

---

**URGENT REQUIRED**
BBSR ବରମୁଣ୍ଡା location Boutique ରେ କାମ କରିବା ପାଇଁ Cutting + Stitching ପାଇଁ କାରିଗର ଦରକାର, ମହିଳା/ପୁରୁଷ।
M: 9124078523/ 9658741756

---

**WANTED**
**Receptionist male / female and Service boys for Guest house in Bhubaneswar**
**CALL-9437016540**

---

**REQUIRED**
St. Francis Xavier's High School, Palasuni, Canal Road (Experienced B.Ed, Teacher), Math: 5 Nos, Hindi B.Ed Teachers : 3 Nos, Science : 3 Nos, Comp : 2 Nos., SST : 3 Nos., NTT: 5 Nos, Care Taker : 5 Nos, Driver/Peon : 5 Nos.
**Contact Ph : 06742371191**
**Mob : 9861124368, 9348317802**

---

ଭୁବନେଶ୍ୱରରେ ରହିବାର ସୁବିଧା ଥାଇ ଦୋକାନ ପାଇଁ ପିଲା ଆବଶ୍ୟକ। ଶୀଘ୍ର ଯୋଗାଯୋଗ :
**9437001718**

---

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ **Office Staff ଆବଶ୍ୟକ। ଯୋଗ୍ୟତା:- 10th/above. Monthly Salary upto Rs.27,000/- (Part Time / Full Time)**
**Contact-9938676412**

---

**RENAULT Passion for life**
# RENAULT BHUBANESWAR

Gargson Automobile Pvt.Ltd. professionals for its dealership across Odisha, opportunities exist for the following positions:-

- **GM(SALES/SERVICE):** Must be graduate/MBA/Diploma or, Degree having 10 to 12 years experience in managing sales and service operation of any 4 wheelers passenger car dealership.
- **SALES MANAGER:** Graduate or MBA( Marketing ) having 5 to 6 years experience of any 4 wheelers dealership handling of sales.
- **CUSTOMER RELATIONSHIP MANAGER (Sales):** Any graduate with 3-5 yrs experience of work experience in sales customer care of any automobile dealership.
- **CUSTOMER RELATIONSHIP EXECUTIVE (Sales):** Any graduate with 1-2 yrs experience of work experience in sales customer care of any automobile dealership.
- **TEAM LEADER:** Graduate/MBA having 3 to 4 years experience in auto sales and finance in 4 wheelers dealership.
- **RESIDENTIAL SALES EXECUTIVE:** Graduate having at least 1 year experience in automobile for Balasore, Bhadrak, Baripada, Bargarh, Boudha, Koraput, Jaypore, Berhampur(Ganjam), Sonpur, Raygada, Bhawanipatna, Bolangiri, Puri, Nayagarh, Paradeep, Jajpur, Nimapada & Balugaon.
- **SALES CONSULTANTS:** Graduate/MBA having at least 1 year experience in automobile of any 2 wheeler or 4 wheeler dealership.
- **SERVICE MANAGER:** Degree or Diploma in automobile/Mechanical having 7 to 8 years experience in 4 wheelers dealership workshop.
- **PARTS MANAGER:** Graduate having 5 to 6 years experience in automobile sector of any 4 wheelers dealerships.
- **CUSTOMER CARE MANAGER (Service):** Any graduate with 1 to 3 yrs. experience of work experience in service customer care of any automobile dealership
- **BODYSHOP MANAGER:** Degree or Diploma in automobile/accidental having 3 to 5 years of experience in 2/3/4 wheeler dealership bodyshop.
- **SERVICE ADVISOR:** Diploma in automobile engg. having 1 to 2 years experience with valid driving license of any 4 wheelers dealership.
- **FLOOR MANAGER:** Degree or Diploma in automobile having 3 to 5 years of experience in 2/3/4 wheeler dealership mechanical shop.
- **PARTS PICKER:** 10-12th Pass having 2 to 3 years of parts experience in automobile sector of any 4 wheelers dealerships.
- **TECHNICIAN:** ITI/DIPLOMA in automobile having at least 1year experience in any 4 wheelers dealership/ Garage.
- **RECEPTIONIST:** Graduate having good looking with pleasant personality, fluent in English having knowledge in customer dealing and computer operation, preference will given to candidates from automobile sector.
- **Co-Tech:** Must be a technical manager or technical head any 4wheeler automobile dealership.
- **E-Tech:** Must be a diploma in automobile at least 2 to 4 yr experiences in electronics works of any 4 wheeler automobile dealership.
- **PAINTER:** Work in a dealership/Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/Garage in 4 wheelers shop having 1 to 2 years experience in a 4 wheelers denting section.
- **WASHING BOY:** 7th pass and worked in a dealership or Garage of any automobile for 1 to 2 years.
- **CHARTERED ACCOUNTANT:** Must be ICWA/FCA having 5-7 years of financial firm handling experience.
- **COMPANY SECRETARY:** Must be CS having 2-3 years of similar field experience.
- **ADMIN MANAGER:** Graduate having 5 to 10 years experience in admin from any segment preference will given from automobile sector(PF, ESIC, Labour Law, Liasioning)age must be with in;40-45yrs.
- **HR (EXECUTIVE):** Must be MBA (HR) having good exposure to EPF, ESI, Bonus. Preference will given the candidate from automobile sector.
- **ACCOUNTANT:** Well versed in GST, Taxation, TDS & all other statutory norms, having 3-5years experience in any segment.
- **DRIVER:** 9th pass with valid license having 2 to 3 years experience in 4 wheelers driving. Preference will given from automobile sector.
- **PEON:** 1-2 yrs experience in similar field.
- **GARDNER:** 1-2yrs experience in similar field.
- **COOK:** 10th pass with 2-3yrs.experience in cooking and housekeeping.

Salary will not be a constraint for deserving candidates.
**Interested candidates may send their resume to:-**
edp.bhubaneswar@renault-india.com or siddharth9909@gmail.com
Contact No.: 0674-6668822/6667709
Renault, Bhubaneswar, Nayapalli, NH-5, Bhubaneswar-751012

---

# CAPITAL FORD

**Requires professionals for its dealership across Odisha, opportunity exists for the following positions:-**

- **SALES MANAGER:** Graduate or MBA (Marketing) having 5 to 6 years experience of any 4 wheelers dealership handling sales.
- **CUSTOMER RELATIONSHIP MANAGER:** Having experience in similar field in automobile dealership with knowledge of customer handling, complain resolution, managerial ability to lead the team.
- **FINANCE MANAGER:** Graduates/MBA having 3-5 yrs. exp. in automobile finance or, auto loan finance.
- **USED CAR MANAGER:** Graduates/MBA having at least 3-5 yrs.exp. in automobile of any 2/3/4 wheeler dealership of used car sales.
- **TEAM LEADER (Sales):** Graduates/MBA having 3 to 4 years experience in auto sales and finance in 2/3/4 wheelers dealership.
- **SALES CONSULTANT:** Fresher graduates/MBA having at least 1 year experience in automobile of any 2/3/4 wheeler dealership.
- **RESIDENTIAL SALES CONSULTANT:** Graduate having at least 2-3 years experience in automobile for Koraput, Jaypore, Bhawanipatna & Baragarh.
- **USED CAR CONSULTANT:** Fresher Graduates/MBA having at least 1 year experience in automobile of any 2/3/4 wheeler dealership of used car sales.
- **DELIVERY CO-ORDINATOR:** Graduate having at least 1 year experience in automobile of any 2 wheeler or 4 wheeler dealership, with 4 wheeler driving experience.
- **FLOOR MANAGER:** Degree or Diploma in automobile / Mechanical having 3 to 5 years experience in 2/3/4 wheeler dealership workshop.
- **SERVICE MANAGER:** Must be Diploma or Degree in automobile having 8 to 10 years experience in managing a workshop in 4 wheelers dealership.
- **PARTS MANAGER:** Graduate having 5 to 6 years experience in automobile sector of any 2/3/4 wheeler dealership.
- **PARTS PICKER:** 10th-12th Pass having 2 to 3 years of parts experience in automobile sector of any 4 wheelers dealerships.
- **BODYSHOP MANAGER:** Degree or Diploma in automobile / Accidental having 3 to 5 years experience in 2/3/4 wheeler dealership bodyshop.
- **FLOOR SUPERVISOR:** Automobile Diploma, 1-3 yrs exp. in any automobile dealership handling body shop and floor.
- **BODYSHOP ADVISOR:** Degree or Diploma in automobile / Accidental having 2 to 3 years experience in 2/3/4 wheeler dealership bodyshop.
- **SERVICE ADVISOR:** Degree or Diploma in automobile / Mechanical having 2 to 3 years experience in 2/3/4 wheeler dealership mechanical shop.
- **QUALITY INSPECTOR:** ITI/DIPLOMA in automobile having atleast 2 to 3 years experience in any 4 wheelers dealership/Garage, should be fluent in communication, with 4 wheeler driving experience.
- **RECEPTIONIST:** Any Graduate having good looking with pleasant personality, fluent in English having knowledge in computer.
- **TELE CALLER:** Any Graduate or, MBA having atleast 1 year experience in automobile of any 2/3/4 wheeler dealership with tele calling and customer handling skill.
- **BILLING EXECUTIVE:** Any Graduate or, MBA having atleast 1year experience in automobile of any 2/3/4 wheeler dealership with relevant billing experience.
- **PAINTER:** Work in a dealership/ Garage in body operation, color matching & painting having 1 to 2 years experience.
- **DENTOR:** Worked in a dealership/ Garage in 4 wheelers shop having 1 to 2 years experience in a 2/3/4 wheeler denting section.
- **ADMIN MANAGER:** Graduate having 5 to 10 years experience in admin from any segment preference will given from automobile sector (PF, ESIC, Labour Law, Liasioning) age must be with in; 40-45yrs.
- **CHARTARD ACCOUNTANT:** Must be ICWA/FCA having 5-7 years of financial firm handling experience.
- **COMPANY SECRETARY:** Must be CS having 2-3 years of similar field experience.
- **ACCOUNTANT:** Well versed in GST, Taxation, TDS & all other statutory norms, having 3-5 years experience in any segment.
- **COOK:** 10th pass with 2-3 yrs. experience in cooking and housekeeping.
- **GARDNER:** 1-2 yrs. experience in similar field.
- **PEON:** 1-2 yrs experience in similar field.
- **DRIVER:** 9th pass with valid license having 2 to 3 years experience in 2/3/4 wheeler driving. Preference will be given from automobile sector.

*Salary will not be a constraint for deserving candidates. Interested candidates may send their resume to:*
Mail to- admin@capitalford.net, & siddharth9909@gmail.com, Contact No. 0674-6667709/6668822
CAPITAL FORD, SBI CHHAK, MANCHESWAR, BHUBANESWAR

---

**WANTED**
For Hotel at Puri
- **Front Office Staff**
- **F & B Service Staff**
  **Contact: 9776331667**
- **CAR Driver** for Cuttack
  **Contact: 7381075901**

---

**WANTED**
Supervisor & Office Staff for Re-Rolling Mill at Jagatpur.
Contact:-
9937399588, 9438099688

---

**ଆବଶ୍ୟକ**
1. **COMPUTER OPERATOR**
2. ଭୁବନେଶ୍ୱରରେ ଘରୋଇ ଗାଡି ଚଲାଇବା ପାଇଁ **ଡ୍ରାଇଭର** ଆବଶ୍ୟକ। (ରହିବା ଖାଇବା ସୁବିଧା ଅଛି)

**PRINTONIX**
Room No 02/58 ,1st floor, PD Market, CRP square , Bhubaneswar
**M : 9338222065**

---

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ **ODISHA** ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
**Mob : 8895725158**

---

# OFFICE OF THE LUHASINGHA FARMERS SERVICE CO-OPERATIVE SOCIETY LTD.

**AT- JURIA, P.O.- LUHASINGHA, BLOCK- KHAPRAKHOL, DIST.- BOLANGIR**
**REGD. NO.- 1/B, DT. 23.11.1977 UNDER ARCS, PATNAGARH CIRCLE, PATNAGARH**

**No.: 51** **Date: 2.3.19**

**(Advertisement for recruitment to the Post of Managing Director of the FSCS)**

One post of Managing Director of Luhasingha FSCS Ltd., Juria in Khaprakhol Block is to be filled up by way of Direct recruitment on mark basis - Application form can be obtained in person from the Office of the Luhasingha FSCS, At- Juria on payment of Rs.100/- from Dt.02.03.2019 to 16.03.2019 during 10.00 A.M. to 2.00 P.M. (except holiday). The duly filled in application form along with required document and money receipt should be submitted in the Office of the Luhasingha FSCS, At- Juria, P.O.- Luhasingha, Block- Khaprakhol, Dist.- Balangir in person and obtain the acknowledgement receipt latest by 5.00 P.M. of Dt.16.03.2019.

**Eligibility and Educational Qualification:**
i) The candidate must be a permanent resident of the area of operation of Luhasingha FSCS. ii) The candidate out side of the area of operation of the society but with in the area of block concerned may apply for the Post, but their candidature can only be considered if no eligible candidate is found from the area of operation of the society. iii) The candidate must be Graduate in any discipline from any recognized university with computer proficiency. iv) Additional point shall be given to the candidate having HDCM/M.Com/M.A./M.Sc./M.B.A./LLM/MCA/BBA/BCA/Diploma in Cooperative Management and Computer Application from a recognized University/Institution.

**Salary of the Managing Director:** Consolidated 8000/- per month. **Age:** A candidate must not be less than 21 year or more than 32 years of age on Dt.01.04.2019. The upper age limit shall be 35 years in respect of candidate belonging to SC/ST/OBC including SEBC, Ex-Serviceman. The upper age limit shall be 45 years in respect of candidate employed in any cooperative societies.

**N.B.:** i) Application received after stipulate date and time or incomplete application shall not be entertained. ii) The employee shall be bound to furnish security according to such standard and such form as may be prescribed by the management of the society from time to time. iii) The management of the society reserves all right to amend/alter/cancel/the recruitment process at any time without assigning any reason thereof.

**By order of Management**
**Managing Director, Luhasingha FSCS**

---

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 70.49 (43) | 36,442.00 (379) | 10,987.00 (123) | 33,450.00 (₹320) | 39,500.00 (₹450) |



"ଟିକସମୁକ୍ତ ଗ୍ରାଚ୍ୟୁଇଟି ସୀମା ଦୁଇ ଗୁଣକୁ ବୃଦ୍ଧି ଯୋଗୁ ଉଭୟ ରାଷ୍ଟ୍ରାୟତ୍ତ ତଥା ଘରୋଇ କ୍ଷେତ୍ର କର୍ମଚାରୀମାନେ ଲାଭବାନ ହୋଇପାରିବେ।"

– ଅରୁଣ ଜେଟଲୀ, କେନ୍ଦ୍ର ଅର୍ଥମନ୍ତ୍ରୀ



"୨୦୨୫ ବେଳକୁ ଦେଶର ଜୁଏଲେରି ରପ୍ତାନି ୭୫ ବିଲିୟନ ଡଲାର ଛୁଇଁବା ନେଇ ଆଶାବାଦୀ।"

–ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନଧନ ଯୋଜନାର ଶୁଭାରମ୍ଭ

ଅହମ୍ମଦାବାଦ,୫-୩: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର 'ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନା'(ପିଏମ୍-ଏସ୍ୱାଇଏମ୍)ର ଶୁଭାରମ୍ଭ କରିଛନ୍ତି। ସାରା ଦେଶର ୩ ଲକ୍ଷରୁ ଅଧିକ ସର୍ଭିସ ସେଣ୍ଟରରେ ୨ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି, ଏହା ଏକ ରେକର୍ଡ ବୋଲି ପ୍ରଧାନମନ୍ତ୍ରୀ ମୋଦି ଯୋଜନାର ଶୁଭାରମ୍ଭ କରି କହିଛନ୍ତି। ଏହି ଯୋଜନା ଅଧୀନରେ ପ୍ରାୟ ୧୦ କୋଟି ଶ୍ରମିକ ଲାଭବାନ ହେବେ ବୋଲି ଜଣାପଡିଛି। ଏଠାରେ ଉକ୍ତ ଯୋଜନାର ଶୁଭାରମ୍ଭ କରି ମୋଦି କହିଛନ୍ତି ଯେ, ଦେଶର ଶ୍ରମିକମାନେ ଭାରତର ନିର୍ମାଣରେ ବ୍ୟସ୍ତ। ଭାରତ ମାତାଙ୍କ କପାଳରେ ଶ୍ରମିକଙ୍କ ଝାଳ ତିଳକ ଭାବେ ପ୍ରତୀୟମାନ ହେଉଛି। ଶ୍ରମିକମାନେ କିଭଳି ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି, ତାହା ସେ ମର୍ମେ ମର୍ମେ ଅନୁଭବ କରିଛନ୍ତି। ଦେଶ ସ୍ୱାଧୀନ ହେବା ପରେ ସମାଜର ସବୁଠାରୁ ଅବହେଳିତ ଶ୍ରେଣୀଙ୍କ ସମ୍ପର୍କରେ ଯେତେବେଳେ କେହି ଭାବି ନ ଥିଲେ,ଏନ୍‌ଡିଏ ସରକାର ପ୍ରଥମଥର ସେମାନଙ୍କ କଥା ଭାବିଛି। ସୂଚନାଥାଉ କି, ଉକ୍ତ ଯୋଜନା ଅନ୍ତର୍ଗତରେ ଅସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ୬୦ ବର୍ଷରେ ପଦାର୍ପଣ କରିବା ପରେ ମାସକୁ ୩ ହଜାର ଟଙ୍କା ଲେଖାଏ ପେନସନ ପାଇବେ। ଏହି ଯୋଜନା ସମ୍ପର୍କରେ ବିଜ୍ଞପ୍ତି ପୂର୍ବରୁ ଜାରି କରାଯାଇସାରିଛି। ଅନ୍ତରୀଣ ବଜେଟ ଉପସ୍ଥାପନ କରି ତତ୍କାଳୀନ ଅର୍ଥମନ୍ତ୍ରୀ ପୀୟୂଷ ଗୋୟଲ ଏହି ଯୋଜନା ସମ୍ପର୍କରେ ଘୋଷଣା କରିଥିଲେ। ଯୋଜନା ସହ ନିଜକୁ ଯୋଡିବା ଲାଗି ସାରା ଦେଶରେ ଏବେ ସୁଦ୍ଧା ୩.୧୩ ଲକ୍ଷ ସେବା କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ଫେବୃୟାରୀ ୧୫ରୁ ଏଥିଲାଗି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଭାରତୀୟ ଜୀବନ ବୀମା ନିଗମ ଏହି ଯୋଜନାକୁ କ୍ରିୟାନ୍ୱିତ କରିବ।

# ଭାରତକୁ ଟ୍ରମ୍ପଙ୍କ ଜିଏସ୍‌ପି ଝଟକା

- ଭାରତର ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର କରିବ ଆମେରିକା
- ସଂସଦକୁ ସ୍ପଷ୍ଟ କଲେ ରାଷ୍ଟ୍ରପତି ଟ୍ରମ୍ପ
- ୬୦ ଦିନ ଭିତରେ ପ୍ରିଫରେନ୍ସିଆଲ ଟ୍ରେଡ ଟର୍ମ୍ସ ପ୍ରତ୍ୟାହାର କରାଯିବ
- ପ୍ରାୟ ୪୦ହଜାର କୋଟି ଟଙ୍କାର ଭାରତୀୟ କାରବାର ପ୍ରଭାବିତ ହେବ



ୱାଶିଂଟନ, ୫-୩

ଗତ କିଛି ବର୍ଷ ହେଲା ଭାରତ ଓ ଆମେରିକା ମଧ୍ୟରେ ସମ୍ପର୍କ ଅତି ପ୍ରଗାଢ଼ ହୋଇଥିବା ଦାବି କରାଯାଉଛି। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ନିଷ୍ପତ୍ତି ଏହି ଦାବି ଉପରେ ପ୍ରଶ୍ନଚିହ୍ନ ଲଗାଇଲାଣି। ଭାରତକୁ ଦିଆଯାଇଥିବା ଜିଏସ୍‌ପି (ଜେନେରାଲାଇଜ୍‌ଡ ସିଷ୍ଟମ ଅଫ୍ ପ୍ରିଫରେନ୍ସ) ମାନ୍ୟତାକୁ ପ୍ରତ୍ୟାହାର କରିବା ଲାଗି ଟ୍ରମ୍ପ ନିଷ୍ପତ୍ତି ନେଇ ସାରିଛନ୍ତି। ଆମେରିକା ସଂସଦରେ ସେ ସୋମବାର ଉଦ୍‌ବୋଧନ ଦେଇ ଭାରତକୁ ଦିଆଯାଇଥିବା ପ୍ରିଫରେନ୍ସିଆଲ ଟ୍ରେଡ୍ ଟର୍ମ୍ସକୁ ଆସନ୍ତା ୬୦ ଦିନ ଭିତରେ ପ୍ରତ୍ୟାହାର କରିନେବେ ବୋଲି କହିଛନ୍ତି। ଆମେରିକା ରାଷ୍ଟ୍ରପତିଙ୍କ ଉକ୍ତ ପଦକ୍ଷେପରୁ ଏତିକି ଜଣାପଡୁଛି ଯେ, ନିଜ ଦେଶ ପାଇଁ ଭାରତୀୟ ବଜାରକୁ ଯେତିକି ଖୋଲିବା ଲାଗି ଟ୍ରମ୍ପ ଚାହୁଁଥିଲେ, ସେଥିରେ ସେ ସଫଳ ହୋଇନାହାନ୍ତି। ଏହି କାରଣରୁ ସେ କଠୋର ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛନ୍ତି। ଜିଏସ୍‌ପି ମାନ୍ୟତା ପ୍ରତ୍ୟାହାର ହେବା ଅର୍ଥ ଏଣିକି ଭାରତରୁ ଆଉ ଟିକସମୁକ୍ତ ସାମଗ୍ରୀ ଆମେରିକାକୁ ରପ୍ତାନି ହୋଇପାରିବ ନାହିଁ। ଆମେରିକାର ଉକ୍ତ ପଦକ୍ଷେପ ଦ୍ୱିପାକ୍ଷିକ ସମ୍ପର୍କ ପ୍ରତିଷ୍ଠା କ୍ଷେତ୍ରରେ ଏକ ବଡ଼ ଝଟ୍‌କା ବୋଲି ମନେ କରାଯାଇପାରେ।

### ଜିଏସ୍‌ପି କେବେ ଆରମ୍ଭ ହୋଇଥିଲା

ଆମେରିକା ୧୯୭୬ରେ ଜିଏସ୍‌ପି ବ୍ୟବସ୍ଥା ଆରମ୍ଭ କରିଥିଲା। ବିକାଶଶୀଳ ଦେଶଗୁଡ଼ିକର ଆର୍ଥିକ ଉନ୍ନତି କରିବା ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ମାନ୍ୟତା ଅନ୍ତର୍ଗତରେ ବିକାଶଶୀଳ ଦେଶଗୁଡ଼ିକର କେତେକ ବଛା ବଛା ସାମଗ୍ରୀକୁ ଡ୍ୟୁଟି ଫ୍ରି ଅଥବା ମାମୁଲି ଟାରିଫରେ ଆମେରିକାକୁ ରପ୍ତାନି କରିପାରୁଥିଲେ। ଭାରତର କେମିକାଲ୍ ଓ ଇଞ୍ଜିନିୟରିଂ ଭଳି ସେକ୍ଟରର ପ୍ରାୟ ୧୮୦୦ରୁ ଅଧିକ ଛୋଟ-ବଡ଼ ସାମଗ୍ରୀ ଉପରେ ଜିଏସ୍‌ପିର ଫାଇଦା ମିଳୁଥିଲା। ଅର୍ଥାତ୍ ଭାରତୀୟ ବଜାରରୁ ରପ୍ତାନି ହେଉଥିବା ସାମଗ୍ରୀ ଆମେରିକା ବଜାରରେ ବିନା କୌଣସି ଟିକସ ଅଥବା ସାମାନ୍ୟ ଟିକସ ସହ ପହଞ୍ଚୁଥିଲା। ଜିଏସ୍‌ପି ଅଧୀନରେ ଆମେରିକାକୁ ଭାରତ ପ୍ରାୟ ୫.୬ ବିଲିୟନ ଡଲାର(ପ୍ରାୟ ୪୦ ହଜାର କୋଟି ଟଙ୍କା)ର ସାମଗ୍ରୀ ରପ୍ତାନି କରେ।

### ଟ୍ରମ୍ପ ଏଭଳି ନିଷ୍ପତ୍ତି କାହିଁକି ନେଲେ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କହିବାନୁଯାୟୀ, ଭାରତୀୟ ବଜାରରେ ଆମେରିକାର ଉତ୍ପାଦକୁ ସମାନ ପରିମାଣ ଟାରିଫ ଛାଡ଼ର ସୁଯୋଗ ମିଳିବ ଏଭଳି ଭରସା ସେ ଭାରତଠାରୁ ପାଇନାହାନ୍ତି। ଭାରତରେ ଅତ୍ୟଧିକ କଟକଣା କାରଣରୁ ଆମେରିକାର କ୍ଷତି ହେଉଛି। ଆମେରିକା ସାମଗ୍ରୀ ଉପରେ ଭାରତ ବହୁ ଅଧିକ ଶୁଳ୍କ ଆଦାୟ କରୁଛି ବୋଲି ଟ୍ରମ୍ପ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ହାର୍ଲେ ଡେଭିଡଶନ ମୋଟର ସାଇକେଲ ସମ୍ପର୍କରେ ଉଦାହରଣ ଦେଇଥିଲେ।

### ଭାରତର ପ୍ରସ୍ତାବକୁ ଖାରଜ କରିଥିଲେ ଟ୍ରମ୍ପ

ଜିଏସ୍‌ପି ପ୍ରତ୍ୟାହାର କରିବାକୁ ଯାଉଛି ବୋଲି ଆମେରିକା ଚେତାବନୀ ଦେବା ପରେ ଭାରତ ନିଜ ଆଳୁ କୃଷି, ଦୁଗ୍ଧ ଏବଂ ପୋଲ୍ଟ୍ରି ବଜାର ଖୋଲିବାକୁ ଆମେରିକାକୁ ଔପଚାରିକ ଭାବେ ପ୍ରସ୍ତାବ ଦେଇଥିଲା। କିନ୍ତୁ ଏହାକୁ ଟ୍ରମ୍ପ ସରକାର ପ୍ରତ୍ୟାଖ୍ୟାନ କରିଦେଇଥିଲେ।

### ଆଣ୍ଠୁ ଇମ୍ପ୍ଲାଣ୍ଟ, ଷ୍ଟେଣ୍ଟ ବ୍ୟବହାର ମୁଖ୍ୟ ପ୍ରସଙ୍ଗ

ଆମେରିକା ଓ ଭାରତ ମଧ୍ୟରେ ବିବାଦର ମୁଖ୍ୟ ପ୍ରସଙ୍ଗ ଆଉ କିଛି। ଆଣ୍ଠୁ ଇମ୍ପ୍ଲାଣ୍ଟ ଓ ହୃଦପିଣ୍ଡ ଅପରେଶନରେ ବ୍ୟବହୃତ ଷ୍ଟେଣ୍ଟର ମୂଲ୍ୟ ଉପରେ ଭାରତ ଯେଉଁ ସର୍ବୋଚ୍ଚ ଶୁଳ୍କ ଧାର୍ଯ୍ୟ କରିଛି, ଆମେରିକା ଚାହୁଁଛି, ତାହା ପ୍ରତ୍ୟାହାର ହେଉ। ଭାରତ ଏଭଳି ନିଷ୍ପତ୍ତି ନେଲେ ପାଶ୍ଚାତ୍ୟ ଦେଶଗୁଡ଼ିକର କମ୍ପାନୀମାନେ ମାଲାମାଲ ହୋଇଯିବେ। କିନ୍ତୁ କେନ୍ଦ୍ର ସରକାର ଏହାକୁ ଆବଶ୍ୟକୀୟ ଔଷଧ ଭାବେ ମନେ କରି ନିୟନ୍ତ୍ରଣ କରୁଛି ଏବଂ ଏହାର ମୂଲ୍ୟକୁ ନିୟନ୍ତ୍ରଣମୁକ୍ତ କରିବାକୁ ଚାହୁଁନାହିଁ।

### ଇ-କମର୍ସ କମ୍ପାନୀଙ୍କ ପାଇଁ ଚିନ୍ତା

ଭାରତ ପକ୍ଷରୁ ଇ-କମର୍ସ ନୀତି ଘୋଷଣା କରାଯାଇଛି। ଏଥିରେ ଡାଟାର ଲୋକାଲାଇଜେଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଏହାକୁ କେନ୍ଦ୍ର ସରକାର ଦେଶର ସୁରକ୍ଷା ସହିତ ଯୋଡିଥିବା ବେଳେ ଆମେରିକୀୟ କମ୍ପାନୀମାନଙ୍କୁ ଦବାଇ ଦେବା ଲାଗି ଏହା ଭାରତର ଚାଲ୍ ବୋଲି ଟ୍ରମ୍ପ ମନେ କରୁଛନ୍ତି। ଏହାକୁ ନେଇ ସେ ବାରମ୍ବାର ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି।

### ପ୍ରଭାବ ପଡ଼ିବନି: କେନ୍ଦ୍ର ସରକାର

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉକ୍ତ ନିଷ୍ପତ୍ତି ଉପରେ ପ୍ରଥମ ପ୍ରତିକ୍ରିୟାରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହାଦ୍ୱାରା ଦେଶର ରପ୍ତାନି ବିଶେଷ ପ୍ରଭାବିତ ହେବ ନାହିଁ। ବାଣିଜ୍ୟ ସଚିବ ଅନୁପ ୱାଧବନ କହିଛନ୍ତି ଯେ, ଭାରତ ଜିଏସ୍‌ପି ଅନ୍ତର୍ଗତରେ ଆମେରିକାକୁ ପ୍ରାୟ ୩୯,୬୪୫ କୋଟି ଟଙ୍କାର ସାମଗ୍ରୀ ରପ୍ତାନି କରୁଛି। ତନ୍ମଧ୍ୟରୁ ମାତ୍ର ୧.୯୦ କୋଟି ଡଲାର ସାମଗ୍ରୀ ବିନା ଶୁଳ୍କରେ ରପ୍ତାନି ହୋଇଥାଏ। ଅନ୍ୟ ସାମଗ୍ରୀ ଉପରେ ସାମାନ୍ୟ ଶୁଳ୍କ ଆଦାୟ କରାଯାଏ।

## ହିରୋ ମୋଟୋକର୍ପ ପକ୍ଷରୁ ମେଗା ଏକ୍ସଚେଞ୍ଜ କାର୍ନିଭାଲ



ଭୁବନେଶ୍ୱର,୫-୩(ବ୍ୟୁରୋ)

ହିରୋ ମୋଟୋକର୍ପ ପକ୍ଷରୁ ଏହାର ଡିଲରଶିପ ରୋହାନ ଅଟୋରାଇଡର୍ସର ମିଳିତ ସହଯୋଗରେ ସ୍ଥାନୀୟ ଶହୀଦ ନଗର ଦୁର୍ଗା ମଣ୍ଡପ ପଡିଆରେ ଏକ ମେଗା ଏକ୍ସଚେଞ୍ଜ କାର୍ନିଭାଲ ଆରମ୍ଭ ହୋଇଛି। ଏହା ଚଳିତ ମାସ ୭ ତାରିଖ ଯାଏ ଚାଲିବ। କାର୍ନିଭାଲକୁ ହିରୋ ମୋଟୋକର୍ପର ଏରିଆ ମ୍ୟାନେଜର ଅବଦୁଲ ଅହଦ, ରୋହନ ଅଟୋ ରାଇଡର୍ସ ସ୍ୱତ୍ୱାଧିକାରୀ ରାଜୀବ ଦୁବେ, ପ୍ରବନ୍ଧକ ପ୍ରିୟରଞ୍ଜନ ଦାସ, ହିରୋ ଫାଇନାନ୍ସ ପକ୍ଷରୁ ମାନସ ରଞ୍ଜନ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଠାରେ ଗ୍ରାହକମାନେ ଯେକୌଣସି କମ୍ପାନୀର ମୋଟର ସାଇକେଲକୁ ହିରୋ ସହ ଏକ୍ସଚେଞ୍ଜ କରାଇପାରିବେ। ଏଥିରେ ୨୦୦ଆର୍ ମଡେଲ ଉପରେ ୪ ହଜାର ଟଙ୍କାର ଏକ୍ସଚେଞ୍ଜ ବୋନସ ଅଫର ଦିଆଯାଉଥିବା ଶୋରୁମ ପକ୍ଷରୁ ସୂଚନା ରହିଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ସ୍ୱତ୍ୱାଧିକାରୀ ଦୁବେ କହିଛନ୍ତି। ନୂଆକରି ବଜାରକୁ ଆସିଥିବା ୧୨୫ ସିସି ସ୍କୁଟର ଡେଷ୍ଟିନି ଏବଂ ୨୦୦ଆର୍ ବାଇକ୍ ପାଇଁ ପ୍ରମୋଶନାଲ କାର୍ଯ୍ୟକ୍ରମ ଏହି ଅବସରରେ ହାତକୁ ନିଆଯାଇଛି। କାର୍ଯ୍ୟକ୍ରମକୁ ଗ୍ରାହକଙ୍କ ଠାରୁ ଭଲ ରେସପନ୍ସ ମିଳୁଥିବା ସେ ପ୍ରକାଶ କରିଛନ୍ତି।

## ୟୁନିୟନ ବ୍ୟାଙ୍କର ନୂଆ ଇଡି

ଭୁବନେଶ୍ୱର,୫-୩



ୟୁନିୟନ ବ୍ୟାଙ୍କର ନୂଆ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ମାନସ ରଞ୍ଜନ ବିଶ୍ୱାଳ ଅବସ୍ଥାପିତ ହୋଇଛନ୍ତି। ଏହି ପଦବୀରେ କାର୍ଯ୍ୟ କରିବାରେ ବିଶ୍ୱାଳ ହେଉଛନ୍ତି ପ୍ରଥମ ଓଡ଼ିଆ। ସେ ବିଜ୍ଞାନରେ ସ୍ନାତକ ଡିଗ୍ରୀ ସହ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ବ୍ୟାଙ୍କର୍ସର ଜଣେ ସାର୍ଟିଫାଏଡ ଆସୋସିଏଟ। ୧୯୮୫ରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ଜଣେ ମ୍ୟାନେଜମେଣ୍ଟ ଟ୍ରେନି ଭାବେ ସେ କାର୍ଯ୍ୟ ଆରମ୍ଭ କରିଥିଲେ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୩ ବର୍ଷର ଅଭିଜ୍ଞତା ରହିଛି।

## ମୁକେଶ ବିଶ୍ୱର ୧୩ତମ ଧନୀ:ଫୋର୍ବ୍ସ

ନୂଆଦିଲ୍ଲୀ,୫-୩

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ମାଲିକ ମୁକେଶ ଅମ୍ବାନୀ ଫୋର୍ବ୍ସ ପକ୍ଷରୁ ଜାରି ବିଶ୍ୱର ଶୀର୍ଷ ବିଲିୟନେୟାରଙ୍କ ତାଲିକାରେ ୬ ପାଦ ଉପରକୁ ଉଠି ୧୩ତମ ସ୍ଥାନରେ ପହଞ୍ଚିଯାଇଛନ୍ତି। ମଙ୍ଗଳବାର ଜାରି ତାଲିକାରେ ଆମାଜନର ପ୍ରତିଷ୍ଠାତା ଅଧ୍ୟକ୍ଷ ଜେଫ୍ ବେଜୋସ୍ ଶୀର୍ଷରେ ରହିଛନ୍ତି। ସେ ବିଲ୍ ଗେଟ୍ସ ଓ ୱାରେନ ବଫେଟ୍‌ଙ୍କୁ ପଛରେ ପକାଇଛନ୍ତି। ଗୋଟିଏ ବର୍ଷ ଭିତରେ ତାଙ୍କ ସମ୍ପତ୍ତିରେ ୧୯ ବିଲିୟନ ଡଲାର ଯୋଡି ହେବାରୁ ଏବେ ତାଙ୍କ ସମ୍ପତ୍ତି ପରିମାଣ ୧୩୧ ବିଲିୟନ ଡଲାର ବୋଲି ଫୋର୍ବ୍ସ ପକ୍ଷରୁ କୁହାଯାଇଛି।

## ଆଲୁମିନିୟମ ପାର୍କରେ ନିବେଶ କର: ଟି.କେ. ଚାନ୍ଦ

ଭୁବନେଶ୍ୱର,୫-୩



ଆଲୁମିନିୟମ ଭବିଷ୍ୟତର ଧାତୁ ହୋଇଥିବାରୁ ଏହାର ଅଭିବୃଦ୍ଧି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଏହାକୁ ନଜରରେ ରଖି ଅନୁଗୋଳଠାରେ ସ୍ଥାପନ ହୋଇଥିବା ଆଲୁମିନିୟମ ପାର୍କରେ ପୁଞ୍ଜି ବିନିଯୋଗ କରିବାକୁ ନିବେଶକ ଏବଂ ହାଇଏଣ୍ଡ ଟେକ୍ନୋଲୋଜି ପ୍ରଦାନକାରୀଙ୍କୁ ନାଲ୍‌କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଆହ୍ୱାନ ଜଣାଇଛନ୍ତି। କାନାଡାର ଟରଣ୍ଟୋଠାରେ ଅନୁଷ୍ଠିତ ହେଉଥିବା ବିଶ୍ୱର ସର୍ବବୃହତ୍ତ ଖଣିଜ, ଖଣି, ମାନୁଫାକଚରିଂ କନଫରେନ୍ସ ଏବଂ ପ୍ରଦର୍ଶନୀରେ ଯୋଗ ଦେଇ ଚାନ୍ଦ କହିଛନ୍ତି, ଆଲୁମିନିୟମ ପାର୍କରେ ବିଶ୍ୱସ୍ତରୀୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି।

ଏହା ନାଲ୍‌କୋ ଏବଂ ଇଡ୍‌କୋ ସହଭାଗିତାରେ ସ୍ଥାପନ କରାଯାଇଛି। ଆଲୁମିନିୟମ କ୍ଷେତ୍ର ସହ ଜଡିତ ଡାଉନଷ୍ଟ୍ରିମ ତଥା ଆନୁସଙ୍ଗିକ ଶିଳ୍ପଗୁଡ଼ିକ ଲାଗି ଏହି ପାର୍କରେ ବିଭିନ୍ନ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଲିଥିୟମ ଆୟନ ବ୍ୟାଟେରି ପ୍ରସ୍ତୁତି ଲାଗି ଷ୍ଟ୍ରାଟେଜିକ ଖଣିଜ ପାଇଁ ବିଦେଶୀ ସଂସ୍ଥା ସହ ସହଯୋଗିତା ଭିତ୍ତିରେ କାର୍ଯ୍ୟ କରିବା ଉପରେ ଚାନ୍ଦ ମତ ରଖିଛନ୍ତି। ଓଡ଼ିଶାରେ ଲିଥିୟମ ଆୟନ ବ୍ୟାଟେରୀର ବାଣିଜ୍ୟ କ୍ଷେତ୍ରରେ ଏକ ଉନ୍ନତ ସମ୍ଭାବନା ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏଣୁ ନାଲ୍‌କୋ ଓଡ଼ିଶାରେ ଲିଥିୟମ ଆୟନ ବ୍ୟାଟେରୀ ପ୍ଲାଣ୍ଟ ଓଡ଼ିଶାରେ ବସାଇବା ନେଇ ସମ୍ଭାବନା ରହିଥିବା ଏଠାରେ ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଭାରତର ଏକ ପାଭିଲିୟନ ସ୍ଥାପନ ହୋଇଥିବା ବେଳେ ଏହାକୁ ଖଣି ସଚିବ ଅନୀଲ ମୋକିମ୍ ଉଦ୍‌ଘାଟନ କରିଥିଲେ।

## ଏସ୍‌ବିଆଇ ଅଫିସର୍ସ ସଂଘର ସାଧାରଣ ସଭା

ଭୁବନେଶ୍ୱର,୫-୩

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ଅଫିସର୍ସ ସଂଘ ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଏକ ସାଧାରଣ ସଭା ସ୍ଥାନୀୟ କିଟ୍ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମହାପ୍ରବନ୍ଧକ ପ୍ରବୀଣା କଲା ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମକର୍ତ୍ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ସଂଘର ସାଧାରଣ ସମ୍ପାଦକ ସମିତ ମିଶ୍ର ସଦସ୍ୟ ମାନଙ୍କୁ ଏଥିରେ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ବ୍ୟାଙ୍କର ମହାପ୍ରବନ୍ଧକ ତ୍ରୟ ଶ୍ରୀ ଦେବୀ ଶଙ୍କର ମିଶ୍ର, ଗୌତମ ଭଟ୍ଟାଚାର୍ଯ୍ୟ, ଜେ.ଏସ୍. ହିରାମଠ୍, ଏସ୍‌ବିଆଇ ଅଫିସର ଫେଡେରେସନର ସମ୍ପାଦକ ରାଜକୁମାର ସବାପତି,ସଂଘର ଭୁବନେଶ୍ୱର ମଣ୍ଡଳ ସାଧାରଣ ସମ୍ପାଦକ ଏସ୍.ପି. ବେହେରା ଉପସ୍ଥିତ ଥିଲେ। ସେହିଭଳି ସଭାପତି ଅନ୍ନଦା ଶଙ୍କର ଜେନା, ଏସ୍‌ବିଆଇ ଏସ୍‌ଟିଏସ୍‌ସି ୱେଲଫେୟାର କାଉନସିଲ ସାଧାରଣ ସମ୍ପାଦକ ବଂଶୀଧର ସେଠୀ, ଏଆଇବିଓସି ଓଡ଼ିଶା ରାଜ୍ୟ ସମ୍ପାଦକ ସବ୍ୟସାଚୀ ସ୍ୱାଇଁ, ସଂଘର ସଭାପତି ଅରୁଣ କୁମାର ବିଶୋୟୀ, ସାଧାରଣ ସମ୍ପାଦକ ଫେଡେରେଶନ ସଭାପତି ଶ୍ରୀ ରାମ କୁମାର, ସଙ୍ଗଠନ ସମ୍ପାଦକ ସଦାଶିବ ବିଶି ପ୍ରମୁଖ ସଂଘର ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ।


### ପୂର୍ବ ତଟ ରେଳପଥ
### ଇଂଜିନିୟରିଂ କାର୍ଯ୍ୟ

ଫାଇଲ ନଂ. DRM/Engg/KUR/18-19/E-Tender/24, ତା: 28.02.2019

1) ଟେଣ୍ଡର ବିଜ୍ଞପ୍ତି ସଂ. e-Tender HQ-KUR-371-18, ତା: 27.02.2019

ବିବରଣୀ : ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ଼ ପରିସୀମା ଅଧୀନସ୍ଥ ପୁରୀ ଠାରେ ଅତ୍ୟାବଶ୍ୟକ ଜଳ ଯୋଗାଣ ପାଇପ୍ ଲାଇନ୍ ସହିତ ଷ୍ଟାଫ୍ କ୍ୱାର୍ଟରଗୁଡ଼ିକ ନିମନ୍ତେ PVC ଓଭରହେଡ୍ ପାଣି ଟାଙ୍କି ବ୍ୟବସ୍ଥା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 120.41 ଲକ୍ଷ, EMD (ଟଙ୍କାରେ) : ₹ 2,10,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ) ମାସ ।

2) ଟେଣ୍ଡର ବିଜ୍ଞପ୍ତି ସଂ. e-Tend SOUTH-KUR-375-18, ତା: 28.02.2019

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବାଲୁଗାଁ ଅଧୀନସ୍ଥ ବାଲୁଗାଁ(Ex) ଠାରୁ ଗଞ୍ଜାମ (Ex) ଷ୍ଟେସନଗୁଡ଼ିକ ମଧ୍ୟରେ ସେସ୍ (Cess) ଏବଂ ଟ୍ରୋଲି ରେଫ୍ୟୁଜି(Refuges) ଗୁଡ଼ିକର ପ୍ରସ୍ତାବିତ ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 151.27 ଲକ୍ଷ, EMD (ଟଙ୍କାରେ) : ₹ 2,25,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

3) ଟେଣ୍ଡର ବିଜ୍ଞପ୍ତି ସଂ. e-Tend SOUTH-KUR-376-18, ତା: 28.02.2019

ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ ବ୍ରହ୍ମପୁର ଅଧୀନସ୍ଥ ଗଞ୍ଜାମ-ପଲାସା ଷ୍ଟେସନଗୁଡ଼ିକ ମଧ୍ୟରେ ବିଭିନ୍ନ ପ୍ୟାଚ୍‌ଗୁଡ଼ିକରେ ସେସ୍ (Cess) ଏବଂ ଟ୍ରୋଲି ରେଫ୍ୟୁଜି (Refuges) ଗୁଡ଼ିକର ପ୍ରସ୍ତାବିତ ମରାମତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹ 169.99 ଲକ୍ଷ, EMD (ଟଙ୍କାରେ) : ₹ 2,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ) ମାସ ।

4) ଟେଣ୍ଡର ବିଜ୍ଞପ୍ତି ସଂ. e-Tender CENT-KUR-377-18, ତା: 28.02.2019

ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ସହାୟକ ମଣ୍ଡଳ ଯନ୍ତ୍ରୀ/ଭୁବନେଶ୍ୱର ପରିସୀମା ଅଧୀନରେ ରେଲଗୁଡ଼ିକର ପେଣ୍ଟିଙ୍ଗ, ERCs ଗ୍ରୀସିଙ୍ଗ୍ ଏବଂ ଲାଇନର କଣ୍ଟାକ୍ଟ ଏରିଆର ସିଲିଙ୍ଗ୍ ତଥା ଅନ୍ୟ ବିବିଧ (Enabling) କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹92.47 ଲକ୍ଷ, EMD (ଟଙ୍କାରେ):₹1,84,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.27.03.2019 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-514/J/18-19



### ଡାକ ବିଭାଗ (ସିଭିଲ୍ ୱିଙ୍ଗ୍)
### ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡ଼ିଭିଜନ, ତୃତୀୟ ମହଲା ପୋଷ୍ଟାଲ ଷ୍ଟୋର ଡିପୋ ବିଲ୍ଡିଙ୍ଗ୍, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ନିମନ୍ତେ ଦୁଇ ଗୋଟି ଲଫାଫା ପ୍ରଣାଳୀରେ ଜଉମୁଦା ପର୍‌ସେଣ୍ଟେଜ୍ ରେଟ୍ ଟେଣ୍ଡରଗୁଡ଼ିକ ଆମନ୍ତ୍ରଣ କରାଯାଉଛି :

1. NIT No. 78/PCD/2018-19 (ଦ୍ୱିତୀୟ ଡାକରା). କାର୍ଯ୍ୟର ନାମ : କୋରେଇ, ରାମବାଗ, ବ୍ରହ୍ମବରଡ଼ା ଏବଂ ବିଞ୍ଝାରପୁର ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୯,୫୨,୩୭୮/-, ଅମାନତ ଜମା ରାଶି : ଟ.୧୯,୦୪୮/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୧୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୧.୦୩.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
2. NIT No. 79/PCD/2018-19 (ଦ୍ୱିତୀୟ ଡାକରା). କାର୍ଯ୍ୟର ନାମ : ରଘୁନାଥପୁର, ମଧୁବନ, କୁଜଙ୍ଗ, ଅଣଖିଆ, ବାଲିକୁଦା ଏବଂ ଏରସମା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୪,୨୮,୩୪୯/-, ଅମାନତ ଜମା ରାଶି : ଟ.୨୮,୫୬୭/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୬୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୧.୦୩.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
3. NIT No. 80/PCD/2018-19 (ଦ୍ୱିତୀୟ ଡାକରା). କାର୍ଯ୍ୟର ନାମ : ମାର୍ଶାଘାଇ, ମାହାଙ୍ଗା, ରାଜକନିକା, ଆଳି ଏବଂ ତେଣ୍ତାକୁଡ଼ା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୧୧,୯୦,୬୯୫/-, ଅମାନତ ଜମା ରାଶି : ଟ.୨୩,୮୧୪/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୪୦୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୧.୦୩.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
4. NIT No. 82/PCD/2018-19 (ଦ୍ୱିତୀୟ ଡାକରା). କାର୍ଯ୍ୟର ନାମ : ଧର୍ମଶାଳା, କବିରପୁର, ବରୁଣଦେଇ ଏବଂ କାଇପଡ଼ା ପୋଷ୍ଟ ଅଫିସ ପରିସରରେ ମହିଳା ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଶୌଚ୍ଚାଳୟ ନିର୍ମାଣ । ଆନୁମାନିକ ମୂଲ୍ୟ : ଟ.୯,୫୨,୧୪୨/-, ଅମାନତ ଜମା ରାଶି : ଟ.୧୯,୦୪୩/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୧,୧୨୪/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୬୦ (ଷାଠିଏ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୧.୦୩.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।
5. NIT No. 109/PCD/2018-19. କାର୍ଯ୍ୟର ନାମ : ପି.ଏଣ୍ଡ ଟି. କଲୋନୀ, ୟୁନିଟ୍-IV, ଭୁବନେଶ୍ୱରର କ୍ୱାଟର ନଂ. ୬, ଟାଇପ୍-V, ୨୨୧, ଟାଇପ୍-I, ୧୪୩, ୧୭୫, ୧୭୭, ୧୭୯, ୧୮୮ର ଟାଇପ୍-II ଏବଂ କ୍ୱାଟର ନଂ. ୮୧, ଟାଇପ୍-IIIର ମରାମତି ଓ ରକ୍ଷଣାବେକ୍ଷଣ । ଆନୁମାନିକ ମୂଲ୍ୟ : ଟ.୫,୦୧,୪୫୮/-, ଅମାନତ ଜମା ରାଶି : ଟ.୧୦,୦୨୯/- ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ, ଟେଣ୍ଡର ଶୁଳ୍କ (ଫେରସ୍ତଯୋଗ୍ୟ ନୁହେଁ) : କିଛିନାହିଁ, ଇ-ଟେଣ୍ଡର ପ୍ରୋସେସିଙ୍ଗ୍ ଶୁଳ୍କ : ଟ.୮୮୫/- (ପ୍ରଯୁଜ୍ୟ କର ସହିତ) ବିଡ଼ର ଦ୍ୱାରା ବହନ କରାଯିବ, ଯାହାକି ଇ-ପେଁଠ ଗେଟ୍‌ୱେ ମାଧ୍ୟମରେ ଆଇଟିଆଇ ଲିମିଟେଡ୍, ନୂଆ ଦିଲ୍ଲୀ ଠାରେ ପେଁଠ ଯୋଗ୍ୟ ହେବା ଆବଶ୍ୟକ । ଶେଷ ହେବା ଅବଧି : ୩୦ (ତିରିଶ) ଦିନ, ବିଡ୍ ଜମା କରାଯିବାର ଅନ୍ତିମ ତାରିଖ ଓ ସମୟ : ତା.୧୧.୦୩.୨୦୧୯ରିଖ ଅପରାହ୍ନ ୧୨.୩୦ଘଟିକା ପର୍ଯ୍ୟନ୍ତ ।

ବିଡ୍ ଫର୍ମ ଏବଂ ଅନ୍ୟ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://dopcivil.euniwizard.com ରୁ ପ୍ରାପ୍ତ କରାଯାଇ ପାରିବ ।

ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ନିର୍ମାଣ), ପୋଷ୍ଟାଲ ସିଭିଲ୍ ଡିଭିଜନ, ଭୁବନେଶ୍ୱର



### ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ, ସୁବର୍ଣ୍ଣପୁର
### ଟେଣ୍ଡର ଆହ୍ୱାନ ନୋଟିସ

ଆଗାମୀ ସାଧାରଣ ନିର୍ବାଚନ – ୨୦୧୯ ପାଇଁ ବିଭିନ୍ନ ସାମଗ୍ରୀ ଯୋଗାଇ ଦେବା ପାଇଁ ଜିଲ୍ଲା ନିର୍ବାଚନ ଅଧିକାରୀ-ତଥା-ଜିଲ୍ଲାପାଳ, ସୁବର୍ଣ୍ଣପୁର ଜଉମୁଦ ଟେଣ୍ଡର ଆହ୍ୱାନ କରୁଛନ୍ତି। ସବିଶେଷ ତଥ୍ୟ ୱେବ୍‌ସାଇଟ୍ www.subarnaur.nic.in ରେ ଉପଲବ୍ଧ।

ସ୍ୱା./- ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ, ସୁବର୍ଣ୍ଣପୁର



### ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ସମ୍ବଲପୁର

ନଂ:୧୮୦୦ ତାରିଖ:୦୫।୦୩।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା.୦୬।୦୩।୨୦୧୯ରିଖଠାରୁ ୩୧।୦୩।୨୦୧୯ରିଖ ପର୍ଯ୍ୟନ୍ତ ବିଭିନ୍ନ ଭୋଟ ଗ୍ରହଣ କେନ୍ଦ୍ରରେ ତଥା ରାଜସ୍ୱ ଗ୍ରାମରେ ଇ.ଭି.ଏମ. ତଥା ଭିଭିପାଟ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମାଇକ୍ ପ୍ରଚାର ମାଧ୍ୟମରେ ଆଗ୍ରିମ ସୂଚନା ଦିଆଯିବ। ଏଣୁ ଆପଣମାନଙ୍କୁ ନିବେଦନ ଏ କାର୍ଯ୍ୟକ୍ରମରେ ବହୁଳ ଭାବରେ ଯୋଗଦାନ ଦେଇ ଭିଭିପାଟ ପରିଚାଳନା ସମ୍ପର୍କରେ ଅବଗତ ହେବେ। ନିଜର ବହୁମୂଲ୍ୟ ମତଦାନ ସାବ୍ୟସ୍ତ କରିବା ପାଇଁ ଆପଣଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ହେବା ଅତ୍ୟନ୍ତ ଆବଶ୍ୟକ। ତେଣୁ Go Verify କାର୍ଯ୍ୟକ୍ରମ ଦ୍ୱାରା ନିଶ୍ଚୟ କରିବା ପାଇଁ ନିକଟସ୍ଥ ଭୋଟର ସହାୟତା କେନ୍ଦ୍ର କିମ୍ବା ବୁଥ୍ ଲେବେଲ୍ ଅଫିସରଙ୍କ ସହ ଯୋଗାଯୋଗ କରନ୍ତୁ। ଟୋଲ ଫ୍ରୀ ନମ୍ବର.୧୯୫୦ରେ କଲ କରି ମଧ୍ୟ ଆପଣ ସବିଶେଷ ବିବରଣୀ ପ୍ରାପ୍ତ କରିପାରିବେ।

ବିସ୍ତୃତ ବିବରଣୀ ନିମନ୍ତେ ନିକଟସ୍ଥ ବ୍ଲକ୍ ଅଫିସ୍ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ।

ସ୍ୱା./- ଜିଲ୍ଲାପାଳ ଓ ଜିଲ୍ଲା ନିର୍ବାଚନ ଅଧିକାରୀ, ସମ୍ବଲପୁର



### GOVERNMENT OF ODISHA E-PROCUREMENT NOTICE
### Bid Identification No.30 of 2018-19

No.1812-O:- The Executive Engineer, RWS&S Division, Balangir on behalf of Governor of Odisha invites percentage bid through e-procurement in double cover system according to norm of e-procurement system in online mode for the different work in different Blocks under Balangir District.

1. Nature of work :- Construction of pump House, ESR, OGR, Laying of rising main, distribution system, single mouth stand post, SV / AV / NRV chamber, including supplying of necessary materials in different villages of Balangir District.
2. Total No. of work :- 21 Nos.
3 Estimated Cost :- Rs.100.10 Lakh to 216.42 Lakh
4. Eligible Class of Contractor :- "B & A" Contractor.
5. Period of completion :- Eight Months.
6. Other details :-

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Executive Engineer, RWSS Division, Balangir | 30 of 2018-19 | Dt.13.03.2019 At. 11.00 Hrs | Dt.03.04.2019 upto.17.00 Hrs |

Further details can be had in the DTCN available in the website www.tendersorissa.gov.in

Sd./- Executive Engineer, RWS&S Division, Balangir

25033/11/0024/1819

# ଭାରତର ୫୦୦ତମ ଦିନିକିଆ ବିଜୟ



ଶତକ ହାସଲ ପରେ ବିରାଟ କୋହଲି

**ନାଗପୁର,୫।୩ (ପି.ଟି.)**

ବିଜୟ ଶଙ୍କରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଓ ଅଧିନାୟକ ବିରାଟ କୋହଲିଙ୍କ ଶତକୀୟ ଇନିଂସ ବଳରେ ଭାରତ ଦ୍ୱିତୀୟ ଦିନିକିଆରେ ଭ୍ରମଣକାରୀ ଅଷ୍ଟ୍ରେଲିଆକୁ ୮ ରନରେ ପରାସ୍ତ କରିଛି। ଦ୍ରୁତ ୪୬ ରନ କରିବା ସହ ଅନ୍ତିମ ଓଭରରେ ଶେଷ ଦୁଇ ଉଇକେଟ ଅକ୍ତିଆର କରି ଶଙ୍କର ଭାରତକୁ ବିଜୟୀ କରାଇଛନ୍ତି। ଏଥିସହ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ୨-୦ରେ ଅଗ୍ରଣୀ ହାସଲ କରିଛି। ସୂଚନାଯୋଗ୍ୟ ଏହା ହେଉଛି ଟିମ୍ ଇଣ୍ଡିଆର ୫୦୦ତମ ଦିନିକିଆ ବିଜୟ। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୪୮.୨ ଓଭରରେ ୨୫୦ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଓ ଟେଲଏଣ୍ଡରଙ୍କ ବିଫଳତା ଯୋଗୁ ମ୍ୟାଚ୍ ହାତଛଡ଼ା କରିଥିଲା। ଦଳ ୪୯.୩ ଓଭରରେ ୨୪୨ ରନ କରି ଅଲଆଉଟ ହେବା ସହ ୯ ରନ ଦୂରରେ ରହିଯାଇଥିଲା। ୧୧୬ ରନର ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି ଖେଳିଥିବା କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ତୃତୀୟ ଦିନିକିଆ ଶୁକ୍ରବାର ରାଞ୍ଚିରେ ଖେଳାଯିବ।

୨୫୧ ରନ ଟାର୍ଗେଟର ପିଛା କରିଥିବା ଅଷ୍ଟ୍ରେଲିଆର ଦୁଇ ଓପନର ଉସ୍‌ମାନ ଖ୍ୱାଜା ଓ ଅଧିନାୟକ ଆରୋନ ଫିଞ୍ଚ୍ ୧୫ ଓଭର ପୂର୍ବରୁ ୮୩ ରନ କରି ଦଳକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଫିଞ୍ଚ୍ ୩୭ ରନ କରି ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିବା ପରେ ଖ୍ୱାଜା ୩୮ ରନ କରି କେଦାର ଯାଦବଙ୍କ ବଲ୍‌ରେ କୋହଲିଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଶନ୍ ମାର୍ଶ ୧୬ ରନ କରି ରବୀନ୍ଦ୍ର ଜାଡେଜାଙ୍କ ସ୍ପିନ୍ ଝଟ୍‌କା ଖାଇ ଉଇକେଟ କିପର ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା କ୍ୟାଚ୍ ଆଉଟ ହୋଇଥିଲେ। ଇନ୍ ଫର୍ମ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ କିନ୍ତୁ ଏହି ମ୍ୟାଚ୍‌ରେ ବିଫଳ ହୋଇଥିଲେ। ମାତ୍ର ୪ ରନ କରିଥିବା ବେଳେ ସେ କୁଲଦୀପଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ୪୮ ରନ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ ପିଟର ହ୍ୟାଣ୍ଡ୍ସକମ୍ବ ଜାଡେଜାଙ୍କ ଡାଇରେକ୍ଟ ଥ୍ରୋ'ରେ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ ଓ ଏହା ମ୍ୟାଚ୍‌ର ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଉଇକେଟକିପର ବ୍ୟାଟ୍ସମ୍ୟାନ ଆଲେକ୍ସ କେରୀ ୨୨ ରନ କରି କ୍ଲିନ୍ ବୋଲ୍ଡ ହେବା ସହ କୁଲଦୀପଙ୍କ ତୃତୀୟ ଶିକାର ହୋଇଥିଲେ। ୪୬ ତମ ଓଭରରେ ବୁମରା ନାଥନ କୁଲ୍ଟର ନିଲ (୪) ଓ ପ୍ୟାଟ୍ କୁମିନ୍ସଙ୍କୁ ବିନା ସ୍କୋରରେ ଆଉଟ କରି ଭାରତ ପାଇଁ ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ଅନ୍ତିମ ଓଭରରେ ୧୧ ରନ୍ ଆବଶ୍ୟକ ହେଉଥିବା ବେଳେ ମ୍ୟାଚର ପ୍ରକୃତ ରୋମାଞ୍ଚ ଦେଖିବାକୁ ମିଳିଥିଲା। ବିଜୟ ଶଙ୍କର ମାର୍କସ ଷ୍ଟୋଇନିସ୍ ଓ ଆଡାମ ଜାମ୍ପାଙ୍କୁ ଯଥାକ୍ରମେ ପ୍ରଥମ ଓ ତୃତୀୟ ବଲ୍‌ରେ ଆଉଟ କରି ଭାରତକୁ ଜିତାଇଥିଲେ। ଷ୍ଟୋଇନିସ୍ ୫୨ ରନର ଅର୍ଦ୍ଧଶତକୀୟ ପାଳି (୬୫ ବଲ, ୪ ଚୌକା, ୧ ଛକା) ଖେଳି ଓ ଜାମ୍ପା ୨ ରନ କରି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ସର୍ବାଧିକ ୩, ବୁମ୍‌ରା ଓ ଶଙ୍କର ଦୁଇଟି ଲେଖାଏ, ଜାଡେଜା ଓ କେଦାର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା ଓ ଉନ୍ନତ ହାରରେ ରନ୍ ସଂଗ୍ରହ କରି ନ ପାରି ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ଗୋଟିଏ ପଟେ ଅଧିନାୟକ କୋହଲି ଧୈର୍ଯ୍ୟର ସହ ବ୍ୟାଟିଂ କରି ଶତକ ହାସଲ କରିଥିଲେ ମଧ ଅନ୍ୟପଟେ ଜଣକ ପରେ ଜଣେ ବ୍ୟାଟ୍ସମ୍ୟାନ ପ୍ୟାଭିଲିୟନ ଫେରିଥିଲେ। ଦଳ ଆରମ୍ଭରୁ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇ ଝଟ୍‌କା ଖାଇଥିଲା। ରୋହିତ ଖାତା ଖୋଲିବା ପୂର୍ବରୁ ଦ୍ରୁତ ବୋଲର ପ୍ୟାଟ କୁମିନ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାର ବଲକୁ ଶଟ୍ ଖେଳିବାକୁ ଯାଇ ଥାର୍ଡ ମ୍ୟାନ୍ ଅଞ୍ଚଳରେ ଆଡାମ ଜାମ୍ପାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଅଭିଜ୍ଞ ଧାୱନ ୨୧ ରନ କରିଥିବା ବେଳେ ଗ୍ଲେନ୍ ମ୍ୟାକ୍ସୱେଲ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ନିର୍ଭରଯୋଗ୍ୟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଅମ୍ବାତି ରାୟୁଡୁ ଅଭିଜ୍ଞ ସ୍ପିନର ନାଥନ ଲିୟନଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ବ୍ୟାଟିଂ କରିବାକୁ ଆସି ବିଜୟ ଶଙ୍କର ୪୧ଟି ବଲ ଖେଳି ୫ ଚୌକା ଓ ୧ ଛକା ସହ ଦ୍ରୁତ ୪୬ ରନ କରି ଜମି ଆସୁଥିବା ବେଳେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ୍‌ର ହିରୋ କେଦାର ଯାଦବ ଏଥର କିନ୍ତୁ ସଫଳ ହୋଇପାରି ନ ଥିଲେ। ସେ ମାତ୍ର ୧୧ ରନ କରି ଲେଗ୍ ସ୍ପିନର ଜାମ୍ପାଙ୍କ ବଲ୍‌ରେ ଆରୋନ ଫିଞ୍ଚ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସି ପ୍ରଥମ ବଲ୍‌ରେ ହିଁ ଜାମ୍ପାଙ୍କୁ କଟ୍ କରିବାକୁ ଯାଇ ସ୍ଲିପ୍‌ରେ ଉସ୍‌ମାନ ଖ୍ୱାଜାଙ୍କ ହାତରେ ଧରାପଡିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ସ୍ଥିତି ସମ୍ଭାଳିବାକୁ ଯାଇ ଧିମା ବ୍ୟାଟିଂ କରିଥିଲେ। ୪୦ଟି ବଲ୍ ଖେଳି ସେ ମାତ୍ର ୨୧ ରନ କରି କୁମିନ୍ସଙ୍କ ବଲ୍‌ରେ ଖ୍ୱାଜାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ କୁଲଦୀପ ଯାଦବ ୩ ଓ ଯଶପ୍ରୀତ ବୁମ୍‌ରା ବିନା ସ୍କୋରରେ ଯଥାକ୍ରମେ କୁମିନ୍ସ ଓ ନାଥନ କୁଲ୍ଟର ନିଲ୍‌ଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ମହମ୍ମଦ ସାମି ୨ ରନରେ ଅପରାଜିତ ରହିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କୁମିନ୍ସ ସର୍ବାଧିକ ୪, ଜାମ୍ପା ୨, କୁଲ୍ଟର ନିଲ, ମ୍ୟାକ୍ସୱେଲ ଓ ଲିୟନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ସ୍କୋର ବୋର୍ଡ

**ଭାରତ ଇନିଂସ**

ରୋହିତ-କ-ଜାମ୍ପା-ବୋ-କୁମିନ୍ସ-୦
ଧାୱନ-ଏଲ୍‌ବିଡବ୍ଲ୍ୟୁ-ବୋ-ମାକ୍ସୱେଲ୍-୨୧
କୋହଲି-କ-ଷ୍ଟୋଇନିସ-ବୋ କୁମିନ୍ସ-୧୧୬
ରାୟୁଡୁ-ଏଲ୍‌ବିଡବ୍ଲ୍ୟୁ-ବୋ-ଲିଅନ-୧୮
ବିଜୟ ଶଙ୍କର-ରନ୍‌ଆଉଟ (ଜାମ୍ପା)-୪୬
କେଦାର ଯାଦବ-କ-ଫିଞ୍ଚ୍-ବୋ-ଜାମ୍ପା-୧୧
ଧୋନୀ-କ-ଖ୍ୱାଜା-ବୋ-ଜାମ୍ପା-୦
ଜାଡେଜା-କ-ଖ୍ୱାଜା-ବୋ-କୁମିନ୍ସ-୨୧
କୁଲଦୀପ-ବୋ-କୁମିନ୍ସ-୩
ସାମି-ନଟଆଉଟ-୨
ବୁମ୍‌ରା-ବୋ-କୁଲଟର ନିଲ୍-୦
ଅତିରିକ୍ତ-୧୨
**ମୋଟ** (୪୮.୨ ଓଭର, ଅଲଆଉଟ) ୨୫୦।
**ଉଇକେଟ ପତନ:** ୧/୦, ୨/୩୮, ୩/୭୫, ୪/୧୫୬, ୫/୧୭୧, ୬/୧୭୧, ୭/୨୩୮, ୮/୨୪୮, ୯/୨୪୯, ୧୦/୨୫୦।
**ବୋଲିଂ (ଅଷ୍ଟ୍ରେଲିଆ)**
କୁମିନ୍ସ ୯-୨-୨୯-୪
କୁଲ୍‌ଟର ନିଲ୍ ୮.୨-୦-୫୨-୧
ମାକ୍ସୱେଲ୍ ୧୦-୦-୪୫-୧
ଜାମ୍ପା ୧୦-୦-୬୨-୨
ଲିଅନ ୧୦-୦-୪୨-୧
ଷ୍ଟୋଇନିସ୍ ୧-୦-୧୨-୦।

**ଅଷ୍ଟ୍ରେଲିଆ ଇନିଂସ**

ଫିଞ୍ଚ୍-ଏଲ୍‌ବିଡବ୍ଲ୍ୟୁ-ବୋ-କୁଲଦୀପ୍-୩୭
ଖ୍ୱାଜା-କ-କୋହଲି-ବୋ-କେଦାର-୩୮
ମାର୍ଶ-କ-ଧୋନୀ-ବୋ-ଜାଡେଜା-୧୬
ହ୍ୟାଣ୍ଡ୍ସକମ୍ବ-ରନ୍ ଆଉଟ୍ (ଜାଡେଜା)-୪୮
ମ୍ୟାକ୍ସୱେଲ-ବୋ-କୁଲଦୀପ୍-୪
ଷ୍ଟୋଇନିସ- ଏଲ୍‌ବିଡବ୍ଲ୍ୟୁ-ବୋ-ବିଜୟ-୫୨
କେରୀ-ବୋ-କୁଲଦୀପ-୨୨
କୁଲ୍ଟର-ନିଲ-ବୋ-ବୁମ୍‌ରା-୪
କୁମିନ୍ସ-କ-ଧୋନୀ-ବୋ-ବୁମ୍‌ରା-୦
ଲିୟନ-ନଟଆଉଟ-୬
ଜାମ୍ପା-ବୋ-ଶଙ୍କର-୨
ଅତିରିକ୍ତ-୧୩
ମୋଟ୍- (୪୯.୩ ଓଭର, ଅଲଆଉଟ) ୨୪୨।
**ଉଇକେଟ୍ ପତନ-** ୧/୮୩, ୨/୮୩, ୩/୧୨୨, ୪/୧୩୨, ୫/୧୭୧, ୬/୨୧୮, ୭/୨୨୩, ୮/୨୨୩, ୯/୨୪୦, ୧୦/୨୪୨।
**ବୋଲିଂ (ଭାରତ)-**
ମହମ୍ମଦ ସାମି ୧୦-୦-୬୦-୦
ବୁମ୍‌ରା ୧୦-୦-୨୯-୨
ଜାଡେଜା ୧୦-୦-୪୮-୧
ଶଙ୍କର ୧.୩-୦-୧୫-୨
କୁଲଦୀପ୍ ୧୦-୦-୫୪-୩
କେଦାର ୮-୦-୩୩-୧।

# କୋହଲିଙ୍କ ୪୦ତମ ଦିନିକିଆ ଶତକ

**ନାଗପୁର, ୫।୩ (ପି.ଟି.)**

କ୍ରିକେଟ ସୁପରଷ୍ଟାର ତଥା ଭାରତୀୟ ଅଧିନାୟକ ବିରାଟ କୋହଲି କ୍ୟାରିୟରରେ ଆଉ ଏକ ମାଇଲ୍ ଖୁଣ୍ଟ ଅତିକ୍ରମ କରିଛନ୍ତି। ସେ ଦିନିକିଆ ଫର୍ମାଟରେ ୪୦ତମ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଦିନିକିଆରେ କୋହଲି ୧୨୦ଟି ବଲର ସମ୍ମୁଖୀନ ହୋଇ ପ୍ୟାଟ କୁମିନ୍ସଙ୍କ ବଲ୍‌ରେ ଲମ୍ବା ଶଟ୍ ଖେଳିବାକୁ ଯାଇ ଡିପ୍ ସ୍କୋୟାର ଲେଗ୍ ମାର୍କସ ଷ୍ଟୋଇନିସ୍ ହାଥରେ ଧରା ପଡି ଆଉଟ ହେବା ପୂର୍ବରୁ ୧୦ ଚୌକା ସହ ୧୧୬ ରନର ଶତକୀୟ ପାଳି ଖେଳି ଏହି ସଫଳତା ଅର୍ଜନ କରିଛନ୍ତି। ୨୨୪ତମ ମ୍ୟାଚ୍ ଖେଳି ୨୧୬ତମ ଇନିଂସରେ କୋହଲି ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ୪୦ତମ ଦିନିକିଆ ଶତକ ଅର୍ଜନ କରିଛନ୍ତି।

| ଖେଳାଳି | ମ୍ୟାଚ୍ | ରନ | ସର୍ବାଧିକ | ଆଭରେଜ | ୧୦୦ | ୫୦ |
|---|---|---|---|---|---|---|
| ତେନ୍ଦୁଲକର | ୪୬୩ | ୧୮, ୪୨୬ | ୨୦୦* | ୪୪.୮୩ | ୪୯ | ୯୬ |
| ବିରାଟ କୋହଲି | ୨୨୪ | ୧୦,୬୯୩ | ୧୮୩ | ୫୯.୭୩ | ୪୦ | ୪୯ |
| ରିକି ପଣ୍ଟିଂ | ୩୭୫ | ୧୩,୭୦୪ | ୧୬୪ | ୪୨.୦୩ | ୩୦ | ୮୨ |
| ଜୟସୁରିୟା | ୪୪୫ | ୧୩,୪୩୦ | ୧୮୯ | ୩୨.୩୬ | ୨୮ | ୬୮ |
| ହାସିମ ଅମଲା | ୧୭୪ | ୭,୯୧୦ | ୧୫୯ | ୪୯.୭୪ | ୨୭ | ୩୭ |

ତେବେ ଶତକ ହାସଲ କରିବା ପାଇଁ ତାଙ୍କୁ ୧୦୭ଟି ବଲ ଖେଳିବାକୁ ପଡିଥିଲା। ୩୦ ବର୍ଷୀୟ କୋହଲି ଇନିଂସ ୪୪ତମ ଓଭରରେ ନାଥନ କୁଲ୍ଟର ନିଲଙ୍କ ଏକ ବଲ୍‌କୁ ପଏଣ୍ଟ ଅଞ୍ଚଳକୁ ଚୌକା ମାରି ଶତକ ହାସଲ କରିଥିଲେ। କ୍ରିକେଟ ଆଇକନ୍ ସଚିନ ତେନ୍ଦୁଲଙ୍କରଙ୍କ ପରେ ସେ ଦିନିକିଆରେ ୪୦ଟି ଶତକ ଅର୍ଜନ କରି ଏକ ବିରଳ ସଫଳତା ପାଇଛନ୍ତି। ଆଉ ୧୦ଟି ଶତକ ହାସଲ କଲେ କୋହଲି ସଚିନଙ୍କୁ ପଛରେ ପକାଇ ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ୫୦ତମ ଦିନିକିଆ ଶତକ ଅର୍ଜନ କରିବେ। ଏଥି ସହିତ ଭାରତ ମାଟିରେ କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ୪ଟି ଶତକ ହାସଲ କରି ସଚିନଙ୍କ ସହ ସମକକ୍ଷ ହୋଇଛନ୍ତି। ଅଷ୍ଟ୍ରେଲିଆ- ଭାରତ ଦିନିକିଆ ସିରିଜରେ ସଚିନ ସର୍ବାଧିକ ୯ଟି ଶତକ ହାସଲ କରି ଶୀର୍ଷରେ ରହିଛନ୍ତି। ଦ୍ୱିତୀୟ ଦିନିକିଆରେ କୋହଲି ଚତୁର୍ଥ ଉଇକେଟ ଯୋଡିରେ ବିଜୟ ଶଙ୍କରଙ୍କ ସହ ୮୧ ଓ ସପ୍ତମ ଉଇକେଟ ଯୋଡିରେ ରବିନ୍ଦ୍ର ଜାଡେଜାଙ୍କ ସହ ୬୭ ରନ୍ ସଂଗ୍ରହ କରି ଭାରତକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଏଥି ସହିତ କୋହଲି ବିଶ୍ୱର ଷଷ୍ଠ ଅଧିନାୟକ ହିସାବରେ ଓ ରିକି ପଣ୍ଟିଂଙ୍କୁ ପଛରେ ପକାଇ ଦ୍ରୁତତମ ୯,୦୦୦ ରନ ପୂରଣ କରିଛନ୍ତି। ପୂର୍ବରୁ ଗ୍ରେମ୍ ସ୍ମିଥ୍, ମହେନ୍ଦ୍ର ସିଂ ଧୋନୀ, ଆଲାନ ବର୍ଡର, ଷ୍ଟିଫେନ ଫ୍ଲେମିଂ ଅଧିନାୟକ ହିସାବରେ ଏହି ସଫଳତା ପାଇଛନ୍ତି।





# PRAGATI KI NAYI MISAAL

VIP culture abolished, Red Beacon removed

Over **2 Crore e-Rickshaws** created respectable jobs for the youth

A **24x7** Toll Free Hotline number **1033** has been started to assist commuters on National Highways

Freedom from permits for vehicles running on ethanol, biodiesel and biofuel

For safer vehicles, Crash Test is now made mandatory

By 2020 cleaner **BS VI** standard fuel vehicles made mandatory

**726** accident prone black spots rectified with investments of **Rs. 11,000 Cr**

Under the Green Highway Policy, green cover is being planted on National Highways spanning **40,000 km**

DigiLocker

No more hassle of carrying driving licence and vehicle papers. Store them in Digi Locker

FASTag

Now zoom through the Toll Plazas. **447** Toll Plazas now have a dedicated FASTag lane. **43,17,000** FASTags distributed




## NAMUMKIN AB
# MUMKIN HAI

Ministry of Road Transport & Highways Government of India

National Highways Authority of India

NHIDCL BUILDING INFRASTRUCTURE - BUILDING THE NATION

BHARATMALA ROAD TO PROSPERITY

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମାର୍ଚ୍ଚ ୬/୨୦୧୯ Sambalpur, Wednesday, March 6 / 2019

## ସଂକ୍ଷେପରେ

### ଗଣିତ ଉତ୍ତର ଖାତା ଗାଏବ୍ ଘଟଣା

## ପୁଣି ୨ ଶିକ୍ଷକ ନିଲମ୍ବିତ

### ଗିରଫ ୫ଙ୍କ ମଧ୍ୟରୁ ୩ କୋର୍ଟଚାଲାଣ

**ମାଲକାନଗିରି,୫।୩(ଡି.ଏନ.ଏ.):** ମାଲକାନଗିରି ଜିଲାର ପଡ଼ିଆ ଏସଏସଡି ଆଶ୍ରମ ବିଦ୍ୟାଳୟରେ ଚାଲିଥିବା ମାଟ୍ରିକ ପରୀକ୍ଷାର ଗଣିତ ଉତ୍ତରଖାତା ଗତ ଶନିବାର ଗାଏବ୍ ହୋଇଯାଇଥିଲା। ଏହି ଘଟଣାରେ ମଙ୍ଗଳବାର ପୁଣି ୨ ଜଣ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଛି। ସେମାନେ ହେଲେ ଗଠନପାଲି ନବୀନ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳଧର ବେହେରା ଓ ସହକାରୀ ଶିକ୍ଷକ ପ୍ରଭାକର ପାଢ଼ୀ। ପାଢୀ ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡିବା ପରେ ତାଙ୍କୁ ନିଲମ୍ବିତ କରାଯାଇଛି ବୋଲି ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ କହିଛନ୍ତି। ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ଓ ଅନ୍ୟ ଅଧିକାରୀମାନଙ୍କ ତଦନ୍ତ ପରେ ଜିଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ସୋମବାର ଏହି ଘଟଣାରେ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ତଥା ପ୍ରଧାନଶିକ୍ଷକ ବିଦ୍ୟୁତ୍ କୁମାର ପାତ୍ର ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁଙ୍କୁ ନିଲମ୍ବନ କରାଯାଇଥିଲା। ଅନ୍ୟପକ୍ଷରେ ସୋମବାର ଗିରଫ ୫ଜଣଙ୍କ ମଧ୍ୟରୁ ମଙ୍ଗଳବାର ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଗଠନପାଲି ନବୀନଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା,ନୋଡାଲ ପର୍ଯ୍ୟବେକ୍ଷକ ସନ୍ଦୀପ କୁମାର ସାହୁ ଓ ସହକାରୀ ସୁପରିଟେଣ୍ଡେଣ୍ଟ ଶତ୍ରୁଘ୍ନ ସ୍ୱାଇଁ। ଅନ୍ୟ ୨ ଜଣଙ୍କୁ ଅଧିକ ତଦନ୍ତ ଲାଗି ରଖାଯାଇଛି ବୋଲି ଅତିରିକ୍ତ ଏସ.ପି.ଉଦ୍ଧବ ଚରଣ ନାୟକ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ଭୁବନେଶ୍ୱରରେ ମଙ୍ଗଳବାର ଅନୁଷ୍ଠିତ ମିନି ମାରାଥନ।

# ସମସାଦ, ଅର୍ଜୁନ ବିଜେତା

**ଭୁବନେଶ୍ୱର, ୫।୩(କ୍ରୀଡ଼ା ପ୍ରତିନିଧି)**

ବିଜୁ ପଟ୍ଟନାୟକ ମିନି ମାରାଥନ

କିମ୍ବଦନ୍ତୀ ରାଷ୍ଟ୍ରନୀତିଜ୍ଞ ବିଜୁ ପଟ୍ଟନାୟକଙ୍କ ଜନ୍ମବାର୍ଷିକୀ ଅବସରରେ ମଙ୍ଗଳବାର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହାର ମହିଳା ବିଭାଗରେ କଟକ ସାଇ କ୍ରୀଡ଼ା ଛାତ୍ରାବାସର ସମସାଦ ଆରା ବେଗମ୍ ଏବଂ ପୁରୁଷରେ ଝାଡ଼ଖଣ୍ଡର ଅର୍ଜୁନ ଟୁଡୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୫ କିଲୋମିଟର ବିଶିଷ୍ଟ ଏହି ଦୌଡ଼କୁ ସମସାଦ ୨୨:୧୨.୩୫ ଏବଂ ଅର୍ଜୁନ ୧୭:୩୭.୫୬ ସେକେଣ୍ଡରେ ଅତିକ୍ରମ କରିଥିଲେ। ମହିଳାରେ ସନ୍ଧ୍ୟା ମୁର୍ମୁ, ଜୟନ୍ତୀ ସେଠୀ, ପ୍ରଭାତୀ ମାଝି, ସୁଚିତା ତିର୍କୀ ଏବଂ ପୁରୁଷରେ ମୁକୁନ୍ଦ ବନରା, ଆକାଶ କୁମାର, ଯୋଗେନ୍ଦ୍ର ତିରିଆ ଓ ଜଗନ୍ନାଥ ଦାସ ପରବର୍ତ୍ତୀ ୪ ସ୍ଥାନରେ ରହିଥିଲେ। ୧୫ରୁ ୧୮ ବର୍ଷ ବୟସ ବର୍ଗର ବାଳିକାରେ କେନ୍ଦ୍ରାପଡ଼ାର ସୁହାନା ପରମିନ ଏବଂ ବାଳକରେ ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସର ଦିଲୀପ ନାଏକ ବିଜେତା ହୋଇଛନ୍ତି। ସେହିପରି ୫୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ କାଟେଗୋରି ମହିଳାରେ ଝାଡ଼ଖଣ୍ଡର ଆରତି ମହନ୍ତ ଏବଂ ପୁରୁଷରେ ପଶ୍ଚିମବଙ୍ଗର ରଞ୍ଜିତ ମହତା ବିଜେତା ସାବ୍ୟସ୍ତ ହୋଇଛନ୍ତି।

କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ସକାଳେ ବିଜୁ ପଟ୍ଟନାୟକ ପାର୍କ ନିକଟରେ ପତାକା ଦେଖାଇ ମିନି ମାରାଥନର ଶୁଭାରମ୍ଭ କରିଥିଲେ। ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ମିନି ମାରାଥନ ଶିଶୁଭବନ ଛକ, ରାଜମହଲ ଛକ, ଏଜି ଛକ, ଗଭର୍ଣ୍ଣର ହାଉସ୍ ଛକ, ପାୱାର ହାଉସ୍ ଛକ ଦେଇ କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଥିଲା। ୫ କିଲୋମିଟର ବିଶିଷ୍ଟ ଏହି ମାରାଥନ ସମ୍ପନ୍ନ ହେବାପରେ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ, ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କ୍ରୀଡ଼ା ବିଭାଗର ଯୁଗ୍ମ ସମ୍ପାଦକ ମନୋଜ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତି କାଟେଗୋରି(ମହିଳା/ପୁରୁଷ)ର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ମୋଟ ୧,୫୮,୦୦୦ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ପାଖାପାଖି ୨୫୦୦ ପ୍ରତିଯୋଗୀ ଏହି ମିନି ମାରାଥନରେ ଭାଗ ନେଇଥିଲେ। ୧୮ ବର୍ଷରୁ ଉର୍ଦ୍ଧ୍ୱ କାଟେଗୋରିର ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କୁ ୧୨,୦୦୦ ଲେଖାଏ ଏବଂ ୧୫ରୁ ୧୮ ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ବିଭାଗର ରେସ୍ ବିଜେତାଙ୍କୁ ୭୦୦୦ ଟଙ୍କା ଲେଖାଏ ପୁରସ୍କୃତ କରାଯାଇଥିଲା।

### ପୁରସ୍କାର ବିଜେତା

**୧୮ ବର୍ଷରୁ ଉର୍ଦ୍ଧ୍ୱ**
ମହିଳା: ସମସାଦ ଆରା ବେଗମ୍ (ସାଇ, କଟକ)
ପୁରୁଷ: ଅର୍ଜୁନ ଟୁଡୁ (ଝାଡ଼ଖଣ୍ଡ)

**୧୫ରୁ ୧୮ ବର୍ଷ**
ବାଳିକା: ସୁହାନା ପରମିନ (କେନ୍ଦ୍ରାପଡ଼ା)
ବାଳକ: ଦିଲୀପ ନାଏକ (ଭୁବନେଶ୍ୱର କ୍ରୀଡ଼ା ଛାତ୍ରାବାସ)

**୫୦ ବର୍ଷରୁ ଉର୍ଦ୍ଧ୍ୱ ଭେଟେରାନ**
ମହିଳା: ଆରତି ମହନ୍ତ(ଝାଡ଼ଖଣ୍ଡ)
ପୁରୁଷ: ରଞ୍ଜିତ ମହତା (ପଶ୍ଚିମବଙ୍ଗ)

# ବିଜୁଙ୍କ ପ୍ରତିମୂର୍ତ୍ତିର ରଙ୍ଗ ସବୁଜ ହେଲା

**ସୋନପୁର,୫।୩(ନି.ପ୍ର.)**

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ଅଛି । ଏଭଳି ସ୍ଥିତିରେ ଫାଇଦା ହାସଲ ପାଇଁ ରାଜନୈତିକ ଦଳଗୁଡିକ ଚେଷ୍ଟିତ ଅଛନ୍ତି। ଏଥିରୁ ବାଦ୍ ପଡିନି ସୋନପୁରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀ। ୧୦୩ ଜନ୍ମ ବାର୍ଷିକୀ ପାଳନ ଅବସରରେ ପ୍ରତିମୂର୍ତ୍ତିର କଳା ରଙ୍ଗକୁ ସବୁଜ କରାଯାଇଛି। ବିଜେଡି ନେତା ତଥା ଜଣେ ପ୍ରାକ୍ତନ ନଗରପାଳ ସୋମବାର ରାତିରେ ଏପରି କରିଥିବା ଅଭିଯୋଗ ହୋଇଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ରାଜନୀତି ଭିତରେ ସୀମିତ ରଖିବାକୁ ଉଦ୍ୟମ ନେଇ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ସକାଳେ ବିଜେଡି ନେତୃବୃନ୍ଦ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସମୟରେ ନୂତନ ରଙ୍ଗକୁ ଦେଖି ଆପତ୍ତି କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଥିପାଇଁ ନାନା କଥା ଶୁଣିବାକୁ ପଡିଥିଲା। ଏ ସମ୍ପର୍କରେ ମ୍ୟୁନିସିପାଲିଟି ଇଓ ତଥା ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର କୁହନ୍ତି ମ୍ୟୁନିସିପାଲିଟି ପକ୍ଷରୁ ରଙ୍ଗ ଦିଆଯାଇନି। ବେସରକାରୀ ଭାବେ କିଏ ରଙ୍ଗ ଦେଇଛି। ତେବେ ମହାପୁରୁଷଙ୍କୁ ସମ୍ମାନ କରିବା ଆଳରେ ଏଭଳି କରିବା ଅନୁଚିତ ବୋଲି ସେ ମତ ଦେଇଛନ୍ତି ।



ସୋନପୁର ବିଜୁ ପଟ୍ଟନାୟକ ଛକରେ ଥିବା ବିଜୁଙ୍କ ପ୍ରତିମୂର୍ତ୍ତିକୁ ସବୁଜ କରାଯାଇଛି ।

# ମାଉଜର, ୫ ଗୁଳି ଜବତ: ଅଭିଯୁକ୍ତ ଗିରଫ





ଗିରଫ ଅଭିଯୁକ୍ତ ବିନୁ ଓରଫ ବାଳକୃଷ୍ଣ ସାହୁ (ବାମ)। ଜବତ୍ ମାଉଜର୍, ଗୁଳି ।

**ବରଗଡ଼ ଅଫିସ୍,୫।୩**

ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ ଗୋଟିଏ ମାଉଜର, ୫ରାଉଣ୍ଡ ଗୁଳି, ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ସୋହେଲାର ବାଳକୃଷ୍ଣ ସାହୁ(୩୫) ଓରଫ ବିନ୍ନୁ। ଏନେଇ ଅମ୍ବାଭୋନା ଥାନାରେ ଦଫା ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା(ନଂ.୨୪/୨୦୧୯) ରୁଜୁ ହୋଇଛି। ଏପରି କି ପୋଲିସ ଯୁବକଙ୍କ ପାଖରୁ ଏକ ସେଣ୍ଟ୍ରୋ ହୁଣ୍ଡାଇ କାର୍(ନଂ.ଓଆର୧୭ଡି-୨୩୨୩) ଜବତ୍ କରି ମଙ୍ଗଳବାର ବରଗଡ଼ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଥିବା ବରଗଡ଼ ଏସଡ଼ିପିଓଙ୍କ ଅଫିସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସଡ଼ିପିଓ କ୍ଷୀରସାଗର ନାଏକ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ, ଅମ୍ବାଭୋନା ଥାନା ଅନ୍ତର୍ଗତ ସମ୍ବରଧରା ନିକଟ ହାତୀମୁଣ୍ଡ ଛକ ନିକଟରେ ୨ଟି କାର ମଧ୍ୟରେ ସାଇଡ ମରାକୁ କେନ୍ଦ୍ର କରି ଗଣ୍ଡଗୋଳ ଉପୁଜିଥିଲା । ଖବର ପାଇ ଅମ୍ବାଭୋନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ତଦନ୍ତ ବେଳେ ବାଳକୃଷ୍ଣଙ୍କ କାର୍‌ରୁ ଏକ ମାଉଜର ଏବଂ ୫ରାଉଣ୍ଡ ଗୁଳି ଜବତ କରିଥିଲା। ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେହିପରି ବାଳକୃଷ୍ଣ ନାମରେ ସୋହେଲା ଥାନାରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଥିବା ଏସଡ଼ିପିଓ ନାଏକ ସୂଚନା ଦେଇଛନ୍ତି। ତେବେ ଘଟଣାରେ କୌଣସି ରାଜନୈତିକ ସମ୍ପୃକ୍ତି ରହିଛି କି ବୋଲି ପଚାରିବାରୁ ସେଭଳି କିଛି ଜଣାପଡ଼ି ନାହିଁ ବୋଲି ସେ କହିଥିଲେ। ଖବରଦାତା ସମ୍ମିଳନୀରେ ଅମ୍ବାଭୋନା ଥାନା ଅଧିକାରୀ ଆକାଶ ବେହେରା ଉପସ୍ଥିତ ଥିଲେ ।

### ଓଡିଶାରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ୍ ଯୋଜନାର ଶୁଭାରମ୍ଭ

# ଗରିବଙ୍କ ପାଇଁ ସୁରକ୍ଷା କବଚ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୫।୩ (ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ୍ ଯୋଜନା ବିଶ୍ୱର ସବୁଠୁ ବଡ଼ କଲ୍ୟାଣକାରୀ ଯୋଜନା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଯୋଜନା ସମାଜର ସବୁଠୁ ଗରିବ ଓ ଉପେକ୍ଷିତ ବର୍ଗଙ୍କ ସୁରକ୍ଷା କବଚ ହେବ । ଶ୍ରମଯୋଗୀ ଯୋଜନାରେ ମାସିକ ୩ହଜାର ଟଙ୍କାର ପେନ୍‌ସନ୍ ବ୍ୟବସ୍ଥା ଗରିବ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିପାରିବ । ଭାରତ ସରକାରଙ୍କ ଛୋଟ ପଦକ୍ଷେପ ଗରିବ ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଭୁବନେଶ୍ୱରଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ ଯୋଜନା ଏବଂ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ଦେଶରେ ଆଜି ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । ଦେଶରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ଯୋଜନା ନାଁରେ ଭାରତ ସରକାରଙ୍କ ତରଫରୁ ଦୁନିଆର ସବୁଠୁ ବଡ଼ ପେନ୍‌ସନ୍ ଯୋଜନାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଅହମ୍ମଦନଗରଠାରେ ଶୁଭାରମ୍ଭ କରିଛନ୍ତି । ପୂର୍ବରୁ ଭାରତବର୍ଷର ଅସଙ୍ଗଠିତ କ୍ଷେତ୍ରର ୪୨କୋଟି ଲୋକଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିଲା । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ କାମ କରୁଥିବା ସରକାରୀ କର୍ମଚାରୀଙ୍କ ପାଇଁ କେବଳ ପେନ୍‌ସନ ଦେବାର ବ୍ୟବସ୍ଥା ଥିବାରୁ ଅବସର ପରେ ସେମାନେ ଲାଭ ପାଉଥିଲେ। ମାତ୍ର ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକ ଯଥା ଛୋଟ ବ୍ୟବସାୟୀଙ୍କ ପାଇଁ କୌଣସି ସାମାଜିକ ସୁରକ୍ଷା ମିଳିବାର ବ୍ୟବସ୍ଥା ନ ଥିଲା । ଏଭଳି ଏକ ଯୋଜନା ଦ୍ୱାରା ଓଡ଼ିଶା ଭଳି ରାଜ୍ୟ ଅଧିକ ଲାଭ ପାଇବ । ଓଡ଼ିଶାର ଅଢ଼େଇ କୋଟି କାର୍ଯ୍ୟ କରୁଥିବା ଲୋକମାନଙ୍କ ମଧ୍ୟରୁ ୨କୋଟି ଲୋକ ଅସଙ୍ଗଠିତ କ୍ଷେତ୍ରରେ କାମ କରୁଛନ୍ତି । ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବାବେଳେ ପ୍ରଧାନମନ୍ତ୍ରୀ ଏଭଳି ବ୍ୟବସ୍ଥା କରିଛନ୍ତି । ଓଡ଼ିଶାରେ ୨୪ହଜାର କାର୍ଡ ତିଆରି ସରିଲାଣି । ମାତ୍ର ଏଥିପାଇଁ ରାଜ୍ୟ ସରକାରଙ୍କ ସହଯୋଗ ମିଳୁନାହିଁ । ଲୋକମାନଙ୍କୁ କମନ୍ ସର୍ଭିସ ସେଣ୍ଟର ଯିବାକୁ ବିରୋଧ କରାଯାଉଛି । ଜିଲାପାଳମାନେ ମଧ୍ୟ ଯେଉଁ ଦାୟିତ୍ୱ ନେବାକଥା ନେଉନାହାନ୍ତି । ଓଡ଼ିଶାର ପ୍ରଶାସନିକ ଅଧିକାରୀମାନଙ୍କୁ ଏହି ଯୋଜନାରେ ସହଯୋଗ କରିବା ପାଇଁ ଅନୁରୋଧ କରୁଛି। ଲୋକଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦାୟିତ୍ୱ ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି ।



ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ୍‌ଧନ୍ ଯୋଜନା

### ■ ଶେଷ ମନ୍ତ୍ରୀ ପରିଷଦ ବୈଠକ

# ଲୋକଙ୍କୁ ଦେଇଥିବା କଥା ପୂରଣ କରିଛୁ: ନବୀନ

## ୪ ଲକ୍ଷ ୮୦ ହଜାର ହିତାଧିକାରୀଙ୍କୁ ସହାୟତା ପ୍ରଦାନର ଶୁଭାରମ୍ଭ କଲେ



ସଚିବାଳୟରେ ମଙ୍ଗଳବାର ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ବିଜେଡି ଶାସନର ୪ର୍ଥ ପାଳି ଶେଷ ହେବାକୁ ଯାଉଛି। ଆଉ କିଛିଦିନ ପରେ ନିର୍ବାଚନ ତାରିଖ ଘୋଷଣା ହେବ। ଆସନ୍ତା ସାଧାରଣ ନିର୍ବାଚନ ମଇଦାନକୁ ଓହ୍ଲାଇବା ପୂର୍ବରୁ ୨୦୧୪ ନିର୍ବାଚନ ବେଳେ ଜନସାଧାରଣଙ୍କୁ ବିଜେଡି ଦେଇଥିବା ପ୍ରତିଶ୍ରୁତି କେତେ ପାଳନ କରିଛି ସେ ନେଇ ମଙ୍ଗଳବାର ସଚିବାଳୟରେ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ମାନସ ମନ୍ଥନ କରାଯାଇଛି।

ଚଳିତ ପାଳିର ଏହି ଶେଷ ମନ୍ତ୍ରୀ ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୫ ବର୍ଷ ଶାସନ କାଳର ସଫଳତା ବଖାଣିଛନ୍ତି। ସେ କହିଛନ୍ତି ଯେ ସାଢ଼େ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୋର ପରିବାର। ମହାପ୍ରଭୁଙ୍କ ଆଶୀର୍ବାଦ ଓ ଓଡ଼ିଶାବାସୀଙ୍କ ଶୁଭେଚ୍ଛାକୁ ଆଧାର କରି ସେବା କରି ଚାଲିଛି। ମୋ ପରିବାର ପାଖରେ ମୁଁ ଯାହା କଥା ଦେଇଥିଲି ତାହା ପୂରଣ କରିଛି। ଆଗାମୀ ଦିନରେ ଯାହା କଥା ଦେବି ତାକୁ ପୂରଣ କରି ନୂଆ ଓଡ଼ିଶା ଗଠନ ପାଇଁ କାମ କରି ଚାଲିବି। ଓଡ଼ିଶାବାସୀଙ୍କ ଆଶୀର୍ବାଦ ହିଁ ମୋର ଶକ୍ତି। ୫ ବର୍ଷ ପୂର୍ବରୁ ରାଜ୍ୟବାସୀଙ୍କ ପାଖରେ ଆମେ ପ୍ରତିଶ୍ରୁତି ରଖିଥିଲୁ। ୨୦୧୪ ମେ ୨୧ ରେ ମୋ ସରକାର ଆପଣମାନଙ୍କ ସେବାର ସୁଯୋଗ ପାଇଥିଲା। ସେହି ଦିନ ସନ୍ଧ୍ୟାରେ ମନ୍ତ୍ରୀ ପରିଷଦ ବୈଠକରେ ନିର୍ବାଚନ ଇସ୍ତାହାରକୁ ଆମେ ସରକାରଙ୍କ ନୀତି ଭାବେ ଗ୍ରହଣ କରିଥିଲୁ। ଲୋକଙ୍କୁ ଦେଇଥିବା ପ୍ରତିଶ୍ରୁତି କେତେ ପୂରଣ କରିଛୁ ତାହା ପ୍ରତିବର୍ଷ ମେ ୨୧ ତାରିଖରେ ସମୀକ୍ଷା କରାଯାଇଛି। ଏବେ ୫ ବର୍ଷ ସରିବାକୁ ଯାଉଛି। କେତେ ପ୍ରତିଶ୍ରୁତି ପୂରଣ ହୋଇଛି ସେ ନେଇ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ଗତ ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ହେକ୍ଟର ଅତିରିକ୍ତ ଜଳସେଚନ ସୁବିଧା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏବେ ସୁଦ୍ଧା ୯ ଲକ୍ଷ ହେକ୍ଟର ଜଳସେଚନ ଯୋଗାଇ ଦିଆଯାଇଛି। ୨୦୧୯ ସୁଦ୍ଧା ୧୦ ଲକ୍ଷ ହେକ୍ଟର ଲକ୍ଷ୍ୟ ପୂରଣ ହେବ। ୨୦୧୫ରୁ ଚାଷୀଙ୍କୁ ୧ ପ୍ରତିଶତ ସୁଧରେ ଫସଲ ଋଣ ଦିଆଯାଉଥିଲା। ବର୍ତ୍ତମାନ କାଳିଆ ଯୋଜନାରେ ଚାଷୀମାନଙ୍କୁ ବିନା ସୁଧରେ ଋଣ ଦିଆଯାଉଛି। ସେହିପରି ଗ୍ରାମାଞ୍ଚଳର ସବୁ କଚ୍ଚା ଘରକୁ ପକ୍କା କରିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ପର୍ଯ୍ୟନ୍ତ ୨୦ ଲକ୍ଷ ପକ୍କାଘର ନିର୍ମାଣ ହୋଇଛି। ସମସ୍ତଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତିଶ୍ରୁତି ପୂରଣ କରି ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ସବୁ ବର୍ଗର ଲୋକଙ୍କ ପାଇଁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ମହିଳାଙ୍କ ପାଇଁ ୭ ଲକ୍ଷ ଟଙ୍କା ରଖାଯାଇଛି। ସବୁ ଚିକିତ୍ସା କେନ୍ଦ୍ରରେ ମାଗଣା ଔଷଧ ସହ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଖାଦ୍ୟ ସୁରକ୍ଷା ପ୍ରତିଶ୍ରୁତି ପୂରଣ କରିବାକୁ ଯାଇ ୨୦୧୩ରୁ ଗରିବ ଲୋକଙ୍କୁ କେଜି ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯାଉଛି। ଗୁଣାତ୍ମକ ଶିକ୍ଷା ପାଇଁ ୧୯୦ଟି ମଡେଲ ସ୍କୁଲ ପ୍ରତିଷ୍ଠା କରାଯାଇଛି। ଖୁବ୍‌ଶୀଘ୍ର ୩୧୪ ବ୍ଲକରେ ଏହି ସ୍କୁଲ ନିର୍ମାଣ ହେବ। ମିଶନ ଶକ୍ତିରେ ୬ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ଋଣ ଦିଆଯାଉଛି। ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଆମେ ପ୍ରତିଶ୍ରୁତି ଦେଇଥିଲୁ। ଗତ ୫ ବର୍ଷ ମଧ୍ୟରେ ଦୁଇ ଥର ମେକ୍ ଇନ ଓଡ଼ିଶା କାର୍ଯ୍ୟକ୍ରମରୁ ଆଶାତୀତ ସଫଳତା ମିଳିଛି। ଏହାଦ୍ୱାରା ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି। ଜାଗା ମିଶନ ଜରିଆରେ ମହାନଗର ନିଗମ ଅଞ୍ଚଳରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ କରାଯାଇଛି। ଏସସି/ଏସ୍‌ଟିଙ୍କ ବିକାଶ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରାଯାଇଛି। ପଶ୍ଚିମ ଓଡ଼ିଶା ଓ କେବିକେ ଅଞ୍ଚଳ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି। କୋରାପୁଟ ଓ ବଲାଙ୍ଗୀରର ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଥିବା ବେଳେ କଳାହାଣ୍ଡିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବିଜୁ ଏକ୍ସପ୍ରେସ ୱେର ୭୦ ଭାଗ କାର୍ଯ୍ୟ ଶେଷ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆ ଯୋଜନାର ୪ ଲକ୍ଷ ୮୦ ହଜାର ଅତିରିକ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ସହାୟତା ରାଶି ଜମା କରିବା କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଏହି ବୈଠକରେ ଯୋଗଦେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି ଯେ, କାଳିଆ ଯୋଜନାରେ ୩୨ ଲକ୍ଷରୁ ଅଧିକ ଚାଷୀଙ୍କ ବ୍ୟାଙ୍କ ଖାତାରେ ୧୬ ଶହ କୋଟି ଟଙ୍କା ପହଞ୍ଚିଛି। ମଙ୍ଗଳବାର ଆଉ ୪ ଲକ୍ଷ ୮୦ ହଜାର ଚାଷୀଙ୍କ ଖାତାକୁ ୫ ହଜାର ଟଙ୍କା ଲେଖାଏ ଗଲା। ବୈଠକର ସମସ୍ତ ଆଲୋଚନାକୁ ପ୍ରଥମ ଥର ଲାଗି ଜିଲାସ୍ତରରେ ସିଧାସଳଖ ପ୍ରସାରଣ କରାଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ

## ସଂକ୍ଷେପରେ

### ଉଲୁଣ୍ଡାରେ ପଞ୍ଚାୟତିରାଜ ଦିବସ ପାଳିତ

**ଉଲୁଣ୍ଡା, ୫।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ବ୍ଳକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଶ୍ମୀରର ପୁଲୱାମାଠାରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଡିଓ ନିଳାମ୍ବର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଓଡିଶାରେ ସୁଦୃଢ଼ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉତ୍ତର କୁମାର ପାତ୍ର, ଏବିଡିଓ ପଞ୍ଚାନନ ମେହେର ମଞ୍ଚାସୀନ ଥିଲେ। ନାରାୟଣ ଭୁଇଆଁ ମଞ୍ଚ ପରିଚାଳନା କରିଥିବାବେଳେ ପିଇଓ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

**ବୀରମହାରାଜପୁର/ ଅମରପାଲି, ୫।୩ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଳକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସିଡିପିଓ ସଞ୍ଜୁରାଣୀ ମିଶ୍ର, ଏଇଇ ବିନିତ ଲାକ୍ରା, ବିଧାୟକ ପ୍ରତିନିଧି ନାରାୟଣ ଲୁହା, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା ଓ ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପରେ ନାନକ ଦାଶ ଏବଂ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ କୋଷାଧ୍ୟକ୍ଷ ଗିରିଧର ହୋତା ସଂଯୋଜନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ଭୂଷଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତିରାଜ ଦିବସରେ ନାନାବିଧ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୫।୩(ଡି.ଏନ.ଏ.):** ଡୁଙ୍ଗୁରିପାଲି ବ୍ଲକ ସଭାଗୃହରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। ବିଡିଓ ସହଦେବ ସମାଧିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମକରଧ୍ୱଜ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସାମାଜିକ କର୍ମୀ ପରମେଶ୍ୱର ବାଗ, ସମିତି ସଭ୍ୟ ସଭାପତି ମନୋଜ କୁମାର ପୁରୋହିତ, ମନୋରଞ୍ଜନ ପଧାନ, ବୈଦ୍ୟପାଲି ସରପଞ୍ଚ ଦୌପଦୀ ପାଣିଗ୍ରାହୀ ଉପସ୍ଥିତ ରହି ପଞ୍ଚାୟତିରାଜ ଦିବସର ଲକ୍ଷ ଓ ବିଜୁ ବାବୁଙ୍କ ଜୀବନୀ ଉପରେ ବକ୍ତବ୍ୟ ରଖିଥିଲେ।

### ସିସିଟିଭି ଫୁଟେଜ୍‌ରୁ ମିଳିଲା ସୁରାକ୍

# ଦୋକାନ ସିରିଜ୍ ଚୋରି ଘଟଣାର ପର୍ଦ୍ଦାଫାଶ

- ୩ ବାଳ ଅପରାଧୀ, ୨ କ୍ରେତା ଗିରଫ
- ଲକ୍ଷାଧିକ ଟଙ୍କାର ଶାଢୀ, ମୋବାଇଲ ଜବତ

**ସୋନପୁର,୫।୩(ନି.ପ୍ର.)**

ସୁବର୍ଣ୍ଣପୁର ପୋଲିସ ଏକ ଚୋର ଗ୍ୟାଙ୍ଗକୁ ଧରିଛି । ଏହି ଗ୍ୟାଙ୍ଗର ୩ ଜଣ ବାଳ ଅପରାଧୀ ଓ ୨ କ୍ରେତାଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଜଣେ ଫେରାର ଅଛନ୍ତି। ଗିରଫ ଅଭିଯୁକ୍ତଙ୍କଠାରୁ ୭୮ଟି ସମ୍ବଲପୁରୀ ଶାଢୀ, ବିଭିନ୍ନ କମ୍ପାନୀର ୪୧ଟି ମୋବାଇଲ ଫୋନ ଓ ମୋବାଇଲ ସାମଗ୍ରୀ ଉଦ୍ଧାର ହୋଇଛି। ସେହିପରି ଚୋରି କାର୍ଯ୍ୟରେ ବ୍ୟବହୃତ ୨ଟି ବାଇକ୍‌କୁ ପୋଲିସ ଜବତ କରିଛି। ଜିଲାର ତରଭା, ବିନିକା, ରାମପୁର ଓ ଉଲୁଣ୍ଡା ଥାନା ଅଞ୍ଚଳରେ ଗତ ଡିସେମ୍ବର ୨୦୧୮ରୁ ଜାନୁୟାରୀ ମାସ ମଧ୍ୟରେ ଏହି ଗ୍ୟାଙ୍ଗ ୫ଟି ଚୋରି କରିଥିଲେ। ପ୍ରାୟ ୪୦୦ଟି ଦାମୀ ଶାଢୀ ଓ ମୋବାଇଲ ଚୋରି ହୋଇଥିଲା। ମିଳିତ ଉଦ୍ୟମ ଫଳରେ ଅଭିଯୁକ୍ତ ଗିରଫ ଧରାପଡିବା ଓ ସାମଗ୍ରୀ ଉଦ୍ଧାର ହେବା ପୋଲିସ ପାଇଁ ବଡ ସଫଳତା ବୋଲି ଏସ୍‌ପି ଦେବୀପ୍ରସାଦ ଦାଶ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ଗତ ଡିସେମ୍ବର ମାସରେ ତରଭା ଥାନା ଅନ୍ତର୍ଗତ ଖାରୀ ବଜାରରେ ଥିବା ଏକ ଶାଢୀ ଦୋକାନରୁ ୧୫୦ ଖଣ୍ଡ ସମ୍ବଲପୁରୀ ଶାଢୀ ଓ ଜାନୁୟାରୀ ମାସରେ ବିନିକା ଥାନା ମହାଦେବପାଲିର ଏକ ଦୋକାନରୁ ୨୫୦ ଖଣ୍ଡ ଶାଢୀ ଚୋରି ହୋଇଥିଲା। ଉଲୁଣ୍ଡାରେ ଏହି ଗ୍ୟାଙ୍ଗ ଏକ ଶାଢୀ ଦୋକାନରୁ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ । ସେହିପରି ତରଭା ଥାନା ସରଗଜ ଅଞ୍ଚଳର ଏକ ମୋବାଇଲ ଦୋକାନରୁ ଓ ରାମପୁରରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ସାମଗ୍ରୀ ଚୋରି କରିଥିଲେ। ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ୫ଟି ମାମଲା ରୁଜୁ କରିଥିଲା। ଚୋର ଦଳଙ୍କୁ ଧରିବା ପାଇଁ ଏସ୍‌ପି ଦାଶ ତତ୍ପରତା ପ୍ରକାଶ କରିଥିଲେ। ସୋନପୁର ପୋଲିସ ଏସ୍‌ଡିପିଓ ମିହିର କୁମାର ପଣ୍ଡାଙ୍କ ନେତୃତ୍ୱରେ ଏସ୍‌ପି ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍‌ରେ ସୋନପୁର ଆଇଆଇସି ଲୋକେଶ୍ୱର ସାହୁ, ବିନିକା ଆଇଆଇସି ରାଜେନ୍ଦ୍ର ସମରିଆ, ତରଭା ଆଇଆଇସି ଡୋଲାମଣି ଭୋଇ, ରାମପୁର ଆଇଆଇସି ଭାନୁ ଶଙ୍କର ଯାଦବ, ଏସଆଇ କାହ୍ନୁ ଚରଣ ବାଗ, ଏକାଦୋଶିଆ ପ୍ରଧାନ, ଏଏସଆଇ ବସନ୍ତ କୁମାର ରଥ, ଦୁର୍ଯ୍ୟୋ ଭୁଆ ଓ ଏସ. କେ. ବସ୍ତିଆଙ୍କୁ ସାମିଲ କରାଯାଇଥିଲା । ଏହି ଟିମ୍ ବିଭିନ୍ନ ସ୍ଥାନରେ ଛାନଭିନ୍ କରିବା ସହ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିଥିଲେ। ଭିଡିଓରୁ ବାଳ ଅପରାଧୀଙ୍କ ସମ୍ପର୍କରେ ସୁରାକ୍ ମିଳିଥିଲା । ପଚରାଉଚୁରା ପରେ ବାଳ ଅପରାଧୀମାନେ ସମସ୍ତ ବିଷୟ ସ୍ୱୀକାର କରିଥିଲେ। ସେମାନଙ୍କଠାରୁ ଚୋରିରେ ବ୍ୟବହୃତ ହିରୋ ବାଇକ୍ ନଂ ଓଡି୨୭-୧୯୭୫ ଓ ନମ୍ବର ବିହୀନ ଟିଭିଏସ ବାଇକ୍ ଜବତ ହୋଇଥିଲା । ସେହିପରି ୩ ଲକ୍ଷ ଟଙ୍କାର ଶାଢୀ ଓ ଅଢେଇ ଲକ୍ଷ ଟଙ୍କା ମୂଲ୍ୟର ମୋବାଇଲ ଓ ସାମଗ୍ରୀ ଉଦ୍ଧାର ହୋଇଥିଲା। ଏହି ଗ୍ୟାଙ୍ଗଙ୍କଠାରୁ ଡୁଙ୍ଗୁରିପାଲି ଥାନା ଲଛିପୁରର ଶାଢୀ ଦୋକାନୀ ପୂର୍ଣ୍ଣଚନ୍ଦ୍ର ମେହେର ଓ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦହ୍ୟା ଅଞ୍ଚଳର ପ୍ରଜ୍ଞାସିନୀ ସାହୁ ଶାଢୀ ଓ ମୋବାଇଲ କିଣିଥିଲେ। ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ପୂର୍ଣ୍ଣଚନ୍ଦ୍ର ଓ ପ୍ରଜ୍ଞାସିନୀଙ୍କୁ ପୋଲିସ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।



ଉଦ୍ଧାର ଶାଢୀ, ମୋବାଇଲ ଓ ସାମଗ୍ରୀ ।

# ଜନ୍ମତିଥିରେ ବିଜୁଙ୍କ ସ୍ମୃତିଚାରଣ



ବୀରମହାରାଜପୁରସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବିଜୁ ଜୟନ୍ତୀରେ ମଞ୍ଚାସୀନ ଅତିଥି ।

**ବୀରମହାରାଜପୁର/ଅମରପାଲି, ୫।୩ (ଡି.ଏନ.ଏ)**

ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ମୃତ୍ୟୁଞ୍ଜୟ ପଧାନ ଅଧ୍ୟକ୍ଷତା କରିଥିଲେ। ବୀରମହାରାଜପୁର ବିଜେଡି ଯୁବ ସଭାପତି ନାରାୟଣ ଲୁହାଙ୍କ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦୟାନିଧି ମେହେର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି, ସତ୍ୟାଞ୍ଜୀବ ମିଶ୍ର, କୃଷ୍ଣଚନ୍ଦ୍ର ମେହେର, ତ୍ରିପୁରାରୀ ମେହେର, ଅଦ୍ୱୈତ୍ୟ ପଣ୍ଡା, ବିହାରିଲାଲ ମିଶ୍ର, ଛାତ୍ର ବିଜେଡି ସଭାପତି ଭଗବାନ କର୍ଣ୍ଣ, ସମିତି ସଭ୍ୟ ପୀତାମ୍ବର ସାହୁ, ଆମ୍ବ ସଭାପତି ସନ୍ତୋଷ ଭୁକ୍ତା, ସନ୍ତୋଷ ହୋତା, ଆଇନଜୀବୀ ପ୍ରଦୀପ ମିଶ୍ର, ଶ୍ରୀନିବାସ ଚାନ୍ଦ, ଝସକେତନ ବଘାର, ସୋମନାଥ ମିଶ୍ର ପ୍ରମୁଖ ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ବିଜୁ ବାବୁଙ୍କ ପାଇଁ ଓଡିଶାର ନାମ ବିଶ୍ୱବିଦିତ ହୋଇଥିଲା। ସେ ଅସମ୍ଭବ କାର୍ଯ୍ୟକୁ ମଧ୍ୟ ସମ୍ଭବ କରି ଦେଖାଉଥିଲେ। ଶେଷରେ ଅଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରିକେଟ: ଉଲୁଣ୍ଡା-ବରଗଡ଼ ଫାଇନାଲ ମୁକାବିଲା

**ଉଲୁଣ୍ଡା, ୫।୩(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହେଉଥିବା ୨୬ ତମ ଉଲୁଣ୍ଡା କପ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ବିସିଏ ଉଲୁଣ୍ଡା ଗୋଡଭଗା ଜିସିସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମ ଫର୍ମାଟରେ ଗୋଡଭଗା ଦଳ ୧୮ ଓଭରରେ ୯ ଉଇକେଟ ହରାଇ ୧୨୪ ରନ୍ କରିଥିଲେ। ଦଳ ପକ୍ଷରୁ ମାନସ ନାଏକ ସର୍ବାଧିକ ୭୦ ରନ କରିଥିଲେ। ଏହାର ଯବାବରେ ଉଲୁଣ୍ଡା ଦଳ ଯଦୁଲାଲ ନନ୍ଦ ଓ ଅଭିଲାଷ ନାଏକଙ୍କ ୩୦ ଲେଖାଁଏ ରନ ବଳରେ ୧୭ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ସେହିପରି ଦ୍ୱିତୀୟ ଫର୍ମାଟରେ ଗୋଡଭଗା ଶଙ୍କର ରେଢ୍ଢୀଙ୍କ ୪୩ରନ ବଳରେ ୧୦ଓଭରରେ ୬ଉଇକେଟ ହରାଇ ୧୦୬ ରନ କରିଥିଲା। ଉଲୁଣ୍ଡା ପକ୍ଷରୁ ଯଦୁଲାଲ ନନ୍ଦ ୪୦ ରନ କରିଥିଲେ ସୁଦ୍ଧା ୧୦ ରନରେ ପରାସ୍ତ ହୋଇଥିଲା। ଟାଇବ୍ରେକର ପାଇଁ ଖେଳାଯାଇଥିବା ସୁପର ୨ରେ ପ୍ରଥମେ ଉଲୁଣ୍ଡା ବ୍ୟାଟିଂ କରି ୨୬ ରନ କରିଥିବାବେଳେ ଗୋଡଭଗା ମାତ୍ର ୩ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳକୁ ରଘୁବୀର ମିଶ୍ର ଓ ଦୀପକ ପାଣିଗ୍ରାହୀ ପରିଚାଳନା କରିଥିଲେ। ସୁରେନ୍ଦ୍ର ତରିଆ ସ୍କୋରିଙ୍ଗ କରିଥିବାବେଳେ ଭୁବନେ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହାପରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ଦଣ୍ଡସେନା ଓ ବିସିଏ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ଉଲୁଣ୍ଡାର ଯଦୁଲାଲ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଫାଇନାଲ ଖେଳରେ ଆୟୋଜକ ଉଲୁଣ୍ଡା ଦଳକୁ ଡାଇମଣ୍ଡ ବରଗଡକୁ ଭେଟିବ।

# ପୋଲିସ ଚଢାଉ, ୫ ଗିରଫ

**ବିନିକା, ୫।୩(ଡି.ଏନ୍.ଏ.)**

ବିନିକା ଥାନା ଅନ୍ତର୍ଗତ ଭଣ୍ଡାର ଗ୍ରାମରେ ପୋଲିସ ଚଢାଉ କରି ମଙ୍ଗଳବାର ଯୁଆ ଖେଳୁଥିବା ୫ଜଣଙ୍କୁ କରିଛି । ସେମାନଙ୍କଠାରୁ ନଗଦ ୪ହଜାର ଟଙ୍କା, ଏକ ବାଇକ୍ , ୨ଟି ସାଇକେଲ, ୫୨ପତା ପ୍ଲେୟିଙ୍ଗ୍ କାର୍ଡ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବିକ୍ରମ ଦିପ୍, ସଚ୍ଚିଦାନନ୍ଦ ଭେସ୍ରା, ବିଦ୍ୟାଧର ବାଘ, ପ୍ରଦୀପ ପଣ୍ଡା ଏବଂ ଗୋବିନ୍ଦ ଗୁରୁ। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

# ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାର ଉଦ୍‌ଘାଟନ

**ବୌଦ୍ଧ,୫।୩(ସ୍ୱ.ପ୍ର.)**

ଦେଶର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କୁ ବୃଦ୍ଧାବସ୍ଥାରେ ସାମାଜିକ ସୁରକ୍ଷା ଯୋଗାଇବା ଲକ୍ଷ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନଧନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ସରକାର ରିକ୍ସା ଚାଳକ, ଉଠା ଦୋକାନୀ, ଶ୍ରମିକ, ମୋଚି, ଅଖା ସିଲାଇ କରୁଥିବା ବ୍ୟକ୍ତି, ଘରେ କାମ କରୁଥିବା ଲୋକ, ବିଡ଼ି ଶ୍ରମିକ, ଧୋବା, କୁଟୀର କାର୍ଯ୍ୟ କରୁଥିବା ଆଦି ୧୫୦ ପ୍ରକାରର ଅଣସଂଗଠିତ କ୍ଷେତ୍ରର କାମକରୁଥିବା ଶ୍ରମିକ ସାମିଲ ହୋଇପାରିବେ । ୧୮ରୁ ୪୦ ବର୍ଷ ବୟସ ମଧ୍ୟରେ ଅଣସଂଗଠିତ ଶ୍ରମିକଙ୍କ ଆୟ ୧୫ହଜାର ଟଙ୍କା କିମ୍ବା ତାଠାରୁ କମ୍ ସେହି ବ୍ୟକ୍ତି ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ। ଏଥିରେ ହିତାଧିକାରୀ ୬୦ବର୍ଷରେ ପହଞ୍ଚିବା ପରେ ମାସିକ ୩ହଜାର ଟଙ୍କା ପେନସନ ପାଇବେ। ଜନହିତକାରୀ ଯୋଜନାର ଉଦ୍‌ଘାଟନୀ ଉତ୍ସବର ସିଧାପ୍ରସାରଣ ଦେଖିବା ପାଇଁ ବୌଦ୍ଧ ବାତ୍ୟା ଆଶ୍ରୟସ୍ଥଳୀଠାରେ ଶତାଧିକ ଲୋକ ଉପସ୍ଥିତ ଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ସୌମିତ୍ରୀ ନାୟକ, ମନୋରଞ୍ଜନ ଦାଶ, ସୂର୍ଯ୍ୟନାରାୟଣ ମହାପାତ୍ର, ନମିତାରାଣୀ ଦାସ ଏବଂ ଜିଲା ନୋଡାଲ ଅଧିକାରୀ ଧିରେନ୍ଦ୍ର ଦଳାଇ ପ୍ରମୁଖ ଯୋଗଦେଇ ଯୋଜନା ଉପରେ ଆଲୋଚନା କରିଥିଲେ।

### ପଞ୍ଚାୟତିରାଜ ଦିବସ ପାଳିତ

# ଗାଁର ବିକାଶ ହେଲେ ଓଡ଼ିଶାର ବିକାଶ ହେବ

**ସୋନପୁର,୫।୩(ନି.ପ୍ର.)**

ଓଡିଶାର ଆତ୍ମା ଗାଁରେ ହିଁ ରହିଛି। ତେଣୁ ଗାଁର ବିକାଶ ହେଲେ ଯାଇ ଓଡିଶାର ବିକାଶ ହେବ ବୋଲି ସୁବର୍ଣ୍ଣପୁରରେ ଆୟୋଜିତ ପଞ୍ଚାୟତିରାଜ ଦିବସ ଅବସରରେ ଅତିଥି ବୃନ୍ଦ ମତପ୍ରକାଶ କରିଛନ୍ତି। ଡିଆରଡିଏ ସଭାଗୃହରେ ଅନୁଷ୍ଠିତ ଏହି ଜିଲା ଓ ସୋନପୁର ବ୍ଲକସ୍ତରୀୟ ସମାବେଶରେ ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ତାଙ୍କ ବକ୍ତବ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ପଦକ୍ଷେପ ନେଇଥିଲେ ବୋଲି କହିଥିଲେ। ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ ମିଳିଲେ ଯାଇ ପଞ୍ଚାୟତିରାଜ ଦିବସ ପାଳନର ସାର୍ଥକତା ରହିବ ବୋଲି ଅଧ୍ୟକ୍ଷା କୁମାରୀ କହିଥିଲେ । ସମ୍ମାନିତ ଅତିଥିଭାବେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଦେଶର ଅନ୍ୟତମ ଅଗ୍ରଗଣ୍ୟ ରାଷ୍ଟ୍ରନୀତିଜ୍ଞ ଭାବେ ଅଭିହିତ କରିଥିଲେ। ବିଜୁ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ରାଜ୍ୟର ବହୁବିଧ ଉନ୍ନତି ସାଧିତ ହୋଇଛି ବୋଲି ଜିଲାପାଳ କହିଥିଲେ। ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସ ପାଳନର ତାତ୍ପର୍ଯ୍ୟ ଓ ମହିଳା ସଶକ୍ତିକରଣ ସମ୍ପର୍କରେ ବୁଝାଇଥିଲେ। ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ, ବିଡିଓ ରବିନ୍ଦ୍ର କୁମାର ପଟେଲ ଓ ଜିଲା ପଞ୍ଚାୟତ ଅଧିକାରୀ ଉଦୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଡିଆଇପିଆରଓ ଅଶୋକ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ସମାବେଶରେ ଯୋଗ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଓ ପଞ୍ଚାୟତ ସମିତି ସୋନପୁରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଦିବସ ପାଳନ ଅବସରରେ ମଞ୍ଚାସୀନ ଜିଲା ପରିଷଦ ଅଧ୍ୟକ୍ଷା, ଜିଲାପାଳ ଓ ପିଡି ଡିଆରଡିଏ ।

# ବିଜୁ ପଟ୍ଟନାୟକ ଥିଲେ ଦୂରଦ୍ରଷ୍ଟା ଜନନାୟକ





ସୋନପୁରଠାରେ ୧୦୩ ତମ ବିଜୁ ଜୟନ୍ତୀ ପାଳନ ଅବସରରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ

**ସୋନପୁର,୫।୩(ନି.ପ୍ର.)**

ବିଜୁ ବାବୁ ସବୁବେଳେ ଓଡିଶାର ଉନ୍ନତି ପାଇଁ ସ୍ୱପ୍ନ ଦେଖୁଥିଲେ । ମହିଳାଙ୍କ ଶିକ୍ଷା ଓ ସୁରକ୍ଷାକୁ ଗୁରୁତ୍ୱ ଦେଉଥିଲେ। ତାଙ୍କ ସମୟରେ ଓଡିଶାର ଓ ବିଶେଷ କରି ସୁବର୍ଣ୍ଣପୁର ଜିଲାର ବହୁବିଧ ଉନ୍ନତି ସାଧିତ ହୋଇଥିଲା। ସେ ଥିଲେ ଜଣେ ଜାତୀୟସ୍ତରର ନେତା ତଥା ଦୂରଦ୍ରଷ୍ଟା ଜନନାୟକ। ସୁବର୍ଣ୍ଣପୁର ଜିଲା ବିଜୁ ଜନତା ଦଳ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀ ପାଳନ ଅବସରରେ ଦଳୀୟ ନେତୃବୃନ୍ଦ ଏହି ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଟାଉନ ହଲଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ସଭାପତି ସରୋଜ କମ୍ପ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ନେତା ବ୍ୟୋମକେଶ ଦାଶ, ଜିଲା ସାଧାରଣ ସମ୍ପାଦକ ତଥା ଦଳର ରାଜ୍ୟ ଏସସି ମୋର୍ଚ୍ଚାର ଉପସଭାପତି ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ ତଥା ବିଜେଡି ଜିଲା ଉପସଭାପତି କଇରୁ ସ୍ୱାଇଁ, ଶତ୍ରୁଘ୍ନ ପୃଷ୍ଟି, ମାନଭଞ୍ଜନ ମିଶ୍ର, ସୋନପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମନ୍ଦାକିନୀ ନାଗ, ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ମିନତି ସାହୁ, ପ୍ରଭାସିନୀ ମିଶ୍ର, ପୁଷ୍ପାଞ୍ଜଳି ବାଗ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର ଓ ନଗର ସଭାପତି ଜନ୍ମେଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ନେତୃବୃନ୍ଦ କହିଥିଲେ ଯେ, ବିଜୁ ପଟ୍ଟନାୟକ ସୁବର୍ଣ୍ଣପୁରକୁ ଜିଲା କରିଥିଲେ। ତାଙ୍କରି ଉଦ୍ୟମରେ ମହାନଦୀରେ ପୋଲ ନିର୍ମାଣ ସମ୍ଭବ ହୋଇପାରିଛି। ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ବିକାଶ ମୂଳକ କାର୍ଯ୍ୟ ସକାଶେ ବିଜୁ ବାବୁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ନୀଳାମ୍ବର ଶତପଥୀ, ପ୍ରବୀଣ ନାଗ, ସୁରେଶ କୁଶଳ, ହେମନ୍ତ ସାହୁ, ଏସ୍‌ସି ମୋର୍ଚ୍ଚାର ଜିଲା ସଭାପତି ରାଜକୁମାର ସୁନା, ଅମୀୟ ରଞ୍ଜନ ଦାଶ ଓ ଅଭିଷେକ ଶର୍ମା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥି ବୃନ୍ଦ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜୟନ୍ତୀ ପାଳନ ଅବସରରେ ବହୁ ଦଳୀୟ କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free 18001238914 9319817746 9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now 8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461 7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062 8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

-ଗୀତା



## ସଂକ୍ଷେପରେ

### ଜଳିଗଲା ୩ ବଖରା ଘର

**ଅମ୍ବାଭୋନା,୫।୩(ଡି.ଏନ.ଏ.)-** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ କୁମ୍ଭୋ ପଞ୍ଚାୟତ ଅଧୀନ ସାନସରାଇପାଲି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ବିଭି ଭୁଏଙ୍କ ୩ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଗ୍ରାମବାସୀଙ୍କ ସହାୟତାରେ ଅମ୍ବାଭୋନା ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ବିଭି ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ଜିଲା ପ୍ରଶାସନ କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

### ପଞ୍ଚାୟତିରାଜ ଦିବସ

**ସୋହେଲା,୫।୩(ଡି.ଏନ୍.ଏ.)-** ସୋହେଲାଠାରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ତଥା ବିଜୁ ବାବୁଙ୍କ ୧୦୩ତମ ଜୟନ୍ତୀ ପାଳନ କରାଯାଇଥିଲା। ସକାଳେ ସ୍ଥାନୀୟ ଅଗ୍ରସେନଭବନଠାରେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ବିଡିଓ ଅଶୋକ କୁମାର ଗଡତିଆ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା, ଦୟାନିଧି ପଟେଲ, ସମିତି ସଭ୍ୟ ତଥା ବିଜେଡି ନେତା ସୁବ୍ରତ ସିଂହ, ସରକାରୀ ଓକିଲ ଅଶୋକ କୁମାର ବାରିକ, ସୋହେଲା ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଡବ୍ଲୁଇଓ ଅତିଶ କୁମାର ଭୋଇ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ବିଜୁ ଯୁବବାହିନୀ ସଦସ୍ୟ ଏକ ଶୋଭାଯାତ୍ରାରେ ବାହାରି ହଳଦିପାଲି ପଡ଼ିଆରେ ପହଞ୍ଚିଥିଲେ। ବିଡିଓ ଅଶୋକ କୁମାର ଗଡତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜୀବର୍ଦ୍ଧନ ବରିହା, ହିମାଳୟା ସାହୁ, ସୁବ୍ରତ ବେହେରା, ଦୟାନିଧି ପଟେଲ, ଏମ୍.ଡି ଆକବର,ନରେଶ କୁମାର ଅଗ୍ରୱାଲ, ଗୁଲି ରାଉତ ପ୍ରମୁଖ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୀବନୀ ଓ ଆଦର୍ଶ ତଥା ପଞ୍ଚାୟତିରାଜ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।

### ବିଜୁବାବୁଙ୍କ ଜୟନ୍ତୀ

**ବରଗଡ଼ ଅଫିସ୍,୫।୩-** ବରଗଡ଼ରେ ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଜେଡ଼ି ଟାଉନ ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଅଚ୍ୟୁତାନନ୍ଦ ମହାପାତ୍ର, ବିମଳ କିଶୋର ଦେବତା, ଗୌରହରି ମିଶ୍ର, ପ୍ରଫୁଲ୍ଲ କୁମାର ନାଏକ, ପ୍ରଶାନ୍ତ ବେହେରା, ହିମାଂଶୁ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ବିଧାୟକ ଆଚାର୍ଯ୍ୟ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳ ବିଜେଡ଼ି ଓ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଲୋକପ୍ରିୟତା ବଢ଼ି ଚାଲିଛି। ଏଥିରେ ବିରୋଧୀ ବିଚଳିତ ହୋଇପଡ଼ି ମିଥ୍ୟାରୋପ କରି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଆଚାର୍ଯ୍ୟ କହିଥିଲେ। ସେହିପରି ଏମ୍‌ପି ସିଂ ମୁଖ୍ୟମନ୍ତ୍ରୀଙ୍କ ବିକାଶର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଆହ୍ୱାନ କରିବା ସହିତ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ ।

■ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହରେ ମତ

# ବିକାଶରେ ପଞ୍ଚାୟତିରାଜ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ

**ବରଗଡ଼ ଅଫିସ୍,୫।୩**

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରମୁଖ ଭୂମିକା ରହିଛି । ପଞ୍ଚାୟତିରାଜ ବ୍ୟବସ୍ଥା ଯେତେ ଦୃଢ଼ ହେବ, ସରକାରଙ୍କ ଯୋଜନାଗୁଡ଼ିକ ଲୋକଙ୍କ ପାଖକୁ ପହଞ୍ଚି ପାରିବ । ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ସମାରୋହରେ ଏହା ମତପ୍ରକାଶ ପାଇଛି ।

କାର୍ଯ୍ୟକ୍ରମରେ ଯୋଗଦେଇ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ କହିଥିଲେ, କେନ୍ଦ୍ର ହେଉ ଅବା ରାଜ୍ୟ ସରକାରଙ୍କ ଯୋଜନା ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଦ୍ୱାରା ହିଁ ହେଉଛି । ତେବେ ବିଭିନ୍ନ କ୍ଷେତ୍ରରେ ଯୋଜନାଗୁଡ଼ିକରୁ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ି ଅଯୋଗ୍ୟ ହିତାଧିକାରୀମାନେ ଫାଇଦା ନେଉଛନ୍ତି। ସେହିପରି କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ହୋଇପାରୁ ନ ଥିବା ଯୋଗୁ ଅନେକ ଯୋଜନା ବନ୍ଦ ହୋଇଯାଉଛି । ଫଳରେ ସାଧାରଣ ଗରୀବ ଲୋକଙ୍କୁ ସରକାରଙ୍କ ଯୋଜନାର ସୁଫଳ ପହଞ୍ଚାଇବା ନେଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ କିଭଳି ଆହୁରି ସଶକ୍ତ କରାଯିବ, ସେନେଇ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ସେ କହିଥିଲେ। ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ କହିଥିଲେ, ବିଜୁବାବୁ ସବୁବେଳେ ଗାଁର ବିକାଶ ଚାହୁଁଥିଲେ । ଏଥିରେ ମହିଳାଙ୍କ ଯୋଗଦାନକୁ ଅଧିକ ଗୁରୁତ୍ୱ ଦେଉଥିଲେ ଏବଂ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ କରିଥିଲେ। ମହିଳାମାନେ ବିକାଶ ସ୍ରୋତରେ ସାମିଲ ହେଲେ ଅଞ୍ଚଳର ବିକାଶ ହୋଇପାରିବ ବୋଲି ସିଂ କହିଥିଲେ।



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସପାଳନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ଗ୍ରାମାଞ୍ଚଳର ବିକାଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ଯେଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେହିପରି ସରକାରଙ୍କ ଯୋଜନାଗୁଡ଼ିକୁ ଲୋକଙ୍କ ପାଖରେ ପହଞ୍ଚାଇବାରେ ଅଞ୍ଚଳର ଜନ ପ୍ରତିନିଧିଙ୍କ ଦାୟିତ୍ୱ ରହିଛି। ଫଳରେ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଲୋକଙ୍କ ପାଖକୁ ପହଞ୍ଚାଇବାରେ ଜନ ପ୍ରତିନିଧିମାନେ ଆଗେଇ ଆସି ସହଯୋଗ କରିବାକୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଆହ୍ୱାନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଉପାଧ୍ୟକ୍ଷ ମଦନ ଦୀପ, ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିବାବେଳେ ସାମୁହିକ ସହଯୋଗରେ ବିକାଶ ସମ୍ଭବ। ଏନେଇ ସଭିଁଏ ସଂକଳ୍ପ ନେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ରାଜ୍ୟ ସରକାରଙ୍କ ପିଠା ଯୋଜନାରେ କୃତିତ୍ୱ ଅର୍ଜନ କରିଥିବା ଜିଲାର ବିଭିନ୍ନ ପଞ୍ଚାୟତ କୁମ୍ଭୋ, କୁମେଲସିଂହା, ଧାଙ୍ଗେର, କେଶେଇପାଲି, ସିଆଲଖଣ୍ଡହଥା, ବୈରଖପାଲି, ବୁରୋମୁଣ୍ଡା, ବିଲାସପୁର, ମାଣ୍ଡିଆଡ଼ିପା, ଭେଉଁରିଆ, ରେଙ୍ଗାଲି ଆଦି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା । ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚମାନେ ପୁରସ୍କାର ଗ୍ରହଣ କରିଥିଲେ । ଯଶବୀର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଭରହେଡ ପାଣି ଟାଙ୍କି ପ୍ରକଳ୍ପ ଉଦ୍‌ଘାଟିତ

**ଅତାବିରା,୫।୩ (ଡି.ଏନ.ଏ)**

ଆଗକୁ ୨୦୧୯ ସାଧାରଣ ନିର୍ବାଚନ। କିଛିଦିନ ମଧ୍ୟରେ ନିର୍ବାଚନ ଅଚାରଣବିଧି ଲାଗୁ ହେବ। ଏନେଇ ତରବରିଆ ଭାବେ ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅର୍ଦ୍ଧନିର୍ମିତ ପ୍ରକଳ୍ପଗୁଡିକ ଉଦ୍‌ଘାଟନ ହେଉଥିବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୋମବାର ରାତି ପ୍ରାୟ ୮ଟାରେ ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପାଲିବୁଗବୁଗା ଗାଁରେ ନିର୍ମାଣ ହୋଇଥିବା ଏକ ଓଭରହେଡ ପାଣି ଟାଙ୍କି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତ ପାଲିବୁଗବୁଗା ଗାଁ ମୁଣ୍ଡରେ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଓଭରହେଡ ପାଣି ଟାଙ୍କି ନିର୍ମାଣ କରାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ କରାଯାଇ ନ ଥିବାବେଳେ ପାଲିବୁଗବୁଗା, ବୁଗବୁଗା, ଗମ୍ଭାଟିକ୍ରା ଏହି ୩ଟି ଗାଁରେ ପାଇପ୍ ବିଛା କାର୍ଯ୍ୟ ମଧ୍ୟ ଶେଷ ହୋଇ ନ ଥିବା ଜଣାପଡିଛି। ଏଭଳିସ୍ଥିତିରେ ବ୍ଲକ ଅଧ୍ୟକ୍ଷା, ସରପଞ୍ଚ, ସମିତି ସଭ୍ୟାଙ୍କ ଉପସ୍ଥିତିରେ ପ୍ରକଳ୍ପର ଉଦ୍‌ଘାଟନ କରାଯିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନିର୍ବାଚନ ଆଚରଣବିଧି ଲାଗୁ ହେଲେ ପ୍ରକଳ୍ପଗୁଡିକର ଶିଳାନ୍ୟାସ, ଉଦ୍‌ଘାଟନ କରାଯାଇ ପାରିବ ନାହିଁ। ଏଣୁ ନିର୍ବାଚନ ଯେତିକି ପାଖେଇ ଆସୁଛି ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦ୍‌ଘାଟନ କାର୍ଯ୍ୟ ଆଗେଇ ଚାଲିଛି। ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ସରପଞ୍ଚ ପୁଷ୍ପକାନ୍ତି ସେଠ, ସମିତି ସଭ୍ୟା ଚନ୍ଦ୍ରକାନ୍ତି ସେଠ, ପୂର୍ବତନ ସମିତି ସଭ୍ୟା ଦୁର୍ଯ୍ୟୋଧନ ବେହେରା, ଲଳିତ ରଣା, ପ୍ରକାଶ ସାହୁ,

■ସଂଯୋଗ ହୋଇନି ବିଦ୍ୟୁତ

■ତରବରିଆ ଭାବେ ପ୍ରକଳ୍ପ ଉଦ୍‌ଘାଟିତ

■୩ ଗ୍ରାମର ବାସିନ୍ଦା ପାନୀୟଜଳ ଯୋଗାଣରୁ ବଞ୍ଚିତ

■ନିର୍ବାଚନ ଆଚରଣ ବିଧି ଭୟ

ଶ୍ରୀପତି ସେଠ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟିକ୍ରାପଡ଼ାଠାରେ ଏକ କଲ୍ୟାଣ ମଣ୍ଡପ, ପାଲିବୁଗବୁଗା ବସ୍ତିରେ ଏକ କମ୍ୟୁନିଟି ସେଣ୍ଟର, ସୋର୍ଣ୍ଣା ହରିଜନପଡ଼ାରେ କମ୍ୟୁନିଟି ସେଣ୍ଟର ଉଦ୍‌ଘାଟନ କରାଯାଇଛି। ଏନେଇ ଅତାବିରା ବିଡିଓ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଘଟଣା ସଂକ୍ରାନ୍ତରେ ଜାଣିନାହିଁ । ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ।

## ବୌଦ୍ଧରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ

**ବୌଦ୍ଧ,୫।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଟାଉନହଲ ଭିକାରୀ କଳା ମଣ୍ଡପଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଭୋଇ, ସମ୍ମାନିତ ଅତିଥି ଭାବେ ଜିଲାପାଳ ସୀତାଂଶୁ କୁମାର ରାଉତ, ବୌଦ୍ଧ ବ୍ଲକ ଅଧ୍ୟକ୍ଷା ରେବତୀ ମହାଲିକ ଯୋଗଦେଇଥିଲେ। ମୁଖ୍ୟଅତିଥି ଭୋଇ ପଞ୍ଚାୟତରାଜ ବ୍ୟବସ୍ଥାର ଲକ୍ଷ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଜିଲାପାଳ ରାଉତ ପଞ୍ଚାୟତରାଜ ବ୍ୟବସ୍ଥା ଯୋଗୁ ଗ୍ରାମାଞ୍ଚଳର ବିକାଶ ସମ୍ଭବ ହେବା ସହିତ ଜନସାଧାରଣ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବି ହୋଇପାରିଥିବା ପ୍ରକାଶ କରିଥିଲେ। ଏହି ଅବସରରେ ପିଠା କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ଶୁଣ୍ଡିପଦର, ଶଗଡା ଓ ବାମଣ୍ଡା ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ସେହିପରି ରୁ୍ୟରାଲ ହାଉସିଂ ଯୋଜନାରେ କର୍ମଚାରୀ ଅମିତ କୁମାର କର୍ଣ୍ଣ, ଜଗଦୀଶ ମଲିକ, ନବଘନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱଚ୍ଛ ଓଡ଼ିଶା ଓ ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିବା ମୋଟିଭେଟର ବାପୁନ ରଣା, ଉଦ୍ଧବ ପାଣିଗ୍ରାହୀ, ବିକାଶ ସିଂହଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ପୁଷ୍ପିତା କ୍ଷେତି, ଗୋପେଶ୍ୱରୀ ଦୀପ ଓ ଶୋଭାଗିନି ପାଢୀଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ସ୍ୱୟଂ ସହାୟିକା ଗୋଷ୍ଠୀ ଭାବେ ବୌଦ୍ଧ ବ୍ଲକ ଶଗଡ଼ାର ପିତାବଳୀ ସ୍ୱୟଂ ସହାୟିକା ଗୋଷ୍ଠୀ, ହରଭଙ୍ଗା ବ୍ଲକର ଠିଡିକାଜୋରର ବନଦୁର୍ଗା ସ୍ୱୟଂ ସହାୟିକା ଗୋଷ୍ଠୀ ଓ କଣ୍ଟାମାଳ ବ୍ଲକର ସୁବର୍ଣ୍ଣପାଲିର ବି.ଏସ. ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବୌଦ୍ଧବ୍ଲକ ବିଡିଓ ଅଶ୍ୱନୀ କୁମାର ମେହେର ଧନ୍ୟବାଦ ଜ୍ଞାପନ କରିଥିଲ।

# ଆଜିଠୁ ଇଭିଏମ୍, ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୫।୩**

ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦ୍ୱିତୀୟ ପର୍ଯ୍ୟାୟ ଇଭିଏମ, ଭିଭିପାଟ୍ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ । ଛୁଟି ଦିନରେ ମଧ୍ୟ ଏହି କାର୍ଯ୍ୟକ୍ରମ ହେବ ଏବଂ ଗାଁ ଗୁଡ଼ିକରେ ସଚେତନତା ସୃଷ୍ଟି କରାଯିବ। ମଙ୍ଗଳବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏହି ସୂଚନା ଦେଇଥିଲେ । ଜିଲାପାଳ ତ୍ରିପାଠୀ ଆହୁରି କହିଥିଲେ, ସଚେତନତା କାର୍ଯ୍ୟକ୍ରମ ପାଇଁ ଜିଲାରେ ୨୭ଟି ଦଳ ଗଠନ କରାଯାଇଛି । ପ୍ରତି ଦଳରେ ୨ଜଣ ପ୍ରଦର୍ଶକ, ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏବଂ ଜଣେ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି । ପଦ୍ମପୁର, ବିଜେପୁର ଓ ଭଟଲି ନିର୍ବାଚନ ମଣ୍ଡଳୀ ପାଇଁ ୬ଟି ଲେଖାଏଁ ଦଳ ରହିଥିବା ବେଳେ ବରଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ୪ଟି ଓ ଅତାବିରା ନିର୍ବାଚନ ମଣ୍ଡଳୀରେ ୫ଟି ଦଳ ରହିଛନ୍ତି।




ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ପ୍ରତି ବ୍ଲକ ଓ ସହରାଞ୍ଚଳରେ ଜଣେ ନୋଡ଼ାଲ ଅଫିସରଙ୍କୁ ମଧ୍ୟ ନିଯୁକ୍ତ କରାଯାଇ ଥିବାବେଳେ ଜିଲାର ୧୨ଟି ବ୍ଲକ ଓ ୫ଟି ସହରାଞ୍ଚଳର ମୋଟ୍ ୧୨୯୫ଟି ଗ୍ରାମରେ ଉକ୍ତ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ । ସେହିପରି ଆସନ୍ତା ୧୦ତାରିଖ ଜିଲାପାଳ, ଉପଜିଲାପାଳ, ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ କାର୍ଯାଳୟରେ ଭିଆଇପି ଭୋଟର, ଖବରଦାତାମାନଙ୍କ ପାଇଁ ଇଭିଏମ, ଭିଭିପେଟ୍ ସଚେତନତା କାର୍ଯ୍ୟକ୍ରମ ହେବ ବୋଲି ଜିଲାପାଳ କହିଥିଲେ। ଖବରଦାତା ସମ୍ମିଳନୀରେ ଦିଆଯାଇଥିବା ସୂଚନା ମୁତାବକ, ଜିଲାରେ ୧୧ଲକ୍ଷ ୨୯ହଜାର ୩୨୬ଜଣ ଭୋଟର ଅଛନ୍ତି । ସେଥିମଧ୍ୟରୁ ୫ଲକ୍ଷ ୮୩ହଜାର ୬୦୯ ପୁରୁଷ, ୫ଲକ୍ଷ ୪୫ହଜାର ୬୬୩ ମହିଳା ଏବଂ ୨୭ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ସେଥିମଧ୍ୟରେ ୧୭ହଜାର ୧୬୧ଜଣ ନୂତନ ଭୋଟର ବୋଲି ସୂଚନା ଦିଆଯାଇଥିଲା। ସେହିପରି ଗତ ଜାନୁୟାରୀ ୭ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଜିଲାରେ ଚାଲିଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ୯୫ହଜାର ୯ଜଣ ଭୋଟର ସାମିଲ ହୋଇଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନରେ ଦିବ୍ୟାଙ୍ଗମାନେ ଯେଭଳି ମତଦାଧିକାର ସାବ୍ୟସ୍ତର ବଞ୍ଚିତ ନ ହେବେ ସେଥିପ୍ରତି ମଧ୍ୟ ପଦକ୍ଷେପ ନିଆଯିବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଥିଲା। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣି ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

■ସଚେତନତା ପାଇଁ ୨୭ଟି ଦଳ ଗଠନ

■୧୨୯୫ଟି ଗାଁ, ସହରରେ ସଚେତନତା

# ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୫।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲାରେ ପ୍ରଶାସନ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୨ଟି ନିର୍ବାଚନ ମଣ୍ଡଳୀର ୧୩୮ଟି ଗ୍ରାମରେ ଇଭିଏମ୍ ଓ ଭିଭିପାର୍ଟ ଜରିଆରେ ମତଦାନ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ୩୩୬୮୯ଜଣ ମତଦାତା ଅଂଶଗ୍ରହଣ କରି ଭୋଟଦାନ ସମ୍ପର୍କିତ ତଥ୍ୟ ପଚାରି ବୁଝିଥିଲେ। ଜିଲାମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଶୀତାଂଶୁ କୁମାର ରାଉତ କଲେକ୍ଟୋରିଏଟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦେଇଥିବା ସୂଚନା ମୁତାବକ, ପ୍ରଥମ ପର୍ଯ୍ୟାୟ ମତଦାନ ସଚେତନତା ଜିଲାରେ ସଫଳତାର ସହିତ ସମାପ୍ତ ହୋଇଥିବାବେଳେ ମାର୍ଚ୍ଚ ୬ରୁ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଥିରେ ଅଧିକ ସଂଖ୍ୟାରେ ଭୋଟରଙ୍କୁ ସାମିଲ କରାଯିବାର ଲକ୍ଷ ରଖାଯାଇଛି। ବୈଠକରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିଙ୍କୁ ଡକାଯାଇଥିଲେ ମଧ୍ୟ କେବଳ ଭାଜପା ଦଳର ପ୍ରତିନିଧି ଭାବେ ସାଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି ଉପସ୍ଥିତ ଥିଲେ। ବିଗତ ନିର୍ବାଚନଗୁଡିକରେ ଅନେକ ବୁଥରେ ମତଦାନକୁ ପ୍ରଭାବିତ୍ କରାଯାଇଥିବାବେଳେ ସ୍ୱଚ୍ଛ ନିର୍ବାଚନ ପାଇଁ ବୌଦ୍ଧ ଓ କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ୧୩୩ଟି ବୁଥରେ ସିସିଟିଭି ଲଗାଇବାକୁ ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ୩୪ଟି ବୁଥରେ ସିସିଟିଭି ଲଗାଇବାକୁ ଚିହ୍ନଟ କରାଯାଇଥିବା ବେଳେ ଭାଜପା ପକ୍ଷରୁ ୭୦ଟି ବୁଥରେ ଏହି ସୁବିଧା ଯୋଗଇ ଦେବାକୁ ଦାବି କରାଯାଇଛି। ସେହିପରି କଣ୍ଟମାଳ ନିର୍ବାଚନ ମଣ୍ଡଳୀର ୩୩ଟି ବୁଥରେ ସିସିଟିଭି ଲଗାଇବାକୁ ଚିହ୍ନଟ କରାଯାଇଥିବା ବେଳେ ୬୩ଟି ବୁଥରେ ଏହି ସୁବିଧା ଯୋଗାଇଦେବାକୁ ଦାବି କରାଯାଇଛି। ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ସମସ୍ତ ବିଷୟ ଅନୁଧ୍ୟାନ କରାଯିବା ପରେ ଏହି ସମ୍ପର୍କରେ ଚୁଡାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜିଲାପାଳ ରାଉତ ପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାୟକ, ନିର୍ବାଚନ ଅଧିକାରୀ ଅବିନାଶ ପାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

**ବୌଦ୍ଧ, କଣ୍ଟାମାଳର ୧୩୩ ବୁଥରେ ସିସିଟିଭି ଲଗାଇବାକୁ ଭାଜପାର ଦାବି**

■ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ

# ବିଜୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ଅମ୍ବାଭୋନା,୫।୩(ଡି.ଏନ.ଏ.)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ପରିସରରେ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଏପରି କି ପଞ୍ଚାୟତିରାଜ ଦିବସ ଅବସରରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ନୀଳକୁମାରୀ ନାୟକ ସଭାପତିତ୍ୱ କରିଥିବା ବେଳେ ବିଡିଓ ଆଲଫ୍ରାନ୍ସ ବିଲୁଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ପଧାନ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଅହଲ୍ୟା ଭୋଇ, ବିଦ୍ୟୁତ୍ ବିଭାଗ ସେକସନ୍ ଅଧିକାରୀ ବାଞ୍ଛାନିଧି ନାୟକ, ବ୍ଲକ ଉପାଧ୍ୟକ୍ଷ ଠାକୁରରାମ ପଟେଲ, ସମିତି ସଭ୍ୟ ରବିଶଙ୍କର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶା ଗଠନରେ ବିଜୁ ବାବୁଙ୍କ ଭୂମିକା ଏବଂ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଶେଷରେ ମୁଖ୍ୟ କିରାଣୀ ସୁଶାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର,(ଡି.ଏନ.ଏ.):** ବରଗଡ଼ ଜିଲା ରାଜବୋଡାସମ୍ବର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ରିକ୍ରିଏସନ୍ ସେଣ୍ଟରଠାରେ ବିଡିଓ ଏଲିଜା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏବିଡିଓ ସୋନୁ ବାଗ ଯୋଗଦେଇ ପଞ୍ଚାୟତ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ କହିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ରାଜବୋଡାସମ୍ବର ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗିରିନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଭେଡ଼େନ ବ୍ଲକରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କଳାକାରମାନେ ପାରମ୍ପରିକ କଳା ପ୍ରଦର୍ଶନ କରୁଛନ୍ତି।

**ବିଜେପୁର,(ଡି.ଏନ.ଏ.):** ବରଗଡ଼ ଜିଲା ବିଜେପୁର ବ୍ଲକ ସଭା କକ୍ଷରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୧୦୩ତମ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ବ୍ଲକ ଅଧ୍ୟକ୍ଷା ମାନିନୀ ଭୋଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଡିଓ ପଦ୍ମନାଭ ସାମନ୍ତରାୟ ସମାରୋହରେ ଅଧ୍ୟକ୍ଷତା କରିଥିଲେ। ଜନାର୍ଦ୍ଦନ ପାଣିଗ୍ରାହୀ, ଦିବ୍ୟ ସିଂ, ମହାବୀର ସାହୁ, ଅଶୋକ ମାହାଣା ପ୍ରମୁଖ ପଞ୍ଚାୟତିରାଜ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ଟେକଚାନ୍ଦ କାଲୋ ଧନ୍ୟବାଦ ଅର୍ପଣ କରିଥିଲେ।

**ଅତାବିରା,(ଡି.ଏନ.ଏ.):** ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା ବ୍ଲକ ଏବଂ ପଞ୍ଚାୟତଗୁଡିକରେ ମଙ୍ଗଳବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଅତାବିରା ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷା ରୀତା ସାହୁ, ଉପାଧ୍ୟକ୍ଷ ବିବେକାନନ୍ଦ ଭୋଇ, ବିଡିଓ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇଥିଲେ। ବୁଗବୁଗା ପଞ୍ଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ପୁଷ୍ପକାନ୍ତି ସେଠ, ଇଓ ବୁଦ୍ଧଦେବ ବେହେରା, ୱାର୍ଡ ମେମ୍ବର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ପରିସରରେ ଅନୁଷ୍ଠିତ ପଞ୍ଚାୟତିରାଜ ଦିବସରେ ସରପଞ୍ଚ ଶର୍ମିଷ୍ଠା ସାହୁ, ସମିତି ସଭ୍ୟା ସ୍ୱର୍ଣ୍ଣକାନ୍ତି ପ୍ରଧାନ, ଇଓ ପ୍ରମୋଦ ଦାଶ, ଅଙ୍ଗନୱାଡି କର୍ମୀ ଯଶୋବନ୍ତି ସାହୁ, ରୀନା ଦନ୍ତା, ଯାଜ୍ଞସେନୀ ନାୟକ, ନିଳମା ମିଶ୍ର, ଜ୍ୟୋତ୍ସ୍ନାରାଣୀ ଛୁରିଆ, ମଞ୍ଜୁଲା ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପିଚାଳନା କରିଥିଲେ ।

**ଝାରବନ୍ଧ,(ଡି.ଏନ.ଏ.):** ଝାରବନ୍ଧ ବ୍ଲକ ପରିସରରେ ପଞ୍ଚାୟତ ରାଜ ଦିବସ ପାଳିତ ହୋଇଯାଇଛି। ବିଡିଓ ରୁନୁ ଲାକ୍ରା ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ନବୀନ ସରକାରଙ୍କ ଜନହିକର କାର୍ଯ୍ୟ ଉପରେ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଦର୍ଶିତ କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଟିକେଶ୍ୱର ପଟେଲଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ବିଜୟ କେତନ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ବରିହା, ସମିତି ସଭ୍ୟ ମାଧୁରୀ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷୀକେଶ ବରିହା ପ୍ରମୁଖ ଉପସ୍ଥିତ ଥିଲେ।

**ଭେଡ଼େନ,(ଡି.ଏନ.ଏ.):** ଭେଡ଼େନ ବ୍ଲକ ପରିସରରେ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ବିଡ଼ିଓ ମୂରଲୀଧର ନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଛି। ସଭାରେ ବ୍ଲକ ଅଧ୍ୟକ୍ଷ ଡୋ଼ଳାମଣି କ୍ଷେତି ମୁଖ୍ୟଅତିଥି, ଉପାଧ୍ୟକ୍ଷା ସୁପ୍ରଭା ପ୍ରଧାନ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା, ଏମ୍‌ପିଙ୍କ ପ୍ରତିନିଧି ତୁଷବନ୍ତ ବେହେରା, କଳାକାର ସଂଘ ସଭାପତି ସାଗର ମହାକୁର, ଯୁବ ବାହିନୀ ସଂଯୋଜକ ଅରବିନ୍ଦ ହୋତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ନୂତନ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବ୍ଲକର ବରିଷ୍ଠ କଳାକାରମାନେ ସଂକୀର୍ତ୍ତନ୍ୟ, କରମା ଆଦି ପ୍ରଦର୍ଶନ କରିଥିଲେ। ଏପରି କି ବ୍ଲକର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତି ରାଜ ଦିବସ ପାଳିତ ହୋଇଥିଲା।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ମାର୍ଚ୍ଚ, ୨୦୧୯

ଯେତେବେଳେ ନିଜ ଶକ୍ତିର ବହିର୍ଭୂତ ହୁଏ, ପ୍ରତ୍ୟେକ ବ୍ୟକ୍ତି ସେତେବେଳେ ନିଜକୁ ଭଗବାନଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ କରିଦେବା ବ୍ୟତୀତ ଅନ୍ୟ ଉପାୟ ନ ଥାଏ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ରାଜ୍ୟ କଂଗ୍ରେସ ଆଇନ ସେଲ୍ ରାଜ୍ୟ ସମ୍ମିଳନୀ ସ୍ଥଗିତ

କଟକ ଅଫିସ,୫।୩: ରାଜ୍ୟ କଂଗ୍ରେସ ଆଇନ ସେଲ୍‌ର ଆସନ୍ତା ୮ତାରିଖରେ ଶାରଳା ଭବନଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀକୁ ସାମୟିକଭାବେ ସ୍ଥଗିତ ରଖାଯାଇଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶାକୁ ନିର୍ବାଚନ ଗସ୍ତ ଥିବାରୁ ଏହି ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି ବୋଲି ରାଜ୍ୟ କଂଗ୍ରେସ ଆଇନ ସେଲ୍‌ର ସଂଯୋଜକ ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

# ଜଳେଶ୍ୱର ମହୋତ୍ସବ ଉଦ୍‌ଯାପିତ

**ଲୋଇସିଂହା, ୫।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ଆଗଲପୁର ବ୍ଲକ ସାନଟିକା ଜଳେଶ୍ୱର ପୀଠରେ ମହାଶିବରାତ୍ରି ଅବସରରେ ୧୨ତମ ଜଳେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ କମିଟି ପକ୍ଷରୁ ଗ୍ରାମର ସଞ୍ଚାର କଳାକର ବାଞ୍ଛାବଟ ନାଏକଙ୍କୁ ଜଳେଶ୍ୱର ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଉପଦେଷ୍ଟା ସୁରେଶଚନ୍ଦ୍ର ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ କଳାକାର ରବୀନ୍ଦ୍ର ସାହୁ ମୁଖ୍ୟ ଅତିଥି, ପୂର୍ବତନ ସରପଞ୍ଚ ମୁବାଳା ମେହେର ମୁଖ୍ୟବକ୍ତା, ଡା.ମୁକେଶ


ବାଞ୍ଛାବଟ ନାଏକଙ୍କୁ ଜଳେଶ୍ୱର ସମ୍ମାନରେ ସମ୍ମାନିତ କରାଯାଉଛି।

ମହାଲିଙ୍ଗ, ସମ୍ପତି ନନ୍ଦ, ନିହାର ରଞ୍ଜନ ବେହେରା, ଦିଲୀପ ବାରିକ, କଣ୍ଠଶିଳ୍ପୀ ପ୍ରିତମ ମିଶ୍ର, ସୁଶାନ୍ତ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଗତବର୍ଷ ମାଟ୍ରିକ ଟପ୍ପର ମିନାକ୍ଷୀ ସାହୁ, ଅଷ୍ଟମ ଶ୍ରେଣୀରେ ପ୍ରଥମ ଥିବା ଛାତ୍ର କିରନ ନାଏକଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନୀତ କରାଯାଇଥିଲା । ସରୋଜ ବିଶ୍ୱାଳ ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ଶିକ୍ଷକ ପୁରନ୍ଦର ପଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ତେନ୍ତୁଳିଖୁଣ୍ଟି ଗ୍ରାମର କଳକାରମାନେ ଦରମରା ରାବଣ ଓ ଫସଡ ଗ୍ରାମର କଳାକାରମାନେ ରାମଲୀଳା ପ୍ରଦର୍ଶନ କରିଥିଲେ ।


ତ୍ରିପୁରାସୁର ଦରବାରରେ ଅତିଥିମାନେ।

# ସମ୍ପନ୍ନ ହେଲା ତ୍ରିପୁରାସୁର ଦରବାର

**ଲୋଇସିଂହା, ୫।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମରେ ତିନିଦିନ ଧରି ଚାଲିଥିବା ତ୍ରିପୁରାସୁର ଦରବାର ସୋମବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ପୌରାଣିକ କଥାବସ୍ତୁ ଉପରେ ଆଧାରିତ ନାଟ୍ୟାଭିନୟକୁ ଲୋକେ ବେଶ ଉପଭୋଗ କରିଥିଲେ। ଦରବାରରେ ଅର୍କେଶ ନାରାୟଣ ସିଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ହେମସାଗର ନନ୍ଦ, ସରପଞ୍ଚ ପ୍ରଶାନ୍ତ ପଧାନ, ସହଦେବ ସା, ମେଳା କମିଟି ସଭାପତି ଦୁଷ୍ମନ୍ତ ପଧାନ, ଉପସଭାପତି ଶ୍ରୀକାନ୍ତ ତ୍ରିପାଠୀ, ସମ୍ପାଦକ ମହେଶ ତ୍ରିପାଠୀ ମଞ୍ଚାସୀନ ଥିଲେ । ଶିବରାତ୍ରି ମେଳାର ଶିବ ପୁରାଣରେ ବୀରବର ବାରି, ନାମଯଜ୍ଞରେ ନକୁଳ ପଧାନ, ଚଣ୍ଡି ଯଜ୍ଞରେ ରାଧାକାନ୍ତ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

### ନଗର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

# ଦଳୀୟ ଏକତା ଉପରେ ଗୁରୁତ୍ୱାରୋପ


ବଲାଙ୍ଗୀର ନଗର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ।

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ନଗର କଂଗ୍ରେସ କମିଟି କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଆଇସିସି ସଦସ୍ୟ ତଥା ପିସିସିର ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର ବୈଠକରେ ଯୋଗଦେଇଥିଲେ । ଦେଶ ତଥା ରାଜ୍ୟ ରାଜନୈତିକ ପରିସ୍ଥିତି ସମାଜର ଅବହେଳିତ ବର୍ଗଙ୍କ ସପକ୍ଷରେ ଯାଉନାହିଁ । କେନ୍ଦ୍ର ହେଉ କି ରାଜ୍ୟ ସରକାର ସେମାନେ କେବଳ ପୁଞ୍ଜିପତି ଏବଂ ନିଜ ଦଳୀୟ କର୍ମକର୍ତ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରୁଛନ୍ତି । ମାତ୍ର କଂଗ୍ରେସ ସବୁବେଳେ ଅବହେଳିତ ବର୍ଗଙ୍କ ସ୍ୱର ହୋଇ ରହିଛି ଓ ରହିଥିବ ବୋଲି ମିଶ୍ର କହିଥିଲେ । ସ୍ଥାନୀୟ ସମସ୍ୟାକୁ ନେଇ କଂଗ୍ରେସ ଦଳ ୯୦ ଦଶକରୁ ଆଜି ପର୍ଯ୍ୟନ୍ତ ସଂଘର୍ଷ କରି ଆସୁଛି ଓ ଆଗକୁ ମଧ୍ୟ ଏହି ସଂଘର୍ଷ ଜାରି ରହିବ ବୋଲି ସେ କହିଥିଲେ । ପିସିସି ସଦସ୍ୟ ତଥା ଜିଲା ପ୍ରଚାର କମିଟି ଅଧ୍ୟକ୍ଷ ଅସୀମ ପଟ୍ଟନାୟକ ବୁଥ୍ ସ୍ତରରେ ପ୍ରତ୍ୟେକ ସଭ୍ୟ ତତ୍ପରତା ସହିତ କାମ କରନ୍ତୁ ଓ ଦଳୀୟ ସ୍ଥିତିକୁ ମଜଭୁତ କରନ୍ତୁ ବୋଲି କହିଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଇ ଦଳୀୟ ଏକତା ଓ ଏହାର ସକରାତ୍ମକ ପ୍ରତିଫଳନ ଉପରେ ଗୁରୁତ୍ୱାରୋପ କରିଥିଲେ । ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ସହରର ବିଭିନ୍ନ ପଡାର ସମସ୍ୟା ସମାଧାନ ହେବା ପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି କହିଥିଲେ । ନଗର କଂଗ୍ରେସ ମୁଖପାତ୍ର ବ୍ରଜ କିଶୋର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସେବାଦଳ ମୁଖ୍ୟ ଅସିତ ମିଶ୍ର ସଂଯୋଜନା କରିଥିଲେ । କାର୍ଯ୍ୟକାରିଣୀ ବୈଠକରେ ନଗର କଂଗ୍ରେସର ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଦଳର ୪ଜଣ କାଉନ୍‌ସିଲର ମିଳନୀ ସାହୁ, ଗୌରୀ ସାହୁ, ଅଖଣ୍ଡ ସେଠ ଓ ସୌମ୍ୟଦୀପ ସରାଫଙ୍କୁ ନଗର କଂଗ୍ରେସ କମିଟି ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । କାର୍ଯ୍ୟକାରୀ ବୈଠକରେ ନୂତନ ଦାୟିତ୍ୱ ପାଇଥିବା ସାଧାରଣ ସମ୍ପାଦକ, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ସଙ୍ଗଠନ ସମ୍ପାଦକ, କାର୍ଯ୍ୟାଳୟ ସମ୍ପାଦକ, ମିଡିଆ ସେଲ ସମ୍ପାଦକ ଏବଂ ନଗର ମୁଖପାତ୍ରଙ୍କ ସମେତ ଦଳର ବରିଷ୍ଠ ସଦସ୍ୟମାନଙ୍କୁ ନେଇ ତିଆରି ହୋଇଥିବା ୨୨ ଜଣିଆ ଉପଦେଷ୍ଟା ମଣ୍ଡଳୀ ସଦସ୍ୟମାନଙ୍କୁ ଏଆଇସିସି ସଦସ୍ୟ ମିଶ୍ର ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ସମ୍ପାଦକ ସୁଦାମ ସାହୁ, ପିସିସି ସଦସ୍ୟ ତଥା ଜିଲା ଉପସଭାପତି ମନୀଷ ମିଶ୍ର, ଜିଲା ଉପସଭାପତି ସନ୍ତକ ବହିଦାର ମଞ୍ଚାସୀନ ଥିଲେ । ଶେଷରେ ନଗର କଂଗ୍ରେସ ଉପସଭାପତି ଅରବିନ୍ଦ ପରୁଆ ଧନ୍ୟବାଦ ଦେଇଥିଲେ ।

### ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଖପ୍ରାଖୋଲ, ୫।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ପଡିଆବାହାଲ ପଞ୍ଚାୟତ ଅନ୍ତର୍ଗତ ସାନଉଡେନ ଗାଁରେ ଚବିଶ ପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ନାମାରମ୍ଭ ହୋଇଥିଲା । ଗାଁ ନିକଟ ପୋଖରୀରୁ ମହିଳାମାନେ କଳସରେ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କଲା ପରେ ହୋମଯଜ୍ଞ ଆରମ୍ଭ ହୋଇଥିଲା। ପାଞ୍ଚଦିନ ଧରି ସାନଉଡେନ ଗାଁ ଉତ୍ସବ ମୁଖର ହୋଇଥିବା ବେଳେ ଅଞ୍ଚଳର ସୁନାମଧନ୍ୟ ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ । କର୍ତ୍ତାଭାବେ ଗୌନ୍ତିଆ ପ୍ରେମାନନ୍ଦ ବରିହା ଓ ଯୋଗେଶ୍ୱର ଶତପଥୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

# ଆଦିବାସୀ କଲ୍ୟାଣ ସଂଘ ନୂତନ ଗୃହ ପାଇଁ ଭୂମିପୂଜନ

**ମୁରିବାହାଲ, ୫।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘର ନୂତନ ଭବନ ନିର୍ମାଣ ପାଇଁ ମଙ୍ଗଳବାର ମୁରିବାହାଲ ଚେରେଗୁଡି (ଷ୍ଟେଶନପଡା)ଠାରେ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଭୂମିପୂଜନ ସ୍ଥାନକୁ ଏକ ଶୋଭାଯାତ୍ରା ଆସିବା ପରେ ସଂଘର କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ସଂଘ ବ୍ଲକ ସଭାପତି ଘିମାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭବନ ପାଇଁ ଭୂମିପୂଜନ କରିଥିଲେ। ପ୍ରକଳ୍ପ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ୫ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର କୈଳାସ ପ୍ରଧାନୀ, ଭୁବନ ମାଝୀ, ପୂର୍ଣ୍ଣ ମାଝୀ, ସପ୍ନେଶ୍ୱର ଭୋଇ, ଦୁର୍ଗମଣୀ ପ୍ରଧାନୀ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ରାଜୀବ କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପତରଙ୍ଗି ମାଝୀ, ଲକ୍ଷ୍ମି ମାଝୀ ଏଥିରେ ସହଯୋଗ କରିଥିଲେ।


ମୁରିବାହାଲ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ୫ ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ବର୍ଦ୍ଧିତ

**ମୁରିବାହାଲ, ୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ମଙ୍ଗଳବାର ବ୍ଲକ ପରିସରରେ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକର ୫ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଠାରେ ୧୪୪୬ ସ୍ୱୟଂ ସହାୟକ ଗୋଷ୍ଠୀ ଥିବା ବେଳେ ହାତଗଣତି ଏସ୍‌ଏଚ୍‌ଜିକୁ ସମ୍ବର୍ଦ୍ଧିତ କରାଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମ ପଞ୍ଚାୟତ ଅଧିକାରୀ ନିଳକଣ୍ଠ କାଳସାଏଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ, ଏମପି ପ୍ରତିନିଧି ନିମାଇଁଚରଣ ବଘାର, ହଳଦୀ ସମିତି ସଭ୍ୟ ମଧୁସୂଦନ ମହାନନ୍ଦ, ଡବ୍ଲୁଇଓ ସତ୍ୟବ୍ରତ ଦାସ, ବିପିଏମ ବ୍ରଜବନ୍ଧୁ ସ୍ୱାଇଁ, ମୁଖ୍ୟ କିରାଣି ବୀରେନ୍ଦ୍ର ରାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଏହି ଅବସରରେ ଓଡିଶାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢୀକରଣ କରିଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମନେ ପକାଇଥିଲେ ।


ଦେଓଗାଁ ବସ୍‌ଷ୍ଟାଣ୍ଡ ନିକଟରେ ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ଦେଓଗାଁ ଶାଖାର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଦେଓଗାଁରେ ଭାରତ ବନ୍ଦ ଆନ୍ଦୋଳନ

**ଦେଓଗାଁ, ୫।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ମୁଖ୍ୟାଳୟରେ ମଙ୍ଗଳବାର ସମ୍ବିଧାନ ବଞ୍ଚାଅ ସଂଘର୍ଷ ସମିତି ରାଷ୍ଟ୍ରୀୟ ସଂଯୋଜକ ବାମନ ମେଶ୍ରାମଙ୍କ ନେତୃତ୍ୱରେ ଭାରତ ବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଚିତ୍ର ସୁନାଙ୍କ ନେତୃତ୍ୱରେ ସକାଳ ୬ଟାରୁ ଦେଓଗାଁ କଲେଜ ଛକ, ବସ୍‌ଷ୍ଟାଣ୍ଡ, ଏଟିଏମ ଛକ ଆଦି ସ୍ଥାନରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ୧୧ଦଫା ଦାବି ପୂରଣ ପାଇଁ ବିଭିନ୍ନ ନାରା ଦେଇଥିଲେ। ଏହି ଅବସରରେ ବରଗଡ-ବୋରିଗୁମ୍ମା ଜାତୀୟ ରାଜପଥକୁ ଅବରୋଧ କରାଯିବାରୁ ଉଭୟ ପଟରେ ଶତାଧିକ ଯନବାହାନ ଅଟକି ରହିଥିଲା । ପରେ ସଂଘର୍ଷ ସମିତି ଦେଓଗାଁ ଶାଖାର ସମସ୍ତ କର୍ମକର୍ତ୍ତା ପିକେଟିଂ କରି ଦେଓଗାଁର ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାନ ବନ୍ଦ କରିଥିଲେ। ଦିନତମାମ ସମସ୍ତ ସ୍କୁଲ, କଲେଜ, ଅଫିସ ତଥା ଦୋକାନ ବଜାର ଆଦି ବନ୍ଦ ରହିଥିଲା । କାର୍ଯ୍ୟକ୍ରମକୁ ଲଳିତ କୁମାର ମହାନନ୍ଦ, ପ୍ରବୀଣ ନନ୍ଦ, ବିଘ୍ନେଶ୍ୱର ମେହେର, ପହଲି ରଣା, ପୀତାମ୍ବର ବାରିକ, ନୀଳକଣ୍ଠ ବାଗ, ଦେବରାଜ ନନ୍ଦ, ନରେଶ ମହାନନ୍ଦ, ଚନ୍ଦ୍ରହାସ୍ୟ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଦେଓଗାଁ ପୋଲିସ ୧୦ ଆନ୍ଦୋଳନକାରୀଙ୍କୁ ଅଟକ ରଖି ପରେ ଛାଡି ଦେଇଥିଲା ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


ବିଜେଡି କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

# ଜନ୍ମ ଜୟନ୍ତୀରେ ବିଜୁଙ୍କ ସ୍ମୃତିଚାରଣ

**ଟିଟିଲାଗଡ଼, ୫।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଟିଟିଲାଗଡ ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଧାୟିକା ଟୁକୁନୀ ସାହୁଙ୍କ ନେତୃତ୍ୱରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ଛକରେ ପହଞ୍ଚିଥିଲା। ସେଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ନେତୃବୃନ୍ଦ ମାଲ୍ୟାର୍ପଣ କରିଥିଲେ। ପରେ ବୀର ହନୁମାନ ବ୍ୟାୟାମଶାଳା ଛକସ୍ଥିତ ଦିବଂଗତ ଯୁବ ବିଜେଡି ନେତା ଅଭିମନ୍ୟୁ ସାହୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ପୌର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ସମାବେଶରେ ବିଧାୟିକା ସାହୁ ତାଙ୍କ ବକ୍ତବ୍ୟରେ ବିଜୁ ବାବୁଙ୍କ ଅଦମ୍ୟ ସାହସ ଓ ଦେଶପ୍ରେମର ଅବତାରଣା କରିଥିଲେ। ରାଜ୍ୟର ବିକାଶ ପାଇଁ ବିଜୁ ବାବୁ ଦେଖିଥିବା ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରିଛନ୍ତି। ଏ ନେଇ ଟିଟିଲାଗଡ ନିର୍ବାଚନ ମଣ୍ଡଳୀରେ ଆଶାତୀତ ବିକାଶ କାର୍ଯ୍ୟ ସାଧିତ ହୋଇପାରିଛି। ଏଣୁ ଦଳୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ସେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର, ଦଳର ରାଜ୍ୟ ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଉପାଧ୍ୟକ୍ଷା ଭୋଦର ମାଝୀ, ରାଜ୍ୟ ଯୁବ ସମ୍ପାଦକ ରାଜକିଶୋର ଡାଙ୍ଗ, ଜିଲା ଯୁବ ବିଜେଡି ସମ୍ପାଦକ ନରେଶ ଅଗ୍ରୱାଲ, ଯୁବ ସଭାପତି ସଞ୍ଜୟ ବେହେରା, ଜିଲା ଛାତ୍ର ସମ୍ପାଦକ ଆଲୋକ ବୁଡେକ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସତ୍ୟପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯଦି ଭଗବାନ ନାହାନ୍ତି ବୋଲି କେହି ଭାବୁଥାନ୍ତି,
ତଥାପି ତାଙ୍କୁ ଖୋଜି ବାହାର କରିବାକୁ ପଡ଼ିବ।
- ଭୋଲ୍‌ଟାୟାର



ସଂକ୍ଷେପରେ

## ଉଲୁଣ୍ଡାରେ ପଞ୍ଚାୟତରାଜ ଦିବସ ପାଳିତ

**ଉଲୁଣ୍ଡା, ୫।୩(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କଶ୍ମୀରର ପୁଲଓ୍ୱାମାଠାରେ ଶହୀଦ ଯବାନମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବିଡିଓ ନିଳାମ୍ବର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମିତାଲି ମହାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଓଡିଶାରେ ସୁଦୃଢ କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଉତ୍ତର କୁମାର ପାତ୍ର, ଏବିଡିଓ ପଞ୍ଚାନନ ମେହେର ମଞ୍ଚାସୀନ ଥିଲେ। ନାରାୟଣ ଭୁଇଆଁ ମଞ୍ଚ ପରିଚାଳନା କରିଥିବାବେଳେ ପିଇଓ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ

# ତୃଣମୂଳରେ ଗଣତନ୍ତ୍ରକୁ ସୁଦୃଢ଼ କରିଛି ପଞ୍ଚାୟତିରାଜ ବ୍ୟବସ୍ଥା

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ଟାଉନ୍ ହଲଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ସମାରୋହ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି। ଟାଉନ୍ ହଲଠାରେ ଜିଲାପାଳ ଅରିନ୍ଦମ ଡାକୁଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ମହେଶ୍ୱର ମହାନ୍ତି, ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ, ଉପାଧ୍ୟକ୍ଷା ସନ୍ତୋଷିନୀ ବଘାର, ସଦର ବିଡିଓ ରାମଦତ୍ତ ଭୋଇ ଓ ଜିଲାସ୍ତରୀୟ ପଞ୍ଚାୟତିରାଜ ଅଧିକାରୀ, ପ୍ରତିନିଧି ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସଭାରେ ଜିଲାପାଳ ଡାକୁଆ ବକ୍ତବ୍ୟ ରଖି ପଞ୍ଚାୟତିରାଜ ବ୍ୟବସ୍ଥା କିଭଳି ତୃଣମୂଳ ଗଣତନ୍ତ୍ରକୁ ସୁଦୃଢ଼ କରିଛି କହିଥିଲେ।



ପଞ୍ଚାୟତିରାଜ ଦିବସ ଅବସରରେ ବଲାଙ୍ଗୀର ଟାଉନ୍ ହଲଠାରେ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ମହିଳା ତଥା ସମାଜର ଅବହେଳିତବର୍ଗଙ୍କୁ ସଶକ୍ତ କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନତା ଉପରେ ସେ କହିଥିଲେ। ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ. ସ୍ୱାଇଁ ବକ୍ତବ୍ୟ ରଖି ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ହେବାର ଆଭିମୁଖ୍ୟ ଓ ଏହାର ସାମ୍ବିଧାନିକ ବିଧିବ୍ୟବସ୍ଥା ଉପରେ ବିବରଣୀ ଦେଇଥିଲେ। ତୃଣମୂଳସ୍ତରରେ ଶାସନତନ୍ତ୍ରକୁ ଲୋକାଭିମୁଖୀ କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥାର ଭୂମିକା ଉପରେ କହିଥିଲେ। ଲୋକେ କିଭଳି ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୋଇ ସମାଜକୁ ସଶକ୍ତ କରିପାରିବେ ସେ ଉପରେ ବିଚାରବ୍ୟକ୍ତ କରିଥିଲେ। ସଦର ବ୍ଲକ ଅଧ୍ୟକ୍ଷ ବାଗ ତାଙ୍କ ବକ୍ତବ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଜନପ୍ରତିନିଧିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ କହିଥିଲେ। ଏହି ସଭା ପରେ ଦଣ୍ଡ ଓ ପାଲା ଜରିଆରେ ସଚେତନଧର୍ମୀ ବାର୍ତ୍ତା ପ୍ରଚାର କରାଯାଇଥିଲା। ଏହି ଅବସରରେ କଳାକାରମାନଙ୍କୁ ବ୍ଲକ ଅଧ୍ୟକ୍ଷ, ଜିଲାପାଳ ଓ ପିଡି ସମ୍ବର୍ଦ୍ଧିତ କରିଥିଲେ। ସଭାପରେ ପଞ୍ଚାୟତିରାଜ ଦିବସ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାର୍ତ୍ତାକୁ ଏଲଇଡି ଜରିଆରେ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ତ ପ୍ରତିନିଧି, ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଝଡ଼ବର୍ଷା ସମ୍ଭାବନା

**ଭୁବନେଶ୍ୱର,୫।୩(ବ୍ୟୁରୋ)**

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ରାୟଗଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ ତାରିଖରେ ଉପକୂଳ ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୮ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି।



## ଉଲୁଣ୍ଡା କପ କ୍ରିକେଟ: ଉଲୁଣ୍ଡା-ବରଗଡ଼ ଫାଇନାଲ ମୁକାବିଲା

**ଉଲୁଣ୍ଡା, ୫।୩(ଡି.ଏନ.ଏ.) :** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କ୍ରିକେଟ ଆସୋସିଏଶନ ପକ୍ଷରୁ ଆୟୋଜିତ ହେଉଥିବା ୨୬ ତମ ଉଲୁଣ୍ଡା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ବିସିଏ ଉଲୁଣ୍ଡା ଗୋଡଭଗା ଜିସିସିକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି ପ୍ରଥମ ଫର୍ମାଟରେ ଗୋଡଭଗା ଦଳ ୧୮ ଓଭରରେ ୯ ଉଇକେଟ ହରାଇ ୧୨୪ ରନ୍ କରିଥିଲେ। ଦଳ ପକ୍ଷରୁ ମାନସ ନାଏକ ସର୍ବାଧିକ ୭୦ ରନ କରିଥିଲେ। ଏହାର ଯବାବରେ ଉଲୁଣ୍ଡା ଦଳ ଯଦୁଲାଲ ନନ୍ଦ ଓ ଅଭିଲାଷ ନାଏକଙ୍କ ୩୦ ଲେଖାଁଏ ରନ ବଳରେ ୧୭ ଓଭରରେ ବିଜୟ ପାଇଁ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲେ। ସେହିପରି ଦ୍ୱିତୀୟ ଫର୍ମାଟରେ ଗୋଡଭଗା ଶଙ୍କର ରେଡ୍ଡୀଙ୍କ ୪୩ରନ ବଳରେ ୧୦ଓଭରରେ ୬ଉଇକେଟ ହରାଇ ୧୦୬ ରନ କରିଥିଲା। ଉଲୁଣ୍ଡା ପକ୍ଷରୁ ଯଦୁଲାଲ ନନ୍ଦ ୪୦ ରନ କରିଥିଲେ ସୁଦ୍ଧା ୧୦ ରନରେ ପରାସ୍ତ ହୋଇଥିଲା। ଟାଇବ୍ରେକର ପାଇଁ ଖେଳାଯାଇଥିବା ସୁପର ୨ରେ ପ୍ରଥମେ ଉଲୁଣ୍ଡା ବ୍ୟାଟିଂ କରି ୨୬ ରନ କରିଥିବାବେଳେ ଗୋଡଭଗା ମାତ୍ର ୩ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖେଳକୁ ରଘୁବୀର ମିଶ୍ର ଓ ଦୀପକ ପାଣିଗ୍ରାହୀ ପରିଚାଳନା କରିଥିଲେ। ସୁରେନ୍ଦ୍ର ତରିଆ ସ୍କୋରିଙ୍ଗ କରିଥିବାବେଳେ ଭୁବନେ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ। ଏହାପରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବରେ ଭାଜପା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ଦଣ୍ଡସେନା ଓ ବିସିଏ ସଂଯୋଜକ ଉରୁକ୍ରମ ପାଣ୍ଡିଆ ଯୋଗଦେଇ ଉଲୁଣ୍ଡାର ଯଦୁଲାଲ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଫାଇନାଲ ଖେଳରେ ଆୟୋଜକ ଉଲୁଣ୍ଡା ଦଳ ବ୍ଲୁ ଡାଇମଣ୍ଡ ବରଗଡକୁ ଭେଟିବ।

# ଆଜି ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ

## ମିଶନ ଶକ୍ତି ସମାବେଶରେ ଯୋଗଦେବେ

**ବଲାଙ୍ଗୀର ଅଫିସ, ୫।୩**

ବୁଧବାର ବଲାଙ୍ଗୀର ଆସିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସ୍ଥାନୀୟ ପଥରଚେପାଠାରେ ମିଶନ ଶକ୍ତି ସମାବେଶରେ ସେ ଯୋଗଦେଇ ଉଦ୍‌ବୋଧନ ଦେବେ। ଏହି ମିଶନ ଶକ୍ତି ସମାବେଶରେ ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀର ସହସ୍ରାଧିକ ମହିଳା ସଦସ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିମାନ ଯୋଗେ ଭୁବନେଶ୍ୱରରୁ ଆସି ବୁଧବାର ୧୧ଟା ୩୦ରେ ତୁଷରା ଉଡାଜାହାଜ ପଡିଆରେ ସେ ଓହ୍ଲାଇବେ। ଏହାପରେ ହେଲିକପ୍ଟର ଯୋଗେ ତୁଷରା ଉଡାଜାହାଜ ପଡିଆରୁ ୧୧ଟା ୪୦ରେ ବଲାଙ୍ଗୀର ପଥରଚେପା ମିଶନଶକ୍ତି ସମାବେଶସ୍ଥଳକୁ ଆସି ସଭାକାର୍ଯ୍ୟରେ ଯୋଗଦେବେ। ପୂର୍ବାହ୍ନ ୧୨ଟା୨୫ରେ ତୁଷରା ଦେଇ ଭୁବନେଶ୍ୱର ଫେରିଯିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପଥରଚେପାଠାରେ ସଭା ପାଇଁ ସମସ୍ତ ପ୍ରସ୍ତୁତି ସରିଛି।

## ମହିଳାଙ୍କୁ ହତ୍ୟା ଧମକ, ଦୁର୍ବ୍ୟବହାର ଅଭିଯୋଗ

**ସମ୍ବଲପୁର,୫।୩ (ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଗୋପାଳପାଲି ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ସହ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗ କ୍ରମେ ସେହି ଗ୍ରାମର ଏକ ପରିବାରର ଜଣେ ଯୁବକ ଓ ତାଙ୍କ ସମ୍ପର୍କୀୟମାନେ ସମ୍ପୃକ୍ତ ମହିଳାଙ୍କ ଘରକୁ ଆସି ଗାଳିଗୁଲଜ କରିଥିଲେ। ଯୁବକ ଜଣକ ଭୁଜାଲି ଧରି ମହିଳା ଜଣଙ୍କୁ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। । ପୂର୍ବରୁ ମଧ୍ୟ ଅନେକ ଥର ସେହି ପରିବାରର ଲୋକେ ମହିଳାଙ୍କୁ ଧମକ ଦେଇଛନ୍ତି। ପୋଲିସ ମହିଳାଙ୍କ ଅଭିଯୋଗ ପରେ ଗ୍ରାମରେ ପହଞ୍ଚି ପଚରା ଉଚୁରା କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

ବିଜେଡି ପକ୍ଷରୁ ୧୦୩ତମ ବିଜୁ ଜୟନ୍ତୀ ପାଳିତ

# ବିଜୁଙ୍କ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବାକୁ ହେବ

**ବଲାଙ୍ଗୀର ଅଫିସ, ୫।୩**

ବଲାଙ୍ଗୀର ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପରିସରରେ ଓଡିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କ ୧୦୩ ତମ ବିଜୁ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ପ୍ରଥମେ ପାର୍କ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ଦଳୀୟ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବିଜେଡି ରାଜ୍ୟ ପରିଷଦ ସଭ୍ୟ ଅର୍କେଶ ନାରାୟଣ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ବିଜୁ ଯୁବ ଜନତା ସଭାପତି ଲୋଟସ ଷଡଙ୍ଗୀ, ଉପସଭାପତି ପ୍ରଦୀପ ଗୁରୁ, ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା, ଉପାଧ୍ୟକ୍ଷା ଲିପିଶ୍ରୀ ସାଏ, ଧ୍ରୁବ ଜୁଏଲ୍ ମଞ୍ଚାସୀନ ଥିଲେ। ସଭାରେ ଦଳୀୟ ନେତା ଓ କର୍ମୀମାନେ ବିଜୁବାବୁଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଯୁବ ବିଜେଡି ଜିଲା ସଭାପତି ଷଡଙ୍ଗୀ ବିଜୁଙ୍କୁ ଓଡିଶା ବିକାଶର ଏକ ମାଇଲ ଖୁଣ୍ଟ ବୋଲି କହିଥିଲେ। ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଆଧୁନିକ ଯୁବ ସମାଜକୁ ଆଗେଇ ଆସିବାକୁ ହେବ ବୋଲି କହିଥିଲେ। ବିଜୁବାବୁଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିବା ପାଇଁ ଦାବି କରିଥିଲେ। ବତଜୁ ଶ୍ରମିକ ସାମୁଖ୍ୟ ଉପସଭାପତି ଲଳିତ କୁମାର ନାୟକ ବିଜୁବାବୁଙ୍କ ଦୃଢ଼ ଓ ଆଦର୍ଶ ବ୍ୟକ୍ତିତ୍ୱ ସମ୍ପର୍କରେ କହି ସେ ସ୍ୱାଭିମାନୀ ଓଡିଆ ଜାତିକୁ ଉଦ୍‌ବୁଦ୍ଧ କରିଥିବା କହିଥିଲେ। ପୌରାଧ୍ୟକ୍ଷା ସନ୍ତୋଷିନୀ ବେହେରା ବିଜୁ ବାବୁଙ୍କର ବଳିଷ୍ଠ ନେତୃତ୍ୱ ଓ ଦୁଃସାହସିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଜେଡି ନେତ୍ରୀ ରଞ୍ଜୁ ରାଏମନ, ରାଜ୍ୟ ବିଜେଡି ପୂର୍ବତନ ସମ୍ପାଦକ ଓଁକାର ନାୟକ, ଅବସରପ୍ରାପ୍ତ ସୈନିକ ସଂଘ ସମ୍ପାଦକ ପ୍ରତାପ ରଥ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ଜୟରାମ ମିଶ୍ର, ମହେନ୍ଦ୍ର ବାଗ୍, ବାସୁଦେବ ଦାସ, ଟିଙ୍କୁ ପରିଚ୍ଛା, ନରସିଂହ ବାଗ, ସନ୍ତୋଷ ଦନ୍ତା, କାଉନସିଲର ଉପେନ ଦୀପ, ଅଶ୍ୱିନୀ ପୁଟେଲ, ନରହରି ରାଉତ, ନୁତନ ସିନ୍ଧିଆ, ମୁନା ଖାନ୍, ସରିତା ଦାସ, ସୁଜାତା ଦାସ, ଜଗନ୍ନାଥ ମିଶ୍ର, ସାଗର ସଙ୍ଗମ ସତପଥି, ରାମ ନାଏକ, ପୃଥ୍ୱୀରାଜ ବରାଡ, ସତ୍ୟ ନାଏକ, ଦେବେନ୍ଦ୍ର ପାତ୍ର, ମାନୁ ପଟ୍ଟନାଏକ, ଟୁକୁ ସାହୁ, ବନମାଳୀ ବାଗ, ବାସନ୍ତୀ ସିଂ ବୁଡେକ, ନରସିଂହ ବାଗ, କୁନୁ ସ୍ୱାଇଁ, ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, ଧୀରେନ୍ଦ୍ର ବନଛୋରଙ୍କ ସହ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ଲୋଇସିଂହା ନିର୍ବାଚନ ମଣ୍ଡଳୀ: ଭାଜପାରେ ବଢୁଛି ଅସନ୍ତୋଷ

**ଲୋଇସିଂହା, ୫।୩(ଡି.ଏନ.ଏ.)**

ଆଗାମୀ ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳମାନେ ପ୍ରସ୍ତୁତି ଚଳାଇଛନ୍ତି। ଏହି ପରିସ୍ଥିତିରେ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଗତିବିଧି ସରଗରମ ହେବା ଆରମ୍ଭ କଲାଣି। ଶାସକ ବିଜେଡିରେ ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟଙ୍କ ମେଳି ପରେ ଏବେ ଲୋଇସିଂହା ଭାଜପାରେ କନ୍ଦଳ ଦେଖାଦେଇଛି। ୬ଜଣ ଆଶାୟୀ ସେମାନଙ୍କ ପ୍ରାର୍ଥୀତ୍ୱକୁ ଜାହିର କରିବା ପାଇଁ ମେଳି ବାନ୍ଧିଛନ୍ତି। ସମ୍ମିଳିତଭାବେ ଆରମ୍ଭ କରିଛନ୍ତି ଜନ ସମ୍ପର୍କ ଅଭିଯାନ। କୌଣସି ନବାଗତଙ୍କୁ ଟିକେଟ ଦେଲେ ସେମାନେ ବିଦ୍ରୋହ କରିବେ ବୋଲି ଜନ ସମ୍ପର୍କ ଅଭିଯାନରେ ଖୋଲାଖୋଲି ପ୍ରକାଶ କରିବା ଏଠି ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ, ଲୋଇସିଂହା ନିର୍ବାଚନ ମଣ୍ଡଳୀ ପାଇଁ ଅନୁସୂଚିତ ବର୍ଗର ପ୍ରାର୍ଥୀଙ୍କ ପାଇଁ ସଂରକ୍ଷଣ ରହିଛି। ତେବେ ଏହି ନିର୍ବାଚନ ମଣ୍ଡଳୀରେ ପଞ୍ଚାୟତ ନିର୍ବାଚନ ବେଳେ ଭାଜପା ଭଲପ୍ରଦର୍ଶନ କରିଥିଲା। ୭ଟି ଜିଲା ପରିଷଦ ଆସନରୁ ୬ଟିରେ ଦଳ ବିଜୟୀ ହୋଇଥିଲା। ଏହାକୁ ଆଧାର କରି ଚଳିତ ସଧାରଣ ନିର୍ବାଚନ ପାଇଁ ଭାଜପାରୁ ବହୁ ଆଶାୟୀ ଦେଖିବାକୁ ମିଳୁଛି। ଏ ନେଇ ଭାଜପାର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସରୋଜ ତ୍ରିପାଠୀଙ୍କୁ ପଚାରିବାରୁ ଦଳୀୟ ଟିକେଟ କାହାକୁ ମିଳିବ ସେ ନିଷ୍ପତ୍ତି ହାଇକମାଣ୍ଡଙ୍କ ହାତରେ। ତେଣୁ ପୃଥକଭାବେ ନ କରି ନେତୃବର୍ଗ ସମ୍ମିଳିତଭାବେ ଜନ ସମ୍ପର୍କ ଅଭିଯାନ କଲେ ଏଠାରେ ଭାଜପା ଭଲ ଫଳ ପ୍ରଦର୍ଶନ କରିବ ବୋଲି କହିଛନ୍ତି।



ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଗ୍ରାମସଭାକୁ ସଶକ୍ତ କରିବା ଉପରେ ଗୁରୁତ୍ୱ

**ଖପ୍ରାଖୋଲ, ୫।୩(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣି ସୁନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟକିଶୋର ଜୟପୁରିୟା, ଯୋଗାଣ ନିରୀକ୍ଷକ ରାଜାରାମ ହୋତା, ଜିପିଇଓ ସୁଶାନ୍ତ ପାଣି, ଉପାଧ୍ୟକ୍ଷ ପ୍ରକାଶ ମେହେର, ମୁଖ୍ୟ କିରାଣି ବ୍ରଜବନ୍ଧୁ ଠାକୁର ପ୍ରମୁଖ ଯୋଗଦେଇଥିଲେ। ଗ୍ରାମାଞ୍ଚଳରେ ଶକ୍ତିର ବିକେନ୍ଦ୍ରୀକରଣ, ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ବୃଦ୍ଧି, ମହିଳା ସଶକ୍ତିକରଣ, ପଲ୍ଲି ସଭା ଓ ଗ୍ରାମସଭାକୁ ସଶକ୍ତ କରିବା ହେଉଛି ପଞ୍ଚାୟତରାଜି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତପୋଷଣ କରିଥିଲେ। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ସଂଯୋଜିକା ପଂକଜିନୀ ମିଶ୍ର ପରିଚାଳନା କରିଥିବା ବେଳେ ସମିତିସଭ୍ୟା ସଭ୍ୟ, ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀ ଓ ଏସଏଚଜି ସଭ୍ୟାମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ

**ବୀରମହାରାଜପୁର/ ଅମରପାଲି, ୫।୩ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସିଡିପିଓ ସଞ୍ଜୁରାଣୀ ମିଶ୍ର, ଏଇଇ ବିନିତ ଲାକ୍ରା, ବିଧାୟକ ପ୍ରତିନିଧି ନାରାୟଣ ଲୁହା, ବାଗବର ସରପଞ୍ଚ ବ୍ୟୋମକେଶ ପଣ୍ଡା ଓ ହିଲୁଙ୍ଗ ସରପଞ୍ଚ ଅଶୋକ ମହାକୁର ସମ୍ମାନୀତ ଅତିଥିଭାବେ ଯୋଗଦେଇ ପଞ୍ଚାୟତିରାଜ ଦିବସ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପରେ ନାନକ ଦାଶ ଏବଂ ସାଥିଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ କୋଷାଧ୍ୟକ୍ଷ ଗିରିଧର ହୋତା ସଂଯୋଜନା କରିଥିଲେ।

ଫଟୋରେ ଖବର







ବଲାଙ୍ଗୀର ରାଜେନ୍ଦ୍ର କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଘୋଷଣା ପରେ ୧୦ କୋଟି ଟଙ୍କା ବ୍ୟୟରେ ତିଆରି ହେବାକୁ ଥିବା ନୂତନ ଅଡିଟୋରିଅମକୁ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଏମପି କଳିକେଶ ନାରାୟଣ ସିଂଦେଓ ଶିଳାନ୍ୟାସ କରୁଛନ୍ତି (ବାମ)। ବଲାଙ୍ଗୀର ପୌରପରିଷଦ ପକ୍ଷରୁ ରାଜେନ୍ଦ୍ର କଲେଜ ଛକଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପ୍ରତିମୂର୍ତ୍ତିକୁ ଅଧ୍ୟକ୍ଷା ସନ୍ତୋଷିନୀ ବେହେରା ଉନ୍ମୋଚନ କରୁଛନ୍ତି (ମଝି)। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ବଲାଙ୍ଗୀର ପୌରପରିଷଦ ତରଫରୁ ମଦର ଟେରେସାଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥିମାନେ। (ଫଟୋ-ସୁନୀଲ)

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୬ ମାର୍ଚ୍ଚ, ୨୦୧୯



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା
ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ



## ସଂକ୍ଷେପରେ



### ମିନିଷ୍ଟାଡିୟମର ଭିତ୍ତିପ୍ରସ୍ତର ସ୍ଥାପନ

ରିଷିଡା,୫।୩(ଡି.ଏନ.ଏ.) କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକଠାରେ ଦୀର୍ଘ ଦିନ ପରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ମିନିଷ୍ଟାଡିୟମର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି । ଏହାକୁ ବିଡିଓ ତଥା ତହସିଲଦାର ଅବନୀକାନ୍ତ ସାହୁ ଶୁଭ ଦେଇଥିଲେ । କନିଷ୍ଠ ଯନ୍ତ୍ରୀ ମଳୟ ଶତପଥୀ, ନାଏବ ସରପଞ୍ଚ କୈଳାଶ ଚନ୍ଦ୍ର ପାତ୍ର, ଆଞ୍ଚଳିକ ବିକାଶ ପରିଷଦ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ଲକ୍ଷ୍ମୀପ୍ରସାଦ ସେଠ, ବିଶ୍ୱଦୀପକ ପାତ୍ର, ରଞ୍ଜନ ନାଏକ, ତ୍ରିଶଙ୍କର ରଣା ପ୍ରମୁଖ ଉପସ୍ଥିତ ଥିଲେ ।

ନୂଆପଡାରେ କୃଷକ ସମ୍ପର୍କ ମେଳା

# କୃଷକ ଦେଶର ମେରୁଦଣ୍ଡ ସାଜିଛନ୍ତି

**ନୂଆପଡା ଅଫିସ,୫।୩**

ଆମ ଦେଶର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରି ଚଳିଥାନ୍ତି । କୃଷକମାନେ ଆମ ଦେଶର ମେରୁଦଣ୍ଡ ସାଜିଛନ୍ତି। ସେମାନଙ୍କ ଉନ୍ନତି ହେଲେ ଦେଶର ଉନ୍ନତି ସ୍ୱାଭାବିକ ଭାବେ ହେବ ବୋଲି ମଙ୍ଗଳବାର ସ୍ଥାନୀୟ ଗୋଡଫୁଲାଠାରେ ଆୟୋଜିତ କୃଷକ ସମ୍ପର୍କ ମେଳାରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ପୂର୍ବାହ୍ନ ସାଢେ ୧୦ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା କୃଷି ଉପନିର୍ଦ୍ଦେଶକ ଜାଭେଦ ମହମ୍ମଦ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ଡିପିଓ ସୁଧାଂଶୁ ସାହୁ, ସହକାରୀ ପ୍ରାଣୀଚିକିତ୍ସାଧିକାରୀ ସତ୍ୟନାରାୟଣ ବାରିକ, କୃଷି ବିଜ୍ଞାନକେନ୍ଦ୍ର ବୈଜ୍ଞାନିକ ଆତିଶ ମାନେ, ସହକାରୀ ମତ୍ସ୍ୟ ଅଧିକାରୀ ତୁଷାର କାନ୍ତ ମହାପାତ୍ର, ସହକାରୀ କୃଷି ଅଧିକାରୀ ନରେନ୍ଦ୍ର ମହାପାତ୍ର, ଜଗନ୍ନାଥ ସେନାପତି, ଦିଲୀପ କୁମାର ମୁର୍ମୁ, ପ୍ରତାପ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ କୃଷି ଏବଂ କୃଷକଙ୍କ ଉନ୍ନତି ସକାଶେ ସରକାର କ'ଣ ସବୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି ତାହା ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀମାନେ ଉପସ୍ଥାପନ କରିଥିଲେ । କୃଷକମାନେ ଦେଶର ମେରୁଦଣ୍ଡ ସଦୃଶ ବୋଲି ମୁଖ୍ୟ ଅତିଥି ପଣ୍ଡା କହିଥିଲେ । କୃଷକଙ୍କ ହିତ ସକାଶେ କୌଣସି ରାଜନୀତି କରିବା କଥା ନୁହେଁ । ସେମାନଙ୍କ ଉନ୍ନତି ଆମ ସମସ୍ତଙ୍କର ଚିନ୍ତା ହେବା ଦରକାର । ଚାଷୀମାନେ ମଧ୍ୟ ତତ୍ପର ହୋଇ ଆଗକୁ ଆସି ସରକାରୀ ଯୋଜନାରୁ ଫାଇଦା ନେବା ଦରକାର ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ମତ୍ସ୍ୟ, ପ୍ରାଣୀ ପାଳନ, କୃଷି ବିଭାଗ ଅଧିକାରୀମାନେ ସେମାନଙ୍କ ବିଭାଗ ଦ୍ୱାରା କ'ଣ ସବୁ ଯୋଜନା ଉପଲବ୍ଧ ରହିଛି ସେ ଉପରେ ଗ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ । ଅନ୍ୟପକ୍ଷେ ଚାଷୀମାନେ ଗୋଟି ଗୋଟି କରି ସେମାନଙ୍କ ସମସ୍ୟା ଏବଂ ଯୋଜନାରୁ କିପରି ସୁଫଳ ପାଇପାରିବେ ସେ ଉପରେ ପ୍ରଶ୍ନ ପଚାରିଥିଲେ। ଯୋଜନା ସବୁ କାଗଜ କଲମରେ ରହିଯାଉଥିବା ନେଇ ବହୁ ଚାଷୀ ଉଦ୍‌ବେଗ ପ୍ରକାଶ କରିଥିଲେ। ଏଥିପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୃଷି ବିଭାଗର ସମସ୍ତ କର୍ମକର୍ତ୍ତା ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ନୂଆପଡା ବ୍ଲକର ବିଭିନ୍ନ ପ୍ରାନ୍ତରୁ ଚାଷୀମାନେ ଯୋଗଦେଇଥିଲେ। ସେହିଭଳି ଲଖନାରେ ମଧ୍ୟ କୋମନା ବ୍ଲକସ୍ତରୀୟ କୃଷକ ସମ୍ପର୍କ ମେଳା ଅନୁଷ୍ଠିତ ହୋଇଥିଲା।

**ଚାଷୀମାନେ ବିଭିନ୍ନ କଥା ପଚାରି ବୁଝିଲେ**



କୃଷକ ସମ୍ପର୍କ ମେଳାରେ ଯୋଗଦେଇଥିବା ଚାଷୀମାନେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକିଲେ ଦୂବ କରେ ଦାରୁ**
**ଟାଣପଣକୁ ଭାଙ୍ଗେ ମେରୁ ।**

ଈଶ୍ୱର ସର୍ବଶକ୍ତିମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟଚନ୍ଦ୍ର ଆତଯାତ। ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ ଦାରୁବୃକ୍ଷରେ ପରିଣତ ହୋଇଯାଏ। ଈଶ୍ୱର ସବୁ ସହିଯାନ୍ତି କିନ୍ତୁ କାହାରି ଗର୍ବ ଅହଂକାରକୁ ସହ୍ୟକରି ପାରି ନ ଥାନ୍ତି। ମଣିଷର ଦୃଢ଼ପଣ ଆଗରେ ସେ ମେରୁ ଭଳି ପ୍ରତୀୟମାନ ହୋଇଥାନ୍ତି। ମଣିଷର ସବୁ ଟାଣପଣ ତାଙ୍କ ଆଗେ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟାଣ କରିଥାଏ ମାଇପ ଆଗେ**
**ଗୋଡ଼ ନ ପଡ଼ଇ ପାଇକ ଆଗେ**
**ଲାଲ ପାଗ ଦେଖି ଘରକୁ ଭାଗେ ।**

କିଛି ବ୍ୟକ୍ତି ନିଜ ପତ୍ନୀ ଉପରେ ଅଯଥା ଟାଣପଣ ଦେଖେଇ ହୁଅନ୍ତି, ବାହାଦୁରୀ ଦେଖାଇ ବଡ଼ ବଡ଼ କଥା କହନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସର୍ଗିପାଲିରେ ବିଜୁ ପଟ୍ଟନାୟକ ଜୟନ୍ତୀ ପାଳିତ

**ଲେଫ୍ରିପଡା,୫।୩(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ୍ ସର୍ଗିପାଲିରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ଆହ୍ୱାନ କ୍ରମେ ବିଜୁ ବିଜୁପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଯୋଗଦାନ କରି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଓଡିଶା ଗଠନ ଦିଗରେ ଅତୁଳନୀୟ ଅବଦାନ ରହିଥିବା ନେଇ ତାଙ୍କରି ଉପରେ ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର, ବିଜେଡି ରାଜ୍ୟ ଯୁବ ସମ୍ପାଦକ ସୁମନ୍ତ ପଣ୍ଡା, ବିଜେଡି କୃଷକ ମୋର୍ଚ୍ଚାର ସଭ୍ୟ ସୁନୀଲ ମହାପାତ୍ର, ସଦର ବ୍ଲକ୍ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ବିଧାୟକ ପ୍ରତିନିଧି ମନୋଜ କୁମାର ପଟେଲ ପ୍ରମୁଖ ଯୋଗଦାନ କରି ବିଜୁବାବୁଙ୍କ ସମ୍ପର୍କରେ କହିଥିଲେ। ଏହା ବ୍ୟତୀତ ବିଜୁବାବୁଙ୍କ ଓଡିଶା ଗଠନ ଦିଗରେ ରହିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ବିଜୁ ଜନତା ଦଳର ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିକାଶର ଧାରା ଆଗେଇ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ନବୀନବାବୁଙ୍କ ହାତମୁଠାକୁ ଟାଣ କରି ଆଗାମୀ ନିର୍ବାଚନରେ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀକୁ ବିକାଶ ଧାରାରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ। ଟାଙ୍ଗରପାଲି ବ୍ଲକ୍ ବିଜେଡି ଯୁବନେତା ସନ୍ତୋଷ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ।

# ପୂର୍ବତନ ଜିଲା ବିଜେଡି ସଭାପତି, ଖଡିଆଳ ଯୁବରାଜ ଭାଜପାରେ ମିଶିଲେ

■ **ବିଜେଡିକୁ ନିପାତ କରିବାର ଅଭିଯାନ ଚାଲିବ**

**ନୂଆପଡା ଅଫିସ/ ଖଡିଆଳ, ୫।୩ (ଡି.ଏନ.ଏ.)**

ବିଜେଡି ଶାସନ ରାଜ୍ୟରେ କାଳିଆ, ଆମ ଗାଁ ଆମ ବିକାଶ ଯୋଜନା ନାଁରେ ଲୋକଙ୍କୁ ଭ୍ରମିତ କରି ରାଜ୍ୟ କୋଷାଗାରକୁ ଲୁଣ୍ଠନ କରିବାର ପ୍ରୟାସ ଚଳାଇଛନ୍ତି । ଏହା ଲୋକଙ୍କ କଷ୍ଟୋପାର୍ଜିତ ସମ୍ପତିର ଲୁଣ୍ଠନ । ଏହାକୁ ଆମେ ତୀବ୍ର ବିରୋଧ କରୁଛୁ। ନୂଆପଡା ସମେତ ସାରାରାଜ୍ୟରୁ ବିଜେଡିକୁ ନିପାତ କରିବାର ଅଭିଯାନ ଚଳାଇବୁ ବୋଲି ଭାଜପାର ମିଶ୍ରମ ପର୍ବରେ ନେତାମାନେ ରଣହୁଙ୍କାର ଦେଇଛନ୍ତି । ମଙ୍ଗଳବାର ନୂଆପଡାରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗ ଦେଇଥିବା ନୂଆ ନେତା ଏବଂ ପୁରୁଣା ନେତାମାନେ ସ୍ୱରକୁ ସ୍ୱର ମିଳାଇ ଏହା କହିଛନ୍ତି । ଏଥିରେ ଜିଲାର ଶତାଧିକ ବିଜେଡି, କଂଗ୍ରେସ ନେତା ମିଶିଥିଲେ ।

ସ୍ଥାନୀୟ ପୋଲିସ ପଡିଆରେ ଆୟୋଜିତ ମିଶ୍ରଣ ପର୍ବରେ ଜିଲା ସଭାପତି ଶିବପ୍ରସାଦ ମୁଣ୍ଡ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଭାପତି ତଥା ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ, ଖାମସିଂ ମାଝି, ସୁଶାନ୍ତ କୁମାର ପତି, ଗୋଲଡି ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଜେଡିର ପୂର୍ବତନ ସଭାପତି ତଥା ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ହୋମସିଂ ମାଝିଙ୍କ ନେତୃତ୍ୱରେ ମଧ୍ୟ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ଯଦୁମଣି ପାଣିଗ୍ରାହୀ ପ୍ରସନ୍ନ ପାଢୀଙ୍କ ଭଳି ନିଃସ୍ୱାର୍ଥ ନେତାଙ୍କୁ ପାଇ ଦଳ ଗର୍ବିତ ରହିଥିବା ପ୍ରକାଶ କରିଥିବାବେଳେ ରାଜ୍ୟ ସଭାପତି ପଣ୍ଡା ଭାଜପା ବହୁ ମର୍ଯ୍ୟାଦାବାନ ନେତାମାନଙ୍କୁ ପାଇଛି । ଏଠାରୁ ହିଁ ବିଜେଡିକୁ ସମୁଦ୍ରରେ ଫିଙ୍ଗିବାର ଅଭିଯାନ ଆରମ୍ଭ ହେଲା ବୋଲି କହିଥିଲେ । ଯୋଗଦେଇଥିବା ପାଢୀ କହିଲେ ଯେ ବିଜେଡିରେ ବହୁ କନ୍ଦଳ ରହିଛି । ସେଠିକାର ଅମଲାତାନ୍ତ୍ରିକ ଶାସନକୁ ସେ ଘୃଣା କରନ୍ତି । ଭାଜପା ଭଳି ରାଷ୍ଟ୍ରୀୟ ଦଳର କାର୍ଯ୍ୟଧାରାରେ ସେ ଆକୃଷ୍ଟ ବୋଲି କହିଥିଲେ । ଏହି ମଞ୍ଚରେ ପାଢୀଙ୍କ ସହ ଆସିଥିବା ପୂର୍ବତନ ଜିଲା ଛାତ୍ର ବିଜେଡି ସଭାପତି ହେମନ୍ତ କୁମାର କର, ପୂର୍ବତନ ଜିଲା ପରିଷଦ ସଭ୍ୟ ତାରାଚାନ୍ଦ ଅଗ୍ରୱାଲ, ପରକୋଡ ପୂର୍ବତନ ସରପଞ୍ଚ ପ୍ରେମ ନାଏକ, ପଦୁ ପୁଞ୍ଜି, ବୈଶମ୍ପାୟନ ସାହୁ, ନିର୍ମଳ ରାଉତ, ପପୁ ରାୱଲ, ପ୍ରମୋଦ ପାଢୀ, ଶରତ ଚନ୍ଦ୍ର ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ପଣ୍ଡା, ଅଲେଖ ଦୀପ, ଟୁଲୁ ପାଢୀ, ସଞ୍ଜୁ ପୁରୋହିତ, କୃଷ୍ଣରାଜ ମହାପାତ୍ର, ବ୍ରଜବନ୍ଧୁ ମିଶ୍ର ପ୍ରମୁଖ ଯୋଗ ଦେଇଥିବାବେଳେ ନିର୍ବାହୀ ଯନ୍ତ୍ରୀଙ୍କ ସହ ବସନ୍ତ ଆଜାଦ, ସିଭିଲ ବାର ଆସୋସିଏଶନ ସମ୍ପାଦକ ବିଶ୍ୱମଣୀ ପାଣିଗ୍ରାହୀ, ବୁଲୁ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ରାଜ୍ୟ ସଭାପତିଙ୍କ ନିକଟରୁ ଫୁଲମାଳ ପିନ୍ଧିଥିଲେ । ସେହିପରି ଖଡିଆଳ ଯୁବରାଜ ଦେବଦେବ ସିଂଦେଓ ଦୀର୍ଘ ୧୬ ମାସ ଧରି ବିଜେଡିରେ ରହିବା ପରେ ଦଳର ନେତୃବର୍ଗ ଅଣଦେଖା କରୁଥିବା ଅଭିଯୋଗ ନେଇ ବିଜେଡି ଛାଡି ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି । ଖଡିଆଳସ୍ଥିତ ଭାରତୀୟ ଜନତା ପାର୍ଟି ପକ୍ଷରୁ ମିଶ୍ରଣ ପର୍ବରେ ସେ ମିଶିଛନ୍ତି। ସ୍ଥାନୀୟ ଅଗ୍ରସେନ ଭବନଠାରେ ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଉପସ୍ଥିତିରେ ଯୁବରାଜ ସିଂଦେଓ ନିଜର ୨୦୦ରୁ ଉର୍ଦ୍ଧ୍ୱ ସମର୍ଥକଙ୍କ ସହ ଯୋଗଦେଇଥିଲେ । ସିଂଦେଓଙ୍କ ଦ୍ୱାରା ଖଡିଆଳ ନିର୍ବାଚନ ମଣ୍ଡଳୀରେ ଭାଜପାର ସଙ୍ଗଠନ ମଜଭୁତ ହେବା ସହ ଆଗାମୀ ନିର୍ବାଚନରେ ଦଳକୁ ଫାଇଦା ହେବ ବୋଲି ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି । ଅନ୍ୟପକ୍ଷରେ ଯୁବରାଜ ସିଂଦେଓ କହିଛନ୍ତି ଯେ, ଭାଜପା ଦ୍ୱାରା ହିଁ ଅଞ୍ଚଳର ବିକାଶ ସମ୍ଭବ ଏଣୁ ସେ ଭାଜପାରେ ସାମିଲ ହୋଇଥିବା ବେଳେ ଦଳ ପକ୍ଷରୁ ଯେ କୌଣସି ସମୟରେ ଯେ, କୌଣସି ଦାୟିତ୍ୱ ଦେଲେ ମଧ ଏକ ସୈନିକ ଭାବରେ ଦାୟିତ୍ୱ ତୁଲାଇବି ବୋଲି କହିଛନ୍ତି । ଆଗାମୀ ନିର୍ବାଚନ ପାଇଁ ଦଳୀୟ ଟିକେଟ ପାଇଁ ଅଶାୟୀକି ବୋଲି ପଚାରିବାରୁ ମୁଁ ଅଶାୟୀ ନୁହେଁ ବୋଲି କହିଥିଲେ ।





ମିଶ୍ରଣ ପର୍ବରେ ଯୋଗଦେଇଥିବା ଅତିଥିଙ୍କ ସହରେ ସମସ୍ତ କାର୍ଯ୍ୟକର୍ତ୍ତାଗଣ ।

ଜଙ୍ଗଲ ଜମି ଅଧିକାର ସମାବେଶ

# ସରକାରଙ୍କ ଅବହେଳା ବନବାସୀଙ୍କୁ କାଳ ହୋଇଛି

■ **ବନବାସୀଙ୍କୁ ଉଚ୍ଛେଦ ନିର୍ଦ୍ଦେଶକୁ ବିରୋଧ**

**ନୂଆପଡା ଅଫିସ,୫।୩**

ଆଜକୁ ୧୨/୧୩ ବର୍ଷ ତଳେ ସରକାର ବନବାସୀ ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନର କାର୍ଯ୍ୟକାରୀତା କରି ଏକ ଐତିହାସିକ ନୀତି ଆଣିଥିଲେ । ତାକୁ ଠିକ ଭାବେ କାର୍ଯ୍ୟକାରୀ କରିବାରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଅବହେଳା କରିଛନ୍ତି । ତାରି କୁପରିଣାମ ବନବାସୀଙ୍କୁ ଭୋଗିବାକୁ ପଡୁଛି । ବର୍ତ୍ତମାନ ସୁପ୍ରିମକୋର୍ଟ ବନବାସୀଙ୍କୁ ଜଙ୍ଗଲରୁ ଉଚ୍ଛେଦ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉପରେ କେନ୍ଦ୍ର ସରକାର କୌଣସି ପକ୍ଷ ରଖି ନ ଥିବାରୁ ଏହାର ତୀବ୍ର ନିନ୍ଦା କରିଛି କଂଗ୍ରେସ । ମଙ୍ଗଳବାର ସ୍ଥାନୀୟ ବୋଡେନ ବ୍ଲକରେ ଅନୁଷ୍ଠିତ ଆଦିବାସୀ ସମାବେଶକୁ ଉଦ୍‌ବୋଧନ ଦେଇ ଅତିଥିମାନେ ଏହା କହିଛନ୍ତି । ମଧ୍ୟାହ୍ନରେ ଆୟୋଜିତ ସଭାରେ ଜିଲା କଂଗ୍ରେସ ସଭାପତି ଘାସିରାମ ମାଝି ସଭାପତିତ୍ୱ କରିଥିବାବେଳେ ଛତିଶଗଡ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ତଥା ଅବକାରୀ ମନ୍ତ୍ରୀ କୱାସିକ ଲକ୍ଷ୍ମା ମୁଖ୍ୟଅତିଥି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଛତିଶଗଡ ଯୁବ କଂଗ୍ରେସ ସଭାପତି ତଥା ଓଡିଶା ପ୍ରଭାରୀ ଗୋପପଲି, କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀ ଯୁବ ମୋର୍ଚ୍ଚା ସଭାପତି ତୁଳେଶ୍ୱର ନାଏକ, ଅଧିରାଜ ମୋହନ ପାଣିଗ୍ରାହୀ, ଗିରିରାଜ ମାଝି, ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନର ହୀରାଧର ମାଝି, ମେଘନାଦ ଖର୍ସେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସରକାରଙ୍କ ଉଦାସୀନତା ଉପରେ ଜୋର ବର୍ଷିଥିଲେ। ସରକାର ଗ୍ରାମସଭା ଗୁଡିକୁ ଜଙ୍ଗଲ ଜମିପଟ୍ଟା ପ୍ରଦାନ ସକାଶେ ସବୁ ଦାୟିତ୍ୱ ନ୍ୟସ୍ତ କରିଥିଲେ। ହେଲେ ତାକୁ ପ୍ରକୃତ ପକ୍ଷେ କାର୍ଯ୍ୟକାରୀ କରାଯାଇ ନ ଥିଲା। ଫଳରେ ଠିକ ସମୟରେ ହଜାର ହଜାର ପରିବାର ଲୋକ ଜମିପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ଜମି ବାଦ ଏମାନଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଇନଞ୍ଚେ ଜାଗାଟିଏ ନାହିଁ । ଏଭଳି ସ୍ଥିତିରେ ସୁପ୍ରିମକୋର୍ଟ ସରକାରଙ୍କ ଅବହେଳାକୁ ନେଇ ପ୍ରଶ୍ନ ଉଠାଇବାରେ ସରକାର ତାଙ୍କର ପକ୍ଷ ରଖିଲେ ନାହିଁ। ବର୍ତ୍ତମାନ ସମସ୍ତଙ୍କୁ ବେଦଖଲ କରିବାକୁ ନିର୍ଦ୍ଦେଶ ହେଉଛି। ଏହାକୁ ଏହି ମଞ୍ଚ ତୀବ୍ର ନିନ୍ଦା କରୁଥିବା ବକ୍ତାମାନେ କହିଥିଲେ । ଏହି ଅବସରରେ ବନବାସୀ ଆଦିବାସୀ ନେତାମାନେ କ୍ଷୋଭ ପ୍ରକାଶ କରିଥିଲେ । ସଭାରେ ଉଭୟ ରାଜ୍ୟର ବହୁ ସାମାଜିକ କର୍ମୀମାନେ ଯୋଗଦେଇଥିଲେ ।

ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ

# ବ୍ୟବସ୍ଥା ସୁଦୃଢ଼ ହେଲେ ଗାଁର ବିକାଶ ହେବ

■ **ବିଭିନ୍ନ ବିଭାଗର ଉନ୍ନୟନ ପ୍ରକଳ୍ପ ପ୍ରଦର୍ଶିତ**



ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

**ନୂଆପଡା ଅଫିସ,୫।୩**

ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ଜିଲାପାଳ ଡା.ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ମୁଖ୍ୟଅତିଥି, ଡିଆରଡିଏ ପିଡି ବୃଷଭ ଚନ୍ଦ୍ର ନାଏକ, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାପାଳ ଡା. ଟୁଡୁ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ ହେଲେ ଗାଁର ବିକାଶ ସମ୍ଭବ ହେବ ବୋଲି କହିଥିଲେ। ସରକାର ବିଭିନ୍ନ ସମୟରେ ବହୁ ଜନକଲ୍ୟାଣକାରୀ ଯୋଜନା ସବୁ କାର୍ଯ୍ୟକାରୀ କରିଛନ୍ତି । ଏହାର ସୁଫଳ ନେବାକୁ କହିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ସକାଶେ ଅଧିକାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ନିକଟରେ ସିଙ୍ଗାପୁର ଗସ୍ତ କରିଥିବା ବିଜୁ ଯୁବବାହିନୀର ପରିଖିତ ସୁନାନୀ ଏବଂ ପରଖିତ ଖର୍ସେଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲ। ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା ଏବଂ ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ ତରଫରୁ ଉନ୍ନୟନ ପ୍ରକଳ୍ପଗୁଡିକର ନମୁନା ସବୁ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ଜିଲା ପଞ୍ଚାୟତ ଅଧିକାରୀ ମହାନନ୍ଦ ଧନ୍ୟବାଦ ଦେଇଥିଲେ ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ



### ଶିବ ପଟ୍ଟନାୟକ ମାର୍ଗ ଉଦ୍‌ଘାଟିତ

ଜୁନାଗଡ,୫।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ୨୬ନଂ ଜାତୀୟ ରାଜପଥରୁ ଘଣ୍ଟବାହାଲିକୁ ଯାଉଥିବା ରାସ୍ତାକୁ କଳାହାଣ୍ଡି ଜିଲାର ପ୍ରଥମ ଜିଲା ପରିଷଦ ଅଧକ୍ଷ ଶିବ ପଟ୍ଟନାୟକ ମାର୍ଗ ନାମରେ ନାମିତ କରାଯାଇ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା ବିକାଶ ସମବାୟ ନିଗମ ଅଧକ୍ଷା ଶ୍ରୀମୟୀ ମିଶ୍ର, ସ୍ଥାନୀୟ ସରପଞ୍ଚ କୁଞ୍ଜ ବିହାରୀ ପ୍ରଧାନ, ପିଇଓ କିରଣ ସାହୁ, ସମିତି ସଭ୍ୟା ପଦ୍ମ ଲୋଚନ ମାଝି, ଜିଲା ଖାଉଟି ଅଦାଲତର ଭାରପ୍ରାପ୍ତ ଅଧିକାରୀ ଭବାନୀ ପଟ୍ଟନାୟକ, ପରମର୍ଶଦାତା ଦିଲୀପ ପଟ୍ଟନାୟକ, ଶିବ ପଟ୍ଟନାୟକ ଫାଉଣ୍ଡେଶନର ମୁଖ୍ୟ ସାଗର ପଟ୍ଟନାୟକ, ସୁରେନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଆଦିତ୍ୟ ସାହୁ, ସୁଶାନ୍ତ ନାଏକ, ଆମ୍ବାର ଅଧକ୍ଷ ଅଶୋକ ପଟ୍ଟନାୟକ ସମେତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇଥିଲେ।



### ନବନିର୍ମିତ କୋଶଳେଶ୍ୱର ମହାଦେବ ମନ୍ଦିରରେ ଶିବ ଚତୁର୍ଦ୍ଦଶୀ ପାଳିତ

କେସିଙ୍ଗା,୫।୩(ଡି.ଏନ.ଏ.)
କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର ପରିସର ମଧରେ ନବନିର୍ମିତ କୋଶଳେଶ୍ୱର ମହାଦେବ ମନ୍ଦିରରେ ଗତ ୩ ତାରିଖଠାରୁ ୫ ତାରିଖ ଯାଏ ୩ଦିନ ବ୍ୟାପି ଶିବ ଚତୁର୍ଦ୍ଦଶୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଶିବ ଚତୁର୍ଦ୍ଦଶୀରେ ଗତ ୩ ତାରିଖରେ କଳାସ ଯାତ୍ରା, ସାମୂହିକ ଶାନ୍ତିପାଠ, ଅଖଣ୍ଡ ଦୀପ ସ୍ଥାପନ, ସୂର୍ଯ୍ୟପୂଜା, ମହାମୃତ୍ୟୁଞ୍ଜୟ ମନ୍ତ୍ର, ହୋମଯଜ୍ଞ କରାଯାଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ପରେ ମହାଜ୍ୟୋତି ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ସଦାନନ୍ଦ ପୁଟେଲ ଓ ତାଙ୍କ ପତ୍ନୀ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

ସମ୍ବିଧାନ ସଂଘର୍ଷ ବଞ୍ଚାଅ ସମିତିର ୧୧ ଦଫା ଦାବି

# ୨୬ ନଂ. ଜାତୀୟ ରାଜପଥ ଅବରୋଧ

କୋକସରା,୫।୩(ଡି.ଏନ.ଏ.)

୧୧ ଦଫା ଦାବି ନେଇ ସଂଘର୍ଷ ସମିତି ପକ୍ଷରୁ ମଙ୍ଗଳବାର ସକାଳ ୭ଟାରେ କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ଭବାନୀପାଟଣା–ଜୟପୁର ୨୬ ନଂ. ଜାତୀୟ ରାଜପଥକୁ ଅବରୋଧ କରାଯାଇଛି । ଏଥିସହ ପିକେଟିଂ କରି ଦୋକାନବଜାର, ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକୁ ବନ୍ଦ କରାଯାଇଥିଲା। ମୋଟେରଠାରେ ରାଜ୍ୟ ଉପସଭାପତି ଦୁର୍ଯ୍ୟୋଧନ ଜାଲଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ସାମିଲ ହୋଇ ନାରାବାଜି କରି ଦାବିଗୁଡିକୁ ପୂରଣ କରିବା ପାଇଁ ଆହ୍ୱାନ କରିଥିଲେ। ଦାବିଗୁଡିକ ମଧ୍ୟରେ ମତଦାନରେ ଇଭିଏମ ମେଶିନ ବର୍ଜନ, ଆର୍ଥିକ ଆଧାରରେ ୧୦% ଆରକ୍ଷଣ ଦେଇ ସମ୍ବିଧାନରେ ଥିବା ମୌଳିକ ଅଧିକାର ଧାରା ୧୬(୪) ଉଲ୍ଲଂଘନ କରିବା, ୧୩ ପଏଣ୍ଟ ରୋଷ୍ଟର ପଦ୍ଧତି ଦ୍ୱାରା ଏସସି,ଏସଟି ଓ ଓବିସି ଲୋକଙ୍କୁ ପ୍ରତିନିଧିତ୍ୱ ବିହିନ କରିବା ବିରୋଧ, ଜାତି ଆଧାରିତ ଜନଗଣନା କରି ୧୦୦% ଆରକ୍ଷଣ ଲାଗୁ ନ କରିବା,



କୋକସରା ବ୍ଲକ ମୋଟେରଠାରେ ଜାତୀୟ ରାଜପଥ ଅବରୋଧ କରାଯାଇଛି ।

ଧାର୍ମିକ, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ଏମବିଏସ ଏବଂ ଯାଯାବର ଜନଜାତିଙ୍କ କେନ୍ଦ୍ରୀୟସ୍ତରରେ ବର୍ଗୀକରଣ ନ କରି ତାଙ୍କୁ ଶାସନ, ପ୍ରଶାସନ ପ୍ରତିନିଧିତ୍ୱ ବିହୀନ କରିବାକୁ ବିରୋଧ, ଅନୁସୂଚିତ ଜନଜାତିକୁ ଜଳ, ଜଙ୍ଗଲ ଓ ଭିଟାମାଟିରୁ ବିସ୍ଥାନ କରିବା ତଥା ସମ୍ବିଧାନର ପଞ୍ଚମ ଓ ଷଷ୍ଠ ଅନସୂଚିକୁ ଲାଗୁ ନ କରିବାକୁ ବିରୋଧ ଓ ଏହା ସହ ଅନ୍ୟାନ୍ୟ ଦାବି ସମୁହକୁ ନେଇ ବନ୍ଦ ପାଳନ କରାଯାଇଛି । ମୋଟେରେଠାରେ କୋକସରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଚନ୍ଦ୍ରଶେଖର ଗୋପାଳ, କ୍ଷିରସିନ୍ଧୁ ବୋଡକିଆ, ଯୁଧିଷ୍ଠିର ପାଣିଗ୍ରାହୀ, ବନବିହାରୀ ପାଲ, ଗୋପାଳ ଧଙ୍ଗଡାମାଝି, ଭରତ ଶଗଡିଆ, ପଦ୍ମକିଶୋର ପୂଝାରୀ, ଆଶାରାମ ଛତ୍ରୀଆ, ରତ୍ନାକର ଶବର ଉପସ୍ଥିତ ଥିଲେ। ରାସ୍ତା ଅବରୋଧକୁ ହଟାଇବା ପାଇଁ ପୋଲିସ ପକ୍ଷରୁ ସଂଘର୍ଷ ସମିତିର ୬ଜଣ କାର୍ଯ୍ୟକର୍ତ୍ତାଙ୍କୁ ଗିରଫ କରିଥିଲା । ପରେ ପିଆରବଣ୍ଡରେ ଛାଡି ଦିଆଯାଇଥିଲା । କୋକସରା ସବଇନ୍ସପେକ୍ଟର ଆନ୍ନା ମି, ମୋଟେର ଫାଣ୍ଡି ଅଧିକାରୀ ଶେଖର ଜେନା, ଏଏସଆଇ ସୁରେନ୍ଦ୍ର ମୋହନ ସିଂ ପ୍ରମୁଖ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଗଳା ପ୍ରତି ଦୃଷ୍ଟି ଦେଇଥିଲେ ।

# ଧର୍ମଗଡ଼ ପ୍ରାଥମିକ ଶିକ୍ଷକ ସଂଘର ଶପଥପାଠ ଉତ୍ସବ

ଧର୍ମଗଡ,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ଶପଥପାଠ ଉତ୍ସବ ଛିଲିପା ପମ୍ପ ହାଉସ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ମନୋଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ଲବଣୀ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଧର୍ମଗଡ ବିଇଓ କିଶୋର କୁମାର ଖମାରୀ, ଏବିଇଓ ନବ କିଶୋର ସାହୁ, ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧିରେନ୍ଦ୍ର ପଟ୍ଟନାୟକ, ଉପଦେଷ୍ଟା କବିରାଜ ଦୁର୍ଗା, ଉପସଭାପତି ପ୍ରମୋଦ ବିଶି, ସହ ସମ୍ପାଦକ ପ୍ରେମଚାନ୍ଦ ମହାପାତ୍ର, ହୃଷୀକେଶ ବାଗ, ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଶିକ୍ଷାର ବିକାଶ ଦିଗରେ କିଭଳି ଭାବେ ଏହି ସଂଘ କାମ କରିବ ଏବଂ ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ କିଭଳି ସୁସମ୍ପର୍କ ସ୍ଥାପନ କରାଯାଇ ପାରିବ ସେ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ସମୟରେ ଶିକ୍ଷକମାନେ ସରକାରଙ୍କ ଦ୍ୱାରା ଅବହେଳିତ ହେଉଥିବା ବେଳେ ତା'ର ସମାଧାନ ପାଇଁ ମଧ୍ୟ ଏହି ସଂଘ ଚେଷ୍ଟା କରିବ ବୋଲି ମତ ପାଇଥିଲା । ସଙ୍ଗଠନ ସମ୍ପାଦକ ଅଚ୍ୟୁତାନନ୍ଦ ନାଏକ ଧନ୍ୟବାଦ ଦେଇଥିଲେ।




ଶପଥପାଠ ଉତ୍ସବରେ ମଞ୍ଚାସୀନ ଅତିଥି ।

# ବିଭିନ୍ନ ସ୍ଥାନରେ ପଞ୍ଚାୟତିରାଜ ଦିବସ ପାଳିତ

ଲାଞ୍ଜିଗଡ଼,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ବ୍ଲକର ନୂତନ ବିଡିଓ ମୁନୀନ୍ଦ୍ର ହୋନ୍ନାଗାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏବିଡିଓ ବିଭୁତିଭୂଷଣ ଶତପଥୀ, ପୂର୍ବତନ ବ୍ଲକ ଅଧକ୍ଷ ମନୋହର ହରପାଲ, ପୂର୍ବତନ ବ୍ଲକ ଉପାଧକ୍ଷ ଜଗଦୀଶ ବେନିଆଁ, ବିପିଏମ୍ ଜଳନ୍ଧର ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପିଏମ୍‌ଏୱାଇ ଇନ୍‌ଚାର୍ଜ ରାଜେଶ ମହାରଣା ସଭା ପରିଚାଳନା କରିଥିଲେ ।

**କୋକସରା,(ଡି.ଏନ.ଏ.)**
କୋକସରା ବ୍ଲକଠାରେ ମଙ୍ଗଳବାର ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ଶବ୍ୟାରାଣୀ ବାଗ ମୁଖ୍ୟଅତିଥି, କୋକସରା ବିଡିଓ ବସନ୍ତ କୁମାର ସେଠି, ହିସାବ ରକ୍ଷକ ଅଧିକାରୀ ଅଶୋକ ମାଝି ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ଆଦର୍ଶ ଓ ପଞ୍ଚାୟତିରାଜ ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନାକୁ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ କରିଥିଲେ । ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡି କର୍ମୀ, ବିଜୁ ଯୁବ ବାହିନୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଘୁମୁରା, ବନାବାଡି ଭଳି ଲୋକଗୀତ ପରିବେଷଣ କରାଯାଇଥିଲା ।



ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରଠାରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସରେ ମଞ୍ଚାସୀନ ଅତିଥି।

**ସେରଗଡ଼,୫।୩(ଡି.ଏନ.ଏ.)**
ନର୍ଲାଠାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜୁ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ମ.ରାମପୁର ଜିଲା ପରିଷଦ ସଦସ୍ୟ ତଥା ବିଜେଡି ଜିଲା ଉପସଭାପତି ପୁଷ୍ପେନ୍ଦ୍ର ସିଂଦେଓ (ପୁଷ୍ପୁ ବାବୁ)ଙ୍କ ଅଧ୍ୟକ୍ଷତାରେ ନର୍ଲା ବଜାର ପଡିଆ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ଉପାଧ୍ୟକ୍ଷ କୀର୍ତ୍ତନ ସାହୁ, ପୂର୍ବତନ ନର୍ଲା ବ୍ଲକ ଅଧ୍ୟକ୍ଷ ନୀଳମଣୀ ସାହୁ, ନର୍ଲା ବ୍ଲକ ସଭାପତି ମନମୋହନ ନାଏକ, ଆଦିବାସୀ ନେତା ରାଜ ମାଝି, ଶାନ୍ତପୁର ସରପଞ୍ଚ ଟିକେଶ୍ୱର ସାହୁ, ଜୟକୁମାର ସିଂଦେଓ, କର୍ଲାମୁଣ୍ଡା ମହିଳା ସଭାନେତ୍ରୀ ସୁଷମା ସାହୁ, ଦୀପା ବାଗ, ପ୍ରମିଳା ପଧାନ ପ୍ରମୁଖ ମଞ୍ଚାସୀନ ରହି ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ବିଜେଡିର ସପନ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

## ବିଚାର ପ୍ରଚାର ସମାବେଶ

ରିଷିଡା,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୌରକେଲାଠାରେ କଳାହାଣ୍ଡି ଗୌଣ୍ଡୱାନା ମହାସଭାର ବିଚାର ପ୍ରଚାର ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହିଳାଙ୍କ ପକ୍ଷରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମହାସଭାରେ ବ୍ଲକ ସଭାପତି ଇନ୍ଦ୍ରମଣି କଅଁର ଅଧକ୍ଷତା କରିଥିବା ବେଳେ ଅଖିଳ ଭାରତୀୟ ଗୌଣ୍ଡୱାନା ଗୋଁଡ ସମାଜ ଉପଦେଷ୍ଟା ସଦାଶିବ ନାଏକ ମୁଖ୍ୟଅତିଥି, ବଲାଙ୍ଗୀରର ହାଡୁ ପୁଟା, ମକରନ୍ଦ ଭୋଇ, ଘାସିରାମ କଏଁଡା, ସଇଁନ୍ତଳା ବ୍ଲକ ସଭାପତି ଡମ୍ବରୁଧର ପାତ୍ର, ମ.ରାମପୁର ବ୍ଲକର ଉପେନ୍ଦ୍ର କୁମୁରା, କଳାହାଣ୍ଡି ଆଦିବାସୀ ସଂଘ ସଭାପତି ପ୍ରକାଶ ମାଝି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିବା ବେଳେ କର୍ଲାମୁଣ୍ଡା ବ୍ଲକ ସମ୍ପାଦକ ସହଦେବ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ସୁରେନ୍ଦ୍ର ମାଝି ଧନ୍ୟବାଦ ପ୍ରଦାନ କରିଥିଲେ ।

# ନୂତନ ପାହାଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା

ମଣ୍ଡଳ,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ ନୂତନ ପାହାଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ଏବଂ ରତ୍ନମୋଦ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମର ମହିଳାମାନେ ଭାଗ ନେଇ ଜଳପୂର୍ଣ୍ଣ କଳସକୁ ପାହାଡେଶ୍ୱର ଶିବ ମନ୍ଦିରରେ ସ୍ଥାପନ କରିଥିଲେ। ମନ୍ଦିରରେ ରୀତିନୀତି ଅନୁସାରେ ହୋମଯଜ୍ଞ ଏବଂ ପୂଜା ଆୟୋଜନ ହୋଇଛି । ଶନିବାର ଅଧିବାସ, ରବିବାର ଶିବ ମନ୍ଦିର ରତ୍ନମୋଦ ପ୍ରତିଷ୍ଠା ଏବଂ ସୋମବାର ଶିବରାତ୍ରରେ ଅଷ୍ଟପ୍ରହର ନାମ ସଂକିର୍ତ୍ତନ ଅନୁଷ୍ଠିତ ହୋଇଛି । ଏଠାରେ ମନ୍ଦିର ନ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ଲାଗି ରହିଥିଲା । ଖଣ୍ଡିଡଙ୍ଗରିଗୁଡା ପାହାଡେଶ୍ୱର ଶିବ ମନ୍ଦିର ନିର୍ମାଣ ନିମନ୍ତେ ଆମଗାଁ ଆମ ବିକାଶ ଯୋଜନାରୁ ୮ଲକ୍ଷ ଟଙ୍କା ଅନୁଦାନ ରାଶି ମିଳିବାରୁ ମନ୍ଦିର ନିର୍ମାଣ ହୋଇପାରିଛି ବୋଲି ଗ୍ରାମବାସୀ କରିଛନ୍ତି । ଏହି ଅବସରରେ ରବିବାର ରତ୍ନମୋଦ ଏବଂ ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଭାବରେ ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ କଲମପୁର ବ୍ଲକ ବିଧାୟକ ପ୍ରତିନିଧି ପ୍ରଦୀପ କୁମାର ବେହେରା ଏବଂ ଅନ୍ୟାନ୍ୟ ଅତିଥିମାନେ ଯୋଗଦେଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ପ୍ରହଲ୍ଲାଦ ଠାକୁର ପୂଜା କାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବେ ଚକେତନ ମାଝି ଏବଂ କୁନ୍ଦେଶ୍ୱରୀ ମାଝି କର୍ତ୍ତା ଦାୟିତ୍ୱ ତୋଲାଇଥିଲେ। ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତେ ସହଯୋଗ କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୂତି ଏବଂ ଦହିହାଣ୍ଡି ଭଗ୍ନ କାର୍ଯ୍ୟକ୍ରମ ରହିଛି ।



କଲମପୁର ବ୍ଲକ ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ ନିର୍ମିତ ନୂତନ ପାହାଡେଶ୍ୱର ଶିବ ମନ୍ଦିର ।

# ବଗାଡରେ ବହୁମୁଖୀ ସୁବିଧା ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ

କେସିଙ୍ଗା,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ୱାର୍ଡ ନଂ. ୨ ବଗାଡଠାରେ ବହୁମୁଖୀ ସୁବିଧା ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କେସିଙ୍ଗା ଏନଏସିର ୱାର୍ଡ ନଂ. ୨ରେ ବହୁଦିନରୁ ୧ ଓ ୨ ନମ୍ବରର ୱାର୍ଡବାସୀ ସଦର ବିଧାୟକ ଅନାମ ନାଏକଙ୍କଠାରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ବହୁବାର ଆବେଦନ କରିଥିଲେ । ଏ ସମ୍ପର୍କରେ ବିଧାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ବଗାଡରେ ବହୁମୁଖୀ ସୁବିଧା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଦାବି ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ୱାର୍ଡବାସୀଙ୍କ ସୁବିଧା ଦୃଷ୍ଟିରୁ ସ୍ପେସିଆଲ ଫଣ୍ଡରୁ ୬୨ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ମଙ୍ଗଳବାର ସଦର ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ବହୁମୁଖୀ ସୁବିଧା ଗୋଷ୍ଠୀ କେନ୍ଦ୍ର ନିର୍ମାଣ ହେଲେ ୱାର୍ଡ ତଥା ସହରବାସୀ ବିବାହ କାର୍ଯ୍ୟ, ସଭା ସମିତି ପ୍ରଭୃତି ସାମାଜିକ କାର୍ଯ୍ୟରେ ବିନିଯୋଗ ହୋଇପାରିବ। ଏହି ଗୋଷ୍ଠୀ କେନ୍ଦ୍ର ୬୨ ଲକ୍ଷରୁ ଦେଢ଼ କୋଟି ଟଙ୍କାକୁ ବୃଦ୍ଧି ମଧ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ଏହି ଉତ୍ସବରେ ସଦର ବିଧାୟକଙ୍କ ସମେତ ବିଧାୟକଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ସାହୁ, ପୂର୍ବତନ ନଗରପାଳ ରାମଜି ମାତଖଣ୍ଡିଆ, ରମାକାନ୍ତ ଗଉଡ, ପୂର୍ବତନ କାଉନସିଲର ନୃପରାଜ ଯାଦବ, ରଞ୍ଜନ କୁମାର ବେହେରା, ଚନ୍ଦ୍ରକାନ୍ତ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ବହୁମୁଖୀ ସୁବିଧା ଗୋଷ୍ଠୀ କେନ୍ଦ୍ର ମଞ୍ଜୁର ହୋଇଥିବାରୁ ସହର ତଥା ୱାର୍ଡବାସୀ ବିଧାୟକଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ମଧ ପାଳନ କରାଯାଇଥିଲା ।

## ଆଜି ପାଣି ପଞ୍ଚାୟତ ନିର୍ବାଚନ

ରିଷିଡା,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଉତ୍ତେଇ ଜଳ ସେଚନ ପ୍ରକଳ୍ପ ମ.ରାମପୁରର ପାଣି ପଞ୍ଚାୟତର ନିର୍ବାଚନ ଆସନ୍ତା ୬ ତାରିଖରେ ଆରମ୍ଭ ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ନିର୍ବାଚନରେ ମତଦାନ ସକାଳ ୮ଟା ଆରମ୍ଭ ହୋଇ ସନ୍ଧ୍ୟା ୫ଟାରେ ଶେଷ ହେବ। ଅପରାହ୍ନ ୨ଟା ୩୦ ମିନିଟରୁ ୪ଟା ଗଣତି ଓ ବିଜୟୀ ଘୋଷଣା, ଅପରାହ୍ନ ୪ଟାରୁ ୫ଟା ଭୋଟ କାଗଜ ସିଲ ହେବ ।

ନାନ୍ଦୋଲରେ ବିଜୁ ଜୟନ୍ତୀ ଉପଲକ୍ଷେ ମହିଳା ସମାବେଶ

# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମର ଶୁଭାରମ୍ଭ

ଜୁନାଗଡ,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ନାନ୍ଦୋଲରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ ବିଜୁ ମହିଳା ଜନତା ଦଳ ପକ୍ଷରୁ ମଙ୍ଗଳବାର ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ସେହିପରି ବିଜୁ ଜନତା ଦଳ ପକ୍ଷରୁ ସେଠାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ପୂର୍ବରୁ ଅତିଥିମାନେ ବିଜୁବାବୁଙ୍କ ଫଟୋଚିତ୍ରରେ ଫୁଲମାଲ୍ୟାର୍ପଣ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ବିଜେଡି ଜିଲା ସଭାନେତ୍ରୀ କଲ୍ୟାଣୀ ନାଏକଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା ବିକାଶ ସମବାୟ ନିଗମ ଅଧକ୍ଷ ତଥା ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରୀମୟୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ଏନ୍‌ଏସି ଅଧକ୍ଷ ମହେଶ କୁମାର ସାହୁ, ଜୁନାଗଡ ବ୍ଲକ ସଭାନେତ୍ରୀ ମନିଷା ସାହୁ, ନାନ୍ଦୋଲ ପଞ୍ଚାୟତ ସଭାନେତ୍ରୀ ପଦ୍ମା ସାହୁ ପ୍ରମୁଖ ଯୋଗଦେଇଥିଲେ। ତୃଣମୂଳସ୍ତରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ତଥା ପ୍ରତ୍ୟେକଙ୍କ ଘରେ ଶଙ୍ଖ କିପରି ବିକାଶର ବାର୍ତ୍ତା ପହଞ୍ଚିବ ତାହା ଉପରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦିଆଯାଇଥିଲା। ସେହିପରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ସ୍ୱାଭିମାନ ସହିତ ବଞ୍ଚିବାର ରାହା ଦେଇଥିବାରୁ ଆଗାମୀ ଦିନରେ ମହିଳା ସଶକ୍ତିକରଣକୁ କିପରି ସଦୃଢ କରାଯାଇ ପାରିବ ସେ ନେଇ ମହିଳା ସମାବେଶରେ ଗୁରୁତ୍ୱାରୋପ କରାଯାଇଥିଲା।



ନାନ୍ଦୋଲଠାରେ ଅନୁଷ୍ଠିତ ସମାବେଶରେ ଯୋଗଦେଇଥିବା ମହିଳାମାନେ ।

ଲାଞ୍ଜିଗଡ଼ରୋଡ଼ରେ କଂଗ୍ରେସର ପ୍ରତିବାଦ ସଭା

# ଏଥର ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବ: କାୱାସି ଲକ୍ଷ୍ମା

ଲାଞ୍ଜିଗଡ,୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରୋଡ଼ଠାରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ରାଜ୍ୟ ଓ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁ କରିବାରେ ଅବହେଳା କରିବା ବିରୋଧରେ ପ୍ରତିବାଦ ସଭା କରାଯାଇଛି। ଏଥିରେ ଅଞ୍ଚଳର ହଜାର ହଜାର ଆଦିବାସୀ, ପଛୁଆବର୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଛତିଶଗଡ଼ ରାଜ୍ୟ ଶିଳ୍ପ ଓ ଅବକାରୀ ମନ୍ତ୍ରୀ କାୱାସି ଲକ୍ଷ୍ମା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ବର୍ଷିଥିଲେ। କେନ୍ଦ୍ରରେ କଂଗ୍ରେସ ସରକାର ଥିବା ବେଳେ ୨୦୦୮ରେ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। କାର୍ଯ୍ୟକାରୀ ହେବାର ୧୧ବର୍ଷ ପରେ ମଧ ସମସ୍ତ ଜମି ବ୍ୟବହାରକାରୀଙ୍କୁ ଜମିପଟ୍ଟା ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ। ଯେଉଁମାନଙ୍କୁ ପଟ୍ଟା ମିଳିଛି ତାହା ନ ମିଳିବା ସଙ୍ଗେ ସମାନ ବୋଲି ସେ କହିଥିଲେ। କାଁଭାଁ କିଛି ଆଦିବାସୀଙ୍କୁ ଛାଡିଦେଲେ ଅନେକଙ୍କୁ ଆଜିଯାଏଁ ଜମିପଟ୍ଟା ମିଳିପାରିନାହିଁ । ଏହି ଆଇନ ବଳରେ ଛତିଶଗଡ କଂଗ୍ରେସ ସରକାର ଟାଟା କାରଖାନା ପାଇଁ ଅଧିକୃତ ଜମିକୁ ଆଦିବାସୀମାନଙ୍କୁ ଫେରାଇ ଦେଇଛି। କଂଗ୍ରେସ ସଦାସର୍ବଦା ଆଦିବାସୀ ଓ ଜଙ୍ଗଲରେ ରହୁଥିବା ବନବାସୀଙ୍କ ସ୍ୱାର୍ଥ ପାଇଁ ଜାଗ୍ରତ ପ୍ରହରୀ ଭଳି କାମ କରି ଆସିଛି ବୋଲି ଛତିଶଗଡ଼ ଶିଳ୍ପ ଓ ଅବକାରୀ ମନ୍ତ୍ରୀ ଲକ୍ଷ୍ମା କହିଛନ୍ତି । ଗତ ୨୦ ବର୍ଷର ଶାସନ କାଳରେ ରାଜ୍ୟର ବିଜେଡି ସରକାର ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ଅବହେଳା କରି ଆସୁଛି । ଲୋକେ ଏହାର ଜବାବ ଆସନ୍ତା ନିର୍ବାଚନରେ ଦେବେ। ରାଜ୍ୟରେ ଏଥର କଂଗ୍ରେସ ହିଁ ସରକାର ଗଢିବ ବୋଲି ଲକ୍ଷ୍ମା ଦୃଢୋକ୍ତି କରିଥିଲେ। ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳ ଲୋକଙ୍କୁ ବାରମ୍ବାର ଅବହେଳା କରୁଛନ୍ତି ବୋଲି ଦାସ କହିଛନ୍ତି। ରାଜ୍ୟ ସରକାର କାଳିଆ ଭଳି ଯୋଜନାକୁ ଏକ ମାସରେ କାର୍ଯ୍ୟକାରୀ କରୁଥିବା ବେଳେ ଜଙ୍ଗଲ ଅଧିକାର ଆଇନ କ୍ଷେତ୍ରରେ ୧୧ ବର୍ଷ ହେଲା ଜମିପଟ୍ଟା ପ୍ରଦାନ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ଲାଞ୍ଜିଗଡ, ନର୍ଲା, ମ. ରାମପୁର, କର୍ଲାମୁଣ୍ଡା ଆଦି ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ମହିଳାପୁରୁଷ ଯୋଗଦେଇଥିଲେ। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ କଂଗ୍ରେସ ନେତା ମନୋଜ ରାଉତ ପରିଚାଳନା କରିଥିଲେ। ସଭାରେ କଂଗ୍ରେସର ପୂର୍ବତନ ବିଧାୟକ ଶିବାଜୀ ମାଝି, କନ୍ଧମାଳ ପୂର୍ବତନ ଏମ୍‌ପି ନକୁଳ ନାଏକ, ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢୀ, ଲାଞ୍ଜିଗଡ ବ୍ଲକ କଂଗ୍ରେସ ପ୍ରଭାରୀ ଦେବୀଦେବ ଶର୍ମା, ଆଦିବାସୀ ନେତା ପ୍ରକାଶ ମାଝି, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ରାଉତ, ଚିତ୍ତରଞ୍ଜନ ମଣ୍ଡଳ, ଲାଞ୍ଜିଗଡ ସମିତିସଭ୍ୟ ପ୍ରଦୀପ ମାଝି, ଲାଞ୍ଜିଗଡରୋଡ ସମିତିସଭ୍ୟ କନୌଜ ରାଉତ, ବିଭୂତିଭୂଷଣ ମହାକୁଡ, କୁମୁଟି ମାଝି, ହରିହର କୁମାର, ପୂର୍ଣ୍ଣଚନ୍ଦ୍ର ଗଉଡ ପ୍ରମୁଖ ଯୋଗଦେଇଥିଲେ। ଲାଞ୍ଜିଗଡ ବ୍ଲକ କଂଗ୍ରେସ କମିଟି ସଭାପତି ପୁରୁଷୋତ୍ତମ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।



ଲାଞ୍ଜିଗଡ଼ରୋଡ଼ରେ କଂଗ୍ରେସର ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।



ବରଂ ଜନ୍ମ ନ ହେବା ଭଲ, କିନ୍ତୁ ଜନ୍ମ ହୋଇ ଅଜ୍ଞତା ଭିତରେ ବୁଡ଼ି ରହିବାଟା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- ପ୍ଲାଟୋ

## ସଂକ୍ଷେପରେ

### ରାଜ୍ୟ କଂଗ୍ରେସ ଆଇନ ସେଲ୍ ରାଜ୍ୟ ସମ୍ମିଳନୀ ସ୍ଥଗିତ

କଟକ ଅଫିସ,୫।୩: ରାଜ୍ୟ କଂଗ୍ରେସ ଆଇନ ସେଲ୍‌ର ଆସନ୍ତା ୮ତାରିଖରେ ଶାରଳା ଭବନଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମ୍ମିଳନୀକୁ ସାମୟିକଭାବେ ସ୍ଥଗିତ ରଖାଯାଇଛି। ରାହୁଲ ଗାନ୍ଧୀଙ୍କ ଓଡ଼ିଶାକୁ ନିର୍ବାଚନ ଗସ୍ତ ଥିବାରୁ ଏହି ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି ବୋଲି ରାଜ୍ୟ କଂଗ୍ରେସ ଆଇନ ସେଲ୍‌ର ସଂଯୋଜକ ଆଇନଜୀବୀ ବିଭୁ ପ୍ରସନ୍ନ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ବାଲେଶ୍ୱର ଏମ୍‌ପି ମିଥ୍ୟା ପ୍ରଚାର କରୁଛନ୍ତି: ଭାଜପା

ଭୁବନେଶ୍ୱର,୫।୩ (ବ୍ୟୁରୋ) ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଚିଟ୍‌ଫଣ୍ଡ ଠକେଇରେ ସମ୍ପୃକ୍ତ ଥାଇ ବେଲ୍‌ରେ ଅଛନ୍ତି। କିନ୍ତୁ ଏବେ ବାଲେଶ୍ୱର ଜିଲାରେ ସବୁଠି ବଡବଡ ହୋର୍ଡିଂ ଲଗାଇ ନିଜକୁ ଶ୍ରେଷ୍ଠ ଏମ୍‌ପି କହିବା ସଙ୍ଗେସଙ୍ଗେ ବହୁତ ଗୁଡିଏ ପ୍ରକଳ୍ପର କୃତିତ୍ୱ ନିଜ ନାମରେ ନେବାର ମିଥ୍ୟା ପ୍ରଚାର କରି ବାଲେଶ୍ୱରବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ବାଲେଶ୍ୱର ଜିଲାର ଗଣମାଧ୍ୟମ ପ୍ରତିନିଧିଙ୍କୁ ଡରାଇ ଧମକାଇ ସତ ଲୁଚାଇବା ଏବଂ ନିଜର ଆତ୍ମପ୍ରଚାର କରିବା ପାଇଁ ଏମ୍‌ପି ଲାଗିପଡିଛନ୍ତି। ସି-ଶୋର୍ ଗ୍ରୁପ୍‌ର ୧୮ କୋଟି ଟଙ୍କାର ଠକେଇ ଅଭିଯୋଗରେ ଜାନୁୟାରୀ ୧୫, ୨୦୧୫ରେ ସିବିଆଇ ତାଙ୍କୁ ୬ଘଣ୍ଟା ଜେରା କରିଥିଲା। ତାଙ୍କ ଘରକୁ ମଧ ଜାନୁୟାରୀ ୧୨, ୨୦୧୭ରେ ରେଡ୍ କରାଯାଇଥିଲା। ସେତେବେଳେ ସେ ଗିରଫ ଭୟରେ ଆତ୍ମଗୋପନ ହୋଇଯାଇଥିଲେ। ଜିଲା ପରିଷଦ ନିର୍ବାଚନରେ ତାଙ୍କୁ ବାଲେଶ୍ୱରବାସୀ ଦେଖିବାକୁ ପାଇ ନ ଥିଲେ। ଏବେ ଓଡିଶାର ସବୁଠୁ ଧନୀ ଏମ୍‌ପି ଭାବେ ପରିଚିତ। ସେ ରାତାରାତି ଧନୀ କିପରି ହେଲେ ଓ ତାହାର ସୂତ୍ର ଓଡିଶାବାସୀଙ୍କୁ ଅବଗତ କରାନ୍ତୁ ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

ଜମନକିରା, ୫।୩ (ଡି.ଏନ୍.ଏ.) ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ୫୩ ନଂ. ରାସ୍ତାର ଷଣ୍ଢପଥର ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କଟଙ୍ଗପାଣି ପଞ୍ଚାୟତ ଜାମଖୁଲିଆ ଗାଁର ଦେବେନ୍ଦ୍ର ପଟେଲ (୫୮)ଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ପ୍ରଥମେ ଜମନକିରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି।

■ଲାଞ୍ଜିଗଡ଼ରୋଡ଼ରେ କଂଗ୍ରେସର ପ୍ରତିବାଦ ସଭା

# ଏଥର ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବ: କାୱାସି ଲକ୍ଷ୍ମା

ଲାଞ୍ଜିଗଡ,୫।୩(ଡି.ଏନ.ଏ.)



ଲାଞ୍ଜିଗଡ଼ରୋଡ଼ରେ କଂଗ୍ରେସର ପ୍ରତିବାଦ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ରୋଡ଼ଠାରେ କଂଗ୍ରେସ ପକ୍ଷରୁ ମଙ୍ଗଳବାର ରାଜ୍ୟ ଓ କେନ୍ଦ୍ର ସରକାର ଜଙ୍ଗଲ ଅଧିକାର ଆଇନ ୨୦୦୬ ଲାଗୁ କରିବାରେ ଅବହେଳା କରିବା ବିରୋଧରେ ପ୍ରତିବାଦ ସଭା କରାଯାଇଛି। ଏଥିରେ ଅଞ୍ଚଳର ହଜାର ହଜାର ଆଦିବାସୀ, ପଛୁଆବର୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଛତିଶଗଡ଼ ରାଜ୍ୟ ଶିଳ୍ପ ଓ ଅବକାରୀ ମନ୍ତ୍ରୀ କାୱାସି ଲକ୍ଷ୍ମା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ବର୍ଷିଥିଲେ। କେନ୍ଦ୍ରରେ କଂଗ୍ରେସ ସରକାର ଥିବା ବେଳେ ୨୦୦୮ରେ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲା। କାର୍ଯ୍ୟକାରୀ ହେବାର ୧୧ବର୍ଷ ପରେ ମଧ ସମସ୍ତ ଜମି ବ୍ୟବହାରକାରୀଙ୍କୁ ଜମିପଟ୍ଟା ନ ମିଳିବା ଅତ୍ୟନ୍ତ ଦୁଃଖଦାୟକ। ଯେଉଁମାନଙ୍କୁ ପଟ୍ଟା ମିଳିଛି ତାହା ନ ମିଳିବା ସଙ୍ଗେ ସମାନ ବୋଲି ସେ କହିଥିଲେ। କାଁଭାଁ କିଛି ଆଦିବାସୀଙ୍କୁ ଛାଡିଦେଲେ ଅନେକଙ୍କୁ ଆଜିଯାଏଁ ଜମିପଟ୍ଟା ମିଳିପାରିନାହିଁ । ଏହି ଆଇନ ବଳରେ ଛତିଶଗଡ କଂଗ୍ରେସ ସରକାର ଟାଟା କାରଖାନା ପାଇଁ ଅଧିକୃତ ଜମିକୁ ଆଦିବାସୀମାନଙ୍କୁ ଫେରାଇ ଦେଇଛି। କଂଗ୍ରେସ ସଦାସର୍ବଦା ଆଦିବାସୀ ଓ ଜଙ୍ଗଲରେ ରହୁଥିବା ବନବାସୀଙ୍କ ସ୍ୱାର୍ଥ ପାଇଁ ଜାଗ୍ରତ ପ୍ରହରୀ ଭଳି କାମ କରି ଆସିଛି ବୋଲି ଛତିଶଗଡ଼ ଶିଳ୍ପ ଓ ଅବକାରୀ ମନ୍ତ୍ରୀ ଲକ୍ଷ୍ମା କହିଛନ୍ତି । ଗତ ୨୦ ବର୍ଷର ଶାସନ କାଳରେ ରାଜ୍ୟର ବିଜେଡି ସରକାର ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କୁ ଅବହେଳା କରି ଆସୁଛି । ଲୋକେ ଏହାର ଜବାବ ଆସନ୍ତା ନିର୍ବାଚନରେ ଦେବେ। ରାଜ୍ୟରେ ଏଥର କଂଗ୍ରେସ ହିଁ ସରକାର ଗଢିବ ବୋଲି ଲକ୍ଷ୍ମା ଦୃଢୋକ୍ତି କରିଥିଲେ। ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳ ଲୋକଙ୍କୁ ବାରମ୍ବାର ଅବହେଳା କରୁଛନ୍ତି ବୋଲି ଦାସ କହିଛନ୍ତି। ରାଜ୍ୟ ସରକାର କାଳିଆ ଭଳି ଯୋଜନାକୁ ଏକ ମାସରେ କାର୍ଯ୍ୟକାରୀ କରୁଥିବା ବେଳେ ଜଙ୍ଗଲ ଅଧିକାର ଆଇନ କ୍ଷେତ୍ରରେ ୧୧ ବର୍ଷ ହେଲା ଜମିପଟ୍ଟା ପ୍ରଦାନ କାହିଁକି କରୁନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। କଳାହାଣ୍ଡି ଜିଲା କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ଲାଞ୍ଜିଗଡ, ନର୍ଲା, ମ. ରାମପୁର, କର୍ଲାମୁଣ୍ଡା ଆଦି ଅଞ୍ଚଳରୁ ହଜାର ହଜାର ସଂଖ୍ୟାରେ ମହିଳାପୁରୁଷ ଯୋଗଦେଇଥିଲେ। ଜିଲା କଂଗ୍ରେସ ସଭାପତି ଭାରତ ଭୂଷଣ ବେମାଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ କଂଗ୍ରେସ ନେତା ମନୋଜ ରାଉତ ପରିଚାଳନା କରିଥିଲେ। ସଭାରେ କଂଗ୍ରେସର ପୂର୍ବତନ ବିଧାୟକ ଶିବାଜୀ ମାଝି, କନ୍ଧମାଳ ପୂର୍ବତନ ଏମ୍‌ପି ନକୁଳ ନାଏକ, ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପାଢୀ, ଲାଞ୍ଜିଗଡ ବ୍ଲକ କଂଗ୍ରେସ ପ୍ରଭାରୀ ଦେବୀଦେବ ଶର୍ମା, ଆଦିବାସୀ ନେତା ପ୍ରକାଶ ମାଝି, ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ରାଉତ, ଚିତ୍ତରଞ୍ଜନ ମଣ୍ଡଳ, ଲାଞ୍ଜିଗଡ ସମିତିସଭ୍ୟ ପ୍ରଦୀପ ମାଝି, ଲାଞ୍ଜିଗଡରୋଡ ସମିତିସଭ୍ୟ କନୌଜ ରାଉତ, ବିଭୂତିଭୂଷଣ ମହାକୁଡ, କୁମୁଟି ମାଝି, ହରିହର କୁମାର, ପୂର୍ଣ୍ଣଚନ୍ଦ୍ର ଗଉଡ ପ୍ରମୁଖ ଯୋଗଦେଇଥିଲେ। ଲାଞ୍ଜିଗଡ ବ୍ଲକ କଂଗ୍ରେସ କମିଟି ସଭାପତି ପୁରୁଷୋତ୍ତମ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ରମାଦେବୀ ନର୍ସିଂ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

■ ସୁଇସାଇଡ୍ ନୋଟ ଜବତ

ପଟ୍ଟାମୁଣ୍ଡାଇ, ୫।୩ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଥିବା ରମାଦେବୀ ନର୍ସିଂ କଲେଜର ପ୍ରଥମ ବାର୍ଷିକ ଛାତ୍ରୀ ସରୋଜିନୀ ଦାସ(୧୭)ଙ୍କ ମୃତଦେହ ସ୍ଥାନୀୟ ବେଲତଳ ଗ୍ରାମର ଏକ ଭଡ଼ାଘରୁ ସୋମବାର ବିଳମ୍ବିତ ରାତିରେ ପୋଲିସ ଉଦ୍ଧାର କରିଛି । ସେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିବା ବେଳେ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି । ଯେଉଁଥିରେ ସଂପୃକ୍ତ ଛାତ୍ରୀ ତାଙ୍କ ମୃତ୍ୟୁ ପାଇଁ କାହାରିକୁ ଦାୟୀ କରି ନ ଥିବା ବେଳେ ମୋତେ କେହି ଦୋଷ ଦେବ ନାହିଁ କହି ସମସ୍ତଙ୍କୁ କ୍ଷମା ମାଗିଥିବା ପୋଲିସ ସୂତ୍ରରୁ ଜଣାପଡିଛି। ପ୍ରେମ ବ୍ୟାପାରକୁ ନେଇ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା କୁହାଯାଉଛି।

ପ୍ରକାଶ ଯେ, ସରୋଜିନୀଙ୍କ ଘର ଯାଜପୁର ଜିଲା ଇଚ୍ଛାପଡା ଗ୍ରାମରେ। ସେ ପୌରାଞ୍ଚଳର ୧୯ ନଂ ୱାର୍ଡ ବେଲତଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଭଡାରେ ରହି ରମାଦେବୀ ନର୍ସିଂ କଲେଜରେ ଅଧ୍ୟୟନ କରୁଥିଲେ। ଉକ୍ତ ଭଡାଘରେ ତାଙ୍କ ସହିତ ତାଙ୍କର ଜଣେ ସମ୍ପର୍କୀୟା ନର୍ସ ରହୁଥିଲେ। ତେବେ ସୋମବାର ରାତିରେ ସମ୍ପର୍କୀୟା ଅନୁପସ୍ଥିତ ରହିଥିବା ବେଳେ ସରୋଜିନୀ ବେକରେ ଓଢଣି ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଘର ମାଲିକଙ୍କର ସନ୍ଦେହ ହେବାରୁ ସେ ପଟ୍ଟାମୁଣ୍ଡାଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ସରୋଜିନୀଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଆସି ଘଟଣାର ତଦନ୍ତ କରି ଫେରି ଯାଇଛନ୍ତି। ଏ ସଂପର୍କରେ ନର୍ସିଂ କଲେଜ କର୍ତ୍ତୃପକ୍ଷଙ୍କ ମତାମତ ମିଳି ପାରିନାହିଁ। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ଏ ନେଇ ପଟ୍ଟାମୁଣ୍ଡାଇ ଥାନାରେ ୩/୨୦୧୯ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟେକିଲେ ଦୂବ କରେ ଦାରୁ**
**ଟାଣପଣକୁ ଭାଙ୍ଗେ ମେରୁ ।**

ଈଶ୍ୱର ସର୍ବଶକ୍ତିମାନ୍। ତାଙ୍କରି ନିର୍ଦ୍ଦେଶରେ ସୂର୍ଯ୍ୟଚନ୍ଦ୍ର ଆତଯାତ। ତାଙ୍କ ବିନା ଇଚ୍ଛାରେ ଗଛରୁ ପତ୍ରଟିଏ ମଧ ଝଡ଼ିପାରି ନ ଥାଏ। ଈଶ୍ୱରଙ୍କ କୃପା ମିଳିଲେ ଦୂବ ଘାସଟି ମଧ ଦାରୁବୃକ୍ଷରେ ପରିଣତ ହୋଇଯାଏ। ଈଶ୍ୱର ସବୁ ସହିଯାନ୍ତି କିନ୍ତୁ କାହାରି ଗର୍ବ ଅହଂକାରକୁ ସହ୍ୟକରି ପାରି ନ ଥାନ୍ତି। ମଣିଷର ଦୃଢ଼ପଣ ଆଗରେ ସେ ମେରୁ ଭଳି ପ୍ରତୀୟମାନ ହୋଇଥାନ୍ତି। ମଣିଷର ସବୁ ଟାଣପଣ ତାଙ୍କ ଆଗେ ହାର ମାନୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟାଣ କରିଥାଏ ମାଇପ ଆଗେ**
**ଗୋଡ଼ ନ ପଡ଼ଇ ପାଇକ ଆଗେ**
**ଲାଲ ପାଗ ଦେଖି ଘରକୁ ଭାଗେ ।**

କିଛି ବ୍ୟକ୍ତି ନିଜ ପତ୍ନୀ ଉପରେ ଅଯଥା ଟାଣପଣ ଦେଖେଇ ହୁଅନ୍ତି, ବାହାଦୁରୀ ଦେଖାଇ ବଡ଼ ବଡ଼ କଥା କହନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୫।୩(ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି ଓ ରାୟଗଡ଼ାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଜପତି ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୭ ତାରିଖରେ ଉପକୂଳ ସମେତ କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟ ଜିଲାର କେତେକ ସ୍ଥାନରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୮ ତାରିଖରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଗତ କିଛିଦିନ ହେବ ରାଜ୍ୟରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେଉଛି। ଏଥିଯୋଗୁ ଦିନରେ ତାପମାତ୍ରା ହ୍ରାସ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ଗତ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଚାନ୍ଦବାଲିରେ ୯ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ କଟକରେ ୪, ଭୁବନେଶ୍ୱରରେ ୦.୨, ବାରିପଦାରେ ୧୦, କେନ୍ଦୁଝରରେ ୭ ଏବଂ ସୋନପୁରରେ ୧ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୩୬.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୩୬.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୭.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

■ ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲା

# ରିପୋର୍ଟ ଦାଖଲ କଲେ ଆମିକସ୍ କ୍ୟୁରି

■ ପକ୍ଷ ରଖିବା ଲାଗି ୪ ସପ୍ତାହ ସମୟ ଦେଲେ
■ ଏପ୍ରିଲ ୨ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୫।୩

ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ହୋଇଛି। ଆମିକସ୍ କ୍ୟୁରି ରଞ୍ଜିତ କୁମାର ସୁପ୍ରିମ୍‌କୋର୍ଟରେ ତାଙ୍କ ରିପୋର୍ଟ ଦାଖଲ କରିଛନ୍ତି। ୨୨ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ସେ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ, ପରିଚ୍ଛନ୍ନତା ଏବଂ ସେବକଙ୍କ ବଂଶାନୁକ୍ରମିକ ସେବା ଉପରେ ପ୍ରସ୍ତାବମାନ ଦେଇଛନ୍ତି। ସେପଟେ ଏହି ମାମଲାରେ ପକ୍ଷ ହେବା ଲାଗି ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହାକୁ କୋର୍ଟ ଗ୍ରହଣ କରିବା ସହ ସବୁପକ୍ଷଙ୍କୁ ସେମାନଙ୍କ ପକ୍ଷ ରଖିବା ଲାଗି ୪ ସପ୍ତାହ ସମୟ ଦେଇଛନ୍ତି। ଏପ୍ରିଲ ୨ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ସମୟ ଧାର୍ଯ୍ୟ ହୋଇଛି।

ଜଷ୍ଟିସ ଏ.କେ. ସିକ୍ରି, ଜଷ୍ଟିସ ଏସ୍. ଅବ୍‌ଦୁଲ ନଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଶୁଣାଣି କରିଥିଲେ। ଶୁଣାଣି ସମୟରେ ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଆମିକସ୍ କ୍ୟୁରି ଫେବୃୟାରୀ ୨୨ ଓ ୨୩ ଦୁଇଦିନ ଧରି ପୁରୀ ଗସ୍ତରେ ଆସିଥିଲେ। ସେ ଶ୍ରୀମନ୍ଦିର ପ୍ରଶାସନ, ଗଜପତି ମହାରାଜା, ପରିଚାଳନା କମିଟି ଏବଂ ସେବାୟତଙ୍କ ସହ ବୈଠକ କରି ସମସ୍ତଙ୍କ ମତ ସଂଗ୍ରହ କରିଥିଲେ। ସେ ତାଙ୍କ ରିପୋର୍ଟରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟ ମନ୍ଦିରକୁ ଦର୍ଶନ ପାଇଁ ଯିବାବେଳେ ପ୍ରଶସ୍ତ ସ୍ଥାନ ରହିଛି। କିନ୍ତୁ ଜଣେ ଭକ୍ତ ଏଠାରେ ପହଞ୍ଚିବା ପରେ କୌଣସି ସୁନିୟନ୍ତ୍ରିତ ବ୍ୟବସ୍ଥା ନାହିଁ। ବାହାରୁ ଯେମିତି ନିୟନ୍ତ୍ରିତ ଭାବେ ଭକ୍ତଙ୍କୁ ଛଡାଯାଉଛି ଭିତରେ ସେମିତି କିଛି ନାହିଁ। ତେଣୁ ତିରୁପତି ଏବଂ ବୈଷ୍ଣୋଦେବୀ ମନ୍ଦିରରେ ଯେଉଁଭଳି ଦର୍ଶନ ବ୍ୟବସ୍ଥା ରହିଛି ତାହା ଏଠାରେ ଲାଗୁ ହେବା ସପକ୍ଷରେ ମତ ରଖିଛନ୍ତି। କିନ୍ତୁ ଠାକୁରଙ୍କ ନୀତିକାନ୍ତିରେ ଯେପରି କୌଣସି ପ୍ରକାର ବିଘ୍ନ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ଆମିକସ୍ କ୍ୟୁରି ରିପୋର୍ଟରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ରୋଷଘରର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଆମିକସ୍ କ୍ୟୁରି। ଖୋଲା ଥିବା ଏକ ଛୋଟ ଚଉତରା ଉପରେ ରୋଷ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଆବର୍ଜନା ପକାଇବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସେହିପରି ମନ୍ଦିରର ପ୍ରମୁଖ ସ୍ଥାନରେ ହୁଣ୍ଡି ବସାଇବା ଲାଗି ରିପୋର୍ଟରେ ଦର୍ଶାଇଥିବା ବେଳେ ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦକୁ ବିରୋଧ କରିଛନ୍ତି। ବିଭିନ୍ନ ନିଯୋଗର ସେବାୟତମାନେ ଠାକୁରଙ୍କ ନୀତିକାନ୍ତି ସମ୍ପାଦନ ଲାଗି ବହୁ ଆବହମାନ କାଳରୁ ଅଧିକାର ପାଇଛନ୍ତି। ତେଣୁ ସେମାନଙ୍କୁ ଉଚ୍ଛେଦ କରାଯାଇ ପାରିବ ନାହିଁ। ସେବକମାନଙ୍କ ବଂଶାନୁକ୍ରମିକ ସେବାକୁ ପ୍ରଭାବିତ ନ କରି ସେମାନଙ୍କ ଜୀବନଯାପନ ପ୍ରଣାଳୀରେ ଉନ୍ନତି ଅଣାଯିବାର ଆବଶ୍ୟକତା ରହିଛି ବୋଲି ସେ ରିପୋର୍ଟରେ ଦର୍ଶାଇଛନ୍ତି।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ମାଲିକଙ୍କୁ ବଞ୍ଚାଇବାକୁ ଯାଇ ଜୀବନ ଦେଲା 'ଟାଇସନ୍'

ଭୁବନେଶ୍ୱର,୫।୩(ବ୍ୟୁରୋ)/ ଜଟଣୀ,(ଡି.ଏନ୍.ଏ.)



ଘର ବାହାରେ ପ୍ରାୟ ଅଧଘଣ୍ଟା ଧରି ଚାଲିଲା ସାପ ଓ କୁକୁର ମଧ୍ୟରେ ଲଢ଼େଇ। ହେଲେ ବିଶ୍ୱସ୍ତ କୁକୁର ନିଜ ମାଲିକକୁ ବଞ୍ଚାଇବାକୁ ଯାଇ ଶେଷରେ ଜୀବନ ଦେଇଦେଲା ପଛେ ସାପକୁ ଘର ମଧ୍ୟକୁ ପ୍ରବେଶ କରିବାକୁ ଦେଲାନି। ସୋମବାର ବିଳମ୍ବିତ ରାତିରେ ଜଟଣୀରେ ଘଟିଥିବା ଏଭଳି ଏକ ମର୍ମସ୍ପର୍ଶୀ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ମାଲିକ ଓ ତାଙ୍କ ପରିବାରର ସୁରକ୍ଷା ପାଇଁ ନିଜ ଜୀବନ ଦେଇଦେଇଛି ପୋଷା କୁକୁର 'ଟାଇସନ୍'। ଜଟଣୀ ନିବାସୀ ଅମିନ ସରିଫ୍‌ଙ୍କର ଏହି ପୋଷା କୁକୁରଟି ଥିଲା ଡାଲମାସିଆନ୍ ପ୍ରଜାତିର। ଏହାର ମୃତ୍ୟୁରେ ଅମିନ ଓ ତାଙ୍କ ପରିବାର ଦୁଃଖିତ ହେବା ସହ ଘର ବାରିପଟେ ଗାତ ଖୋଳି ପୋତିଦେଇଛନ୍ତି।

ସୋମବାର ବିଳମ୍ବିତ ରାତି ପ୍ରାୟ ୨ଟା ହେବ। 'ଟାଇସନ୍' ବାରମ୍ବାର ଭୁକିବାରୁ ପରିବାର ଲୋକ ଉଠିପଡ଼ି ବାହାରକୁ ଆସିଥିଲେ। ଏହାପରେ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିବାକୁ ପାଇଥିଲେ। ତାଙ୍କ ପୋଷା କୁକୁର 'ଟାଇସନ୍' ଏକ ନାଗସାପକୁ ଘର ଭିତରକୁ ଯିବା ପାଇଁ ବାଟ ଛାଡୁନି। ସାପ ଅମିନଙ୍କ ଘର ଭିତରକୁ ପଶିବାକୁ ଚେଷ୍ଟା କରୁଥିବା ବେଳେ କୁକୁର ବାଟ ଓଗାଳୁଛି। ଦୁହିଁଙ୍କ ମଧ୍ୟରେ ଚାଲିଛି ଆକ୍ରମଣ ପ୍ରତିଆକ୍ରମଣ। ଏଭଳି କିଛି ସମୟ ଛକାପଞ୍ଝା ଚାଲିବା ପରେ ନାଗସାପକୁ ମାରିବାକୁ ସକ୍ଷମ ହୋଇଥିଲା ଟାଇସନ୍। କିନ୍ତୁ ନାଗ କୁକୁରର ବାମପଟ ପାଟିକୁ କାମୁଡ଼ି ଦେଇଥିବାରୁ ସାପ ବିଷରେ ଶେଷରେ ଟାଇସନ୍ ବି ପ୍ରାଣ ହରାଇଥିଲା।

ତେବେ ସାପ ଦଂଶନ କରିଥିବାରୁ ଟାଇସନ୍ ଥକା ମାରି ମାଲିକ ପାଖକୁ ଆସିଥିଲା। ବିକଳରେ ଅମିନ କେତେଜଣ ପ୍ରାଣୀ ଚିକିତ୍ସକଙ୍କୁ କଲ୍ କରିଥିଲେ। କିନ୍ତୁ କେହି ଫୋନ୍ ଉଠାଇ ନ ଥିଲେ। ଚିକିତ୍ସା ଅଭାବରୁ କୁକୁରଟି ଆଖି ବୁଜିଥିଲା। ଏ ସମ୍ପର୍କରେ ଅମିନ କୁହନ୍ତି, କୁକୁର ଅସୁସ୍ଥ ହେବା ଜାଣିବା ପରେ ତାକୁ ଚିକିତ୍ସାଳୟ ନେବା ପାଇଁ ଚାହିଁଥିଲୁ। କିନ୍ତୁ ରାତିରେ କୌଣସି ପ୍ରାଣୀ ଚିକିତ୍ସାଳୟ ଖୋଲା ରୁହେ ନାହିଁ ବୋଲି ଜାଣିବା ପରେ ତାକୁ ନେଇପାରି ନ ଥିଲୁ। କେବଳ ଓଡ଼ିଶାରେ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ୨୪ଘଣ୍ଟିଆ ବ୍ୟବସ୍ଥା ନାହିଁ। ବଡ଼ ଦୁଃଖର ବିଷୟ, ରାଜଧାନୀରେ ଥିବା ଓୟୁଏଟି ଭେଟେରିନାରି କଲେଜରେ ମଧ ୨୪ଘଣ୍ଟିଆ ସେବା ଯୋଗାଇ ଦିଆଯାଉନାହିଁ। ତେଣୁ ପ୍ରାଣୀମାନଙ୍କ ପାଇଁ ଚିକିତ୍ସାଳୟ ୨୪ଘଣ୍ଟା ଖୋଲା ରହିବା ଉଚିତ ବୋଲି ସେ ଦାବି କରିଛନ୍ତି। ପୂର୍ବରୁ ମଧ ଅନେକ ଜୀବଜନ୍ତୁ ରାତିରେ ସେବା ନ ପାଇ ପ୍ରାଣ ହରାଇଥିବା ନଜିର ରହିଛି। ତେଣୁ ୨୪ଘଣ୍ଟିଆ ପ୍ରାଣୀ ଚିକିତ୍ସାଳୟ ଖୋଲା ରଖିବାକୁ ଅନେକ ପ୍ରାଣୀପ୍ରେମୀ ଦାବି କରୁଛନ୍ତି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add.: T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକକୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିୟା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହେ ପ୍ରାଣୀ ନିଜ ଆତ୍ମା ସହିତ ଯୁଦ୍ଧ କର। ବାହାର ଲୋକଙ୍କ ସହିତ ଯୁଦ୍ଧକରି କିଛି ଲାଭନାହିଁ। ଦୁଷ୍ଟ ଆତ୍ମା ସମାନ ଯୁଦ୍ଧଯୋଗ୍ୟ ଦ୍ୱିତୀୟ ବସ୍ତୁ ନାହିଁ।

- ମହାବୀର

## ସଂକ୍ଷେପରେ

### ଭାଲୁପତ୍ରା ମଦଭାଟି ଉଚ୍ଛେଦ ଦାବିରେ ମହିଳାଙ୍କ ଧାରଣା

**କିର୍ମିରା,୫।୩(ଡି.ଏନ.ଏ.)**

ଭାଲୁପତ୍ରା ଗ୍ରାମରେ ଥିବା ଦେଶୀ ମଦଭାଟି ଉଚ୍ଛେଦ ପାଇଁ ଫେବୃୟାରୀ ୪ରୁ ବନ୍ଧପାଲି କେଲଡାମାଲ ପଞ୍ଚାୟତର ଶତାଧିକ ମହିଳା ମଦଭାଟି ସାମନାରେ ଧାରଣାରେ ବସିଛନ୍ତି । ଏହି ଧାରଣା ସମୟ ଭିତରେ ପୋଲିସ ଓ ପ୍ରଶାସନ ସହ ଦୁଇ ଦୁଇ ଥର ଆଲୋଚନା ବିଫଳ ହୋଇଛି । ମଙ୍ଗଳବାର ଜିଲା ପ୍ରଶାସନ, ଅବକାରୀ, ପୋଲିସ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହାର ସମାଧାନ ପାଇଁ ଉଦ୍ୟମ ହୋଇଥିଲା। ସରକାରଙ୍କ ନିୟମ ଅନୁଯାଇ ଭାଟିକୁ ଉଚ୍ଛେଦ କରାଯାଇ ପାରିବ ନାହିଁ । ତେଣୁ ଧାରଣାରୁ ଉଠି ଯିବାକୁ ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀ ମହିଳାଙ୍କୁ କହିଥିଲେ । ତେବେ ରାସ୍ତା ଉପରେ ଏବଂ ସ୍କୁଲ ପାଖରେ ଭାଟି ଥିବାରୁ ଏହାର କୁପ୍ରଭାବ ପିଲାଙ୍କ ଉପରେ ପଡୁଛି ଏବଂ ସେମାନେ କୁପଥଗାମୀ ହେଉଛନ୍ତି । କଲେଜ ଛାତ୍ରୀମାନଙ୍କୁ ଅପ୍ରାତିକର ପରିସ୍ଥିତିର ସାମନା କରିବାକୁ ପଡୁଛି। ତେଣୁ ଏଠାରୁ ଭାଟି ଉଚ୍ଛେଦ ଏକମାତ୍ର ସମସ୍ୟାର ସମାଧାନ ବାଟ ବୋଲି କହି ମହିଳାମାନେ ଏଥିପାଇଁ ଜେଲ ଯିବାକୁ ମଧ ପ୍ରସ୍ତୁତ ବୋଲି କହିଛନ୍ତି । ଏସଡିପିଓ କୈଳାଶ ଚନ୍ଦ୍ର ଆଚାର୍ଯ୍ୟ, ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ମେହେର, ତହସିଲଦାର ମୁକୁଟମଣି ଖେସ, ବ୍ଲକ ଅଧକ୍ଷ ତେଜରାଜ ସାହୁ, ଲଇକେରା ଥାନା ଅଧିକାରୀ ବିଶ୍ୱପତି ପଣ୍ଡା ପ୍ରମୁଖ ଆଲୋଚନା କରି ବିଫଳ ହୋଇଛନ୍ତି।



ବ୍ରଜରାଜନଗରରେ ଅନୁପ ସାଏ ଏବଂ ତାଙ୍କ ସମର୍ଥକ ବିଜୁ ଜୟନ୍ତୀ ପାଳନ ଅବସରରେ ଏକତ୍ରିତ ହୋଇଛନ୍ତି ।



ବ୍ରଜରାଜନଗରରେ ଅନୁପ ସାଏଙ୍କ ବିରୋଧୀ ବିଜୁ ଜୟନ୍ତୀ ପାଳନ କରୁଛନ୍ତି ।

# ବ୍ରଜରାଜନଗର ବିଜେଡିରେ ବିବାଦ ପିଛା ଛାଡୁନି

**ବ୍ରଜରାଜନଗର,୫।୩(ଡିଏନ୍ଏ)**

ଝାରସୁଗୁଡା ଜିଲା ବ୍ରଜରାଜନଗର ବିଜେଡିର ବିବାଦ ତୁଟୁନି। କେତେବେଳେ ପୋଷ୍ଟର ଲଗାଇ ବିରୋଧ କରାଯାଉଛି ତ ଆଉ କେତେବେଳେ ସିଧସଳଖ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଅଭିଯୋଗ ହେଉଛି। ନିର୍ବାଚନ ଯେତେ ପାଖେଇ ଆସୁଛି ବ୍ରଜରାଜନଗର ବିଜେଡିରେ କନ୍ଦଳ ବଢିବାରେ ଲାଗିଛି। ମଙ୍ଗଳବାର ବିଜୁ ବାବୁଙ୍କ ୧୦୩ ତମ ଜୟନ୍ତୀ ଉତ୍ସବ ପାଳନ ବେଳେ ବ୍ରଜରାଜନଗର ବିଜେଡିରେ ଦୁଇଟି ସମାନ୍ତରାଳ କାର୍ଯ୍ୟକ୍ରମ ହୋଇଥିଲା। ଯାହାକୁ ନେଇ ବ୍ରଜରାଜନଗର ବିଜେଡିର ବିବାଦ ପୁଣି ପଦାକୁ ଆସିଛି। ମଙ୍ଗଳବାର ବିଜୁ ବାବୁଙ୍କ ଜୟନ୍ତୀ ଉତ୍ସବ ମନାଇବାକୁ ପୂର୍ବତନ ବିଧାୟକ ଅନୁପ ସାଏଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଗୋଲଛକଠାରେ ଏକାଠି ହୋଇଥିଲେ। ଟାଉନ ସଭାପତି ଜୟନ୍ତ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଏକ ସଭା ମଧ୍ୟ ହୋଇଥିଲା। ଏହି ସଭାରେ ବିଜୁବାବୁଙ୍କ ଆଧୁନିକ ଓଡ଼ିଶାର ସ୍ୱପ୍ନ ବିଷୟରେ ଆଲୋକପାତ କରାଯାଇଥିଲା। ଏହାସହ ଦଳ ଭିତରେ ଦୂରତା ସୃଷ୍ଟି ନ କରି ସୁପ୍ରିମୋଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଦଳ ବ୍ୟକ୍ତି କୈନ୍ଦ୍ରିକ ନୁହେଁ, ଆମେ ସମସ୍ତେ ବିଜୁ ପରିବାରର ସଦସ୍ୟ। ତେଣୁ ଦଳ ଜିତିଲେ ଅଞ୍ଚଳର ବିକାଶ ଦ୍ୱିଗୁଣିତ ହେବ ବୋଲି ଅନୁପ କହିଥିଲେ। ଏହି ସଭାରେ ପୂର୍ବତନ ନଗରପାଳ ନନ୍ଦ କିଶୋର ଅଗ୍ରୱାଲ, ଭଞ୍ଜ ରାଉତ, ଭାନୁ ସିଂ, ପ୍ରସନ୍ନ ଚୌଧୁରୀ, ବଳଭଦ୍ର ବେହେରା, ଚନ୍ଦନ ସିଂ, ମାନସ ସାହୁ, ସାଧନା ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ହେଲେ ଏହି ସଭା ସରିବା ମାତ୍ରେ ବିଜେଡିର ଆଉଏକ ଗୋଷ୍ଠୀ ଗୋଲଛକ ଠାରେ ପହଞ୍ଚି ନାରାବାଜି କରି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁ ବାବୁଙ୍କ ଆଦର୍ଶ, ରାଜନୀତି ଜୀବନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏଥିରେ ପୂର୍ବତନ ଟାଉନ ସଭାପତି କୁଳମଣୀ ଦାସ ଅଧ୍ୟକ୍ଷତା କରିଥିଲେ। ଅସନ୍ତୁଷ୍ଟ ବିଜେଡି ସଦସ୍ୟମାନେ କହିଲେ, ବ୍ରଜରାଜନଗର ବିଜେଡିରେ ପ୍ରତିଷ୍ଠାତା ସଭ୍ୟମାନଙ୍କୁ ଅଣଦେଖା କରାଯାଉଛି। ବିଭିନ୍ନ ଦଳର କର୍ମୀମାନେ ଯୋଗଦେଇ ଦଳର ନୀତି ଆଦର୍ଶକୁ ବଳି ପକେଇ ସାରିଲେଣି। ସାରା ଓଡ଼ିଶାରେ ଶଙ୍ଖ ବାଜୁଥିବା ବେଳେ ବ୍ରଜରାଜନଗରରେ ତାର ବ୍ୟତିକ୍ରମ କ'ଣ ପାଇଁ ବୋଲି ପ୍ରଶ୍ନ କରିଥିଲେ। ଏ ବାବଦରେ ରାଧାକାନ୍ତ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ଆମ ଲଢେଇ ଅନୁପ ସାଏଙ୍କ ବିରୋଧରେ। ତାଙ୍କ ନେତୃତ୍ୱକୁ ସ୍ୱୀକାର କରାଯିବ ନାହିଁ ବୋଲି ସେ କହିଥିଲେ। ଏବେ ଶହେ ଲୋକ ବିରୋଧ କରୁଛନ୍ତି, ଏହିଭଳି ଶହଶ୍ରାଧିକ ଅସନ୍ତୁଷ୍ଟ ଲୋକ ପ୍ରତି ୱାର୍ଡରେ ରହିଛନ୍ତି ବୋଲି ସେ କହିଥିଲେ। ହେଲେ ବିରୋଧ ନେଇ ଅନୁପ ସାଏଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ଉତ୍ତର ମିଳିପାରି ନ ଥିଲା। ଟାଉନ ସଭାପତି ଜୟନ୍ତ ଦୀକ୍ଷିତ କହିଲେ, ସମସ୍ତେ ବିଜୁ ପରିବାର ଲୋକ। ଜୟନ୍ତୀ ପାଳନ କରିବାରେ କାହାରିକୁ କୌଣସି ପ୍ରତିବନ୍ଧକ ନାହିଁ। ଆମ ସଭାରେ ଜିଲା ବିଜେଡିର ସମସ୍ତ କାର୍ଯ୍ୟକର୍ତ୍ତା ରହିଥିବାରୁ ଏହି ବିରୋଧର କୌଣସି ତାତ୍ପର୍ଯ୍ୟ ନାହିଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଗତ ମାସରେ ଏହି ସଦସ୍ୟମାନେ ଭୁବନେଶ୍ୱରରେ ପହଞ୍ଚି ଅନୁପ ସାଏଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ।

### ଦୁଇ ବାଇକ୍ ମୁହାଁମୁହିଁରେ ଜଣେ ଗୁରୁତର

**ଜମନକିରା, ୫।୩ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ସଦର ମହକୁମାସ୍ଥିତ ୫୩ ନଂ. ରାସ୍ତାର ଷଣ୍ଢପଥର ଛକ ନିକଟରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୯ ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ କଟଙ୍ଗପାଣି ପଞ୍ଚାୟତ ଜାମଖୁଲିଆ ଗାଁର ଦେବେନ୍ଦ୍ର ପଟେଲ (୫୮)ଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ତାଙ୍କୁ ପ୍ରଥମେ ଜମନକିରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛି।

### ଟ୍ରେନରୁ ଡେଇଁ ଛାତ୍ର ଗୁରୁତର

**ରେଢାଖୋଲ,୫।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ଷ୍ଟେଶନରେ ଷ୍ଟପେଜ ନ ଥିବା ଭୁବନେଶ୍ୱର-କୁର୍ଲା ଏକ୍ସପ୍ରେସ ଟ୍ରେନରୁ ମଙ୍ଗଳବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ଜଣେ ଛାତ୍ର ଡେଇଁ ପଡିବାରୁ ଗୁରୁତର ହୋଇଛନ୍ତି। ଏହି ଛାତ୍ର ଜଣକ ହେଲେ ରେଢାଖୋଲ ସହର ଚାରୁଣିସ୍ଥିତ ଆବାସିକ ଶିଶୁ ମନ୍ଦିରର ଯୁକ୍ତ ୨ ବିଜ୍ଞାନ ପ୍ରଥମ ବର୍ଷର ଛାତ୍ର ସିଦ୍ଧାର୍ଥ ନାୟକ (୧୭) । ସେ ଅନୁଗୋଳ ଆମ୍ବପାଳର ବୋଲି ଜଣାପଡିଛି। ତାଙ୍କ ହାତ ଓ ଗୋଡରେ ଗୁରୁତର ଆଘାତ ଲାଗିଛି। ରେଳ ସୁରକ୍ଷାବଳ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେଢାଖୋଲ ଡାକ୍ତରଖାନାକୁ ଆଣିଥିଲେ। ପ୍ରଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ କାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ ଧନ ଯୋଜନା ଆରମ୍ଭ




ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ ଧନ ଯୋଜନା ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**ଝାରସୁଗୁଡା ଅଫିସ,୫।୩**

ପ୍ରଧାନମନ୍ତ୍ରୀ ଶ୍ରମ ଯୋଗୀ ମାନ ଧନ ଯୋଜନା ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଭିଡିଓ କନଫରେନସିଂ ଜରିଆରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଝାରସୁଗୁଡା ଇଏସ୍ଆଇ ହସ୍ପିଟାଲରେ ଏହାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନାରେ ଅଣସଙ୍ଗଠିତ ଶ୍ରମିକ ଗୋଷ୍ଠୀ ଉପକୃତ ହେବେ। ଏହି ଯୋଜନାରେ ଦେଶର ଅଣସଙ୍ଗଠିତ କ୍ଷେତ୍ରରେ କାମ କରୁଥିବା ୪୨ କୋଟି ଲୋକଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ଯେଉଁମାନଙ୍କ ମଧ୍ୟରେ ରିକ୍ସା ଚାଳକ, ଉଠାଦୋକାନୀ, ଦିନ ମଜୁରିଆ, ଇଟାଭାଟି ଶ୍ରମିକ ଭଳି ଅଣସଙ୍ଗଠିତ କ୍ଷେତ୍ରକୁ ସାମିଲ କରାଯାଇଛି। ଏହି ଯୋଜନାରେ ସାମିଲ ହିତାଧିକାରୀଙ୍କୁ ୬୦ ବର୍ଷ ପରେ ମାସିକ ୩ ହଜାର ଟଙ୍କା ପେନସନ୍ ମିଳିବା ନେଇ ବ୍ୟବସ୍ଥା ରହିଛି। ସେଥିପାଇଁ ୧୮ରୁ ୪୦ ବର୍ଷ ବୟସର ଲୋକ ଏହି ଯୋଜନାରେ ସାମିଲ ହୋଇ ମାସିକ ପ୍ରିମିୟମ ଦେବାକୁ ହେବ। ମଙ୍ଗଳବାର ଦିନ ଇଏସ୍ଆଇ ହସ୍ପିଟାଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ମେଡିକାଲ ଅଫିସର ଦୀପକ କୁମାର ଟପ୍ପୋ, ଭାଜପା ନେତା ନରେଶ ନାଏକ, ସୁନିଲ ପଣ୍ଡା, ଧ୍ରୁବରାଜ ନାଏକ ସମେତ ବହୁ ଭାଜପା କର୍ମୀ ଏବଂ ହିତାଧିକାରୀ ଉପସ୍ଥିତ ଥିଲେ।

### ରେଳ ଧାରଣାରୁ ଉଦ୍ଧାର ମୃତଦେହ ଚିହ୍ନଟ ହେଲା

**ବାମରା, ୫।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରାସ୍ଥିତ ହରିପଡା ରେଳ ଫାଟକରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଥିବା ଏକ ମୃତଦେହକୁ ଚିହ୍ନଟ କରାଯାଇଛି। ଏହା ସୁନ୍ଦରଗଡ ଜିଲା ବଡଗାଁ ଥାନା କୁସ୍ତନା ବାଗବୁଡ ଗ୍ରାମର କାର୍ତ୍ତିକ ସାଙ୍କ ଝିଅ ଅଞ୍ଜନା ସା (୧୭)ଙ୍କ ମୃତଦେହ ବୋଲି ଜଣାପଡିଛି। ଅଞ୍ଜନା ଘରୁ ଶିବରାତ୍ରି ଦେଖିବା ପାଇଁ ଏକୁଟିଆ ବାହାରି ଥିଲେ । ମାତ୍ର କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ଘଟିଛି ସେ ନେଇ ପୋଲିସ ତଦନ୍ତ କରୁଛି । ସେ ବଡଗାଁ କଲେଜରେ ପ୍ରଥମ ବର୍ଷ କଳାର ଛାତ୍ରୀ ଥିଲେ। ଝାରସୁଗୁଡା ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ବାମରା ରେଳବାଇ ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର ସୂଚନା ଦେଇଛନ୍ତି।

# ବିଜୁ ବାବୁଙ୍କ ସ୍ମୃତିଚାରଣ କଲେ ବିଜେଡ଼ି କର୍ମୀ

**ବେଲପାହାଡ଼,୫।୩ (ଡି.ଏନ୍.ଏ.)**



ବେଲପାହାଡ଼ରେ ବିଜେଡ଼ି କର୍ମୀ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୩ ତମ ଜନ୍ମ ଦିବସ ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳେ ବିଜେଡ଼ି କର୍ମୀମାନେ ଗୁମାଡ଼େରାସ୍ଥିତ ବିଜୁ ଛକ ଓ ସୁଖାବନ୍ଧସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ସମ୍ମିଳିତ ହୋଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉଭୟ ବିଜୁ ସ୍ମୃତିସ୍ଥଳରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଅନୁପ କୁମାର ସାଏ, ପୌରାଧ୍ୟକ୍ଷ ପର୍ଶୁରାମ ସାହୁ, ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇ, ବରିଷ୍ଠ ବିଜେଡ଼ି କର୍ମୀ ଶମ୍ଭୁ ମହାନ୍ତି, କୈଳାସ ଚନ୍ଦ୍ର ନାୟ, ଲିଙ୍ଗରାଜ ବେହେରା, ବିଶେଶ୍ୱର ମୁଖୀ, ଅଜିତ ବହିଦାର, ସୁଲେମାନ ଅଲ୍ଲି, କିଶୋର ଦାସ, ସୁଧୀର ପ୍ରଧାନ, ଜେନାମଣି ସେଠ, ଦିଲୀପ ସାଏ ଓ ରଙ୍ଗବତୀ ବଗାରଙ୍କ ସମେତ ବହୁ କର୍ମୀ ଯୋଗ ଦେଇ ବିଜୁ ବାବୁଙ୍କ ସ୍ମୃତିଚାରଣ କରିଥିଲେ । ପୂର୍ବାହ୍ନରେ ବେଲପାହାଡ଼ ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ବିଜେଡ଼ି କର୍ମୀମାନଙ୍କ ସହିତ ଗର୍ଖାଇସ୍ଥିତ ଠକ୍କରବାପା ସେବାଶ୍ରମକୁ ଯାଇ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କୁ ମିଠା ବଣ୍ଟନ କରିଥିଲେ।

# ବନ୍ଧବାହାଲରେ ଏମ୍‌ସିଏଲ୍‌ର ୫୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନା

**ଲଖନପୁର,୫।୩(ଡି.ଏନ୍.ଏ.)**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ତରଫରୁ ଲଖନପୁର କ୍ଷେତ୍ରାଧୀନ ବନ୍ଧବାହାଲରେ ନିର୍ମିତ ହୋଇଥିବା କମ୍ପାନୀର ୫୦ଶଯ୍ୟା ବିଶିଷ୍ଟ ଡାକ୍ତରଖାନାକୁ ମଙ୍ଗଳବାର ବିଧାୟିକା ରାଧାରାଣୀ ପଣ୍ଡା ଫିତା କାଟି ଉଦ୍‌ଘାଟନ କରିଛନ୍ତି। ଲଖନପୁର କ୍ଷେତ୍ର ପ୍ରବନ୍ଧକ (ଜିଏମ୍) ରାଜେନ୍ଦ୍ର ପ୍ରସାଦ ଗୁପ୍ତା, ଓସିଏମ୍ଏସ୍ ଶ୍ରମିକନେତା ରବୀନ୍ଦ୍ର ପ୍ରସାଦ, ଏଚ୍ଏମ୍ଏସ୍ ଶ୍ରମିକନେତା ଦେବରାଜ ପ୍ରଧାନ, ବିଏମ୍ଏସ୍ ଶ୍ରମିକନେତା ବିଜୟ ଦାସ, ଏଆଇଟିୟୁସି ଶ୍ରମିକନେତା ଅନିତ ଚକ୍ରବର୍ତ୍ତି, ସିଟା ଶ୍ରମିକନେତା ସୁରେଶ ମଲ୍ଲିକ, ଇବ୍‌ଭ୍ୟାଲି ଜିଏମ୍ ମଧୁସୂଦନ ଶର୍ମା, ଜିଏମ୍ (ଅପରେଶନ୍) ଅରୁଣ କୁମାର ସ୍ୱର୍ଣ୍ଣକାର, ଲଖନପୁର ଖଣି ପ୍ରକଳ୍ପ ଅଧିକାରୀ ଅବୋଧ କୁମାର ପାଣ୍ଡେ, ବେଲପାହାଡ ଖଣି ପ୍ରକଳ୍ପ ଅଧିକାରୀ ଯୁରେନ ପଟ୍ଟନାୟକ, ମଣ୍ଡଳିଆ ଡାକ୍ତରଖାନା ମୁଖ୍ୟ ଚିକିତ୍ସକ ଡାକ୍ତର ଅରୁଣ ଅଗ୍ରଓାଲ, ପ୍ରଶାନ୍ତ ଶତପଥୀ, ଭି.କେ. ରାୟ, ଏମ୍ଏସ୍ ପାଣ୍ଡେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଶିଷ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ୫୩ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ଡାକ୍ତରଖାନା ନିର୍ମିତ ହୋଇଛି।




ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଶିବାନୀ ସ୍ୱାଇଁଙ୍କଠାରୁ ଶ୍ରେଷ୍ଠ ସୁରକ୍ଷା ପୁରସ୍କାର ରୌପ୍ୟ ଟ୍ରଫି ଗ୍ରହଣ କରୁଛନ୍ତି।

### ଟିଆର୍‌ଏଲ କ୍ରୋସାକିକୁ ମିଳିଲା ଶ୍ରେଷ୍ଠ ସୁରକ୍ଷା ପୁରସ୍କାର

**ବେଲପାହାଡ଼,୫।୩(ଡ଼ି.ଏନ୍.ଏ)**

ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ ୨୦୧୮ ବର୍ଷ ପାଇଁ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜକୁ ସମ୍ମାନଜନକ ଶ୍ରେଷ୍ଠ ସୁରକ୍ଷା ପୁରସ୍କାର ପ୍ରଦାନ କରାଯାଇଛି । କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା ଭାରତ ସରକାରଙ୍କ ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶିବାନୀ ସ୍ୱାଇଁଙ୍କ ଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଛନ୍ତି। ନିକଟରେ ଜାତୀୟ ସୁରକ୍ଷା ପରିଷଦ ପକ୍ଷରୁ ଦିଲ୍ଲୀରେ ଏହି ପୁରସ୍କାର ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର ସମରୋହ ଆୟୋଜିତ ହୋଇଥିଲା। ଏଥିରେ ଟିଆର୍‌ଏଲ କ୍ରୋସାକିର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଉପସଭାପତି (କର୍ପୋରେଟ୍) ଡଃ ତାରାପଦ ଦାଶ ଓ ମହାପ୍ରବନ୍ଧକ (ସୁରକ୍ଷା ଓ ପରିବେଶ) ନିରଞ୍ଜନ ଦାଶ ଯୋଗ ଦେଇଥିଲେ।

## ଫଟୋରେ ଖବର



ବିଜୁ ବାବୁଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଝାରସୁଗୁଡା ଜିଲା ବିଜେଡି କାର୍ଯ୍ୟକର୍ତ୍ତାମାନେ ପ୍ରବାଦ ପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

### ବେଲପାହାଡ଼ କପ୍ କ୍ରିକେଟ ଟୁର୍ନାମେଣ୍ଟ

# ତୃତୀୟ ଦିବସରେ ବିଳାସପୁର, ଝାରସୁଗୁଡ଼ା ବିଜୟୀ

**ବେଲପାହାଡ଼,୫।୩ (ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଟିଆର୍‌ଏଲ ଷ୍ଟାଡ଼ିୟମରେ ଲିଓ ୟୁଥ୍ ଆସୋସିଏଶନ ପକ୍ଷରୁ ଚାଲିଥିବା ବେଲପାହାଡ଼ କପ୍ ସର୍ବ ଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରରେ ମଙ୍ଗଳବାର ବିଳାସପୁର ଓ ବଲାଙ୍ଗୀର ମଧ୍ୟରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଳାସପୁର ଟସ୍ ଜିତିଲା ପରେ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୫୨ ରନ୍ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ପଙ୍କଜ ନାଇଡୁ ୮୮ ବଲ୍‌ରେ ସର୍ବାଧିକ ୪୬ ରନ୍ ଏବଂ ସନି ପାଣ୍ଡେ ୨୨ ବଲ୍‌ରେ ୩୭ ରନ୍ କରିଥିଲେ । ଏହାର ଜବାବରେ ବଲାଙ୍ଗୀର ଦଳ ୭ ଉଇକେଟ ବିନିମୟରେ ମାତ୍ର ୧୨୭ ରନ୍ କରି ମ୍ୟାଚ୍ ପରାଜିତ ହୋଇଥିଲେ । ବଲାଙ୍ଗୀର ଦଳର ବ୍ୟାଟ୍ସମ୍ୟାନ ଶୁଭାଶିଷ ମିର୍ଦ୍ଧା ସର୍ବାଧିକ ୩୩ ବଲ୍‌ରେ ୨୩ ରନ୍ ଏବଂ ସତ୍ୟଜିତ ସିଂହଦେଓ ୧୭ ବଲ୍‌ରେ ୨୩ ରନ୍ କରିଥିଲେ । ବଲାଙ୍ଗୀର ଦଳର ବୋଲର୍ ସୁଶାନ୍ତ ମେହେର ୪ ଓଭରରେ ୧୬ ରନ୍ ଦେଇ ବିଳାସପୁର ଦଳର ୩ ଉଇକେଟ ଧରାଶାୟୀ କରିଥିଲେ । ସେହିପରି ବିଳାସପୁର ଦଳର ଶେଖର ସିହ୍ନା ୪ ଓଭରରେ ୨୩ ରନ୍ ଦେଇ ବଲାଙ୍ଗୀର ଦଳର ୨ ଉଇକେଟ ଧରାଶାୟୀ କରିଥିଲେ। ଉକ୍ତ ମ୍ୟାଚ୍‌ରେ ୨୨ ବଲ୍‌ରେ ୩୭ ରନ୍ କରିଥିବା ବିଳାସପୁର ଦଳର ସନି ପାଣ୍ଡେଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସମ୍ବଲପୁରର ମେହେତାବ କ୍ଲବ ଓ ଝାରସୁଗୁଡ଼ାର ପ୍ରୋଗ୍ରେସିଭ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଦଳ ଟସ୍ ଜିତିଲା ପରେ ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ୧୮.୦୪ ଓଭରରେ ୧୦ ଉଇକେଟ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ସୟଦ ହାରୁନ ସର୍ବାଧିକ ୪୨ ବଲ୍‌ରେ ୪୨ ରନ ଏବଂ ସୟଦ ଜ୍ୟାକି ୧୩ ବଲ୍‌ରେ ୨୩ ରନ୍ କରିଥିଲେ। ଏହାର ଜବାବରେ ଝାରସୁଗୁଡ଼ା ଦଳ ପୁରା ଆତ୍ମବିଶ୍ୱାସ ସହିତ ବିଜୟ ଲକ୍ଷ୍ୟ ରଖି ମଇଦାନକୁ ଓହ୍ଲାଇଥିଲା ଏବଂ ୨୦ ଓଭରରେ ୭ ଉଇକେଟ ହରାଇ ୧୨୫ ରନ୍ ସଂଗ୍ରହ କରିଥିଲା । ଏଥିଯୋଗୁ ମ୍ୟାଚ୍ ଡ୍ର ହୋଇଯାଇଥିଲା । ଶେଷରେ ଉଭୟ ଦଳକୁ ନେଇ ସୁପର ଓଭର ମ୍ୟାଚ୍ କରାଯାଇଥିଲା । ଏଥିରେ ଝାରସୁଗୁଡ଼ା ଦଳ ୧ ଓଭରରେ ୧୧ ରନ କରିଥିବା ବେଳେ ସମ୍ବଲପୁର ୧ ଓଭରରେ ୬ ରନ୍ କରିଥିଲା। ସୁପର ଓଭରରେ ଝାରସୁଗୁଡ଼ା ୫ ରନରେ ମ୍ୟାଚ୍ ଜିତି ଯାଇଥିଲା । ୨୦ ଓଭର ମ୍ୟାଚ୍‌ରେ ଝାରସୁଗୁଡ଼ା ଦଳର ବ୍ୟାଟ୍ସମ୍ୟାନ ଅଙ୍କିତ ଯାଦବ ସର୍ବାଧିକ ୩୬ ବଲ୍‌ରେ ୩୩ ରନ୍ ଏବଂ ରଞ୍ଜିତ ଯାଦବ ୩୫ ବଲ୍‌ରେ ୨୯ ରନ୍ କରିଛନ୍ତି। ବୁଧବାର ବନ୍ଧବାହାଲ ଓ ବ୍ରଜରାଜନଗର ମଧ୍ୟରେ ପ୍ରଥମ ମ୍ୟାଚ୍ ଏବଂ ଲିଓ ବେଲପାହାଡ଼ ଓ କୋରବା ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



## ସଂକ୍ଷେପରେ

### ଭାଜପାରେ ବୈଜୟନ୍ତଙ୍କ ଯୋଗଦାନକୁ ସ୍ୱାଗତ

**ରାଉରକେଲା ଅଫିସ,୫।୩**
ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଭାଜପାରେ ଯୋଗଦାନକୁ ଦଳର ପାନପୋଷ ସାଙ୍ଗଠନିକ ଜିଲା କମିଟି ପକ୍ଷରୁ ସ୍ୱାଗତ କରାଯାଇଛି। ବିନା କାରଣରେ ବିଜେଡି ତାଙ୍କ ପ୍ରତି ଯେଉଁ ଆକ୍ରୋସମୂଳକ ପଦକ୍ଷେପ ଗ୍ରହଣ କଲା ତାହା ଅତ୍ୟନ୍ତ ପରିତାପର ବିଷୟ ବୋଲି ଦଳ ପକ୍ଷରୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆସ୍ଥା ପ୍ରକଟ କରି ବୈଜୟନ୍ତ ଭାଜପାରେ ସାମିଲ ହୋଇଛନ୍ତି। ଦେଶର ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମରେ ମୋଦିଙ୍କ ଦୂରଦୃଷ୍ଟିକୁ ପଣ୍ଡା ଅନୁଭବ କରିଥିବାରୁ ଦଳ ଏହାକୁ ସ୍ୱାଗତ କରିଛି। ପଣ୍ଡା ଭାଜପାରେ ଯୋଗଦେବା ଫଳରେ ଦଳ ଅଧିକ ଶକ୍ତିଶାଳୀ ହେବ। ଓଡ଼ିଶାରେ ଦଳ ତା'ର ଲକ୍ଷ୍ୟ ପୂରଣ ଦିଗରେ ଅଧିକ ସମର୍ଥ ହୋଇପାରିବ ବୋଲି ମୁଖପାତ୍ର ଭଗବାନ ରାଉତ ଆଶାବ୍ୟକ୍ତ କରିଛନ୍ତି।

# ରାଉରକେଲାକୁ ସ୍ୱତନ୍ତ୍ର ରେଳ ଡିଭିଜନ କରାଯାଉ

**ରାଉରକେଲା ଅଫିସ,୫।୩**

୨୦୧୪ରେ ଆନ୍ଧ୍ରପ୍ରଦେଶ ବିଭାଜିତ ହୋଇ ନୂଆ ରାଜ୍ୟ ତେଲେଙ୍ଗାନା ସୃଷ୍ଟି ହେଲା। ସେତେବେଳେ ଆନ୍ଧ୍ରପ୍ରଦେଶ ଲୋକପ୍ରତିନିଧିଙ୍କ ଦାବି ମାନି ନିଆଯାଇ ବିଶାଖାପାଟଣାରେ ନୂଆ ରେଳ ଡିଭିଜନ ପ୍ରତିଷ୍ଠା କରିବାକୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ଗଣମାଧ୍ୟମରେ ଏହି ଖବର ପ୍ରକାଶନ ପରେ ପୂର୍ବତଟ ରେଳ ଜୋନ୍‌ରୁ ବିଶାଖାପାଟଣା ଅଲଗା ହେଲେ ଏହା ଦୁର୍ବଳ ହୋଇଯିବ ବୋଲି ରାଉରକେଲା ରେଳ ବ୍ୟବହାରକାରୀ ସଂଘ ସମ୍ପାଦକ ଅମୂଲ୍ୟ ବରାଳ ସେତେବେଳେ ସୂଚନା ପ୍ରଦାନ କରି ଏହାକୁ ବିରୋଧ କରିଥିଲେ। ଏହା ତିଷ୍ଠି ରହିବା ଆଶଙ୍କା ସୃଷ୍ଟି ହେବ ବୋଲି ମଧ୍ୟ ବରାଳ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିଲେ। ଏ ଦିଗରେ ରାଜ୍ୟ ସରକାର ସଚେତନ ହେବାକୁ ସଂଗଠନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିକଟରେ ଏହି ଆଶଙ୍କା ସତ୍ୟ ପ୍ରମାଣିତ ହୋଇଛି। ବିଶାଖାପାଟଣାକୁ ଏକ ନୂତନ ତଥା ସ୍ୱତନ୍ତ୍ର ରେଳ ଜୋନ ଦକ୍ଷିଣତଟ ରେଳ ଜୋନ ନାମରେ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ରେଳମନ୍ତ୍ରୀ ଘୋଷଣା କରିଛନ୍ତି। ଫଳରେ ପୂର୍ବତଟ ରେଳ ଜୋନ୍ ଭୁବନେଶ୍ୱରର ୪୦ ପ୍ରତିଶତ ଆୟ କମିଯିବ ବୋଲି ସଂଗଠନ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ସ୍ୱାଧୀନତା ପରଠାରୁ ଏହାର ଏକ ବଡ଼ ବ୍ୟତିକ୍ରମ ସୃଷ୍ଟି ହୋଇଛି ବୋଲି ବରାଳ ପ୍ରକାଶ କରିଛନ୍ତି। ଦୀର୍ଘ ୫୫ ବର୍ଷର କଷ୍ଟଲବ୍ଧ ଜୋନ୍ ଭୁଶୁଡ଼ିବାକୁ ଯାଉଛି ବୋଲି ସେ କହିଛନ୍ତି। ୨୦୦୩ରେ ଦକ୍ଷିଣ-ପୂର୍ବ ରେଳ ଜୋନ ଗାର୍ଡନ ରିଚରୁ ପୃଥକ ହୋଇଥିଲା। ପରେ ଭୁବନେଶ୍ୱରରେ ବିଶାଖାପାଟଣା, ଖୋର୍ଦ୍ଧା ରୋଡ୍ ଓ ସମ୍ବଲପୁର ଡିଭିଜନକୁ ମିଶାଇ ପୂର୍ବତଟ ରେଳ ଜୋନ୍ ବିଧିବଦ୍ଧ ଭାବେ ଗଠନ କରାଯାଇଥିଲା। ଏପରି ଅବସ୍ଥାରେ ଚତୁର ଗାର୍ଡନ ରିଚ ଅଧିକାରୀ ଓଡ଼ିଶାର ପ୍ରମୁଖ ଖଣି ଓ ଶିଳ୍ପାଞ୍ଚଳକୁ ଏଥିରୁ ବାଦ କରିଦେଲେ। ଝାରସୁଗୁଡ଼ାଠାରୁ ରାଉରକେଲା, ବରସୁଆଁ, ବାଂଶପାଣି, ବଡ଼ବିଲ ସମେତ ଏସିଆ ମହାଦେଶର ବୃହତମ ମାର୍ଶାଲିଂ ୟାର୍ଡ ବନ୍ଧମୁଣ୍ଡା ପ୍ରଭୃତିକୁ ଦକ୍ଷିଣ-ପୂର୍ବ ରେଳ ଜୋନ୍ ଅଧୀନରେ ଜାବୁଡ଼ି ରଖିଲେ। ରାଜ୍ୟ ସରକାରଙ୍କ ଇଚ୍ଛାଶକ୍ତି ଅଭାବ ତଥା ଅଜ୍ଞତା ଯୋଗୁ ଉପରୋକ୍ତ ଅଞ୍ଚଳ ପୂର୍ବତଟ ରେଳ ଜୋନ ଭୁବନେଶ୍ୱରକୁ ଆସି ନ ପାରି ଦକ୍ଷିଣ-ପୂର୍ବ ଜୋନ ଚକ୍ରଧରପୁର ଡିଭିଜନ ଅଧୀନରେ ରହିଗଲା। ଫଳରେ ଓଡ଼ିଶାର ଆୟ ୪୦ ଶତାଂଶ ଏହି ଡିଭିଜନ ଅଧୀନକୁ ଚାଲିଗଲା। ଏପରି ଅବସ୍ଥାରେ ପୂର୍ବତଟ ରେଳଜୋନ ଭୁବନେଶ୍ୱରରୁ ବିଶାଖାପାଟଣା ଅଲଗା ହେବା ପରିପ୍ରେକ୍ଷୀରେ ଓଡ଼ିଶାର ଝାରସୁଗୁଡ଼ା, ରାଉରକେଲା, ବନ୍ଧମୁଣ୍ଡା, ବରସୁଆଁ, ବାଂଶପାଣି, ବଡ଼ବିଲ ପ୍ରଭୃତିକୁ ଚକ୍ରଧରପୁର ରେଳ ଡିଭିଜନରୁ ଅଲଗା କରାଯାଇ ରାଉରକେଲାଠାରେ ଏକ ସ୍ୱତନ୍ତ୍ର ରେଳ ଡିଭିଜନ ପ୍ରତିଷ୍ଠା କରାଯିବାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ସଂଗଠନ ଦାବି କରିଛି। ଏତିକି ନୁହେଁ, ଏହାର ଯଥାର୍ଥତା ଲୋକ ପ୍ରତିନିଧିମାନେ ହୃଦୟଙ୍ଗମ କରିବା ଉଚିତ ବୋଲି କୁହାଯାଇଛି। ଏହି ନୂତନ ଡିଭିଜନକୁ ପୂର୍ବତଟ ରେଳ ଜୋନ ଭୁବନେଶ୍ୱର ସହ ସାମିଲ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏ ଦିଗରେ ରାଜ୍ୟ ସରକାର, ଲୋକପ୍ରତିନିଧି ଦୃଢ଼ ଦାବି ଉପସ୍ଥାପନ କରିବାକୁ ସଂଗଠନ ସମ୍ପାଦକ ବରାଳ ଏକ ବିବୃତିରେ ଦାବି କରିଛନ୍ତି। ଓଡ଼ିଶାର ଇଞ୍ଚେ ରେଳପଥ ଅନ୍ୟ ଜୋନକୁ ଦିଆଯିବ ନାହିଁ ବୋଲି ଏକଦା ଦୃଢ଼ୋକ୍ତି ପ୍ରକାଶ କରିଥିବା ରେଳମନ୍ତ୍ରୀ ମନୋଜ ସିହ୍ନା ଏ ଦିଗରେ ନଶ୍ଚିତ ଦୃଷ୍ଟି ଦେବେ ବୋଲି ସଂଗଠନ ଆଶା ବ୍ୟକ୍ତ କରିଛି।

## ମୋଟର କର୍ମଚାରୀ ସଂଘ ବୈଠକ

**ରାଉରକେଲା ଅଫିସ,୫।୩:** ଓଡ଼ିଶା ମୋଟର ଚାଳକ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ରାଉରକେଲାଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ସମ୍ମାନିତ ଅତିଥି ରୂପେ ଶୁଭନାରାୟଣ ଆଚାର୍ଯ୍ୟ ଓ ଦେବଦତ୍ତ ଡାକୁଆ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମଲ୍ଲିକ ସୂଚନା ଦେଇ କହିଲେ, ମୋଟର ଚାଳକଙ୍କ ସମସ୍ୟା ନେଇ ରାଜ୍ୟ ଶ୍ରମମନ୍ତ୍ରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ହେଲେ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ଏପରି ଅବସ୍ଥାରେ ସଂଗଠନ ବାଧହୋଇ ଷ୍ଟିୟରିଂ ଛାଡ଼ ନିଷ୍ପତ୍ତି ନେବ। ସରକାର ମୋଟର କର୍ମଚାରୀଙ୍କ ପ୍ରତି ସର୍ବଦା ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ କରାଯାଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଥିରେ ୩୦ ଜିଲାରୁ ସଂଗଠନର ପ୍ରତିନିଧି ଯୋଗଦେଇ ସରାକରଙ୍କ ବୈମାତୃକ ମନୋଭାବର ସମାଲୋଚନା କରିଥିଲେ। ଦୀର୍ଘବର୍ଷ ଧରି ରାଜ୍ୟରେ ଗାଡ଼ି ଚାଳକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇ ଆସୁଥିବା ବେଳେ ଏ ଦିଗରେ କେହି ଧ୍ୟାନ ଦେଉନାହାନ୍ତି ବୋଲି ଅଭିଯୋଗ କରାଯାଇଥିଲା। ଆଗକୁ ନିର୍ବାଚନ ଆସୁଥିବା ବେଳେ ଗାଡ଼ି ଚାଳକଙ୍କ ସର୍ବନିମ୍ନ ସୁବିଧା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଉଚିତ ମଣିନାହାନ୍ତି। ଏନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ସହମତି ପ୍ରକାଶ ପାଇଛି। ସରକାର ଯଦି ଗାଡ଼ି ଚାଳକଙ୍କ ସମସ୍ୟା ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଭିନ୍ନ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ରାଜ୍ୟ ସଂଘ ଗାଡ଼ି ଚାଳକଙ୍କ ସ୍ୱାର୍ଥ ସୁବିଧା ପ୍ରତି ଶତପ୍ରତିଶତ ଯତ୍ନବାନ ହେବ ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ଏଥିରେ ରାଉରକେଲା ଶାଖା ସଭାପତି ନୀଳାଞ୍ଚଳ ପ୍ରଧାନ, ସମ୍ପାଦକ ଭିକ୍ଷାକାରୀ ଜେନା ଓ ସୁନ୍ଦରଗଡ଼ ଜିଲା ସଭାପତି ପରୀକ୍ଷିତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ରାଉରକେଲା ବିଜେଡି ପକ୍ଷରୁ ଛେଣ୍ଡ କଳିଙ୍ଗବିହାରଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



ଆର୍‌ଏସ୍‌ପି ପକ୍ଷରୁ ସେକ୍ଟର-୨ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

# ଶ୍ରମଯୋଗୀ ମାନ ଧନ ଯୋଜନାର ଶୁଭାରମ୍ଭ

**ରାଉରକେଲା ଅଫିସ,୫।୩**

ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ସାମାଜିକ ନିରାପତ୍ତା ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ସମଗ୍ର ଦେଶରେ ପ୍ରଧାନମନ୍ତ୍ରୀ ଶ୍ରମଯୋଗୀ ମାନ ଧନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ରାଉରକେଲା ସେକ୍ଟର-୧୯ ସିଭିକ ସେଣ୍ଟରଠାରେ କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରୀ ଜୁଏଲ ଓରାମଙ୍କ ଦ୍ୱାରା ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ରାଉରକେଲା ଭବିଷ୍ୟନିଧି କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ଜୟଦୀପ ଚକ୍ରବର୍ତ୍ତୀ ଯୋଗଦେଇ କହିଥିଲେ, ଏହା ଏକ ଐତିହାସିକ ପଦକ୍ଷେପ। ଦେଶର କୋଟି କୋଟି ଅଣସଂଗଠିତ ଶ୍ରମିକ ଏହା ଦ୍ୱାରା ଉପକୃତ ହୋଇପାରିବେ। ବୟସ ଅନୁସାରେ ଏକ ନିର୍ଦ୍ଦିଷ୍ଟ ପରିମାଣର ମାସିକ ଅର୍ଥରାଶି ଜମା ଦେଇ ଅଣସଂଗଠିତ ଶ୍ରମିକ ଏଥିରୁ ଲାଭବାନ ହୋଇପାରିବେ ବୋଲି ଚକ୍ରବର୍ତ୍ତୀ କହିଥିଲେ। ମୁଖ୍ୟଅତିଥି ଓରାମ କହିଲେ, ଏହି ଯୋଜନା ଅଣସଂଗଠିତ ଶ୍ରମିକଙ୍କ ମୁହଁରେ ହସ ଫୁଟାଇବାକୁ ସକ୍ଷମ ହେବ। ୧୮ରୁ ୪୦ ବର୍ଷ ବୟସ୍କ ଶ୍ରମିକ ନିଜ ନାମ ପଞ୍ଜୀକରଣ କରି ଏଥିରୁ ଫାଇଦା ନେଇପାରିବେ। ପରିଣତ ବୟସରରେ ଅଣସଂଗଠିତ ଶ୍ରମିକ ନିଜକୁ ହେୟ ମନେ କରୁଥିବା ବେଳେ ଏହି ଯୋଜନା ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବ ବୋଲି ଓରାମ ଆଶାବ୍ୟକ୍ତ ରକିଥିଲେ। ଏହି ଯୋଜନାରେ ସଦସ୍ୟତା ଗ୍ରହଣ କରିଥିବା ଗାୟତ୍ରୀ ବଡ଼ାଇକ, ଗୋବିନ୍ଦ ବରାଳ, ସୁନୀତା ସ୍ୱାଇଁ, ନିହାରୀକା ଦାସ, ସୌଦାମିନୀ ମହାନ୍ତ, ମଧୁସ୍ମିତା ବଡ଼ାଇକ ଓ ସୁନୀତା ବଡ଼ାଇକ ପ୍ରମୁଖ ୨୦ ଶ୍ରମିକଙ୍କୁ ଶ୍ରମଯୋଗୀ କାର୍ଡ ବଣ୍ଟନ କରିଥିଲେ ମନ୍ତ୍ରୀ ଓରାମ। ସରକାରଙ୍କ ଏଭଳି ଜନମଙ୍ଗଳ ପଦକ୍ଷେପକୁ ଶ୍ରମିକମାନେ ପ୍ରଶଂସା କରିଥିଲେ। ପରେ ଅହମ୍ମଦାବାଦଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଯୋଜନାର ଶୁଭାରମ୍ଭର ସିଧାପ୍ରସାରଣ ଦେଖିଥିଲେ ଉପସ୍ଥିତ ଦର୍ଶକ। ଶେଷରେ ଭବିଷ୍ୟନିଧି ଉପକମିଶନର ଦାସରଥି ନାଗ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭାଗୀୟ କର୍ମଚାରୀ ତ୍ରିନାଥ ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ରଶ୍ମିରଞ୍ଜନ ମହାନ୍ତି, ପ୍ରଶାନ୍ତ ସୁବୁଦ୍ଧି, ଦେବୀ ପୁହାଣ, ଗୌରାଙ୍ଗ ପାତ୍ର, କୁମାରୀ ଶିଖା, ସରସ୍ୱତୀ ନାଗ, ସୁବାସ ବେହେରା, ଦୀନବନ୍ଧୁ ଓରାମ, ସାବିତ୍ରୀ ସାହୁ, କିଶୋର ବିଶୋଇ, ସୁଷମା ଟପୋ ଓ ପୁଷ୍ପଲତା ଖୁଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।



ପ୍ରଧାନମନ୍ତ୍ରୀ ମାନ-ଧନ ଯୋଜନା ଶୁଭାରମ୍ଭ ଅବସରରେ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ।

# ଜୟନ୍ତୀରେ ବିଜୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ରାଉରକେଲା ଅଫିସ,୫।୩**

ଓଡ଼ିଶା ପ୍ରତି ବିଜୁବାବୁଙ୍କ ଅବଦାନକୁ ମଙ୍ଗଳବାର ମନେ ପକାଇଛି ରାଉରକେଲା ବିଜେଡି। ବିଜୁ ଜୟନ୍ତୀ ଅବସରରେ ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଶା ତଥା ଦେଶ ପ୍ରତି ତାଙ୍କ ଅବଦାନର ସ୍ମୃତିଚାରଣ କରିଥିଲେ ବିଜୁ ପ୍ରେମୀ ତଥା ବିଜେଡି କର୍ମୀ। ରାଉରକେଲା ବିଜେଡି ପକ୍ଷରୁ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଛେଣ୍ଡ କଳିଙ୍ଗବିହାରଠାରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସଭାରେ ସୁନ୍ଦରଗଡ଼ ଜିଲା ବିଜେଡି ଉପସଭାପତି ଜର୍ଜ ଆନନ୍ଦ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ରୂପେ ଆର୍‌ଡିଏ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସାରଦା ନାୟକ ଯୋଗଦେଇ କହିଥିଲେ, ବିଜୁ ବାବୁ ନୂଆ ଓଡ଼ିଶାର ବିନ୍ଧାଣୀ ଭାବେ ରାଜ୍ୟକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି। ଅଦମ୍ୟ ସାହସ, ଇଚ୍ଛାଶକ୍ତି ଓ ଦେଶପ୍ରେମ ତାଙ୍କୁ ସମଗ୍ର ଦେଶରେ ଅନନ୍ୟ ରାଜନେତା ଭାବେ ପ୍ରତିଷ୍ଠିତ କରିଥିଲା। ଉଦାରତାର ମୂର୍ତ୍ତିମନ୍ତ ପ୍ରତୀକ, ନୂତନତାର ବାର୍ତ୍ତାବହ ବିଜୁ ବାବୁ ସବୁବେଳେ ରାଜ୍ୟର ବିକାଶ ଚିନ୍ତା କରୁଥିଲେ। ଭାରତ କିପରି ବିଶ୍ୱରେ ଏକ ସମ୍ଭାବନାର ମାର୍ଗ ପ୍ରଶସ୍ତ କରିବ ସେ ନେଇ ସ୍ୱପ୍ନ ଦେଖିଥିଲେ। ରାଜ୍ୟ ବିଜେଡି ସମ୍ପାଦକ ଆନନ୍ଦ ମହାନ୍ତି କହିଥିଲେ, ସମାଜର ନିମ୍ନ ସ୍ତରରରେ ରହିଥିବା ଲୋକଙ୍କୁ କ୍ଷମତା ପ୍ରଦାନ କରିବା ବିଜୁ ବାବୁଙ୍କ ଏକ ପ୍ରମୁଖ ପଦକ୍ଷେପ। ମହିଳାଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦେଇ ଆସିଥିବା ବିଜୁ ବାବୁ ଦେଶରେ ଏନେଇ ସୁନାମ ଅର୍ଜନ କରିଥିଲେ। ତାଙ୍କ ପଦକ୍ଷେପ ସମଗ୍ର ଭାରତରେ ଅନନ୍ୟ ବୋଲି ମହାନ୍ତି ମତ ପ୍ରକାଶ କରିଥିଲେ। ଏଥିରେ ବିଜେଡି ନେତା ଜୟନ୍ତ ମିଶ୍ର, ଶ୍ରୀଚରଣ ମହାନ୍ତି, ସୁଜୟ ପାଣି, ରବି ସେନାପତି, ଅକ୍ଷୟ ନାୟକ, ମୋହନ ଡାକୁଆ, ଗଣେଶ ଭୂୟାଁ, କମଳିନୀ ସ୍ୱାଇଁ, ବାଲ୍ମୀକି ସ୍ୱାଇଁ, ବି.ଏମ୍. ପଟ୍ଟନାୟକ, ଏସ୍.ଏନ୍. ଜେନା, ବି.ସି. ରାଉତରାୟ, ବିଶ୍ୱନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଉରକେଲା ଯୁବ ବିଜେଡି ସଭାପତି ସୁବାସ ସ୍ୱାଇଁ, ସୁଶାନ୍ତ ଦାସ, ଗୋଲ୍ଡି ସିଂ, ଅନୁପ ସାମଲ, ବିଭୂତି ପୁହାଣ, ଅଭିକ କୁମାର, ରଞ୍ଜିତ ନାୟକ, ସରୋଜ ଦାସ, ଜ୍ୟୋତ୍ସ୍ନା ନାୟକ, ସଙ୍ଗୀତା ମିଶ୍ର, ରଶ୍ମିବାଳା ମିଶ୍ର, ସବିତା ଓଝା, ନିଳିମା ମଲ୍ଲିକ, ସରସ୍ୱତୀ ବେହେରା, ଲଳିତା ରାଓ, ରେଣୁବାଳା ପତି ପ୍ରମୁଖ ସହଯୋଗ କରିଥିଲେ।

ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ କାର୍ମିକ ଓ ପ୍ରଶାସନ ବିଭାଗ ଇଡି ରାଜବୀର ସିଂ, ସହର ପ୍ରଶାସନ ଓ ସିଏସ୍‌ଆର୍ ବିଭାଗ ଜିଏମ୍ ଅଜୟ ନାୟକ, ପ୍ରୋଟୋକଲ ହସ୍ପିଟାଲିଟି ଓ ସମାଜ ମଙ୍ଗଳ ବିଭାଗ ଡିଜିଏମ୍ ହୀରାଲାଲ ମହାପାତ୍ରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସେକ୍ଟର-୨ସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଜଣେ ସାହସୀ, ଜାତୀୟତାବାଦୀ, ବିପ୍ଳବୀ, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ରାଜନେତା, ଉତ୍ସାହୀ ଶିଳ୍ପପତି, ମାନବବାଦର ବାର୍ତ୍ତାବହ, ସର୍ବୋପରି ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁଙ୍କୁ ଅଭିହିତ କରିଛନ୍ତି ଆର୍‌ଏସ୍‌ପି କର୍ତ୍ତୃପକ୍ଷ। ନିଜର ଅଦମ୍ୟ ଦେଶପ୍ରେମ ପାଇଁ ସେ ସର୍ବଦା ମନେ ରହିବେ ବୋଲି ଅତିଥିମାନେ କହିଥିଲେ।

## ଲହୁଣୀପଡା ବ୍ଲକରେ ପଞ୍ଚାୟତିରାଜ ଦିବସ

**ଲହୁଣୀପଡା, ୫।୩ (ଡି.ଏନ.ଏ):** ଲହୁଣୀପଡା ବ୍ଲକ ପରିସରରେ ମଙ୍ଗଳବାର ପଞ୍ଚାୟତ ସମିତିସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ। ଉପାଧ୍ୟକ୍ଷା ସୁକ୍ରମତୀ ମାହାନ୍ତ, ବିଡିଓ ଧାନାଇଚରଣ ଗୁରୁ, ଏବିଡିଓ ପ୍ରଶାନ୍ତ କୁମାର ପଣ୍ଡା, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ କିଷାନ, ଜିପିଓ ସାରିଆ ଲାକ୍ରା, ଲହୁଣୀପଡା ସରପଞ୍ଚ ତୁଳିଆନି କାଣ୍ଡିର ମଞ୍ଚାସୀନ ଥିଲେ। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଅଞ୍ଚଳର ବିଭିନ୍ନ ଗ୍ରାମରୁ ପାରମ୍ପରିକ ନୃତ୍ୟ ଦଳ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ବରିଷ୍ଠ କିରାଣୀ କେଶବ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ବିଜୁ ଜୟନ୍ତୀ, ପଞ୍ଚାୟତିରାଜ ଦିବସ

**ରାଉରକେଲା ଅଫିସ,୫।୩**

ପଞ୍ଚାୟତିରାଜ ଦିବସ ଅବସରରେ ମଙ୍ଗଳବାର ହାତୀବନ୍ଧା ପଞ୍ଚାୟତ ପକ୍ଷରୁ ସରପଞ୍ଚ ଚାମରସିଂ ମୁଣ୍ଡାରୀଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ପୂର୍ବତନ ସମିତିସଭ୍ୟ ବିନୟ ଭୂଷଣ ଜେନା, ବରିଷ୍ଠ ବିଜେଡି ନେତା ପ୍ରଫୁଲ୍ଲ ସାମଲ ପ୍ରମୁଖ ଯୋଗଦେଇ ପଞ୍ଚାୟତିରାଜ ଦିବସର ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱର୍ଗତ ବିଜୁ ପଟ୍ଟନାୟକ ତାଙ୍କ ଶାସନ କାଳରେ କିପରି ମହିଳାଙ୍କୁ କ୍ଷମତା ଦେବାକୁ ଉଦ୍ୟମ କରି ସଫଳ ହୋଇପାରିଥିଲେ ସେ ନେଇ ସରପଞ୍ଚ ମୁଣ୍ଡାରୀ ଆଲୋଚନା କରିଥିଲେ। ସେ କହିଥିଲେ, ମହିଳାଙ୍କୁ ଶାସନ କ୍ଷେତ୍ରରେ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଇଥିବାରୁ ଆଜି ସବୁ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇଛି। ମିଶନଶକ୍ତି ମାଧ୍ୟମରେ ଲକ୍ଷ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ଏସବୁ ସମ୍ଭବ ହୋଇପରିଥିବା ମୁଣ୍ଡାରୀ ପ୍ରକାଶ କରିଥିଲେ। ଆଗାମୀ ଦିନରେ ରାଜ୍ୟ ବିକାଶ ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ସେ ଆହ୍ୱାନ ଦେଇଥିଲେ।



ହାତିବନ୍ଧା ପଞ୍ଚାୟତ କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ଅବସରରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି।

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ
ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ
ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
1800123891 4
9319817746
9650353144
Add. : T-51, Gali No. 8, Gautampuri, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ
ବଂଶଲ ଗ୍ରୁପର ଡିଜିଟାଲ
ଉପକରଣ ବସାଇ ଅଗ୍ରୀମ
70,000,00/- ପାଆନ୍ତୁ ଓ
ମାସକୁ ଭଡା 45,000/- ଟଙ୍କା
ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

FINANCE
ବାଲାଜୀ ଫାଇନାସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା
ନିଜର ମାର୍କସିଟ, ଆଧାରକାର୍ଡ,
କୃଷି, ସମ୍ପତି, ବ୍ୟକ୍ତିଗତ
ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ
ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

ଅଲ୍ ଇଣ୍ଡିଆ
ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100%
ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍
ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୬ ମାର୍ଚ୍ଚ, ୨୦୧୯



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



# ବାହାରେ ସଫା ଭିତରେ ଆବର୍ଜନାପୂର୍ଣ୍ଣ

**କୁତ୍ରା, ୫।୩ (ଡି.ଏନ.ଏ)**

**କୁତ୍ରା ବ୍ଲକ**
- ରାସ୍ତାରେ ଝାଡୁମାରି ବାହାବା ନେଉଛନ୍ତି
- ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ବାସ୍ତବ ଚିତ୍ର
- ଅଫିସ ପରିସରରେ ଅଳିଆ ଆବର୍ଜନା ଭର୍ତ୍ତି

କୁତ୍ରା ବ୍ଲକ ଅଧିକାରୀମାନେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ତଥା ବ୍ଲକ ଅଫିସ ସମ୍ମୁଖରେ ଥିବା ସର୍ବସାଧାରଣ ରାସ୍ତା ଉପରେ ଝାଡୁମାରି ସ୍ୱଚ୍ଛ ଭାରତ ମିଶନ ଯୋଜନାକୁ ସଫଳ କରିବା ପାଇଁ ଏହିଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା କହି ବାହାବା ନେଉଛନ୍ତି। କିନ୍ତୁ ବ୍ଲକ ଅଫିସ ପରିସର ସମ୍ପୂର୍ଣ୍ଣ ଭାବେ ଆବର୍ଜନାପୂର୍ଣ୍ଣ ରହୁଥିବା ଦେଖିବାକୁ ମିଳୁଛି। ଏହାକୁ ଦେଖି ଲୋକେ କହୁଛନ୍ତି, ବାହାରେ ସଫା କାର୍ଯ୍ୟକ୍ରମ ଭିତରେ ଆବର୍ଜନାପୂର୍ଣ୍ଣ। ବ୍ଲକ ଅଫିସ ପରିସରରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବ୍ଲକର ବିଭିନ୍ନ ବିଭାଗର ଅଫିସ କାର୍ଯ୍ୟ କରିଛି । ଏହା ଛଡା ବ୍ଲକର ସମିତି ବୈଠକ, ଜିଲାପାଳଙ୍କ ଜନଶୁଣାଣି ଭଳି ଗୁରୁତ୍ୱ ବୈଠକ ଏହି ସେବାକେନ୍ଦ୍ରରେ ଅନୁଷ୍ଠିତ ହୋଇଥାଏ । ହେଲେ ଏହି ସେବାକେନ୍ଦ୍ରର ପ୍ରବେଶ ଦ୍ୱାର ଅନାବନା ଘାସରେ ପରିପୂର୍ଣ୍ଣ। ସେଠାରେ ସରକାରଙ୍କ ଦ୍ୱାରା ନିଷେଦ୍ଧ କରାଯାଇଥିବା ପ୍ଲାଷ୍ଟିକ ଗ୍ଲାସ, ବିଭିନ୍ନ ମାଦକ ଗୁଟଖାର ଜରି ପ୍ୟାକେଟ, ପ୍ଲାଷ୍ଟିକଭଳି ଅନେକ ପ୍ରକାର ଆବର୍ଜନା ପଡିଥିବା ଦେଖିବାକୁ ମିଳୁଛି। ଏହି ଅଫିସର ସମ୍ମୁଖ ଭାଗରେ ମଧ୍ୟ ଅନୁରୂପ ଭାବେ ଏଣେତେଣେ ଆବର୍ଜନା ପଡିଥିବା ଦେଖିବାକୁ ମିଳୁଛି । ଏହି ସେବା କେନ୍ଦ୍ରରେ ଏକ ପାର୍ଶ୍ୱରେ ଥିବା ଆଧାର କାର୍ଡ ନିର୍ମାଣ ସେଣ୍ଟରଠାରେ ଦୀର୍ଘ ଦିନରୁ ତାଳଗଛର ଫଳ ଭର୍ତ୍ତି ବସ୍ତା ରଖାଯାଇଥିବା ବେଳେ ବର୍ଷାରେ ଉକ୍ତ ଫଳଗୁଡିକ ପଚି ଦୁର୍ଗନ୍ଧ ବାହାରି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି। ପ୍ରତିଦିନ ଆଧାର କାର୍ଡ ତିଆରି କରିବାକୁ ବହୁ ସଂଖ୍ୟାରେ ଲୋକେ ଆସୁଥିବାବେଳେ ତାଙ୍କୁ ଏହି ଦୁର୍ଗନ୍ଧପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ରହିବାକୁ ପଡୁଛି। ଏହା ସେବାକେନ୍ଦ୍ର ବାହାର ଦୃଶ୍ୟ। ହେଲେ ଅଫିସ ଭିତର ବାରଣ୍ଡାରେ ମଧ କାଠି, କୁଟା, ପ୍ଲାଷ୍ଟିକ ଗ୍ଲାସ, ଗୁଟଖା ଜରି, ଅଦରକାରୀ କାଗଜପତ୍ର ପଡିରହି ଆବର୍ଜନାପୂର୍ଣ୍ଣ ଦେଖିବାକୁ ମିଳୁଛି। ଏଥିରେ ସହଜରେ ଅନୁମାନ କରାଯାଇପାରିବ ଯେ, ଏଠାରେ ସ୍ୱଚ୍ଛ ଭାରତ ମିଶନକୁ କେତେ ମାତ୍ରାରେ ପାଳନ କରାଯାଉଛି। ଅଧିକାରୀମାନେ ବାହାବା ନେବା ପାଇଁ ସର୍ବସାଧାରଣ ଯାତାୟତ ରାସ୍ତା ଉପରେ ନାମକୁମାତ୍ର ଝାଡୁ ମାରୁଥିବା ବେଳେ ଅଫିସ ଭିତର ଦୃଶ୍ୟ ଦେଖିଲେ ସ୍ୱଚ୍ଛ ଭାରତ ନିର୍ମାଣ କାର୍ଯ୍ୟକ୍ରମ ପ୍ରକୃତ ଉଦ୍ଦେଶ୍ୟ ବୁଝିପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏ ବାବଦରେ କୁତ୍ରା ବ୍ଲକ ଅଧିକାରୀ ମାନସ ରଞ୍ଜନ ରାୟଙ୍କୁ ପଚାରିବାରୁ ଅଫିସ ପରିସରକୁ ସଫା ରଖିବା ପାଇଁ ଚାହୁଁଛୁ, ହେଲେ ସଫେଇ କର୍ମଚାରୀ ମିଳୁନାହାନ୍ତି ବୋଲି କହିଥିଲେ। ଅଫିସ ପରିସରକୁ ସଫା କରିବା ପାଇଁ ସଫେଇ କର୍ମଚାରୀ ଯୋଗାଇଦେଲେ ଆମେ ଅଫିସ ପରିସର ସଫେଇ କରିଦିଅନ୍ତୁ ବୋଲି ଉତ୍ତର ଦେଇଥିଲେ। ଏଥିରୁ ଜଣାଯାଉଛି ଯେ, କୁତ୍ରା ବ୍ଲକରେ କିପରି ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ କରୁଛି।

ଯଦି ସରକାରୀ ଅଧିକାରୀ, କର୍ମଚାରୀ ନିଜେ ରାସ୍ତା ସଫା କରିପାରୁଛନ୍ତି, ତେବେ ସଫେଇ କର୍ମଚାରୀ ନ ଖୋଜି ଥରେ ଅଫିସ ପରିସର ସଫା କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



କୁତ୍ରା ବ୍ଲକ ପରିସର ସମ୍ପୂର୍ଣ୍ଣ ଭାବେ ଆବର୍ଜନାପୂର୍ଣ୍ଣ ହୋଇଛି।

## ନିମ୍ନମାନର ବେସନ ସାମଗ୍ରୀ ଯୋଗାଣ

**ବିଶ୍ରା, ୫।୩ (ଡି.ଏନ.ଏ)**

ବିଶ୍ରା ବ୍ଲକ ଅନ୍ତର୍ଗତ ଗ୍ରାମଗୁଡିକରେ ଅବସ୍ଥିତ ଅଙ୍ଗନୱାଡିରେ ଅତି ନିମ୍ନମାନର ବେସନ ଯୋଗାଇ ଦିଆଯାଉଛି। ଅଙ୍ଗନୱାଡି ଶିଶୁମାନଙ୍କୁ ସରକାରଙ୍କ ତରଫରୁ ଯୋଜନା ମୁତାବକ ଖାଦ୍ୟ ଯୋଗାଇ ଦିଆଯାଉଛି। ଯାହା ଟେଣ୍ଡର ମାଧ୍ୟମରେ ନେଇ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଏ। ଶିଶୁମାନଙ୍କୁ ପୁଷ୍ଟିସାର ତଥା ଶାରିରୀକ ଓ ବୌଦ୍ଧିକ ବିକାଶ ପାଇଁ ସରକାର ଯୋଜନା କରି ଶିଶୁମାନଙ୍କୁ ଖାଦ୍ୟ ଯୋଗାଇ ଦେଉଛନ୍ତି। କିନ୍ତୁ ବାଟମାରଣା ନୀତି ଓ ଲାଭଖୋର ମନୋଭାବ ଯୋଗୁ ଅଙ୍ଗନୱାଡିଗୁଡିକରେ ଅତି ନିମ୍ନମାନର ବେସନ ତଥା ଅନ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ଯାହା ଫଳରେ ପ୍ରତିକୂଳ ପ୍ରଭାବ ଶରୀର ଉପରେ ପଡିବାର ସମ୍ଭାବନା ରହିଛି। ଏମିତି ଏକ ବେସନ ପ୍ୟାକେଟ ବିଶ୍ରା ବ୍ଲକ ଅନ୍ତର୍ଗତ ସାନରାମଲୋଇ ଅଙ୍ଗନୱାଡିରେ ଦେଖିବାକୁ ମିଳିଛି। ଏଣୁ ବିଭାଗୀୟ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

**ସଂକ୍ଷେପରେ**

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜେଜେମା, ଜେଜେବାପା ସମ୍ମିଳନୀ

**ଲହୁଣୀପଡା, ୫।୩ (ଡି.ଏନ.ଏ):** ଲହୁଣୀପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜେଜେମାଆ, ଜେଜେବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଟିଙ୍କୋ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଅନୀଲ କୁମାର ମାହାନ୍ତ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନିରୋଜ ଚନ୍ଦ୍ର ଦିକ୍ଷିତ ଅଧକ୍ଷତା କରିଥିଲେ। ସୁମନ୍ତ କୁମାର ସାହୁ ପରିଚୟ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଛାତ୍ରୀଛାତ୍ର ଫୁଲ ଚନ୍ଦନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପୁଅ ବୋହୁ ଏବଂ ନାତୁଣୀ ନାତିଙ୍କର ଜେଜେମାଆ ଜେଜେବାପାଙ୍କ ପ୍ରତି କର୍ତ୍ତବ୍ୟ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜେଜେମାଆ ଜେଜେବାପା ସମ୍ମିଳନୀରେ ଯୋଗଦେଇଥିବା ଜେଜେମାଆ ଜେଜେବାପାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଯମୁନା ମାହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ବରୁଣ ମାହାନ୍ତ, ଦୀପକ କୁମାର ମାହାନ୍ତ, ହେମନ୍ତ କୁମାର ରାୟ, ବିଜୟ କିଷାନ, ସୁନାଲି ପଣ୍ଡା, ମଞ୍ଜୁବାଳା ମାହାନ୍ତ, ସସ୍ମିତା ମିଶ୍ର, ରୁବିବାଲା ମାହାନ୍ତ, ପୂଜାର୍ଚ୍ଚନା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜୁ ଛାତ୍ର ଜନତା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା

**ବେଦବ୍ୟାସ, ୫।୩ (ଡି.ଏନ.ଏ):** ରାଉରକେଲା ଜିଲା ପୋଲିସ ଅନ୍ତର୍ଗତ ବ୍ରାହ୍ମଣୀତରଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗଦେଇଥିବା ସନ୍ତୋଷ କୁମାର ଜେନାଙ୍କୁ ସୋମବାର ସନ୍ଧ୍ୟା ସାଢ଼େ ୬ଟା ବେଳେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱାଗତ ଓ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି । ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ରବୀନ୍ଦ୍ର କୁମାର ପ୍ରଧାନ ଓ ଲାଠିକଟା (ଖ) ଜିଲା ପରିଷଦ ସଭ୍ୟ ମହେଶ ବାଗଙ୍କ ନେତୃତ୍ୱରେ ଶତାଧିକ ଛାତ୍ର ଉପସ୍ଥିତ ରହି ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା କରିଥିଲେ। ଅନ୍ୟମାନଙ୍କ ମଧରେ ରାଜେଶ ସିଂ, ସନ୍ତୋଷ ଲାଲ, ଟିକେଶ୍ୱର ସିଂ, ନିରଞ୍ଜନ ସେଠୀ, ଅକ୍ଷୟ ସିଂ, ଅଭିଲାଶ ସିଂ, ଦିଲୀପ ଖେସ, ଭୁପେନ୍ଦର ସାହୁ, ଶିଲୁ ନାୟକ, ଅନୀଲ ସେଟ, ସୁଧାଂଶୁ ଶେଖର ବସ୍ତିଆ, ଘନଶ୍ୟାମ ସିଂ, ଦାଶରଥି ସେଠୀ, ଶଶିକାନ୍ତ ସିଂ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହି ନୂତନ ଥାନା ଅଧିକାରୀଙ୍କୁ ପୁଷ୍ପ ପ୍ରଦାନ କରି ସ୍ୱାଗତ କରିଥିଲେ । ସୂଚନା ଥାଉକି ଥାନା ଅଧିକାରୀ ମାନସରଞ୍ଜନ ସ୍ୱାଇଁଙ୍କୁ କେନ୍ଦୁଝର ଜିଲାକୁ ବଦଳି ହେଲାପରେ କେନ୍ଦୁଝର ଜିଲାରୁ ନୂତନ ଥାନା ଅଧିକାରୀ ସନ୍ତୋଷ କୁମାର ଜେନା ବ୍ରାହ୍ମଣୀତରଙ୍ଗ ଥାନାରେ ସୋମବାର ଯୋଗଦାନ କରିଥିଲେ ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ

**ବେଦବ୍ୟାସ, ୫।୩ (ଡି.ଏନ.ଏ):** କଳୁଙ୍ଗା କରତକଳ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି କମିଟି ପକ୍ଷରୁ ପ୍ରବାଦପୁରୁଷ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୩ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିମୂର୍ତ୍ତି କମିଟିର ଅଧକ୍ଷ ଦେବବ୍ରତ ସ୍ୱାଇଁଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଉକ୍ତ ସଭାରେ ସୁନ୍ଦରଗଡ ଜିଲାର ପୂର୍ବତନ ବିଜେଡି ସଭାପତି ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧରେ ଯୁବନେତା ଚନ୍ଦ୍ରମଣୀ କିଷାନ, ବିଜେଡି ବରିଷ୍ଠ ନେତା ଦାମ ମଲ୍ଲିକ, ସାମାଜିକ କର୍ମୀ ରମଣ ଝା, ଅକ୍ଷେଶ୍ୱର ଧରୁଆ ପ୍ରମୁଖ ଉପସ୍ଥିତ ରହି ବିଜୁବାବୁଙ୍କ ବିଷୟରେ ମତବ୍ୟକ୍ତ କରିଥିଲେ। ଦେବବ୍ରତ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଯୁବନେତା ଚନ୍ଦ୍ରମଣି କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ଫଳ ବଣ୍ଟନ

**କୁଆଁରମୁଣ୍ଡା, ୫।୩(ଡିଏନଏ)**

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଉପଲକ୍ଷେ କୁଆଁରମୁଣ୍ଡା ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ରାଜେନ୍ଦ୍ର କୁଜୁରଙ୍କ ଅଧ୍ୟକ୍ଷତାରେ ଦଳୀୟ କାର୍ଯ୍ୟାଳୟରେ ଏକ ସଭା କରାଯାଇଥିଲା। ଏଥିରେ ବିଜୁ ପଟ୍ଟନାୟକ ଆଧୁନିକ ଓଡିଶା ନିର୍ମାଣ ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାହାକୁ ତୃଣମୂଳସ୍ତରର ପ୍ରତ୍ୟେକ ବିଜେଡ଼ି କର୍ମୀ ସାକାର କରିବା ପାଇଁ ବଦ୍ଧପରିକର ହେବାକୁ ବ୍ଲକ ସଭାପତି କୁଜୁର ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଏହା ପରେ ବିଜେଡ଼ି କର୍ମୀମାନଙ୍କୁ ସାଥିରେ ନେଇ ସଭାପତି କୁଜୁର କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ସେଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ରୀମନ୍ତ ପଟ୍ଟନାୟକଙ୍କ ଉପସ୍ଥିତିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ବାସ କକ୍ଷକୁ ଯାଇ ରୋଗୀମାନଙ୍କ ଭଲମନ୍ଦ ବୁଝିବା ପରେ ବିଜେଡ଼ି କର୍ମୀମାନେ ସେମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହି ସମୟରେ କୁଆଁରମୁଣ୍ଡା ପଞ୍ଚାୟତ ବିଜେଡ଼ି ସଭାପତି ଅର୍ଜୁନ ମିଞ୍ଜ, ବିଜୁ ଜନତା ଦଳ ଅନୁସୂଚିତ ସେଲ୍‌ର ଜିଲା ସମ୍ପାଦକ ଶରତ ତନ୍ତୀ, ସୁନ୍ଦରଗଡ଼ ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷା ନିମନ୍ତୀ ଲୁଗୁନ, ମନୋଜ ଦାସ, ବ୍ଲକ ଛାତ୍ର ବିଜେଡ଼ି ସଭାପତି ସାଗର କୁଅଁର, ସମ୍ପାଦକ ଜନ୍ମେଶ ବେହୁରିଆ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ।



କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଜେଡ଼ି କର୍ମୀମାନେ ରୋଗୀଙ୍କୁ ଫଳ ବଣ୍ଟନ କରୁଛନ୍ତି।

## ରେଳ ଧାରଣାରୁ ଉଦ୍ଧାର ମୃତଦେହ ଚିହ୍ନଟ ହେଲା

**ବାମରା, ୫।୩ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରାସ୍ଥିତ ହରିପଡା ରେଳ ଫାଟକରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଥିବା ଏକ ମୃତଦେହକୁ ଚିହ୍ନଟ କରାଯାଇଛି। ଏହା ସୁନ୍ଦରଗଡ ଜିଲା ବଡଗାଁ ଥାନା କୁସ୍ତନା ବାଗବୁଡ ଗ୍ରାମର କାର୍ତ୍ତିକ ସାଙ୍କ ଝିଅ ଅଞ୍ଜନା ସା (୧୭)ଙ୍କ ମୃତଦେହ ବୋଲି ଜଣାପଡିଛି। ଅଞ୍ଜନା ଘରୁ ଶିବରାତ୍ରି ଦେଖିବା ପାଇଁ ଏକୁଟିଆ ବାହାରିଥିଲେ । ମାତ୍ର କେଉଁ ପରିସ୍ଥିତିରେ ତାଙ୍କ ମୃତ୍ୟୁ ଘଟିଛି ସେ ନେଇ ପୋଲିସ ତଦନ୍ତ କରୁଛି । ସେ ବଡଗାଁ କଲେଜରେ ପ୍ରଥମ ବର୍ଷ କଳାର ଛାତ୍ରୀ ଥିଲେ। ମୁଣ୍ଡାଢିପା ପାଖରୁ ତାଙ୍କ ଚପଲ ଓ ହ୍ୟାଣ୍ଡ ବ୍ୟାଗ ପୋଲିସ ଜବତ କରିଥିବା ବେଳେ ପ୍ରାୟ ୧କି.ମି. ଦୂର ହରିପଡା ଫାଟକ ପାଖରୁ ମୃତଦେହ ଜବତ କରିଥିଲା। ଝାରସୁଗୁଡା ରେଳବାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୋବିନ୍ଦପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିବା ନେଇ ବାମରା ରେଳବାଇ ଫାଣ୍ଡି ଅଧିକାରୀ ଉମେଶ ଚନ୍ଦ୍ର ଅହିର ସୂଚନା ଦେଇଛନ୍ତି।

# କୁତ୍ରା ପଞ୍ଚାୟତ ସମିତି ପକ୍ଷରୁ ପଞ୍ଚାୟତିରାଜ ଦିବସ




କୁତ୍ରାରେ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି, ଅଧିକାରୀ।

**କୁତ୍ରା, ୫।୩ (ଡି.ଏନ.ଏ)**

କୁତ୍ରା ବ୍ଲକର ସଦର ମହକୁମା କୁତ୍ରା ନୋଡାଲ ସ୍କୁଲ ସମ୍ମୁଖରେ ମଙ୍ଗଳବାର ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଉତ୍ସବ ଆରମ୍ଭରେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଆରମ୍ଭ କରାଯାଇଥିଲା। ଉତ୍ସବରେ ପଞ୍ଚାୟତ ସମିତିର ଅଧକ୍ଷା ପରାଗଲତା ଲାକଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ପ୍ରଚଳ କରାଯାଇଥିବା ତ୍ରିସ୍ତରୀୟ ପଞ୍ଚାୟତିରାଜ ଉପରେ ଆଲୋକପାତ କରିଥିଲେ। ଏହା ସାଙ୍ଗକୁ ବିଜୁବାବୁଙ୍କ ସୃଷ୍ଟିକୁ ତାଙ୍କ ପୁତ୍ର ନବୀନ ପଟ୍ଟନାୟକ ପୂରଣ କରୁଥିବା କଥା ପ୍ରକାଶ କରି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ପଞ୍ଚାୟତ ସମିତିର ଉପାଧ୍ୟକ୍ଷା କମଳା କୁଜୁର ଏବିଡିଓ ପ୍ରଶାନ୍ତ କୁମାର ଜେନା, ବିଏସଏମଓ ମିନା କୁମାରୀ ଲୁଗୁନ, ମେଡିକାଲ ଅଫିସର ପ୍ରଭଞ୍ଜନ ରାଉତ, ସିଡିପିଓ ସୁବାଷ ମୁଣ୍ଡ ପ୍ରମୁଖ ନିଜ ବକ୍ତବ୍ୟ ରଖିଥିଲେ। କୁତ୍ରା ବିଡିଓ ମାନସରଞ୍ଜନ ରାୟ ଉତ୍ସବକୁ ପରିଚାଳନା କରିଥିଲେ। ପଲ୍ଲିସଭା ଓ ଗ୍ରାମସଭାରେ ବହୁ ଲୋକ ଉପସ୍ଥିତ ରହି ସରକାରୀ ଯୋଜନାଗୁଡିକର ଫାଇଦା ନେବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ କହିଥିଲେ। ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସର ସିଧାପ୍ରସାରଣ ଭିଡିଓ ଜରିଆରେ ପ୍ରସାରିତ କରାଯାଇଥିଲା। ଉତ୍ସବରେ ପୀଠା କାର୍ଯ୍ୟକ୍ରମ ପାଇଁ କୁତ୍ରା, ଆମ୍ବଗୋରା ଓ ଜ୍ଞାନପାଲି ପଞ୍ଚାୟତକୁ ପୁରସ୍କୃତ କରାଯାଇଥିଲା। ବ୍ଲକର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ ଭାବେ ବିମଳା ଲାକଡା ଓ କୃଷି କ୍ଷେତ୍ରରେ ଖାତି ଅର୍ଜନ କରିଥିବା ତୁନମୁରା ଗ୍ରାମର ଝାଡି ବାର୍ଲାଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସମେତ ବିଭିନ୍ନ ମହିଳା ସଙ୍ଗଠନର କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତା ଉପସ୍ଥିତ ଥିଲେ।

# ସୁନ୍ଦରଗଡ଼ରେ ବିଜୁ ଜୟନ୍ତୀ ପାଳିତ

**ସୁନ୍ଦରଗଡ, ୫।୩ (ଡି.ଏନ.ଏ)**

ସୁନ୍ଦରଗଡଠାରେ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ କରାଯାଇଛି । ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷା କୁସୁମ ଟେଟେଙ୍କ ତତ୍ତ୍ୱାବଧାନରେ ସମସ୍ତ ବରିଷ୍ଠ ଯୁବ ଛାତ୍ରନେତା ବାଇପାସ ଛକ ନିକଟସ୍ଥ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଏକତ୍ରିତ ହୋଇ ମାଲ୍ୟାର୍ପଣ କରିଥିଲେ ତାପରେ। ପରେ ସମ୍ବଲପୁର ଜୋନ ଛାତ୍ର ବିଜେଡି ସଭାପତି ବୈକୁଣ୍ଠ ନାଏକଙ୍କ ନେତୃତ୍ୱରେ ସମସ୍ତ ପଦାଧିକାରୀ ସୁନ୍ଦରଗଡ ମୁଖ୍ୟ ସରକାରୀ ହସ୍ପିଟାଲଠାରେ ସମସ୍ତ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । ତାପରେ ଡିଆରଡିଏ ଛକଠାରେ ବିଜୁ ବାବୁଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ଏକ ଫଟୋଚିତ୍ର ଉଦଘାଟନ କରାଯାଇଥିଲା। ସାଧାରଣ ଜନତାଙ୍କ ପାଇଁ ସରବତ ବଣ୍ଟନ କରାଯାଇଥିଲା । ବିଜୁ ବାବୁଙ୍କୁ ଭାରତରତ୍ନ ଉପାଧି ଦେବାପାଇଁ ଭାରତ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ଅଭିଯାନ ମଧ୍ୟ କରାଯାଇଥିଲା। ସନ୍ଧ୍ୟାରେ ଡିଆରଡିଏ ଛକରେ ଏକ ସମୂହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦିଲୀପ ତିର୍କି, ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ସନ୍ତୋଷ ଅମାତ, ହରଜେନ୍ଦ୍ର ସିଂ, ଲଲାଟ ପରିଡା, ଛାତ୍ର ଜୋନ ସଭାପତି ବୈକୁଣ୍ଠ ନାଏକ, ଗୋପ ମହାନ୍ତି, ଜୟନାରାୟଣ ତ୍ରିପାଠୀ, କୁନୁ ବିଶ୍ୱକର୍ମାଳ ନିରୁ ବୋଷ, ନୀଳମାଧବ ସାହାଣୀ, ବୁଦ୍ଧଦେବ ଭୋଇ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ଅମିତାଭ ଯୋଶୀ, ନିମାଇଁ ନାଏକ, ଗୋବିନ୍ଦ ଚନ୍ଦ୍ର ପଟେଲ, ଅଶୋକ ସ୍ୱାଇଁ, ପଞ୍ଚା ବାର୍ଲା, ଅଜୟ ସାହୁ, ବୀଣା ସାହୁ, ଗୌରାଙ୍ଗ ଧଳ, ଜିଲାପରିଷଦ ଅଧକ୍ଷା ଏମା ଏକ୍କା, ଜିଲା ପରିଷଦ ସଭ୍ୟ ମହେଶ ନାଗ, ଯୁବନେତା ଆଶିମ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ ।

## ରାସ୍ତା ଖୋଳିଦେଇ କାମ ବନ୍ଦ, ଯାତାୟାତରେ ସମସ୍ୟା

**ବଡ଼ଗାଁ, ୫।୩ (ଡି.ଏନ.ଏ)**

ବଡ଼ଗାଁରୁ ସାହାଜବାହାଲ ୮କି.ମି ରାସ୍ତାର ଉଭୟ ପାର୍ଶ୍ୱ ସମ୍ପ୍ରସାରଣ କରିବା ପାଇଁ ଗତ ଅକ୍ଟୋବରରେ କାମ ଆରମ୍ଭ ହୋଇଥିଲା। ଏହି ନିର୍ମାଣ କାମ ନେଇଥିବା କନଷ୍ଟ୍ରକସନ୍ କମ୍ପାନୀ ରାସ୍ତାର ସର୍ବାଧିକ ସ୍ଥାନ ଖୋଳିଦେଲା ପରେ ମାସେ ହେଲା କାମ ବନ୍ଦ କରିଥିବାରୁ ଗମନାଗମନ ସମସ୍ୟା ଦେଖାଦେଇଛି। ରାସ୍ତାରେ ପାଣି ସିଞ୍ଚନ କରାଯାଉ ନ ଥିବାରୁ ଧୂଳି, ବାଲି ଉଡୁଛି। ଏହା ଯାତ୍ରୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ରୋଗଗ୍ରସ୍ତଙ୍କ ପାଇଁ ବିପଦ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ରାସ୍ତା ଉପରେ ଏକମା, ଟିମନା, ବାମଡେରା, ପାମରା, ବରଙ୍ଗାକଛାର ଓ ସାହାଜବାହାଲ ୬ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି ।

# ବେଦବ୍ୟାସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବେଦବ୍ୟାସ, ୫।୩ (ଡି.ଏନ.ଏ)**

ଲାଠିକଟା ବ୍ଲକ ଅନ୍ତର୍ଗତ ବେଦବ୍ୟାସସ୍ଥିତ ବେଦବ୍ୟାସ ମହାବିଦ୍ୟାଳୟର ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜଗାଙ୍ଗପୁର ବିଧାୟକ ତଥା ମହାବିଦ୍ୟାଳୟର ପରିଚାଳନା କମିଟିର ଅଧକ୍ଷ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ର ବାପା ଓ ମାଆଙ୍କ ଆଶା, ବିଶ୍ୱାସ ଓ ଲକ୍ଷ୍ୟର ପ୍ରତୀକ ହେବା ସହ ରେଳ ଇଞ୍ଜିନ ଭଳି କାର୍ଯ୍ୟ କରିବା ଉଚିତ। ଫଳରେ ପାଠପଢ଼ା ସରିଗଲା ପରେ ପରିବାରର ଅନ୍ୟ ଭାଇ ଓ ଭଉଣୀମାନଙ୍କୁ ଶିକ୍ଷାଦାନରେ ସହାୟକ ହେଲେ ବାପା ଓ ମାଆଙ୍କ ହୃଦୟରେ ଦୁଃଖର ଲାଘବ ହୋଇପାରିବ ବୋଲି ବିଧାୟକ କିଷାନ କହିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ତଥା ଭାଷାବିତ ଡ. ପତିତପାବନ ମଣ୍ଡଳ ଯୋଗଦେଇ ମାନବ ସମାଜର ବିକାଶ ପରିବେଶ ଓ ପରିସ୍ଥିତି ଉପରେ ନିର୍ଭର କରିଥାଏ । ଏଣୁ ପ୍ରତ୍ୟେକ ମାନବ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସମାଜ ସେବାରେ ନିୟୋଜିତ ହେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ରାଜ୍ୟ ପରିଷଦ ସଭ୍ୟ ଜିତୁ ଦାଶ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ମହାବିଦ୍ୟାଳୟର ଶିକ୍ଷା ବିଭାଗ ପ୍ରଫେସର ଡ. ଚନ୍ଦ୍ରକାନ୍ତି ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ରାଜନୀତିବିଜ୍ଞାନ ବିଭାଗର ମୁଖ୍ୟ ତଥା ମହାବିଦ୍ୟାଳୟର ପ୍ରଶାସିକ ଅଧିକାରୀ ପ୍ରଫେସର ଆଶୁତୋଷ ମହାପାତ୍ର ସଭା ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ପାଳନ କମିଟିର ଉପଦେଷ୍ଟା ଦିଲୀପ କୁମାର ପ୍ରଧାନ, ଅଧ୍ୟାପକ ଶରତ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଅଧ୍ୟାପକ ଶରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟର କର୍ମକର୍ତ୍ତା ରାମଚନ୍ଦ୍ର ଦାଶ, ଅଭୟ ଚରଣ ସ୍ୱାଇଁ, ରଙ୍ଗାଧର ସାହୁ, ଅଧ୍ୟାପକ ଦେବାଶିଷ ସା, ସଞ୍ଜୁଲତା ଦେଇ, ଅଭିମନ୍ୟୁ ଗୌଡ, ଟୁକୁ ସୋନା, ଚିତ୍ତରଞ୍ଜନ ନାୟକ, ବିନାୟକ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ସର୍ଗିପାଲିରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

**ଲେଫ୍ରିପଡା,୫।୩(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ୍ ସର୍ଗିପାଲିରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂଙ୍କ ଆହ୍ୱାନ କ୍ରମେ ବିଜୁ ବିଜୁପଟ୍ଟନାୟକଙ୍କ ୧୦୩ ତମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ ଯୋଗଦାନ କରି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ ଓଡିଶା ଗଠନ ଦିଗରେ ଅତୁଳନୀୟ ଅବଦାନ ରହିଥିବା ନେଇ ତାଙ୍କରି ଉପରେ ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବରିଷ୍ଠ ବିଜେଡି ନେତା ଜନ୍ମେଜୟ ମହାପାତ୍ର, ବିଜେଡି ରାଜ୍ୟ ଯୁବ ସମ୍ପାଦକ ସୁମନ୍ତ ପଣ୍ଡା, ବିଜେଡି କୃଷକ ମୋର୍ଚ୍ଚାର ସଭ୍ୟ ସୁନୀଲ ମହାପାତ୍ର, ସଦର ବ୍ଲକ୍ ଉପାଧ୍ୟକ୍ଷ ଅଶ୍ୱିନୀ କୁମାର ନାଏକ, ବିଧାୟକ ପ୍ରତିନିଧି ମନୋଜ କୁମାର ପଟେଲ ପ୍ରମୁଖ ଯୋଗଦାନ କରି ବିଜୁବାବୁଙ୍କ ସମ୍ପର୍କରେ କହିଥିଲେ। ଏହା ବ୍ୟତୀତ ବିଜୁବାବୁଙ୍କ ଓଡିଶା ଗଠନ ଦିଗରେ ରହିଥିବା ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ବିଜୁ ଜନତା ଦଳର ସଭାପତି ତଥା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ବିକାଶର ଧାରା ଆଗେଇ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଆଗାମୀ ଦିନରେ ନବୀନବାବୁଙ୍କ ହାତମୁଠାକୁ ଟାଣ କରି ଆଗାମୀ ନିର୍ବାଚନରେ ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀକୁ ବିକାଶ ଧାରାରେ ସାମିଲ କରିବା ପାଇଁ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ କାର୍ଯ୍ୟକ୍ରମରେ ବିଜୁବାବୁଙ୍କ ଫଟୋଚିତ୍ର ସ୍ଥାପନ କରି ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ଟାଙ୍ଗରପାଲି ବ୍ଲକ୍ ବିଜେଡି ଯୁବନେତା ସନ୍ତୋଷ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଲେଫ୍ରିପଡା ବ୍ଲକ୍ ସମେତ ସଦର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗ୍ରାମରୁ ବିଜେଡି କର୍ମୀ ଯୋଗଦାନ କରିଥିଲେ।



ସର୍ଗିପାଲିରେ ବିଜୁ ଜୟନ୍ତୀରେ ମଞ୍ଚାସୀନ ନେତା, କର୍ମୀ।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକରେ ପଞ୍ଚାୟତିରାଜ ଦିବସ ଅବସରରେ ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।